


▶ପୃଷ୍ଠା ୧୪ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-16 ◆BHUBANESWAR ◆THURSDAY ◆11 JULY 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୬ ◆ଭୁବନେଶ୍ୱର ◆ଗୁରୁବାର ◆୧୧ ଜୁଲାଇ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ସିବିଆଇ ଯାଞ୍ଚ ପାଇଁ ରାଜ୍ୟ ସରକାରଙ୍କ ସହମତି ଜରୁରୀ

**ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

■ **ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ସିବିଆଇ ଯାଞ୍ଚ ବିରୋଧରେ ପଶ୍ଚିମବଙ୍ଗ ସରକାର ଦାଏର କରିଥିବା ଆବେଦନର ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ଏହା ସହିତ କେନ୍ଦ୍ର ସରକାରଙ୍କ ଆବେଦନକୁ ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏହି ଆବେଦନ ଶୁଣାଣି ପାଇଁ ଯୋଗ୍ୟ ନୁହେଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଖଣ୍ଡପୀଠ କହିଛନ୍ତି ଯେ ଯେଉଁ ଆଇନଗତ ଦିଗ ପ୍ରତି ପଶ୍ଚିମବଙ୍ଗ ସରକାର ଆଲୋକପାତ କରିଛନ୍ତି ତାହା ଉପରେ ଶୁଣାଣି ହେବା ଉଚିତ। ଅଗଷ୍ଟ ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି। ଏହା ସହିତ ସିବିଆଇ ଯାଞ୍ଚ ପାଇଁ ରାଜ୍ୟ ସରକାରଙ୍କ ଅନୁମତି ନେବା ଜରୁରୀ ଥିବା ଉଲ୍ଲେଖ କରିଛନ୍ତି। ସିବିଆଇ ଯାଞ୍ଚ ପାଇଁ ଦେଇଥିବା ସହମତିକୁ ରାଜ୍ୟ ସରକାର ପ୍ରତ୍ୟାହାର କରିନେବା ପରେ ଏଜେନ୍ସି ସେଠାକାର ମାମଲା କାହିଁକି ରୁଜୁ କରୁଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ ରାଜ୍ୟ ସରକାର ସମ୍ବିଧାନର ଧାରା ୧୩୧ ଅଧିନରେ ଏହି ଆବେଦନ ଦାଏର କରିଛନ୍ତି। ଏଥିରେ ସୁପ୍ରିମକୋର୍ଟଙ୍କ ଅଧିକାର କ୍ଷେତ୍ର ବିଷୟରେ ଉଲ୍ଲେଖ ରହିଛି। ଏହା ଅନୁଯାୟୀ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଥିବା ବିବାଦର ଶୁଣାଣି କେବଳ ସୁପ୍ରିମକୋର୍ଟରେ ହୋଇପାରିବ।

**ୟୁପିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା**

## ୧୮ ମୃତ; ୧୯ ଆହତ

■ **ଉନ୍ନାଓ, ୧୦।୭ (ଏଜେନ୍ସି):** ଉତ୍ତରପ୍ରଦେଶର ଉନ୍ନାଓ ଜିଲ୍ଲାର ଗାଢ଼ା ଗ୍ରାମ ନିକଟରେ ଆଜି ସକାଳେ ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସ୍ ଓ୍ୱେ'ରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୧୮ ଜଣ ବସ୍ ଯାତ୍ରୀଙ୍କର ଜୀବନ ଯାଇଥିବା ବେଳେ ୧୯ ଜଣ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ଏତେ ଭୟାବହ ଥିଲା ଯେ ବସ୍‌ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ରାସ୍ତାରେ ମୃତଦେହ ଛିଟିକି ପଡ଼ିଥିବା ଦେଖି ଜଣେ ପୁଲିସ କର୍ମଚାରୀ ଚେତା ହରାଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ବିହାରର ମୋତିହାରିରୁ ଶ୍ରମିକଙ୍କୁ ନେଇ ଦିଲ୍ଲୀ ଯାଉଥିବା ଏକ ଡବଲ ଡେକର୍ ସ୍ଲିପର୍ ବସ୍ ରାସ୍ତା ମଝିରେ ଅଟକିଥିବା ଏକ କ୍ଷୀର ଟ୍ୟାଙ୍କରକୁ ଓଭର୍‌ଟେକ୍ କରୁଥିବା ବେଳେ ଉଭୟ ଗାଡ଼ି ମଧ୍ୟରେ ଜୋରଦାର ▶ପୃଷ୍ଠା-୯



**'ଲୀଳାମୟଙ୍କ ଇଚ୍ଛା' କହି ଅବ୍ୟବସ୍ଥା ଏଡ଼ାଇଯିବାକୁ ଉଦ୍ୟମ**

# ଦୋଷ ମୁଣ୍ଡାଇବ କିଏ ?

## ପହଣ୍ଡିବିଜେ ମହାବିଭ୍ରାଟ | ରାଜ୍ୟବାସୀ ସ୍ତବ୍ଧ, ସବୁଠି କ୍ରୋଧ-କ୍ଷୋଭ

■ **ଭୁବନେଶ୍ୱର, ୧୦।୭ (ସମିସ):** ଗତକାଲି ଆଡ଼ପମଣ୍ଡପକୁ ବିଜେ ବେଳେ ଚାରମାଳ ଉପରେ ମୁହଁମାଡ଼ି ପଡ଼ିଲେ ବଡ଼ଠାକୁର। ହାଁ ହାଁ କରୁକରୁ ତଳକୁ ଖସିଆସି ମୁହଁମାଡ଼ି ପଡ଼ିଲା ମହାରୁଦ୍ର ବଳଭଦ୍ର। ଏହାକୁ ନେଇ ସମଗ୍ର ରାଜ୍ୟବାସୀ ସ୍ତବ୍ଧ। ପ୍ରଶାସନ, ସେବାୟତଙ୍କ ଉପରେ କ୍ରୋଧ ଓ କ୍ଷୋଭରେ ରକ୍ତ ଚାଉଳ ଚୋବାଉଛନ୍ତି କୋଟିକୋଟି ଜଗନ୍ନାଥପ୍ରେମୀ। ବଡ଼ଠାକୁର ଏମିତି କେମିତି ପଡ଼ିଗଲେ ? ଏତେବଡ଼ ଅଘଟଣ କେମିତି ଘଟିଲା, ବ୍ୟବସ୍ଥାରେ କେଉଁଠି ତ୍ରୁଟି ରହିଲା? ରଥଉପରେ ବଡ଼ଠାକୁର ପଡ଼ିଯିବା କେଉଁ ଅଶୁଭ ଘଟଣାର ପୂର୍ବ ସଙ୍କେତ ନୁହେଁ ତ ? ଏମିତି ମାଳ ମାଳ ପ୍ରଶ୍ନ ମଙ୍ଗଳବାର ରାତିଠାରୁ କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ମନକୁ ଆନ୍ଦୋଳିତ କରୁଛି। ବଡ଼ଠାକୁର ବଳଭଦ୍ର ଆଡ଼ପ ପହଣ୍ଡି ବେଳେ ରଥରୁ ପଡ଼ିଯିବାକୁ ନେଇ ଭକ୍ତମାନେ ଏବେବି ଗ୍ରହଣ କରିପାରୁ ନାହାନ୍ତି। ଯେଉଁ ପରିସ୍ଥିତିରେ ବଡ଼ଠାକୁର ଚାରମାଳ ଉପରେ ପଡ଼ିଗଲେ ତାହା ବିଶ୍ୱର କୋଣ ଅନୁକୋଣରେ ଥିବା କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ବେଶ୍ ଆଘାତ ଦେଇଛି।



ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜ ଦିବ୍ୟସିଂହ ଦେବ ଏହି ଘଟଣାରେ ଅତ୍ୟନ୍ତ ମର୍ମାହତ ବୋଲି କହିଛନ୍ତି। ଗତକାଲି ଯାହା ଘଟିଲା ତାହା ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କୁ ମର୍ମାହତ ଓ

**ଅନଭିଜ୍ଞ ସେବାୟତଙ୍କ ପାଇଁ ଘଟିଲା ଅଘଟଣ: ବାଡ଼ଗ୍ରାହୀ ଜଗନ୍ନାଥ**

**ଉପ-ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ବୟାନ ଦାୟିତ୍ୱହୀନ: ସୁଲୋଚନା**

**ସରକାରଙ୍କ ପାଇଁ ଘଟଣା ସାମାନ୍ୟ, ଭକ୍ତଙ୍କ ପାଇଁ ନୁହେଁ: ତାରା**

ଦୁଃଖିତ କରିଛି ବୋଲି ଗଜପତି ମହାରାଜ ମତବ୍ୟକ୍ତ କରିଛନ୍ତି। ଏଭଳି ଦୃଶ୍ୟ ଆମେ କେବେ ଦେଖିନଥିଲୁ। ଏହା କାହିଁକି ଓ କେମିତି ହେଲା ତାହା ପ୍ରଶାସନ ସ୍ତରରେ ଭଲ ଭାବେ ଯାଞ୍ଚ ହେବ। ଆଗାମୀ ଦିନରେ ଯେପରି ଏପରି ଘଟଣାର ପୁନରାବୃତ୍ତି ନ ଘଟେ, ସେଥିପାଇଁ ସେବକ ଭାଇ ଓ ପ୍ରଶାସନ ପଦକ୍ଷେପ ନେବେ। ଏହି ଘଟଣା ପରେ ସେବାୟତ ମାନେ ଯାହା ଶିଖିବା କଥା ଶିଖିଛନ୍ତି। ଗଜପତି ମହାରାଜ ଆହୁରି ମଧ୍ୟ କହିଛନ୍ତି ଯେ ପହଣ୍ଡି ଏବଂ ରଥ ଉପରେ ଅଧିକ ସଂଖ୍ୟକ ସେବକ ରହୁଛନ୍ତି। ଏହାହିଁ ମୂଳ ସମସ୍ୟା ବୋଲି ସେ ମତବ୍ୟକ୍ତ କହିଛନ୍ତି। ଅପରପକ୍ଷେ ନନ୍ଦିଘୋଷ ▶ପୃଷ୍ଠା-୯

## ଏଭଳି ଦୃଶ୍ୟ କେବେ ଦେଖି ନ ଥିଲୁ: ଗଜପତି



**ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ମର୍ମାହତ ଏବଂ ଦୁଃଖିତ କରିଛି**

**ସେବାୟତଙ୍କ ପାଇଁ ଏହା ଏକ ଶିକ୍ଷା; ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଯତ୍ନବାନ ହେବେ**

**ନିଳାଦ୍ରୀ ବିଜେ ପରେ ପରିଚାଳନା କମିଟି ବୈଠକରେ ଏନେଇ ବିଶେଷ ଆଲୋଚନା ହେବ**

■ **ପୁରୀ, ୧୦।୭ (ସମିସ):** ଚତୁର୍ଦ୍ଧାବିଗ୍ରହଙ୍କ ଆଡପ ପହଣ୍ଡି ବେଳେ ତାଳଧ୍ୱଜ ରଥରେ ଘଟିଥିଲା ବଡ଼ ଅଘଟଣ। ପହଣ୍ଡି ଆରମ୍ଭ ପୂର୍ବରୁ ଚାରମାଳରେ ହାମୁଡେଇ ପଡିଥିଲେ ବଡ଼ ଠାକୁର। ଚାରମାଳ ଉପରୁ ଖସି ଆସି ତଳ ଭାଗରେ ପଡିଯାଇଥିଲେ। ବୋଧହୁଏ ଅତୀତରେ କେବେ ଏଭଳି ଘଟଣା ଘଟି ନ ଥିଲା, ଯାହା ମଙ୍ଗଳବାର ପହଣ୍ଡିରେ ଦେଖିବାକୁ ମିଳିଥିଲା। ଏହି ଦୁଃଖଦ ଘଟଣା କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଶକ୍ତ ଆଘାତ ଦେଇଥିବା ବେଳେ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି ମହାପ୍ରଭୁଙ୍କ ଆଦ୍ୟସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଏଭଳି ଦୃଶ୍ୟ କେବେ ଦେଖି ନ ଥିଲୁ ବୋଲି ବେଶ୍ ମର୍ମାହତ ହୋଇ କହିଛନ୍ତି।

ବୁଧବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି, ଆଡପ ପହଣ୍ଡି ସମୟରେ ତାଳଧ୍ୱଜ ରଥ ଉପରେ ବଡ଼ଠାକୁରଙ୍କ କ୍ଷେତ୍ରରେ ଯାହା ଘଟିଲା ଏହି ଦୃଶ୍ୟକୁ ସମସ୍ତେ ଟେଲିଭିଜନ ମାଧ୍ୟମରେ ଦେଖିଛନ୍ତି। ଏହି ଘଟଣା ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀ ଭକ୍ତମାନଙ୍କୁ ମର୍ମାହତ ଏବଂ ଦୁଃଖିତ କରିଛି। ଏହିଭଳି ଦୃଶ୍ୟ କେବେ ଦେଖି ନ ଥିଲୁ। ▶ପୃଷ୍ଠା-୯

**ଏଡିଏମ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ କମିଟିକୁ ଦାୟିତ୍ୱ**

## ଘଟଣାର ତଦନ୍ତ ହେବ

**ନୀଳାଦ୍ରି ବିଜେର ୧୦ ଦିନ ଭିତରେ ଦେବେ ରିପୋର୍ଟ**

**ଉଦ୍‌ବେଗ ପ୍ରକାଶ କଲା ଶ୍ରୀମନ୍ଦିର ପରିଚାଳନା କମିଟି**

■ **ପୁରୀ, ୧୦।୭ (ସମିସ):** ରଥ ଉପରେ ବଡ଼ଠାକୁର ଶ୍ରୀବଳଭଦ୍ର ପଡିଯିବା ଘଟଣାର ତଦନ୍ତ ହେବ। ଏଥିପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ୩ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟିକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୯ ତାରିଖରେ ମହାପ୍ରଭୁଙ୍କର ନୀଳାଦ୍ରି ବିଜେ ରହିଛି। ଏହାର ୧୦ ଭିତରେ ଏହି ଅଘଟଣର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛି ପରିଚାଳନା କମିଟି।

ନବଦିନାତ୍ମକ ଯାତ୍ରାରେ ଆସି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାର ସନ୍ଧ୍ୟାରେ ଥିଲା ଆଡପ ମଣ୍ଡପ ବିଜେ। ଏଥିପାଇଁ ଚାଲିଥିଲା ପହଣ୍ଡି। ମଦନମୋହନ, ରାମକୃଷ୍ଣଙ୍କ ପରେ ଶ୍ରୀସୁଦର୍ଶନଙ୍କ ପହଣ୍ଡି ସରିଥିଲା। ଏହାପରେ ଆରମ୍ଭ ହୋଇଥିଲା ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପହଣ୍ଡି। ବନ୍ଦାପନା ଏବଂ ଟାହିଆ ଲାଗି ପରେ ପହଣ୍ଡି ପ୍ରସ୍ତୁତି ଚାଲିଥିଲା। ହେଲେ ହଠାତ୍ ଚାରମାଳ ଉପରୁ ଖସି ଯାଇଥିଲେ ବଡ଼ଠାକୁର। ▶ପୃଷ୍ଠା-୯

**ମୁସଲିମ ମହିଳାଙ୍କ ସପକ୍ଷରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ**

## ଛାଡ଼ପତ୍ର ହୋଇଥିଲେ ବି ଭରଣପୋଷଣ ପାଇଁ ହକ୍‌ଦାର୍



**ପରିବାର ପାଇଁ ମହିଳାଙ୍କ ଯୋଗଦାନକୁ ମାନ୍ୟତା ଦିଅନ୍ତୁ ପୁରୁଷ**

■ **ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ମୁସଲିମ ମହିଳାଙ୍କ ହକ୍‌ରେ ବୁଧବାର ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ଛାଡ଼ପତ୍ର ପାଇଥିବା ମୁସଲିମ ମହିଳା ସ୍ୱାମୀଙ୍କଠାରୁ ଭରଣପୋଷଣ ଭତ୍ତା ପାଇବାକୁ ହକ୍‌ଦାର ବୋଲି କହିଛନ୍ତି। ସିଆରପିସିର ୧୨୫ ଧାରା ଅନୁଯାୟୀ ମୁସଲିମ ମହିଳା ଏଥିପାଇଁ ଆବେଦନ କରିପାରିବେ। ଭରଣପୋଷଣ ଭତ୍ତା ଦାନ ନୁହେଁ, ବରଂ ଏହା ବିବାହିତା ମହିଳାଙ୍କ ଅଧିକାର। ମହିଳା ଯେଉଁ ଧର୍ମର ହୋଇଥିଲେ ବି ଏଥିରେ କିଛି ଫରକ ପଡ଼ିବ ନାହିଁ। ଭରଣପୋଷଣ ପାଇଁ ମହିଳା ନିଜ ଆଇନଗତ ଅଧିକାରକୁ ବ୍ୟବହାର କରିପାରିବେ।

ମୁସଲିମ ମହିଳା (ଛାଡ଼ପତ୍ର ଉପରେ ଅଧିକାରକୁ ସୁରକ୍ଷା) ନିୟମ, ୧୯୮୬ ଧର୍ମନିରପେକ୍ଷ ଆଇନ ଉପରେ ଭାରି ହେବ ନାହିଁ। ସିଆରପିସିର ଧାରା ୧୨୫ କେବଳ ବିବାହିତ ନୁହେଁ, ବରଂ ସବୁ ମହିଳାଙ୍କ ଉପରେ କାର୍ଯ୍ୟକାରୀ ହେଉଛି। ମହମ୍ମଦ ଅବଦୁଲ ସମାଦଙ୍କ ଆବେଦନକୁ ଖାରଜ କରି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି।

କୋର୍ଟ କହିଛନ୍ତି ଯେ ପରିବାରରେ ଗୃହିଣୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିବାହିତା ମହିଳା ପରିବାର, ଶିଶୁ ଏବଂ ବୃଦ୍ଧମାନଙ୍କର ଯତ୍ନ ନେବା ଲାଗି ନିଯୁକ୍ତି ସୁଯୋଗକୁ ମଧ୍ୟ ଏଡ଼ାଇ ଦିଅନ୍ତି। ଏବେ ମହିଳାଙ୍କ ଯୋଗଦାନକୁ ପୁରୁଷ ମାନ୍ୟତା ଦେବାର ସମୟ ଆସିଯାଇଛି। ସ୍ୱାମୀ ନିଜ ସ୍ତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା

**ରାଜ୍ୟ କ୍ୟାବିନେଟରେ ୫ ପ୍ରସ୍ତାବକୁ ଅନୁମୋଦନ**

## ପିଏମ୍ କିଷାନରେ ଯୋଡ଼ିହେବେ ଆଉ ୬ ଲକ୍ଷ ଚାଷୀ



**୪୫୦ ଟଙ୍କାକୁ ବଢ଼ିବ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ**

**ସଚଳ ହେବ ଅଚଳ ଉଠା ଜଳସେଚନ ପ୍ରକଳ୍ପ**

**ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟିର ସ୍ୱତନ୍ତ୍ର ପାଣ୍ଠି**

**ଖୁବ୍‌ଶୀଘ୍ର ୧୮,୭୮୮ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି**

■ **ଭୁବନେଶ୍ୱର, ୧୦।୭ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ରାଜ୍ୟ କ୍ୟାବିନେଟର ଅନୁଷ୍ଠିତ ହୋଇଛି ଦ୍ୱିତୀୟ କ୍ୟାବିନେଟ୍ ବୈଠକ। ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି, ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି, ପିଏମ୍ କିଷାନ ଯୋଜନାରେ ଆଉ ୬ ଲକ୍ଷ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ, ଅଚଳ ଉଠା ଜଳସେଚନ ପ୍ରକଳ୍ପକୁ ସଚଳ ଆଦି ୫ଟି ପ୍ରସ୍ତାବ ଉପରେ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି। ଆଜିର ବୈଠକରେ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି, ଶ୍ରମିକଙ୍କ ଜୀବନ ଜୀବିକାର ଉନ୍ନତି, ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରସାର, ଏବଂ ମୌଳିକ ଶିକ୍ଷାର ଗୁଣାତ୍ମକ ମାନର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ ଦେଇଥିବା ସୂଚନା ଅନୁସାରେ ପିଏମ କିଷାନ ଯୋଜନାରେ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ନେଇ ▶ପୃଷ୍ଠା-୯

## ଲୋକକଥା



ରଙ୍ଗ ଆଉ ନାମ ବଦଳେଇ ଦେଲେ
ତେଲ କି ପଡ଼ିବ ନାହିଁ,
ଅଜଥାରେ ରାଜକୋଷ ବ୍ୟୟକରି
କି ଯଶ ନିଅ ଗୋଟେଇ !
ଏତେ ଛୋଟ ମନ ନେଇ,
ପ୍ରଗତି ରଥକୁ କିଭଳି ଟାଣିବେ
ବଳ ତ ପାଇବ ନାହିଁ !!

**ଆଇଏସଏ ସ୍ତରରେ ଅଦଳବଦଳ**

## ନିକୁଞ୍ଜ ଧଳ ଇଡ୍‌କୋ ଅଧ୍ୟକ୍ଷ

**ଆଇଏଏସ ଶାଶ୍ୱତ ମିଶ୍ର ହେଲେ ଅର୍ଥ ଓ ଶକ୍ତି ବିଭାଗର ପ୍ରମୁଖ ସଚିବ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦାୟିତ୍ୱରୁ ହଟିଲେ ଜି. ମାଥିଭାଥନନ୍**

■ **ଭୁବନେଶ୍ୱର, ୧୦।୭ (ସମିସ):** ରାଜ୍ୟରେ ଆଇଏଏସ ସ୍ତରରେ ବୁଧବାର ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ଏନେଇ ସାଧାରଣ ପ୍ରସାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଇଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଅତିରିକ୍ତ ଭାବେ ଏହି ଦାୟିତ୍ୱରେ ଥିବା ଆଇଏଏସ ହେମନ୍ତ ଶର୍ମାଙ୍କୁ ଦାୟିତ୍ୱମୁକ୍ତ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କୁ ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହି ବିଭାଗରେ ପୂର୍ବରୁ ଅତିରିକ୍ତ ଭାବେ କାର୍ଯ୍ୟରତ ଆଇଏଏସ ଜି. ▶ପୃଷ୍ଠା-୯

**କ୍ୟାବିନେଟ୍‌ରେ ମଜୁରି ବୃଦ୍ଧି**

## ପୁରୁଣା ନିଷ୍ପତ୍ତିରେ ନୂଆ ମୋହର

**ଗତ ମାର୍ଚ୍ଚ ୧୪ରେ ମଜୁରି ବୃଦ୍ଧି ଘୋଷଣା କରିଥିଲେ ତତ୍‌କାଳୀନ ସରକାର**

■ **ଭୁବନେଶ୍ୱର, ୧୦।୭ (ସମିସ):** ବିଜେପି ସରକାର ଗଠନ ପରେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ କ୍ୟାବିନେଟ୍ ବୈଠକରେ ସର୍ବନିମ୍ନ ମଜୁରୀ ବୃଦ୍ଧି ନିଷ୍ପତ୍ତିକୁ ନେଇ ତେଜିଛି ବିବାଦ। ଗତ ମାର୍ଚ୍ଚ ୧୪ ତାରିଖରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବନିମ୍ନ ମଜୁରୀ ୧୦୦ ଟଙ୍କା ବୃଦ୍ଧି ଘୋଷଣା ସହ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ତାହାକୁ ପୁନର୍ବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିବା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମକୁ ଏହାର ସୂଚନା ଦେବାକୁ ନେଇ ତଥ୍ୟାଭିଜ୍ଞ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି । ପୂର୍ବ ସରକାର ଘୋଷଣା କରିଥିବା ନିଷ୍ପତ୍ତିକୁ ନୂଆ ସରକାରଙ୍କ କ୍ୟାବିନେଟ୍ ଅନୁମୋଦନ କିପରି କଲା ତାକୁ ନେଇ କେବଳ ଦ୍ୱନ୍ଦ୍ୱ ସୃଷ୍ଟି ହୋଇନାହିଁ, ବିଭିନ୍ନ ମହଲରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ଓଡ଼ିଶା ସରକାର
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ
GOVERNMENT OF ODISHA, LABOUR & ESI DEPARTMENT

RESOLUTION

Bhubaneswar, dated 14th March, 2024

No. LESI-LL1-III-0081-2017- [illegible] /LESI. The Wages of the following categories of work under all Departments of Government of Odisha, the PSUs, Government Undertakings, Autonomous Bodies, Institutions & Societies under the Government of Odisha, are hereby enhanced as follows:

Rate of Wages (Time-rated)

| Sl. No. | Category of Work | Rate of wages per day |
|---|---|---|
| 1 | Unskilled | Rs. 450.00 |
| 2 | Semi-skilled | Rs. 500.00 |
| 3 | Skilled | Rs. 550.00 |
| 4 | Highly skilled | Rs. 600.00 |

ବୁଧବାର ରାଜ୍ୟ କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ନିଜେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୂର୍ବରୁ ଅଣ-କୁଶଳୀ, ଅର୍ଦ୍ଧ-କୁଶଳୀ, କୁଶଳୀ ଓ ଉଚ୍ଚ-କୁଶଳୀ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ଦୈନିକ ମଜୁରୀ ଯଥାକ୍ରମେ ୩୫୨ ଟଙ୍କା, ୩୯୨ ଟଙ୍କା, ୪୪୨ ଟଙ୍କା ଓ ୫୦୨ ଟଙ୍କା ଥିବା ବେଳେ ବର୍ତ୍ତମାନ ଏହାକୁ କ୍ରମାନ୍ୱୟରେ ୪୫୦ ଟଙ୍କା, ୫୦୦ ଟଙ୍କା, ୫୫୦ ଟଙ୍କା ଓ ୬୦୦ ଟଙ୍କାକୁ ବୃଦ୍ଧି କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ତେବେ କ୍ୟାବିନେଟ୍‌ର ନିଷ୍ପତ୍ତି ଓ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ସ୍ୱାଭାବିକ ଭାବରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ମାର୍ଚ୍ଚ ୧୪ ତାରିଖରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ▶ପୃଷ୍ଠା-୯



## ଆଜି ହେରାପଞ୍ଚମୀ

# ନନ୍ଦିଘୋଷ ରଥ ଭାଙ୍ଗିବେ ଲକ୍ଷ୍ମୀ ସାଆନ୍ତାଣୀ

ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)ଙ୍କୁ ଛାଡି ଜଗନ୍ନାଥ ମହାପ୍ରଭୁ ଭାଉ ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରା କରିଛନ୍ତି। ତାଙ୍କୁ ସାଙ୍ଗରେ ନ ଆଣିଥିବାରୁ ଅଭିମାନରେ ରହିଛନ୍ତି ଶ୍ରୀଦେବୀ। ତେଣୁ କାଳିଆ ଠାକୁରଙ୍କୁ ଫେରାଇ ନେବାକୁ ଗୁଣ୍ଡିଚା ମନ୍ଦିର ଆସନ୍ତି ଶ୍ରୀଦେବୀ। ହେଲେ ୯ ଦିନର ଯାତ୍ରା ନ ସରିବା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀମନ୍ଦିର ଫେରିବେ ନାହିଁ ବୋଲି ଶ୍ରୀଦେବୀଙ୍କୁ କୁହନ୍ତି। ଏଥିରେ ରାଗିଯାଇ ଫେରିବା ବେଳେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଭାଙ୍ଗି ଦେଇଯାନ୍ତି। ଏହି ପରମ୍ପରାକୁ ହେରାପଞ୍ଚମୀ କୁହାଯାଏ। ଗୁରୁବାର ପାଳିତ ହେବ ଏହି ନୀତି। ଶ୍ରୀମନ୍ଦିରରୁ ଶ୍ରୀଦେବୀ ଆସିବେ ଗୁଣ୍ଡିଚା ମନ୍ଦିର। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଭୋର ୪ଟାରେ ଦ୍ୱାରଫିଟା ଯାଇ ୫ଟା ସୁଦ୍ଧା ମଙ୍ଗଳ ଆଳତି ବଢ଼ିବ। ମଇଲମ, ତଡ଼ପଲାଗି ନୀତି ପରେ ସକାଳ ୬ଟାରେ ଅବକାଶ ନୀତି ସମ୍ପନ୍ନ ହେବ। ସକାଳ ସାଢେ ୬ଟାରୁ ସାଢେ ୭ଟା ଘଣ୍ଟାଏ ସାହାଣମେଳା ଦର୍ଶନ ରହିଛି। ଏହାପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ହୋଇ ଠାକୁରଙ୍କ ବେଶ ବଢ଼ିବ। ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦ ମଧ୍ୟରେ ସକାଳ ଧୂପ ଏବଂ ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଭୋଗମଣ୍ଡପ ବଢ଼ିବ। ଏହାପରେ ମହାପ୍ରଭୁଙ୍କ ମଇଲମ, ଯାତ୍ରାଙ୍ଗୀ ମହାସ୍ନାନ, ଘଣ୍ଟଛତା ସର୍ବାଙ୍ଗ, ନୂଆଲୁଗା ଲାଗି ବେଶ ହେବ। ଅପରାହ୍ନ ୩ଟାରୁ ୪ଟା ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ ନୀତି ବଢ଼ି ଅପରାହ୍ନ ୫ଟା ୩୦ ସୁଦ୍ଧା ଦ୍ୱିତୀୟ ଭୋଗମଣ୍ଡପ ବଢ଼ିବ। ଏହପରେ ମଇଲମ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ ବାଡ଼ରେ ମହାସ୍ନାନ, ତିନିବାଡ଼ରେ ଘଣ୍ଟଛତା ସର୍ବାଙ୍ଗ, ନୂଆଲୁଗା ଲାଗି ଏବଂ ଅଳଙ୍କାର ଲାଗି ଠାକୁରଙ୍କ ବେଶ ହେବ। ପରେ ସନ୍ଧ୍ୟା ଧୂପ ସମ୍ପନ୍ନ ହେବ। ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ରଥ ନିକଟରେ ନୀତି ସାରି ଶ୍ରୀଦେବୀ ରାତି ୯ଟା ୩୦ରେ ଜଗମୋହନକୁ ବିଜେ କରିବେ। ଏହାପରେ ଶ୍ରୀଦେବୀଙ୍କୁ ଆଜ୍ଞାମାଳ ଲାଗି ହେବା ପରେ ସନ୍ଧ୍ୟାଧୂପ ଟେରା ପଡ଼ିବ। ରାତି ୯ଟା ୫୦ ସୁଦ୍ଧା ସନ୍ଧ୍ୟାଧୂପ ବଢ଼ିବ। ପରେ ମଇଲମ, ଚନ୍ଦନଲାଗି ଓ ବଡ଼ସିଂହାର ହୋଇ ରାତ୍ର ୧ଟା ସୁଦ୍ଧା ପହୁଡ଼ ହେବାକୁ ନୀତି ନିର୍ଘଣ୍ଟ କରାଯାଇଛି।



## ଜନ୍ମବେଦୀରେ ଦର୍ଶନ ଦେଲେ ଦାରୁଦିଅଁ

ଜନ୍ମବେଦୀରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଦାରୁଦିଅଁ। ବୁଧବାର ଆଡପ ମଣ୍ଡପରେ ହଜାର ହଜାର ଶ୍ରଦ୍ଧାଳୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ପ୍ରବଳ ଖରା ସତ୍ତ୍ୱେ ବିଶ୍ୱନିୟନ୍ତାଙ୍କ ସାନିଧ୍ୟ ପାଇବା ପାଇଁ ଦର୍ଶନାର୍ଥୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଲାଇନ ଲଗାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଯଜ୍ଞବେଦୀରେ କଳା ସାଆନ୍ତଙ୍କୁ ଦେଖି ଓଦା ହୋଇଛି ଭକ୍ତଙ୍କ ଆଖି। ଅନ୍ୟପଟେ ରାସମଣ୍ଡପରେ ବୁଧବାର ଦାରୁବିଗ୍ରହଙ୍କୁ ଲାଗି ହୋଇଛି ଅନ୍ନ ପ୍ରସାଦ। ଶ୍ରଦ୍ଧାଳୁ ବି ପାଇଛନ୍ତି ଆଡ଼ପ ଅବଢ଼ା। ପୁଣି ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ଶ୍ରୀମୁଖ ଶୃଙ୍ଗାର।

ମଙ୍ଗଳବାର ଗୋଟି ପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ରଥ ଉପରେ ବଡ଼ଠାକୁର ପଡ଼ିଯିବା ଭଳି ବଡ଼ ଅଘଟଣ ପରେ ସ୍ୱାଭାବିକ ହୋଇଥିଲା ଆଡପ ପହଣ୍ଡି। ଜନ୍ମବେଦୀରେ ଠାକୁର ପହଞ୍ଚିବା ପରେ ବଡ଼ସିଂହାର ଓ ପହୁଡ଼ ନୀତି ହେବାର ବିଧି ରହିଛି। କିନ୍ତୁ ସମୟ ଅଭାବରୁ ଏହି ନୀତି ପ୍ରାୟତଃ ହୋଇପାରି ନ ଥାଏ। କିନ୍ତୁ ଗତ ଦୁଇବର୍ଷ ସଅଳ ପହଣ୍ଡି ଯୋଗୁ ମହାପ୍ରଭୁଙ୍କର ପହୁଡ଼ ହୋଇଥିବା ବେଳେ ଚଳିତବର୍ଷ ଏହା ସମ୍ଭବ ହୋଇ ନ ଥିଲା। କାରଣ ଠାକୁରଙ୍କର ପହଣ୍ଡି ରାତି ୧୨ଟା ୧୦ରେ ସରିଥିବା ବେଳେ ଭୋର ୪ଟାରେ ରୁନ୍ଧା ଶେଷ ହୋଇଥିଲା। ଭୋର ୫ଟାରେ ଚାରମାଳ ଫିଟାଇବାକୁ କୋଠସୁଆଁସିଆମାନେ ପ୍ରବେଶ କରି ବୁଧବାର ସକାଳ ୬ଟା ୧୦ରେ ବାହାରିଥିଲେ।

ଅନ୍ୟାନ୍ୟ ନୀତି ପରେ ସକାଳ ୮ଟା ୪୫ରେ ମଙ୍ଗଳ ଆଳତି କରାଯାଇଥିଲା।

# ମହାପ୍ରଭୁଙ୍କର ହେଲା ଶ୍ରୀମୁଖ ଶୃଙ୍ଗାର

ପୂର୍ବାହ୍ନ ୧୦ଟା ୫୫ରେ ଅବକାଶ ବଢ଼ିବା ପରେ ୧୧ଟାରେ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ଦେଇ ଆଡପ ମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ନାକଚଣା ଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଅପରାହ୍ନ ୧ଟାରେ ଗୋପାଳ ବଲ୍ଲଭ ବଢ଼ି ୨ଟା ୧୫ରେ ସକାଳ ଧୂପ ନୀତି ବଢ଼ିଥିଲା। ଏହାପରେ ବାହାରିଥିଲା ଆଡ଼ପ ଅବଢ଼ା। ପ୍ରଥମ ଦିନରେ ହଜାର ହଜାର ଶ୍ରଦ୍ଧାଳୁ ଆଡପ ଦର୍ଶନ କରି ପାଇଥିଲେ ଆଡପ ଅବଢ଼ା। ସକାଳ ଧୂପରେ କମ୍ ଅବଢ଼ା ବାହାରିଥିବା ବେଳେ ଭୋଗମଣ୍ଡପରେ ପର୍ଯ୍ୟାପ୍ତ ମହାପ୍ରସାଦ ବାହାରିଥିଲା। ବର୍ଷକୁ ଥରେ ଆଡପ ଅବଢ଼ା ମିଳୁଥିବାରୁ ଶ୍ରଦ୍ଧାଳୁମାନେ ଉତ୍କଣ୍ଠାର ସହ ପାଇ ସାଙ୍ଗରେ ମଧ ନେଇଯାଉଥିଲେ।

ଅନ୍ୟପକ୍ଷରେ ଗୁରୁବାର ହେରାପଞ୍ଚମୀ। ଏହାର ପୂର୍ବଦିନ ମହାପ୍ରଭୁଙ୍କ ବନକଲାଗି ହେବାର ପରମ୍ପରା ରହିଛି। ତେଣୁ ବୁଧବାର ଗୁଣ୍ଡିଚା ମନ୍ଦିରରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ସନ୍ଧ୍ୟାରେ ଦତ୍ତମହାପାତ୍ର ସେବକମାନେ ପ୍ରବେଶ କରି ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ଏହି ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜଳ ଓ ମସୃଣ ରୁହେ।

## ପୁରାଣେ ପୁରୁଷୋତ୍ତମ-୮

### ବ୍ରହ୍ମବୈବର୍ତ୍ତ ମହାପୁରାଣ



ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ବ୍ରହ୍ମବୈବର୍ତ୍ତ ମହାପୁରାଣ ଅନବଦ୍ୟ। ସମୁଦାୟ ୪ଟି ଖଣ୍ଡ (ବ୍ରହ୍ମ, ପ୍ରକୃତି, ଗଣପତି ଓ କୃଷ୍ଣଜନ୍ମ), ୨୭୪ଟି ଅଧ୍ୟାୟ ଓ ୧୮ ହଜାର ଶ୍ଳୋକକୁ ନେଇ ସମୃଦ୍ଧ ଏହି ମହାପୁରାଣରେ ସୃଷ୍ଟିପ୍ରକରଣ, ପ୍ରକୃତିତତ୍ତ୍ୱ, ସବିସ୍ତର ଗଣେଶଚରିତ ଓ ଶ୍ରୀକୃଷ୍ଣଚରିତ ବର୍ଣ୍ଣିତ। ଏହି ପୁରାଣର ପ୍ରତିପାଦ୍ୟ ହେଉଛନ୍ତି ଗୋଲୋକବିହାରୀ ଶ୍ରୀକୃଷ୍ଣରୂପୀ ପରଂବ୍ରହ୍ମାତ୍ମକ ପୁରୁଷୋତ୍ତମ। ଏହାର ବ୍ରହ୍ମଖଣ୍ଡ(୩/୪୭)ରେ ଧର୍ମକୃତ କୃଷ୍ଣସ୍ତୁତିରେ କୃଷ୍ଣରୂପି-ପୁରୁଷୋତ୍ତମଙ୍କୁ ପ୍ରାର୍ଥନା କରାଯାଇଛି-

"ଗୋଗୋପଗୋପୀମଧ୍ୟସ୍ଥଂ ପ୍ରଧାନଂ ପୁରୁଷୋତ୍ତମମ୍।
ବନ୍ଦେଽନବଦ୍ୟମନଘଂ ଶ୍ୟାମଂ ଶାନ୍ତମନୋହରମ୍।।"

ପୁନଶ୍ଚ କୃଷ୍ଣଜନ୍ମଖଣ୍ଡ (୧୩/୫୫)ରେ କଳିଯୁଗର ପ୍ରଭୁଙ୍କ ବର୍ଣ୍ଣ କଳା, ସେ ପରିପୂର୍ଣ୍ଣତମ ବ୍ରହ୍ମ ଓ 'କୃଷ୍ଣ'ନାମରେ ପରିଚିତ ହେବେ ବୋଲି ଉଲ୍ଲେଖ ରହିଛି-

"କୃଷ୍ଣବର୍ଣ୍ଣଃ କଳୌ ଶ୍ରୀମାଂସ୍ତେଜସାଂ ରାଶିରେବ ଚ।
ପରିପୂର୍ଣ୍ଣତମଂ ବ୍ରହ୍ମ ତେନ କୃଷ୍ଣ ଇତି ସ୍ମୃତଃ।।"

ଆହୁରି ମଧ ସେହି କୃଷ୍ଣଜନ୍ମଖଣ୍ଡ (୨୫/୧୩୦)ରେ ଅମ୍ବରୀଷ-ଉପାଖ୍ୟାନରେ ଦୁର୍ବାସାଙ୍କୁ ସୁଦର୍ଶନଙ୍କ ପ୍ରହାରରୁ ରକ୍ଷା କରିବା ନିମନ୍ତେ ଶଙ୍କର ଭଗବାନ୍ ସ୍ୱୟଂ ପରମପୁରୁଷ ନାରାୟଣଙ୍କୁ 'ଜଗନ୍ନାଥ' ବୋଲି ସ୍ତୁତି କରିଛନ୍ତି-

"ଦୀନବନ୍ଧୋ ଜଗନ୍ନାଥ ନାୟଂ ବିପ୍ରୋ ଜଗଦ୍ଧିତଃ।
କୃତାପରାଧଂ ଦୀନଂ ଚ ପାହୀମଂ ଶରଣାଗତମ୍।।

ବିଶେଷତଃ ଏହି ପୁରାଣାନ୍ତର୍ଗତ କୃଷ୍ଣଜନ୍ମଖଣ୍ଡ (୩୭/୨୫)ରେ ବିଷ୍ଣୁଙ୍କ ନୈବେଦ୍ୟାନ୍ନ(ମହାପ୍ରସାଦ)ର ମାହାତ୍ମ୍ୟ ବର୍ଣ୍ଣିତ-

"ଅମୃତଂ ସର୍ବବସ୍ତୂନାମିଷ୍ଟସାରଂ ସୁଦୁର୍ଲଭମ୍।
ବିଷ୍ଣୋର୍ନିବେଦିତାନ୍ନସ୍ୟ କଳାଂ ନାର୍ହତି ଷୋଡଶୀମ୍।।
ହନ୍ତ୍ୟକାଳିକମୃତ୍ୟୁଂ ତଦ୍ଧ୍ୟମୃତଂ ମୃତ୍ୟୁରଞ୍ଜନମ୍।
ନୈବେଦ୍ୟଂ ଚ ହରେରେବ ହରିତୁଲ୍ୟଂ କରୋତ୍ୟହୋ।।"

ଅର୍ଥାତ୍ ସଂସାରର ସମସ୍ତ ପ୍ରିୟ ବସ୍ତୁର ସାର-ଅମୃତର ସ୍ୱାଦ; ବିଷ୍ଣୁଙ୍କ ନୈବେଦ୍ୟାନ୍ନର ଗୋଟିଏ କଳାକୁ ବି ସମାନ ନୁହେଁ। ହରିଙ୍କ ନୈବେଦ୍ୟ ହରିଙ୍କ ଭଳି ଅକାଳମୃତ୍ୟୁ ହରଣ କରିବା ସହ ଅଜ୍ଞମାନଙ୍କୁ ଚେତନାମୃତ ପ୍ରଦାନ କରିଥାଏ।
ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।

ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୬୩୨୪

## ନିଆରା ଶ୍ରୁତି

# ଶ୍ରୀଦେବୀଙ୍କୁ ମହାପ୍ରଭୁ ଦେଇଯା'ନ୍ତି କଳମ ଶାଗ

ଘୋଷଯାତ୍ରାରେ ବାହାରିଥିବା ଦାରୁଦିଅଁ ଏବେ ଆଡପ ମଣ୍ଡପରେ। ଏପଟେ ଖାଁ ଖାଁ ଶ୍ରୀମନ୍ଦିର। ରନ୍ଧାଯାଉନି ଷାଠିଏ ପଉଟି କି ମନ୍ଦିରରେ ନାହିଁ ଗହଳି ଚହଳି। ଶ୍ରୀମନ୍ଦିର ଆନନ୍ଦ ବଜାର ଫାଙ୍କା ପଡ଼ିଛି। ବଡଭାଇ ବଳଭଦ୍ର, ଭଉଣୀ ହଳଦୀମୁଖୀ ଦେବୀ ସୁଭଦ୍ରା ଏବଂ ଶ୍ରୀସୁଦର୍ଶନଙ୍କୁ ସାଥୀରେ ଧରି କାଳିଆ ଠାକୁର ଏବେ ଆଡପ ମଣ୍ଡପରେ ଲୀଳା କରୁଛନ୍ତି। ଜଗତର କଲ୍ୟାଣ କଥା ଚିନ୍ତା କରୁଥିବା କୋଟିପ୍ରାଣର ଦେବତା କିନ୍ତୁ ତାଙ୍କ ପରିଜନଙ୍କ ଦାୟିତ୍ୱ ଭୁଲି ଯାଇନାହାନ୍ତି। ସବୁବେଳେ ଘର କଥା ବୁଝୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ଘର ଛାଡିବା ବେଳେ ପତ୍ନୀ କିପରି ଚଳିବେ ସେ ବ୍ୟବସ୍ଥା କରିଛନ୍ତି। ଶ୍ରୀଦେବୀଙ୍କ ଚଳିବା ପାଇଁ ଚାଙ୍ଗଡାରେ ଦେଇ ଆସିଛନ୍ତି କଳମ ଶାଗ, ନଡିଆ ଓ କିଛି ଚାଉଳ। ଏଥିରେ ୯ ଦିନ ଚଳିବେ ଶ୍ରୀଦେବୀ। ରଥଯାତ୍ରା ସହ ଯୋଡି ହୋଇରହିଛି ଏଭଳି ଏକ ନିଆରା ପରମ୍ପରା। ଦାରୁବିଗ୍ରହ ରଥଯାତ୍ରାରେ ଯିବା ପରେ ଶ୍ରୀମନ୍ଦିର ଜଗମୋହନରେ ଶ୍ରୀଦେବୀ, ଭୂଦେବୀ ଓ ମାଧବ ପୂଜା ପାଇଥାନ୍ତି। ଏବେ ଶ୍ରୀଦେବୀଙ୍କ ପାଖରେ ରହିଛି କଳମ ଶାଗ, ନଡିଆ ଓ ଚାଉଳ। ରୋଷଘର ଏବେ ସମ୍ପୂର୍ଣ୍ଣ ଶୂନ୍‌ଶାନ। ଏ ସମ୍ପର୍କରେ ଗବେଷକ କୁହନ୍ତି, କଥିତ ରହିଛି ମହାପ୍ରଭୁ ୯ ଦିନ ପାଇଁ ଘୋଷଯାତ୍ରାରେ ଯିବା ପୂର୍ବରୁ ଶ୍ରୀଦେବୀ କିପରି ଚଳିବେ ତା' ବ୍ୟବସ୍ଥା କରିଥାନ୍ତି। ତେଣୁ ଆଡପ ମଣ୍ଡପକୁ ଯାତ୍ରା ପୂର୍ବରୁ ପ୍ରାଣପ୍ରିୟାଙ୍କୁ କଳମ ଶାଗ, ନଡିଆ ଓ ଚାଉଳ ଦେଇଯାଇଛନ୍ତି। କିନ୍ତୁ ମହାପ୍ରଭୁଙ୍କୁ ପାଖରେ ନ ପାଇ ବିରହ ବେଦନାରେ ରହିଛନ୍ତି ଶ୍ରୀଦେବୀ। ଶ୍ରୀଦେବୀ ରୁକ୍ମିଣୀ ଭାବେ ମହାପ୍ରଭୁଙ୍କୁ ବିବାହ କରିଥିଲେ ମଧ ଏ ପର୍ଯ୍ୟନ୍ତ ଗଇଣ୍ଠାଳ ଫିଟିନାହିଁ କି ଚତୁର୍ଥୀ କର୍ମ ଓ ବନ୍ଧାପନା ହୋଇନାହିଁ। ବିରହିଣୀ ଶ୍ରୀଦେବୀ ବିଳାସ, ବ୍ୟସନରେ ନ ରହି ସାଧାରଣ ଜୀବନ ଯାପନ କରୁଛନ୍ତି। ମହାପ୍ରଭୁଙ୍କ ପାଇଁ ଷାଠିଏ ପଉଟି ରାନ୍ଧୁଥିବା ମା' ବର୍ତ୍ତମାନ ନିଜ ପାଇଁ ଗଣ୍ଡେ ରୋଷେଇ କରୁନାହାନ୍ତି। ସ୍ୱାଦିଷ୍ଟ ବ୍ୟଞ୍ଜନ ପରିତ୍ୟାଗ କରି କଳମ ଶାଗ, ନଡିଆ ଓ ଚାଉଳରେ ଚଳାଇ ଦେଉଛନ୍ତି।



# ମିଳିଲା ଆଡ଼ପ ଅବଢ଼ା

ମହାପ୍ରଭୁ ଆଡପ ମଣ୍ଡପରେ ବିଜେ କରିଥିବାବେଳେ ବାହାରିଥାଏ ଆଡ଼ପ ଅବଢ଼ା। ଏହି ଆଡ଼ପ ଅବଢ଼ା କେବଳ ରଥଯାତ୍ରା ସମୟରେ ହିଁ ମିଳିଥାଏ। ଏହାକୁ ପାଇବା ପାଇଁ ଭକ୍ତ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି। ବୁଧବାର ଆଡପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ପାଇଛନ୍ତି ଆଡପ ଅବଢ଼ା। ତୃପ୍ତ ହୋଇଛି ଭକ୍ତ ପ୍ରାଣ। କଟକରୁ ଆସିଥିବା ଶ୍ରଦ୍ଧାଳୁ ସାବିତ୍ରୀ କର କହିଛନ୍ତି, ମହାପ୍ରଭୁଙ୍କୁ ଆଡପମଣ୍ଡପରେ ଦର୍ଶନ କଲେ ଅଶେଷ ପୂଣ୍ୟପ୍ରାପ୍ତି ହୋଇଥାଏ। ଏହା ଶୁଣିଥିଲି। ତେଣୁ ଦର୍ଶନ କରିବାକୁ ଇଚ୍ଛା ରଖିଥିଲେ। ମହାପ୍ରଭୁ ସପରିବାର ମୋତେ ସୁଯୋଗ ଦେଲେ। ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସହ ଆନନ୍ଦ ବଜାରରେ ବସି ଆଡପ ଅବଢ଼ା ପାଇଲୁ। ମନ ମୋର ତୃପ୍ତ ହୋଇଗଲା। ଅନ୍ୟଜଣେ ଭକ୍ତ ସୁବାସ ମହାନ୍ତି ବେଶ୍ ଭାବବିହ୍ୱଳ ହୋଇ କହିଥିଲେ, ଆଡପମଣ୍ଡପରେ ମହାବାହୁଙ୍କୁ ଭଲ ଭାବେ ଦର୍ଶନ ସହ ଗୁଣ୍ଡିଚା ମନ୍ଦିରରେ ଅବଢ଼ା ସେବନ କଲୁ। ଏହାଠୁ ଆନନ୍ଦ ଜୀବନରେ ଆଉ କିଛି ନାହିଁ। ତେବେ ଏହି ଭିଡ଼ ଭିତରେ ଏମିତି କିଛି ବ୍ୟକ୍ତି ଥିଲେ ଯେଉଁମାନେ ଆଡପ ଅବଢ଼ା କିଣିଆଣି ଶ୍ରଦ୍ଧାଳୁଙ୍କୁ ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ନାକଚଣା ଦ୍ୱାରା ବସିଥିବା ଅସହାୟ ବ୍ୟକ୍ତିଙ୍କୁ ମଧ ନିଜେ ଅବଢ଼ା ପରଷି ଦେଉଥିଲେ।



■ କ୍ରାଇମ୍‌ବ୍ରାଞ୍ଚ ପଞ୍ଝାରେ ୧୫ ସାଇବର ଠକ

## ସାରା ଦେଶରୁ ଠକିଛନ୍ତି ୩୦ କୋଟି

**ଭୁବନେଶ୍ୱର, ୧୦।୭ (ସମିସ):** ରାଜ୍ୟ କ୍ରାଇମ୍‌ବ୍ରାଞ୍ଚକୁ ଏକ ବଡ଼ଧରଣର ସଫଳତା ମିଳିଛି। କ୍ରିପ୍ଟୋ, ସେୟାର୍ ଓ ଆଇପିଓରେ ନିବେଶ ଆଳରେ ପାଖାପାଖି ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିବା ଏକ ସାଇବର୍ ଅପରାଧୀ ଗ୍ୟାଙ୍ଗ୍‌କୁ କ୍ରାଇମବ୍ରାଞ୍ଚ ଠାବ କରିଛି। ଏହି ଠକେଇରେ ସଂପୃକ୍ତ ମୋଟ ୧୫ ଜଣଙ୍କୁ ଆଜି କ୍ରାଇମବ୍ରାଞ୍ଚ ଗିରଫ କରିଛି। ଜଣେ ବ୍ୟକ୍ତିଙ୍କଠାରୁ ୩ କୋଟି ଠକେଇ ମାମଲାର ତଦନ୍ତ କରୁକରୁ କ୍ରାଇମବ୍ରାଞ୍ଚ ହାତରେ ଏପରି ଏକ ବଡ଼ ର୍‍ୟାକେଟ୍ ଧରାପଡ଼ିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ୨ଜଣ ଦିଲ୍ଲୀର ଥିବା ବେଳେ ବାକି ୧୩ଜଣ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବୋଲି ଜଣାଯାଇଛି। ସେମାନେ ହେଲେ, ଦିଲ୍ଲୀର ତୁଷାର ଶର୍ମା, ଭବେଶ ଠାକୁର ଓରଫ ଆଲେକ୍ସ, କେନ୍ଦ୍ରାପଡ଼ାର ରଞ୍ଜିତ କୁମାର ବଳ, ବାଲେଶ୍ୱରର ଦିଲ୍ଲୀପ କୁମାର ଲେଙ୍କା, ସତ୍ୟରଞ୍ଜନ ସାହୁ, ଗଞ୍ଜାମର ସୁନୀଲ ପ୍ରସାଦ ଦୋରା, ଅମିତ କୁମାର ରାଉତ, ରାୟଗଡ଼ାର ବିଶିକେଶନ ପାଢ଼ୀ ଓରଫ ଶିବ, ଖୋର୍ଦ୍ଧାର କାଳନ୍ଦୀ ସିଂ, ସୁଧାଂଶୁ ଭୂଷଣ ପଟ୍ଟନାୟକ ଓରଫ ବାପି, ଭୁବନେଶ୍ୱରର ଉଦୟଭାନୁ ଘଡେଇ ଓରଫ ପପୁ, ନୟାଗଡ଼ର ଜିତେନ୍ ବରାଡ, ଜଗତସିଂହପୁର ଭରତଭୂଷଣ ଚକ୍ର, ଭଦ୍ରକର ବିକାଶ ଚନ୍ଦ୍ର ରାଉତ ଓରଫ ଟୁଟୁ, ଉତ୍ତମ କୁମାର ସାହୁ। ସେମାନଙ୍କଠାରୁ ୨୦ଟି ଫୋନ୍, ୪୨ଟି ସିମ୍‌କାର୍ଡ, ୨୦ଟି ଡେବିଟ୍ କାର୍ଡ, ୩ଟି ଚେକ୍‌ବୁକ୍, ୩ଟି ପ୍ୟାନ୍‌କାର୍ଡ ଏବଂ ୫ଟି ଆଧାରକାର୍ଡ ଜବତ ହୋଇଛି। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଅଧିକ ଖୋଳତାଡ଼ ଜାରି ରଖିଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଆଜି ସୂଚନା ଦେଇଛନ୍ତି।

କ୍ରାଇମ୍‌ବ୍ରାଞ୍ଚର ସୂଚନାନୁଯାୟୀ, ଗତ ମାର୍ଚ୍ଚରେ ଠକେଇ ଶିକାର ବ୍ୟକ୍ତିଙ୍କ ଫେସ୍‌ବୁକ୍ ଆକାଉଣ୍ଟକୁ ଏକ ମେସେଜ୍ ଆସିଥିଲା। ସେଥିରେ ସେ କ୍ଲିକ୍ କରିବା ପରେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ି ହୋଇଯାଇଥିଲେ। ସେଥିରେ ତାଙ୍କୁ ପୁଞ୍ଜିବଜାରରେ ଟ୍ରେଡିଂ, ସେୟାର ଓ ଆଇପିଓରେ ନିବେଶ କରିବା ପାଇଁ ଲୋଭ ଦେଖାଯାଇଥିଲା। ରାତାରାତି କୋଟିପତି ହେବାର ପ୍ରଲୋଭନରେ ପଡ଼ି ବ୍ୟକ୍ତିଜଣଙ୍କ ପ୍ରଥମେ ତାଙ୍କ ପତ୍ନୀଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ଜମା କରିଥିଲେ। ପରେ ଜୁନ୍ ୧୧ ସୁଦ୍ଧା ସେ ପର୍ଯ୍ୟାୟକ୍ରମେ ସାଇବର୍ ଠକଙ୍କ ବିଭିନ୍ନ ଆକାଉଣ୍ଟରେ ଏମିତି ମୋଟ ୩ କୋଟି ୪ଲକ୍ଷ ଟଙ୍କା ଜମା କରିଦେଇଥିଲେ। କିନ୍ତୁ ବାରମ୍ବାର ଟଙ୍କା ଉଠାଣ ପାଇଁ ଉଦ୍ୟମ କରି ବିଫଳ ହେବା ପରେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

ଏ ସଂପର୍କରେ ସେ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୋଇଥିଲେ। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ୫ଟି ଭିନ୍ନଭିନ୍ନ ଟିମ୍ ଗଠନ କରାଯାଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ପ୍ରଥମେ ଉତ୍ତମ କୁମାରଙ୍କୁ ଗିରଫ କରାଯାଇ ପଚରାଉଚରା ପରେ ଆକାଉଣ୍ଟ ତଥ୍ୟ ନେଉଥିବା ବିକାଶ ଓ ଦିଲ୍ଲୀପଙ୍କୁ କାବୁ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଶିବ, ସୁନୀଲଙ୍କୁ ଗିରଫ କାବୁ କରିବା ପରେ ଦିଲ୍ଲୀର ଲିଙ୍କ୍ ପଦାକୁ ଆସିଥିଲା। ଦିଲ୍ଲୀରୁ ଅଙ୍କିତକୁ କାବୁ କରିବା ପରେ ଏହି ମହା ଠକେଇର ଗୁମର ଖୋଲିଥିଲା। ସେ ଠକେଇ ଟଙ୍କାକୁ କ୍ରିପ୍ଟୋ ୱାଲେଟ୍‌ରେ ନିବେଶ କରୁଥିଲା। ସେଠାରୁ ଟଙ୍କା ଉଠାଇ ସମସ୍ତ ଅଭିଯୁକ୍ତଙ୍କୁ କମିସନ ହିସାବରେ ବାଣ୍ଟି ଦେଉଥିଲା।



- ଅଭିଯୁକ୍ତଙ୍କ ମଧ୍ୟରେ ୧୩ଜଣ ଓଡ଼ିଶାର
- ୨୦ଟି ଫୋନ୍, ୪୨ଟି ସିମ୍‌କାର୍ଡ, ୨୦ଟି ଡେବିଟ୍ କାର୍ଡ ଜବତ
- ପୁଞ୍ଜିବଜାରରେ ନିବେଶ ଆଳରେ ଲୋକଙ୍କୁ ମାରୁଥିଲେ ଚୂନ

୧୩୦ତମ ସିଙ୍ଗଲ ୱିଣ୍ଡୋ କମିଟି ବୈଠକ

## ୬ ହଜାର କୋଟିର ପୁଞ୍ଜିନିବେଶକୁ ଅନୁମୋଦନ

**ଭୁବନେଶ୍ୱର, ୧୦।୭ (ସମିସ):** ରାଜ୍ୟର ୧୪ ଜିଲ୍ଲାରେ ୫ ହଜାର ୯୯୯.୯୨ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ଏହାଦ୍ୱାରା ରାଜ୍ୟରେ ୧୯, ୩୬୪ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବୁଧବାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ନେତୃତ୍ୱରେ ୧୩୦ତମ ସିଙ୍ଗଲ ୱିଣ୍ଡୋ ଅନୁମୋଦନ କମିଟି ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏକାଧିକ ଶିଳ୍ପ ସଂସ୍ଥା ପକ୍ଷରୁ ୫, ୯୯୨.୯୨ କୋଟି ମୂଲ୍ୟର ୨୬ ଟି ପ୍ରକଳ୍ପକୁ ଏହି କମିଟି ଅନୁମୋଦନ ଦେଇଛି। ଏହି ବିବିଧ ପୁଞ୍ଜି ବିନିଯୋଗ ଓଡ଼ିଶାର ଅର୍ଥନୈତିକ ଦୃଶ୍ୟପଟ୍ଟକୁ ରୂପାନ୍ତର କରିବ ବୋଲି ରାଜ୍ୟ ସରକାର ଆଶା ପ୍ରକଟକ କରିଛନ୍ତି। ଅନୁମୋଦନ ପାଇଥିବା ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ଇସ୍ପାତ, ରାସାୟନିକ ପଦାର୍ଥ, ଅକ୍ଷୟ ଶକ୍ତି, ବସ୍ତ୍ର, ଉତ୍ପାଦନ, ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି, ଭିତ୍ତିଭୂମି ଏବଂ ପର୍ଯ୍ୟଟନ ଆଦି କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକ ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, ଝାରସୁଗୁଡ଼ା, ବୌଦ୍ଧ, କୋରାପୁଟ, ବାଲେଶ୍ୱର, କଟକ, ଭଦ୍ରକ, ଏବଂ ପୁରୀ ଜିଲ୍ଲା ସାମିଲ ରହିଛି। ଏକାଧିକ ଇସ୍ପାତ ଶିଳ୍ପ ସଂସ୍ଥାର ସମ୍ପ୍ରସାରଣ ପ୍ରକଳ୍ପ ସହ ବହୁ ଗୁରୁତ୍ୱପୂର୍ଣ୍ଣ ନୂତନ ପ୍ରକଳ୍ପମାନ ଏଥିରେ ରହିଛି। କମିଟି ଅନୁମୋଦନ ପରେ ଜଣାପଡ଼ିଛି ଯେ ମୟୂରଭଞ୍ଜରେ ଜିଏମ୍ ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ୍ ପକ୍ଷରୁ ଏଠାରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ସ୍ଥିର ହୋଇଛି। ସଂସ୍ଥା ଏଠାରେ ୭୪୫କୋଟି ଟଙ୍କା ବିନିଯୋଗ କରିବା ସହ ୮୭୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଜଣାପଡ଼ିଛି। ସେହିପରି ଶ୍ରୀଗଣେଶ ମେଟାଲିକ୍ ଲିମିଟେଡ୍ ସୁନ୍ଦରଗଡ଼ରେ ଏହାର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟକୁ ବିସ୍ତାର କରିବ। ଏଥିପାଇଁ ୬୦୪.୯୯ କୋଟି ବିନିଯୋଗ ସହ ୩, ୨୩୯ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରିବ। ଟାଇମ୍ସ ଷ୍ଟିଲ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ୍ ସୁନ୍ଦରଗଡ଼ରେ ନିଜର କାରଖାନାକୁ ବିସ୍ତାର କରିବ। ଏଥିପାଇଁ ୪୩୨.୫୦ କୋଟି ବିନିଯୋଗ ସହ ୬୧୫ ନିଯୁକ୍ତି ସୃଷ୍ଟି ହେବ। ଆର୍ଯ୍ୟାନ ଇସ୍ପାତ ଏବଂ ପାୱାର୍ ସମ୍ବଲପୁରରେ ନିଜର ପ୍ରକଳ୍ପକୁ ବୃଦ୍ଧି କରିବ। ଏଥିପାଇଁ ୩୨୩ କୋଟି ଟଙ୍କା ବ୍ୟୟରେ ୧, ୫୦୦ ନିଯୁକ୍ତି ସୃଷ୍ଟି ହେବ। ଏସ୍‌ଏସ୍‌ଏବି ଏନର୍ଜି ଆଣ୍ଡ ମିନେରାଲ୍ସ ଲିମିଟେଡ୍ କେନ୍ଦୁଝରରେ ନିଜର କାରଖାନାକୁ ବିସ୍ତାର କରିବ। ଏଥିପାଇଁ ୨୧୨କୋଟି ବିନିଯୋଗରେ ୧୧୦୭ ଚାକିରି ସୁଯୋଗ ସୃଷ୍ଟି ହେବ। ଭାସ୍କର ଷ୍ଟିଲ୍ ଏବଂ ଫେରୋ ସୁନ୍ଦରଗଡ଼ରେ ୫୩୦କୋଟି ବିନିଯୋଗ କରିବ। ଏଥିରେ ୮୮୦ ନିଯୁକ୍ତି ସୃଷ୍ଟି ହେବ। ଇସ୍ପାତ ଡାଉନ୍‌ଷ୍ଟ୍ରିମ୍ କ୍ଷେତ୍ରରେ ଶ୍ୟାମଶକ୍ତି ମେଟାଲ୍ ପ୍ରାଇଭେଟ ଲିମିଟେଡ୍ ସମ୍ବଲପୁରର ରେଙ୍ଗାଲିରେ ଏକ ଷ୍ଟ୍ରକଚରାଲ୍ ଏବଂ ପାଇପ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଏହାଦ୍ୱାରା ୬୫୦ କୋଟି ବିନିଯୋଗ ଏବଂ ୫୫୨ ନିଯୁକ୍ତି ସୃଷ୍ଟି ହେବ। କ୍ୟାବକନ୍ ଇଣ୍ଡିଆ ଲିମିଟେଡ୍ ସୁନ୍ଦରଗଡ଼ରେ ଆଲୁମିନିୟମ୍ କଣ୍ଡକ୍ଟର, ତାର ରଡ୍, ଏବଂ କେବୁଲ୍ ପାଇଁ ଏକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିପାଇଁ ୧୬୦ କୋଟି ବିନିଯୋଗ ହେବ। ଏହାଦ୍ୱାରା ୧୦୦୦ ଚାକିରି ସୃଷ୍ଟି ହେବ। ଶ୍ରେୟାଶ ଆଲୁମିନିୟମ୍ ଏବଂ ଆଲୋଇସ୍ ପ୍ରାଇଭେଟ ଲିମିଟେଡ୍ ଝାରସୁଗୁଡାରେ ଏକ ଉଚ୍ଚ ଗ୍ରେଡ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଯାହା ୫୨ କୋଟି ବିନିଯୋଗରେ ୧୦୦ ଟି ନିଯୁକ୍ତି ସୃଷ୍ଟି କରିବ।



ରାସାୟନିକ କ୍ଷେତ୍ରରେ ମଧ୍ୟ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏର୍ଟର୍ଷ୍ଟେସ ଫାଇନ କେମିକାଲ୍ସ, ଓଡ଼ିଶା କେମ୍‌ଟେକ୍ ପ୍ରା.ଲି ଆଦି ସଂସ୍ଥା ଏହି କ୍ଷେତ୍ରରେ ନିବେଶ କରିବେ। ସେହିପରି ସବୁଜ ଶକ୍ତି କ୍ଷେତ୍ରରେ ଏନ୍ ଭାଇରୋ କେୟାର, ଇନ୍‌ଫ୍ରା ସଲ୍ୟୁସନ୍ ପ୍ରା.ଲି ବିନିଯୋଗ କରିବାକୁ ଥିବା ବେଳେ ଟେକ୍ସଟାଇଲ୍ କ୍ଷେତ୍ରରେ ହରିଶ ସ୍ପିନର୍ସ ପ୍ରା.ଲି, ଇଣ୍ଡିଆନ୍ ଷ୍ଟିଚେସ ପ୍ରା.ଲି ଆଦି ସଂସ୍ଥାର ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଅପରପକ୍ଷେ ମାନୁଫ୍ୟାକ୍‌ଚରିଂ କ୍ଷେତ୍ରରେ ରଷିଲ୍ ଡେକର ଲିମିଟେଡ୍, ପ୍ରତାପ ସିନ୍ଥେଟିକ୍ ଲିମିଟେଡ୍ ଓ ପ୍ଲାଷ୍ଟିକ୍ ଓ ପ୍ୟାକେଜିଂ କ୍ଷେତ୍ରରେ ଏସ୍‌ଜିବିଏଲ୍, ଇନ୍‌ଫୋସିଷ୍ଟମ ପ୍ରା.ଲି, ଇଷ୍ଟ ଇଣ୍ଡିଆ ପ୍ୟାକେଜିଂ ପ୍ରା.ଲି, କେଏସ୍‌ଭି ପ୍ୟାକେଜିଂ ଆଦି ସଂସ୍ଥା ଓଡ଼ିଶାରେ ବଡ଼ଧରଣର ନିବେଶ କରିବାକୁ ଯାଉଛନ୍ତି। ସେହିପରି ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନନ୍ଦରାଜ ଆଗ୍ରୋଟେକ୍, ଡିଏନ୍- ସିସେଲ୍ସ, ଆଇଟି ଏବଂ ଭିତ୍ତିଭୂମି କ୍ଷେତ୍ରରେ ପଣ୍ଡା ଇଷ୍ଟେଟ୍, ଶୈଳବାଳା ଇନ୍‌ଫ୍ରାଷ୍ଟ୍ରକଚର, ଗୋଦାବରୀ କମୋଡିଟିଜ୍ ଆଦି ସଂସ୍ଥାର ପ୍ରସ୍ତାବକୁ ଅନୁମୋଦନ ମିଳିଛି।

**୧୪ ଜିଲ୍ଲାରେ ସୃଷ୍ଟି ହେବ ୧୯, ୩୬୪ ନିଯୁକ୍ତି ସୁଯୋଗ**

ପହଣ୍ଡି ବେଳେ ମହାପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣା

## ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଗଭୀର ଆଘାତ: ବିଜେଡି

**ଭୁବନେଶ୍ୱର, ୧୦।୭ (ସମିସ):** ମଙ୍ଗଳବାର ପୁରୀରେ ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଛି ତାହା ସାଢ଼େ ୪ କୋଟି ଓଡ଼ିଶାବାସୀ ତଥା ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି। ଏହି ଘଟଣାରେ ସଭିଏଁ ମର୍ମାହତ, ଦୁଃଖିତ ଓ ଲଜ୍ଜିତ ବୋଲି କହିଛନ୍ତି ଭୁବନେଶ୍ୱର ମେୟର ତଥା ବିଜେଡି ନେତ୍ରୀ ସୁଲୋଚନା ଦାସ।

ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଦାସ କହିଛନ୍ତି ଯେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡପମଣ୍ଡପ ବିଜେ ବେଳେ ମହାପ୍ରଭୁ ବଳଭଦ୍ର ମୁହଁ ମାଡ଼ି ତଳେ ପଡ଼ିଯିବା ଘଟଣା ସମସ୍ତଙ୍କ ମନରେ ଗଭୀର ଦୁଃଖ ଓ କଷ୍ଟ ଦେଇଛି। ଏହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଆଦୌ ଗ୍ରହଣଯୋଗ୍ୟ ନୁହଁ। ଏଭଳି ଅକ୍ଷମଣୀୟ ତ୍ରୁଟି କାହିଁକି ହେଲା ତାକୁ ଅନୁଧ୍ୟାନ କରିବା ବଦଳରେ ଉପ-ମୁଖ୍ୟମନ୍ତ୍ରୀ ଏବଂ ଆଇନମନ୍ତ୍ରୀ ଦାୟିତ୍ୱହୀନ ମନ୍ତବ୍ୟ ପ୍ରଦାନ କରିଛନ୍ତି। ଏହାକୁ ମହାପ୍ରଭୁଙ୍କ ଇଛା ବୋଲି ସେମାନେ ରଖିଥିବା ଉକ୍ତି କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଉପହାସ କରିଛି। ଏଭଳି ପ୍ରତିକ୍ରିୟା ସଭିଁଙ୍କ ମନରେ ଗଭୀର ଆଘାତ ଦେଇଛି ବୋଲି ସୁଲୋଚନା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆମେ ଆଶା କରୁଛୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ରଥଯାତ୍ରାର ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମାପନ କରିବାକୁ ସରକାର ଯତ୍ନବାନ ହେବେ। ଏଥିପାଇଁ ଆମେ ସଭିଁଙ୍କୁ ନିବେଦନ କରୁଛୁ ବୋଲି ଦଳ ପକ୍ଷରୁ ଶ୍ରୀମତୀ ଦାସ କହିଛନ୍ତି।

- ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀ ମର୍ମାହତ, ଦୁଃଖିତ ଏବଂ ଲଜ୍ଜିତ
- ଉପ-ମୁଖ୍ୟମନ୍ତ୍ରୀ ଏବଂ ଆଇନମନ୍ତ୍ରୀଙ୍କ ମନ୍ତବ୍ୟ ଦାୟିତ୍ୱହୀନ
- ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସୁଚାରୁ ସମ୍ପାଦନ ହେଉ



## ପୂର୍ବ ଶତ୍ରୁତାରୁ ଗର୍ଜିଲା ଗୁଳି; ଯୁବକ ମୃତ

**କବିସୂର୍ଯ୍ୟନଗର,୧୦।୭ (ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ ବୁଧବାର ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ଗୁଳି ମାରି ହତ୍ୟା କରାଯାଇଛି। ମୃତକ ହେଲେ ତ୍ରିନାଥ ମଲ୍ଲିକ। ବୁଧବାର ଅପରାହ୍ନ ସାଢ଼େ ୪ଟା ବେଳେ ତ୍ରିନାଥ, ହରିହର କଳାକେନ୍ଦ୍ରରୁ ଏକାଦଶାହ ଭୋଜି ଖାଇ ଜଟେଶ୍ୱର ପୋଖରୀ ହିଡ଼ ଅର୍ଥାତ ବୃନ୍ଦାବତୀ ବିଦ୍ୟାପୀଠ ନିକଟ ଚନ୍ଦିନୀ ବସି ତାସ ଖେଳୁଥିଲା। ସେହି ସମୟରେ ଜଣେ ଦୁର୍ବୃତ୍ତ ଅତି ନିକଟକୁ ଆସି ତାଙ୍କ ମୁଣ୍ଡ ଓ ଛାତିକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେ ଟଳି ପଡ଼ିଥିଲେ। ଘଟଣାସ୍ଥଳରୁ ପୁଲିସ ହଳେ ଜୋତା, ଖୋକା, ମୋବାଇଲ ଉଦ୍ଧାର କରିବା ସହ ମୃତଶରୀର ଜବତ କରିଛି। ଘଟଣାସ୍ଥଳରେ କବିସୂର୍ଯ୍ୟନଗର ଆଇଆଇସି, ପୁରୁଷୋତ୍ତମପୁର ଏସ୍‌ଡିପିଓ ପହଞ୍ଚି ତଦନ୍ତ ଚଳାଇଛନ୍ତି। ମୁଖ୍ୟତଃ ଚାନ୍ଦା ଆଦାୟକୁ କେନ୍ଦ୍ର କରି ଘଟଣା ଘଟିଥିବା ଜଣାପଡ଼ିଛି। ଦେଢ଼ ମାସ ପୂର୍ବରୁ ତାକୁ ମାରିବା ପାଇଁ ଆସାମୀ ସୁଯୋଗ ଖୋଜୁଥିଲେ। ମୃତକଙ୍କ ବାପା ବାସୁ ମଲ୍ଲିକ ଶାସ୍ତ୍ରୀ ରୋଡର ଜୈନକ ପାନ ଦୋକାନୀ। ତା ଭାଇ ଏହି କାଣ୍ଡ ଭିଆଇଥିବା ଅଭିଯୋଗ ହୋଇଛି। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

## ଦୂଷିତ ପାଣି ପିଇ ୪୦ ଛାତ୍ର ଡାଇରିଆରେ ଆକ୍ରାନ୍ତ

**କଳାବାଡ଼ିଆ, ୧୦।୭ (ସମିସ):** ବାଙ୍ଗିରିପୋଷି ବ୍ଲକ ଧୋବଣୀଶୋଳ ମା' ବାସନ୍ତୀ ଦେବୀ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରାବାସରେ ୪୦ ଜଣ ଛାତ୍ର ହଠାତ୍ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରାବାସରେ ଗତରାତିରୁ ଜଣେ ପରେ ଜଣେ ତରଳ ଝାଡ଼ାରେ ଆକ୍ରାନ୍ତ ହୋଇଥିଲେ। ଧୋବଣୀଶୋଳର ସ୍ୱାସ୍ଥ୍ୟ କର୍ମୀ ଝୁନିତା ବେହେରାଙ୍କ ଠାରୁ ଖବର ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଲକ୍ଷ୍ମୀପ୍ରିୟା ପ୍ରଧାନ ଏକ ୬ ଜଣିଆ ଡାକ୍ତରୀ ଟିମ୍ ଘଟଣାସ୍ଥଳକୁ ପଠାଇ ଚିକିତ୍ସା କରାଇଛନ୍ତି। ହଷ୍ଟେଲରେ ଥିବା ପାଣି ଟାଙ୍କି ସଫାକରି ଫୁଟେଇ ପାଣିକୁ ପିଇବାକୁ ଡାକ୍ତରୀ ଦଳ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ଔଷଧ ସହିତ ବ୍ଲିଚିଂ, ଓଆରଏସ ଛାତ୍ରମାନଙ୍କୁ ଦିଆଯାଇଛି। ବୋରୱେଲରୁ ଗୋଳିଆ ପାଣି ବାହାରୁ ଥିବାରୁ ସବୁ ସମୟରେ ଛାତ୍ରମାନେ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ପାଣି ଡାଇରିଆର ମୂଳ କାରଣ ହୋଇ ଥାଇପାରେ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଲକ୍ଷ୍ମୀପ୍ରିୟା ପ୍ରଧାନ କହିଛନ୍ତି। ପାଣିର ନମୁନା ନିଆଯାଇଛି ଏବଂ ଖାଦ୍ୟକୁ ବି ଅଣଦେଖା କରାଯାଇ ନ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। କୌଣସି ଛାତ୍ର ଗୁରୁତର ନାହାଁନ୍ତି ବୋଲି ପ୍ରଧାନଶିକ୍ଷକ ଶଙ୍କର ସାହୁ କହିଛନ୍ତି। ଡାକ୍ତରୀ ଦଳରେ ଆୟୁଷ ଡା. ପ୍ରଣବ ମାହାନା, ନିରୂପମା ପଣ୍ଡା ସହିତ ସ୍ୱାସ୍ଥ୍ୟକର୍ମୀ ଦେବସ୍ମିତା ଗିରି, ଝୁନିତା ବେହେରା, ସୁମନ୍ତ କୁମାର ଗୋଛାୟତ ଓ ସୁପରଭାଇଜର ଦେବସ୍ମିତା ଗିରି ରହି ଚିକିତ୍ସା କରିଥିଲେ।



**ପାଣି ଟାଙ୍କିରୁ ବ୍ୟାପିଥିଲା ଡାଇରିଆ**

## ସିବିଆଇ ଜାଲରେ କେନ୍ଦ୍ରୀୟ ଜିଏସ୍‌ଟି ଅଧିକାରୀ

**ବ୍ରହ୍ମପୁର, ୧୦।୭ (ସମିସ):** ଜଣେ ଠିକାଦାରଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ହାତରେ ଧରାପଡ଼ିଛନ୍ତି ବ୍ରହ୍ମପୁରସ୍ଥିତ କେନ୍ଦ୍ରୀୟ ଜିଏସଟି କାର୍ଯ୍ୟାଳୟର ଅଧୀକ୍ଷକ ମନୋଜ କୁମାର ସୁବୁଦ୍ଧି। ଆଶିଷ ପଣ୍ଡା ନାମକ ଜଣେ ଠିକାଦାରଙ୍କଠାରୁ ୧ଲକ୍ଷ ୭୬ ହଜାର ଟଙ୍କାର ଜିଏସଟି ବିଲର ରିଫଣ୍ଡ ଅର୍ଥ ବାବଦ ବିଲ ପାସ କରିବାକୁ ଅଧୀକ୍ଷକ ଶ୍ରୀ ସୁବୁଦ୍ଧି ୨୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଶେଷରେ ୧୫ ହଜାର ଟଙ୍କାରେ କଥା ଛିଡ଼ିଥିଲା। ଏ ସଂପର୍କରେ ଆଶିଷ ଭୁବନେଶ୍ୱର ସିବିଆଇରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ, ବୁଧବାର ଠିକାଦାର ଜଣକ ୧୫ହଜାର ଟଙ୍କା ଦେବା ବେଳେ ଅଧୀକ୍ଷକ ମନୋଜଙ୍କୁ ସିବିଆଇ ଅଧିକାରୀମାନେ ମାଡ଼ି ବସିଥିଲେ। ସିବିଆଇର ୧୨ରୁ ଅଧିକ ଅଧିକାରୀଙ୍କ ଏକ ସ୍ୱତନ୍ତ୍ର ଟିମ୍ ବ୍ରହ୍ମପୁର ଅନନ୍ତ ନଗର ୫ମ ଲାଇନ ସ୍ଥିତ କେନ୍ଦ୍ରୀୟ ଜିଏସଟି ଡିଭିଜନ କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ଖବର ଲେଖା ହେବା ସୁଦ୍ଧା ତନାଘନା ଜାରି ରହିଥିବା ଜଣାପଡ଼ିଛି।

## ଭିଜିଲାନ୍ସ ଜାଲରେ ଆର୍‌ଆଇ

**କୋଟଗଡ଼, ୧୦।୭ (ସମିସ):** ଜଣେ ବ୍ୟକ୍ତିଙ୍କ ଜମି ପଟ୍ଟା ବାବଦରେ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ ରାଜସ୍ୱ ଦିଲୀପ ସାହୁ। କନ୍ଧମାଳ ଜିଲ୍ଲା କୋଟଗଡ଼ ତହସିଲ ଦୁର୍ଗାପଙ୍ଗା ଅଞ୍ଚଳର ଆର୍‌ଆଇ ଶ୍ରୀ ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି। ସୂଚନା ଅନୁଯାୟୀ, ଆରଆଇ ଜଣଙ୍କ ଜମିପଟ୍ଟା କାଗଜପତ୍ର ହସ୍ତାନ୍ତରଣ କରିବା ବାବଦରେ ବେଆଇନ ଭାବେ ୫ ହଜାର ଟଙ୍କା ଦାବି କରିଥିଲେ। ଏହି ଘଟଣାକୁ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ଅଭିଯୋଗକାରୀ। ଖବର ପାଇ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା। ଆରଆଇ ଜଣଙ୍କ ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଟଙ୍କା ସହ ତାଙ୍କୁ ଧରିଲେ ଭିଜିଲାନ୍ସ ଟିମ୍। ଆରଆଇଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲା ରୁଜୁ ହେବା ସହ କୋଟଗଡ଼ରେ ଥିବା ଆରଆଇ ଶ୍ରୀ ସାହୁଙ୍କ ସରକାରୀ ବାସଭବନ ସମେତ ନିଜ ଘର ଖଜୁରୀପଡ଼ାରେ ମଧ୍ୟ ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି।



**ଜମି ପଟ୍ଟା କରାଇ ଦେବାକୁ ନେଉଥିଲେ ୫ ହଜାର ଲାଞ୍ଚ**

ଭିତରକନିକାରେ ୧୧୪ କୁମ୍ଭୀର ବସା ଚିହ୍ନଟ

## କନିକା ରେଞ୍ଜରୁ ୫୪ କୁମ୍ଭୀର ଅଣ୍ଡା ସଂଗ୍ରହ

**ରାଜନଗର,୧୦।୭ (ସମିସ):** ଭିତରକନିକା ଜାତୀୟ ଉଦ୍ୟାନର ନଦୀ, ନାଳ ମାନଙ୍କରେ ବାସ କରୁଥିବା ବିରଳ ବଉଳା କୁମ୍ଭୀରଙ୍କ ୧୧୪ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ଏଥିସହ ଜୁଆର ପାଣି ମାଡି ଯାଇଥିବା କୁମ୍ଭୀର ବସାରୁ ୫୪ଟି ଅଣ୍ଡାରୁ କୃତ୍ରିମ ଉପାୟରେ ଛୁଆ ଫୁଟାଇବା ପାଇଁ ଡାଙ୍ଗମାଳସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ପକ୍ରିୟା ଆରମ୍ଭ ହୋଇଛି।

**ପ୍ରାକୃତିକ ଉପାୟରେ ଛୁଆ ଫୁଟାଇବାକୁ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ପ୍ରକ୍ରିୟା ଆରମ୍ଭ**

ପ୍ରତିବର୍ଷ ମଇ ୧ତାରିଖ ଠାରୁ ଜୁଲାଇ ୩୧ ତାରିଖ ଯାଏ ଦୀର୍ଘ ୩ମାସ ଧରି ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ପକ୍ରିୟା ଜାରି ରହିଥାଏ। ମାଆ କୁମ୍ଭୀର ଅନ୍ତସତ୍ତ୍ୱା ହେବା ପରେ ଅଣ୍ଡା ଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାଏ। ନାଳଠାରୁ ଉଚ୍ଚା ସ୍ଥାନରେ ବସା କରିଥାଏ। ଖରଖରି ପତ୍ର ଓ କାଠି କୁଟାକୁ ସଂଗ୍ରହ କରି ୨ ଫୁଟ ଉଚ୍ଚର ଗଦା କରିଥାଏ। ଗଦା ଉପରେ ମା' କୁମ୍ଭୀର ଅଣ୍ଡା ଦେବାପରେ ତା' ଉପରେ ପୁଣି ଖରଖରି ପତ୍ର ଓ କାଠି କୁଟା ଘୋଡାଇ ଦେଇଥାଏ। ପ୍ରତ୍ୟେକ କୁମ୍ଭୀର ୪୦ରୁ ୬୦ଟି ଅଣ୍ଡା ଦେଇଥାଏ। ଅଣ୍ଡା ଦେବାର ୭୫ ଦିନ ମଧ୍ୟରେ ଛୁଆ ବାହାରିଥାଏ। କୁମ୍ଭୀର ଅଣ୍ଡା ଦେବା ପରେ ବସା ଉପରେ, ବସା ପାଖରେ କିମ୍ବା ୫/୧୦ଫୁଟ ଦୂରତା ମଧ୍ୟରେ ବସାକୁ ଜଗି ରହିଥାଏ। ଖାସ ଏହି କାରଣରୁ ବନବିଭାଗ ପକ୍ଷରୁ ପ୍ରତିବର୍ଷ ମଇ ୧ ତାରିଖରୁ ଜୁଲାଇ ୩୧ ତାରିଖ ଯାଏ ୩ମାସ ଧରି ଭିତରକନିକାକୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥାଏ। ଚଳିତ ବର୍ଷ ୧୧୪ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ଜୁନ ପ୍ରଥମ ସପ୍ତାହରୁ ବନ କର୍ମଚାରୀ ଜଙ୍ଗଲ ମଧ୍ୟରେ ବୁଲି ବୁଲି କୁମ୍ଭୀର ବସା ଚିହ୍ନଟ କରିବା ସହ ଜିପିଏସ୍ ଲୋକେସେନରେ ଫଟୋ ଉଠାଇଥାନ୍ତି।

ଚଳିତ ବର୍ଷ ଚିହ୍ନଟ ହୋଇଥିବା ୧୧୪ଟି କୁମ୍ଭୀର ବସା ମଧ୍ୟରୁ କନିକା ରେଞ୍ଜରେ ୧୦୨ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବା ବେଳେ ରାଜନଗର ରେଞ୍ଜରେ ୧୦ଟି, ଗହୀରମଥା ରେଞ୍ଜ ଅଞ୍ଚଳରେ ୧ଟି, ମହାକାଳପଡ଼ା ରେଞ୍ଜ ଅଞ୍ଚଳରେ ୧ଟି କୁମ୍ଭୀର ବସା ଚିହ୍ନଟ କରାଯାଇଛି। ଗତବର୍ଷ ଗତବର୍ଷ ୧୨୨ ବସା ମଧ୍ୟରୁ କନିକା ରେଞ୍ଜରେ ୧୦୭ଟି ଓ ରାଜନଗର ରେଞ୍ଜରେ ୧୨ଟି, ଗହୀରମଥାରେ ୧ଟି ଓ ମହାକାଳପଡ଼ାରେ ଗୋଟିଏ କୁମ୍ଭୀର ବସା ଚିହ୍ନଟ ହୋଇଥିଲା। ଚଳିତବର୍ଷ କନିକା ଓ ରାଜନଗର ରେଞ୍ଜରେ କୁମ୍ଭୀର ବସା ସଂଖ୍ୟା କମିଛନ୍ତି। ସେହିପରି ୨୦୧୮ରେ ୧୦୧ଟି, ୨୦୧୯ରେ ୧୦୩ଟି, ୨୦୨୦ରେ ୧୦୩ଟି, ୨୦୨୧ରେ ୮୪ଟି ୨୦୨୩ରେ ୧୨୨ କୁମ୍ଭୀର ବସା ଚିହ୍ନଟ ହୋଇଥିଲା।

ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳ ଠାରେ ବଉଳା କୁମ୍ଭୀର ମାନଙ୍କର ବଂଶରକ୍ଷା, ବଂଶବୃଦ୍ଧି ଓ ଗବେଷଣା ପାଇଁ କୁମ୍ଭୀର ପ୍ରଜନନ କେନ୍ଦ୍ର ରହିଛି। ୧୯୭୫ ମସିହାରୁ ଏହା କାର୍ଯ୍ୟକାରୀ ହେଉଛି। ପ୍ରତିବର୍ଷ ନଷ୍ଟ ହୋଇଯାଇଥିବା କୁମ୍ଭୀର ବସାରୁ ଅଣ୍ଡା ସଂଗ୍ରହ କରାଯାଇ ପ୍ରାକୃତିକ ଉପାୟରେ ଛୁଆ ଫୁଟା ଯାଇଥାଏ। କନିକା ରେଞ୍ଜ ଅଞ୍ଚଳରୁ ଜୁଆର ମାଡିଯାଇ ନଷ୍ଟ ହୋଇଯାଇଥିବା କୁମ୍ଭୀର ବସାରୁ ୫୪ଟି ଅଣ୍ଡା ସଂଗ୍ରହ କରାଯାଇଛି। ଏସିଏଫ୍ ମାନସ କୁମାର ଦାସଙ୍କ ନେତୃତ୍ୱରେ ବନକର୍ମଚାରୀ ହେମନ୍ତ ପାଣିଗ୍ରାହୀ, ଯଶୋବନ୍ତ ବେହେରା ପ୍ରମୁଖ ବସା ନିକଟରେ ଅତି ସତର୍କତାର ସହିତ ୫୪ଟି ଅଣ୍ଡା ସଂଗ୍ରହ କରିଛନ୍ତି। ଏହି ଅଣ୍ଡାକୁ ପ୍ରଜନନ କେନ୍ଦ୍ରରେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଖରଖରି ଓ ହେନ୍ତାଳ ପତ୍ରକୁ ଘୋଡାଇ ରଖାଯାଇଛି। କୁମ୍ଭୀର ଅଣ୍ଡା ଗୁଡ଼ିକୁ ୩୨ରୁ ୩୩ ଡିଗ୍ରୀ ତାପମାତ୍ରାରେ ରଖାଯାଇଛି। ପ୍ରତି ୨ ଘଣ୍ଟାରେ ଥରେ ତାପମାତ୍ରା ମପାଯାଉଛି। ଅଧିକ ତାପମାତ୍ରାରେ ଅଣ୍ଡିରା କୁମ୍ଭୀର ଓ କମ ତାପମାତ୍ରାରେ ମାଈ କୁମ୍ଭୀର ଜନ୍ମ ହୋଇଥାଏ। କୁମ୍ଭୀର ପ୍ରଜନନ କେନ୍ଦ୍ରରେ କୁମ୍ଭୀର ଛୁଆକୁ ୪ ବର୍ଷ ଲାଳନ ପାଳନ କରି ବଡ କରାଯାଇଥାଏ। ୩ ଫୁଟରୁ ଅଧିକ ଲମ୍ବ ହେଲେ ଏମାନଙ୍କୁ ସୁରକ୍ଷିତ ଭାବେ ନଦୀ, ନାଳ ମାନଙ୍କରେ ଛଡା ଯାଇଥାଏ। ଯେଉଁ ସମୟରେ କି କୁମ୍ଭୀର ଛୁଆ ଚାଲାଖ ହୋଇ ଯାଇଥାଏ ଓ ନିଜକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବାର କ୍ଷମତା ରଖିଥାଏ। ଚଳିତବର୍ଷ ଭିତରକନିକାରେ ୧୧୪ କୁମ୍ଭୀର ବସା ଚିହ୍ନଟ କରାଯାଇଥିବା ନେଇ ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ସୂଚନା ଦେଇଛନ୍ତି।



## ବାଲିଶଯ୍ୟା ନିଲାମ ନୋଟିସ୍‌କୁ ଚ୍ୟାଲେଞ୍ଜ

**ବାରିପଦା, ୧୦।୭ (ସମିସ):** ମୟୂରଭଞ୍ଜ ଜିଲ୍ଲାର ବେତନଟୀ ତହସିଲ ଅନ୍ତର୍ଗତ ବୁଢ଼ାବଳଙ୍ଗ ବାଲିଶଯ୍ୟା-୧ର ଉତ୍ସକୁ ୫ ବର୍ଷ ଲିଜ୍ ପାଇଁ ପ୍ରକାଶିତ ୨୦୨୪ ଜୁନ୍ ୨୦ର ବିଜ୍ଞପ୍ତିକୁ ବିରୋଧ କରି ଦାୟର ମାମଲାକୁ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ବିଚାର ପାଇଁ ଗ୍ରହଣ କରିଛନ୍ତି। ଏନ୍‌ଜିଟି ମାମଲାରେ ରାଜ୍ୟ ସରକାର, ମୟୂରଭଞ୍ଜ ଜିଲ୍ଲାପାଳ, ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (ଏସଇଆଇଏଏ), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଅନ୍ୟମାନଙ୍କୁ ନୋଟିସ୍ ଜାରି କରି ୪ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟି ବିବେକାନନ୍ଦ ପଟ୍ଟନାୟକଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଗଷ୍ଟ ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ୪.୯୮ ହେକ୍ଟର ଅଞ୍ଚଳ ବିଶିଷ୍ଟ ବୁଢାବଳଙ୍ଗ ବାଲି ଶଯ୍ୟା-୧ ବେତନଟୀ ତହସିଲ ଅନ୍ତର୍ଗତ ବେଲାଣପୁରା-ମଧୁନଣ୍ଡା-ଢେଁଫୌଦା ବାଲି ସୌରତକୁ ୫ ବର୍ଷ ପାଇଁ ନିଲାମ ଲାଗି ୨୦୨୪, ଜୁନ୍ ୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନୋଟିସରେ ଏହି ଉତ୍ସ ୫ହେକ୍ଟରରୁ କମ୍ ବୋଲି ଉଲ୍ଲେଖ କରାଯାଇଥିଲା। ଅନ୍ତରୀଣ ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସ୍‌ଆର୍) ରେ ଏହା ୫.୦୧ ହେକ୍ଟର ବୋଲି ଉଲ୍ଲେଖ ରହିଛି। ଇତିମଧ୍ୟରେ ସଂଶୋଧିତ ଡିଏସ୍‌ଆର୍ ମୟୂରଭଞ୍ଜ ଜିଲ୍ଲାପାଳ ଉପସ୍ଥାପନ କରି ନଥିବା ବେଳେ ଏସ୍‌ଇଆଇଏଏ ମଧ୍ୟ ଏହି ପ୍ରସଙ୍ଗରେ ଅନୁମୋଦନ ଦେଇ ନାହିଁ ବୋଲି ଦର୍ଶାଇ ଏନ୍‌ଜିଟରେ ଏହି ମାମଲା ରୁଜୁ ହୋଇଛି। ଖଣିଜ ଲିଜ୍ ପୂର୍ବରୁ ଡିଏସ୍‌ଆର୍ ବାଧ୍ୟତାମୂଳକ। ଡିଏସ୍‌ଆର୍ ଅନୁପସ୍ଥିତିରେ ଜୁନ ୨୦ରେ ପ୍ରକାଶିତ ନିଲାମ ନୋଟିସ୍ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

**ଏନ୍‌ଜିଟିଙ୍କ ଜବାବ ତଲବ**



### ରୁଷ୍ ବିରୋଧରେ ଆମେରିକାରେ ନାଟୋ ଦେଶ ଏକାଠି

# ପୁଟିନଙ୍କୁ ଅଟକାଇବ ୟୁକ୍ରେନ: ବାଇଡେନ



- ସମ୍ପୂର୍ଣ୍ଣ କ୍ଷମତା ସହ ୟୁକ୍ରେନକୁ ସୁରକ୍ଷା ଦେବୁ
- ଲଢ଼ିବା ପାଇଁ ଦିଆଯିବ ମିସାଇଲ ସିଷ୍ଟମ
- ସହଯୋଗୀ ଦେଶ ଦେବେ ଏଫ୍-୧୬ ବିମାନ
- ନାଟୋ କାର୍ଯ୍ୟାନୁଷ୍ଠାନ ବିଶ୍ୱ ପାଇଁ ବିପଦ: ଚୀନ୍

ୱାଶିଂଟନ, ୧୦।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ୍ ଗସ୍ତକୁ ଆମେରିକା ବିରୋଧ କରିଛି। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟି ମୋଦୀ ଅଷ୍ଟ୍ରିଆ ଯିବାକୁ ବାହାରୁଥିବାବେଳେ ୭୫ ବର୍ଷ ପୂର୍ତ୍ତି ପାଳନ ପାଇଁ ନାଟୋ ଦେଶଗୁଡ଼ିକ ଆମେରିକାରେ ଏକାଠି ହୋଇଛନ୍ତି। ଏଠାରେ ସମସ୍ତେ ମିଶି ରୁଷ୍ ବିରୋଧରେ ରଣନୀତି ବନାଇଛନ୍ତି। ଗସ୍ତକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମାଲୋଚନା କରିଥିବା ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ମଧ୍ୟ ନାଟୋର ସଦସ୍ୟ ନ ହୋଇ ଏହି ସମ୍ମିଳନୀରେ ସାମିଲ ହୋଇଛନ୍ତି। ଗୋଟିଏ ପଟେ ପୁଟିନ ମୋଦୀଙ୍କୁ ରୁଷ୍‌ର ସର୍ବୋଚ୍ଚ ୧୦ ବର୍ଷ ପର୍ଯ୍ୟନ୍ତ ନାଟୋ ମୁଖ୍ୟ ରହିଥିବା ଜେନ୍ସ ଷ୍ଟୋଲଟେନବର୍ଗଙ୍କୁ ଆମେରିକାର ସର୍ବୋଚ୍ଚ ବେସାମରିକ ସମ୍ମାନ ଦେଇ ସମ୍ମାନିତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି କହିଥିବାବେଳେ ୟୁକ୍ରେନକୁ ବଞ୍ଚାଇବା ପାଇଁ ରୁଷ୍ ବିରୋଧରେ ସମ୍ପୂର୍ଣ୍ଣ କ୍ଷମତା ଲଗାଇ ଦେବେ ବୋଲି ବାଇଡେନ କହିଛନ୍ତି।

ନାଟୋ ସମ୍ମିଳନୀ ଆରମ୍ଭରେ ବାଇଡେନ ଘୋଷଣା କରି କହିଛନ୍ତି ଯେ ରୁଷ୍ ବିରୋଧୀ ଯୁଦ୍ଧରେ ଲଢ଼ିବା ପାଇଁ ୟୁକ୍ରେନକୁ ୫ଟି ଆଧୁନିକ ଏୟାର ଡିଫେନ୍ସ ସିଷ୍ଟମ ପ୍ରଦାନ କରାଯିବ। ଏହି ଯୁଦ୍ଧ ମଧ୍ୟରେ ସାମରିକ ସଂଗଠନ ନାଟୋ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ଏହି ସଂଗଠନ ଏବେ ସବୁଠାରୁ ମଜବୁତ ସ୍ଥିତିରେ ଅଛି। ଆମେରିକା, ଜର୍ମାନୀ, ଇଟାଲୀ, ନେଦରଲାଣ୍ଡ ଏବଂ ରୋମାନିଆ ସହ ୟୁକ୍ରେନକୁ ପ୍ୟାଟ୍ରିୟଟ ମିସାଇଲ ସିଷ୍ଟମ ଏବଂ ଅନ୍ୟ ଉପକରଣ ପ୍ରଦାନ କରାଯିବ। ସେହିପରି ଆମେରିକା ବିଦେଶ ସଚିବ ଆଣ୍ଟୋନି ବ୍ଲିଙ୍କେନ କହିଛନ୍ତି ଯେ ନାଟୋର ସହଯୋଗୀ ଦେଶଗୁଡ଼ିକ ଖୁବଶୀଘ୍ର ୟୁକ୍ରେନକୁ ଏଫ-୧୬ ଲଢୁଆ ବିମାନ ପ୍ରଦାନ କରିବେ।

ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ମଧ୍ୟ ନାଟୋ ବୈଠକରେ ସାମିଲ ହୋଇଛନ୍ତି। ସେ କହିଛନ୍ତି ଯେ ବ୍ରିଟେନ ଦେଇଥିବା କ୍ଷେପଣାସ୍ତ୍ର (ଷ୍ଟାର୍ମ ସ୍ୟାଡୋ) କୁ ୟୁକ୍ରେନ ରୁଷ୍ ବିରୋଧରେ ବ୍ୟବହାର କରିପାରିବ। ଆତ୍ମରକ୍ଷା ପାଇଁ ୟୁକ୍ରେନକୁ ଏହି ମିସାଇଲ ସିଷ୍ଟମ ଦିଆଯାଇଛି। ଏହାକୁ କେମିତି ବ୍ୟବହାର କରାଯିବା ତାହାର ନିଷ୍ପତ୍ତି ୟୁକ୍ରେନ ନେବ। ଅନ୍ୟପକ୍ଷରେ ଏହି ସମ୍ମିଳନୀ ଆରମ୍ଭରୁ ନାଟୋ ମୁଖ୍ୟ ଚୀନ୍ ରୁଷ୍‌କୁ ସହାୟତା ଦେଉଥିବା ନେଇ ଅଭିଯୋଗ କରିଥିଲେ। ଚୀନ୍ ଏହା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଚୀନ୍ ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ଲିନ ଜିୟାନ କହିଛନ୍ତି ଯେ ନାଟୋ ଅନ୍ୟ ଦେଶର ସୁରକ୍ଷାକୁ ବାଜିରେ ଲଗାଉଛି। ନାଟୋର କାର୍ଯ୍ୟାନୁଷ୍ଠାନ ସାରା ବିଶ୍ୱରେ ବିପଦ ସୃଷ୍ଟି କରୁଛି।

## ମୋଦୀଙ୍କ ରୁଷ୍ ଗସ୍ତକୁ ନେଇ ଉଦ୍‌ବେଗ ପ୍ରକାଶ କଲା ଆମେରିକା



ନ୍ୟୁୟର୍କ,୧୦।୭(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରୁଷ୍ ଗସ୍ତ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଆତିଥ୍ୟ ଗ୍ରହଣ, ରୁଷ୍-ଭାରତ ମୈତ୍ରୀକୁ ନୂଆ ଉଚ୍ଚତାକୁ ନେବା ପାଇଁ ଉଭୟ ଦେଶଙ୍କ ପ୍ରତିବଦ୍ଧତା ଆଦି ନେଇ ରୁଷ୍-ବିରୋଧୀ ପାଶ୍ଚାତ୍ୟ ଦେଶମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆମେରିକାର ବାଇଡେନ୍ ପ୍ରଶାସନ ମୋଦୀଙ୍କ ରୁଷ୍ ଗସ୍ତକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି। ପେଣ୍ଟାଗନ୍ ପ୍ରେସ୍ ସଚିବ ମେଜର୍ ଜେନେରାଲ୍ ପାଟ୍ ରାଏଡର ଗତକାଲି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଭାରତ ହେଉଛି ଆମେରିକାର ରଣନୈତିକ ଅଂଶୀଦାର। ଆମେରିକାର ବିଶ୍ୱାସ, ୟୁକ୍ରେନ ପାଇଁ ଦୀର୍ଘସ୍ଥାୟୀ ନ୍ୟାୟୋଚିତ ଶାନ୍ତି ନିମନ୍ତେ ହେଉଥିବା ପ୍ରଚେଷ୍ଟାକୁ ଭାରତର ସମର୍ଥନ ମିଳିବ। ରୁଷ୍-ଭାରତ ମୈତ୍ରୀ ସମ୍ପର୍କ ଅତି ପୁରୁଣା। ୟୁକ୍ରେନ ଉପରେ ଆକ୍ରମଣ କରି ରୁଷ୍ ବିଶ୍ୱରେ ଏକଘରିଆ ହୋଇପଡ଼ିଛି। ରୁଷ୍‌କୁ ସେଥିପାଇଁ ଉଚ୍ଚ ମୂଲ୍ୟ ଦେବାକୁ ପଡ଼ିଛି। ଏବେ ପ୍ରଧାନମନ୍ତ୍ରୀ ମୋଦୀ ରୁଷ୍ ଯିବାରୁ ରାଷ୍ଟ୍ରପତି ପୁଟିନ ରୁଷ୍ ଏକାକୀ ନୁହେଁ ବୋଲି ଯଦି କହିବେ ତେବେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ଦେଶ ଭାରତର ପ୍ରଧାନମନ୍ତ୍ରୀ ଯଦି ରୁଷ୍ ଯାଇ ଦ୍ୱିପାକ୍ଷିକ ସହଯୋଗକୁ ପ୍ରସାରିତ କରିବାକୁ ପ୍ରୟାସ କରନ୍ତି, ତେବେ ପୁଟିନ ବାସ୍ତବରେ ଏକାକୀ ନୁହଁନ୍ତି-ଏପରି ଅର୍ଥ କରାଯିବନି କି ବୋଲି ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ମେଜର୍ ଜେନେରାଲ୍ ରାଏଡର୍ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ୟୁକ୍ରେନ ରାଷ୍ଟ୍ରପତି ଭଲଦୋମିର ଜେଲେଁସ୍କିଙ୍କୁ ଭେଟିଥିଲେ ଓ ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଯଥା ସମ୍ଭବ ପ୍ରୟାସ କରିବେ ବୋଲି ଜେଲେଁସ୍କିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆମେରିକା ତଥା ପେଣ୍ଟାଗନ୍‌ର ବିଶ୍ୱାସ, ଜାତିସଂଘ ଅଧିକାରପତ୍ର(ୟୁଏନ୍ ଚାର୍ଟର୍), ସର୍ବଭୌମତ୍ୱ ଓ ଭୌଗୋଳିକ ଅଖଣ୍ଡତାକୁ ମାନିବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ପୁଟିନଙ୍କୁ ବୁଝାଇବେ।

## ସପ୍ତାହକ ଭିତରେ ଶମ୍ଭୁ ସୀମା ଖୋଲିବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୦।୭(ଏଜେନ୍ସି):ଏକ ସପ୍ତାହ ଭିତରେ ପଞ୍ଜାବ-ହରିୟାଣା ଶମ୍ଭୁ ସୀମା ଖୋଲିବାକୁ ପଞ୍ଜାବ-ହରିୟାଣା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଚାଷୀ ଆନ୍ଦୋଳନ ସମୟରେ ଏହି ସୀମାକୁ ହରିୟାଣା ସରକାର ବନ୍ଦ କରିଦେଇଥିଲେ। ଏହି ସମୟରେ ପଞ୍ଜାବରୁ ଦିଲ୍ଲୀ ଯିବାକୁ ଚାହୁଁଥିବା ହଜାର ହଜାର ଚାଷୀ ଶମ୍ଭୁ ସୀମା ନିକଟରେ ଧାରଣା ଦେଇଥିଲେ। କିନ୍ତୁ ଚାଷୀ ଆନ୍ଦୋଳନ ୪ ମାସରୁ ଅଧିକ ସମୟ ଧରି ବନ୍ଦ ରହିଥିଲା ବେଳେ ଏହି ସୀମାକୁ ଖୋଲଯାଉ ନାହିଁ। ଏହି ବିଷୟକୁ ନେଇ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସପ୍ତାହକ ମଧ୍ୟରେ ଶମ୍ଭୁ ସୀମା ଖୋଲିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ନିଷ୍ପତ୍ତିକୁ କୃଷକ ମହଲ ସ୍ୱାଗତ କରିଛି।

## ରୁଷ୍-ଭାରତ ମଧ୍ୟରେ ୯ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ,୧୦।୭(ଏଜେନ୍ସି): ମସ୍କୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଉପସ୍ଥିତିରେ ଗତକାଲି ରୁଷ୍-ଭାରତ ମଧ୍ୟରେ ୯ଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୨୦୨୪ରୁ ୨୦୨୯ ଯାଏଁ ରୁଷର ସୁଦୂର ପୂର୍ବାଞ୍ଚଳରେ ଅର୍ଥନୈତିକ,ବାଣିଜ୍ୟିକ ଓ ନିବେଶ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ରୁଷର ମେରୁମଣ୍ଡଳୀୟ ଅଞ୍ଚଳରେ ମିଳିତ ନିବେଶରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଯିବା ହେଉଛି ଏହି ଚୁକ୍ତିର ଲକ୍ଷ୍ୟ। ଇନ୍‌ଭେଷ୍ଟ ଇଣ୍ଡିଆ ଓ ରୁଷର ପ୍ରତ୍ୟକ୍ଷ ନିବେଶ ଫଣ୍ଡ ପରିଚାଳନା କରୁଥିବା ସଂସ୍ଥା ଜେଏସ୍‌ସି ମଧ୍ୟରେ ଜଏଣ୍ଟ ଇନ୍‌ଭେଷ୍ଟମେଣ୍ଟ ପ୍ରମୋସନ୍ ଫ୍ରେମ୍‌ଓ୍ୱର୍କ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ରୁଷ କମ୍ପାନୀଗୁଡ଼ିକୁ ଭାରତ ବଜାରରେ ପୁଞ୍ଜିନିବେଶ କରିବାକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଚୁକ୍ତିର ଲକ୍ଷ୍ୟ। ଟ୍ରେଡ୍ ପ୍ରମୋସନ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଓ ଅଲ୍ ରଷିଆ ପବ୍ଲିକ୍ ଅର୍ଗାନାଇଜେସନ୍ 'ବିଜନେସ୍ ରଷିଆ' ମଧ୍ୟରେ ଏକ ବୁଝାମଣାପତ୍ର (ମେମୋରାଣ୍ଡାମ୍ ଅଫ୍ ଅଣ୍ଡରଷ୍ଟାଣ୍ଡିଂ ବା ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି।

## ମୋ ଜାମିନ ରଦ୍ଦ ହେବା ନ୍ୟାୟିକ ବିଫଳତା: କେଜ୍ରିୱାଲ

ନୂଆଦିଲ୍ଲୀ,୧୦।୭(ଏଜେନ୍ସି): ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଦୁଇ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ସିବିଆଇ ଏବଂ ଇଡି ଦ୍ୱାରା ଗିରଫ ହୋଇ ଏବେ ଜେଲରେ ରହିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ନିଜର ଜାମିନ ରଦ୍ଦ ହେବା ଘଟଣାକୁ ନେଇ ବଡ଼ ଟିପ୍ପଣୀ ଦେଇଛନ୍ତି। ଜାମିନ ଆବେଦନ ଶୁଣାଣି ପ୍ରସଙ୍ଗରେ ସେ ବୁଧବାର ହାଇକୋର୍ଟରେ ଜବାବ ରଖି କହିଛନ୍ତି ଯେ, ' ମୁଁ ଇଡି ଗୁଣି ଗାରେଡିରେ ଫସିଯାଇଛି। କିନ୍ତୁ ତଳ କୋର୍ଟ ଦେଇଥିବା ଜାମିନ ହାଇକୋର୍ଟ ରଦ୍ଦ କରିବା ଘଟଣା ନ୍ୟାୟିକ ବିଫଳତାକୁ ସୂଚାଉଛି ' ବୋଲି କେଜ୍ରିୱାଲ କହିଛନ୍ତି। ଜାଣିଶୁଣି ତାଙ୍କର ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବାକୁ ଇଡି ପକ୍ଷରୁ ଏଭଳି କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି।

## ଭିଏନାରେ ମୋଦୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

### ■ ବିଶ୍ୱ ଭାରତର କଥା ଶୁଣୁଛି ବୋଲି କହିଲେ କାର୍ଲ ନେହାମର



ନୂଆଦିଲ୍ଲୀ,୧୦।୭(ଏଜେନ୍ସି): ଦୁଇ ଦିନିଆ ରୁଷିଆ ଗସ୍ତ ଶେଷ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟ୍ରିଆରେ ପହଞ୍ଚିଛନ୍ତି। ରାଜଧାନୀ ସହର ଭିଏନାରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସହ ସ୍ୱାଗତ କରାଯାଇଛି। ମୋଦୀ ଅଷ୍ଟ୍ରିଆ ମାଟିରେ ପାଦ ଥାପିବା ପରେ ସେଠାରେ ଉପସ୍ଥିତ ରହିଥିବା ଭାରତୀୟ ସମୁଦାୟଙ୍କ 'ବନ୍ଦେ ମାତରମ୍' ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇପଡ଼ିଥିଲା। ବିଗତ ୪ ଦଶନ୍ଧି ମଧ୍ୟରେ ଅଷ୍ଟ୍ରିଆ ମାଟିରେ ପ୍ରଥମ ଥର ପାଇଁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ପହଞ୍ଚିଥିବାରୁ ସେଠାକାର ପ୍ରବାସୀ ଭାରତୀୟଙ୍କ ମନରେ ଉତ୍ସାହ ଭରିଯାଇଥିଲା। ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୮୦ ଦଶକରେ ଅଷ୍ଟ୍ରିଆ ଗସ୍ତ କରିଥିଲେ। କିନ୍ତୁ ତାଙ୍କ ପରେ ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ ଏଠାକୁ ଆସି ନଥିଲେ। ତେବେ ମୋଦୀ ଅଷ୍ଟ୍ରିଆ ପହଞ୍ଚିବା ପରେ ଚାନ୍ସେଲର କାର୍ଲ ନେହାମର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ। ଏହା ପରେ ପ୍ରଧାନମନ୍ତ୍ରୀ ମୋଦୀ ଭିଏନାସ୍ଥିତ ହୋଟେଲ ରିଜ୍-କାର୍ଲଟନରେ ପହଞ୍ଚିଥିଲେ, ଯେଉଁଠାରେ ଅଷ୍ଟ୍ରିଆର କଳାକାରମାନେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ 'ବନ୍ଦେ ମାତ୍‌ରମ୍' ଗାନ କରିଥିଲେ। ଏଠାରେ ମଧ୍ୟ ଶହ ଶହ ପ୍ରବାସୀ ଭାରତୀୟ ମୋଦୀଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଷ୍ଟ୍ରିଆ ଗସ୍ତକୁ ନେଇ ଚାନସେଲର କାର୍ଲ ନେହାମର କହିଛନ୍ତି "୪୦ ବର୍ଷ ମଧ୍ୟରେ ଭାରତର କୌଣସି ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଗସ୍ତ ହୋଇଥିବାରୁ ଏହା ଏକ ସ୍ୱତନ୍ତ୍ର ସମ୍ମାନ ଏବଂ ଭାରତ ସହ ଅଷ୍ଟ୍ରିଆର କୂଟନୈତିକ ସମ୍ପର୍କ ପ୍ରତିଷ୍ଠାର ୭୫ ବର୍ଷ ପାଳନ ଅବସରରେ ଏହି ଗସ୍ତ ମଧ୍ୟ ଏକ ମାଇଲଖୁଣ୍ଟ" । ସେହିପରି ଦୁଇ ଦେଶ ମଧ୍ୟରେ ସମ୍ପର୍କ ସେତୁକୁ ଦୃଢ଼ କରିବା ସହ ସହଯୋଗର ନୂତନ ସମ୍ଭାବନା ଖୋଜିବା ଉଦ୍ଦେଶ୍ୟରେ ଆଗାମୀ ଦିନର ଆଲୋଚନାକୁ ମୁଁ ଅପେକ୍ଷା କରିଛି ବୋଲି ମୋଦୀ କହିଛନ୍ତି।

### ● କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାମଲା

## କ୍ଷତିପୂରଣ ପାଇବାକୁ ବନାଇଥିଲେ ଜାଲ୍ କାଗଜପତ୍ର

ବେଙ୍ଗାଲୁରୁ, ୧୦।୭ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲାଗିଛି। ମହୀଶୁର ଅର୍ବାନ ଡେଭଲପମେଣ୍ଟ ଅଥରିଟି (ଏମ୍‌ୟୁଡିଏ) ରୁ କ୍ଷତିପୂରଣ ପାଇବା ଲାଗି ସେ ଜାଲ୍ କାଗଜପତ୍ର ବନାଇଥିବା ଅଭିଯୋଗ ହୋଇଛି। ଏ ନେଇ ସିଦ୍ଧରମୈୟାଙ୍କ ସହିତ ୧୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ମୁଖ୍ୟମନ୍ତ୍ରୀ, ତାଙ୍କ ପତ୍ନୀ ପାର୍ବତୀ, ଶଳା ମଲ୍ଲିକାର୍ଜୁନ ସ୍ୱାମୀ, ଜମିଦାର ଦେବରାଜ ଏବଂ ଅନ୍ୟ ୬ ଜଣଙ୍କ ବିରୋଧରେ ସାମାଜିକ କର୍ମୀ ସ୍ନେହମୟୀ କୃଷ୍ଣା ଅଭିଯୋଗ କରିଛନ୍ତି। ଡେପୁଟି-କମିଶନର, ତହସିଲଦାର, ଡେପୁଟି-ରେଜିଷ୍ଟ୍ରାର୍ ଏବଂ ଏମ୍‌ୟୁଡିଏ ଅଧିକାରୀମାନେ ମଧ୍ୟ ଏଥିରେ ସାମିଲ ଥିବା ସେ ଉଲ୍ଲେଖ କରିଛନ୍ତି। ଥାନାରେ ଅଭିଯୋଗ କରିବା ସହିତ କୃଷ୍ଣା କର୍ଣ୍ଣାଟକ ରାଜ୍ୟପାଳ, ରାଜ୍ୟର ମୁଖ୍ୟ ସଚିବ ଏବଂ ରାଜସ୍ୱ ବିଭାଗର ପ୍ରଧାନ ସଚିବଙ୍କୁ ଚିଠି ଲେଖି ଅନିୟମିତତାର ଯାଞ୍ଚ ଦାବି କରିଛନ୍ତି। ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ, ତାଙ୍କ ପତ୍ନୀ ଏବଂ ସମ୍ପର୍କୀୟ ଏମ୍‌ୟୁଡିଏ ଅଧିକାରୀଙ୍କ ସହ ମିଶି ଜାଲିଆତି କରି ୫୦:୫୦ ଅନୁପାତରେ ଜମି ଆବଣ୍ଟନ ଯୋଜନାରେ ଲାଭ ପାଇଛନ୍ତି।

## ତ୍ରିପୁରାରେ ୮୨୮ ଛାତ୍ରଙ୍କୁ ଏଚ୍‌ଆଇଭି

ନୂଆଦିଲ୍ଲୀ,୧୦।୭(ଏଜେନ୍ସି): ତ୍ରିପୁରାରୁ ବିଚଳିତ କରିବା ଭଳି ଖବର ସାମ୍ନାକୁ ଆସିଛି। ରାଜ୍ୟରେ ବଢ଼ିବାରେ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି ।ରାଜ୍ୟରେ ୮୨୮ ଜଣା ଛାତ୍ର ଏଚ୍‌ଆଇଭି ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୭ ଜଣଙ୍କ ଜୀବନ ଯାଇଛି। ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ତେବେ ତ୍ରିପୁରା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ରିପୋର୍ଟକୁ ବିଭ୍ରାନ୍ତିକର କୁହାଯାଇଛି ।୨୦୦୭ ରୁ ୨୦୨୪ ମଧ୍ୟରେ ଏହି ରିପୋର୍ଟ ଆସିଥିବା କୁହାଯାଇଛି।

## ଚୀନ୍ ସୀମାରୁ ୧୦୮ କେଜି ସୁନା ଜବତ




ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଇଣ୍ଡୋ-ତିବ୍ବତ ବର୍ଡର ପୁଲିସ (ଆଇଟିବିପି)କୁ ବଡ଼ ସଫଳତା ମିଳିଛି। ପୂର୍ବ ଲଦାଖର ଭାରତ-ଚୀନ୍ ସୀମାରୁ ଆଇଟିବିପି ମଙ୍ଗଳବାର ୧୦୮.୬୦ କେଜିର ସୁନା (ଗୋଲ୍ଡ ବାର୍) ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ୭୦ କୋଟି ଟଙ୍କା ହେବ। ଏହି ମାମଲାରେ ୨ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଆଇଟିବିପି ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ଆଇଟିବିପି ଟିମ୍ ପୂର୍ବ ଲଦାଖର ଚିଶମୂଲ, ନରବୁଲା ଟପ୍, ଜାକଲେ ଏବଂ ଜାକଲାରେ ପାଟ୍ରୋଲିଂ କରୁଥିଲା। ଏହି ମାର୍ଗ ଦେଇ ଅନୁପ୍ରବେଶ ଏବଂ ଚୋରାଚାଲାଣ ହେଉଥିବାରୁ ଟିମ୍ ସତର୍କ ରହିଥିଲା। ଏହି ସମୟରେ ଭାରତ-ଚୀନ୍ ସୀମାରୁ ପ୍ରାୟ ୧ କିମି ଦୂରରେ ଥିବା ସିରିଗାପଲେରେ ଗଧ ସହିତ ତେନଜିନ ଟାର୍ଜେ (୪୦) ଏବଂ ସେରିଂ ଚାମ୍ବା (୬୯) କୁ ଦେଖା ଯାଇଥିଲା। ପାଟ୍ରୋଲିଂ ଟିମ୍ ପିଛା କରି ଉଭୟଙ୍କୁ ଧରିଥିଲା। ଉଭୟେ ଔଷଧୀୟ ଗୁଳ୍ମ ସନ୍ଧାନରେ ଆସିଥିବା କହିଥିଲେ। ମାତ୍ର ତଲାସୀ ନେବାରୁ ଦୁଇ ଜଣଙ୍କ ବ୍ୟାଗରୁ ୧୦୮ ଖଣ୍ଡ ସୁନା ମିଳିଥିଲା। ପ୍ରତ୍ୟେକର ଓଜନ ଏକ କେଜି ଥିଲା। ଏହା ସହିତ ମୋବାଇଲ ଫୋନ, ବାଇନାକୁଲାର, ଚୀନ୍ ଖାଦ୍ୟ ସାମଗ୍ରୀ, ଛୁରି ଏବଂ ଅନ୍ୟ ଉପକରଣ ଜବତ କରାଯାଇଛି।

### ● ତିନି ସପ୍ତାହରେ ୧୩ତମ ଘଟଣା

## ବିହାରରେ ପୁଣି ଭୁଶୁଡ଼ିଲା ଡବଲ୍ ଇଞ୍ଜିନ ପୋଲ



ପାଟନା, ୧୦।୭ (ଏଜେନ୍ସି): ବିହାରର ଡବଲ୍ ଇଞ୍ଜିନ ସରକାରରେ ପୋଲ ଭୁଶୁଡ଼ିବା ଘଟଣା ଥମିବାର ନା ଧରୁନି। ଏବେ ବିହାର ସହର୍ସା ଜିଲ୍ଲାର ମହିଶି ଗ୍ରାମରେ ଥିବା ଆଉ ଏକ ଡବଲ ଇଞ୍ଜିନ ପୋଲ ବୁଧବାର ଭୁଶୁଡ଼ି ଯାଇଛି। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ଏହାକୁ ମିଶାଇ ରାଜ୍ୟରେ ଗତ ତିନି ସପ୍ତାହ ମଧ୍ୟରେ ୧୩ଟି ପୋଲ ଭୁଶୁଡ଼ି ଗଲାଣି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି କୁମାର କହିଛନ୍ତି ଯେ ଏହା ଏକ କ୍ଷୁଦ୍ର ପୋଲ। ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏ ବିଷୟରେ ଅଧିକ ସୂଚନା ସଂଗ୍ରହ କରାଯାଉଛି। ପୋଲ ଭୁଶୁଡ଼ିବା ଘଟଣାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ ବିହାରରେ ପ୍ରତିଦିନ ପୋଲ ଭୁଶୁଡୁଛି, ପ୍ରଶ୍ନପତ୍ର ପ୍ରଘଟ ହେଉଛି ଏବଂ ଆଇନ ବ୍ୟବସ୍ଥା ଖରାପ ଥିବା ଯୋଗୁଁ ଲୋକଙ୍କୁ ହତ୍ୟା କରାଯାଉଛି। ଦରଦାମ ବୃଦ୍ଧି, ଅପରାଧ, ଦୁର୍ନୀତି ଏବଂ ବେକାରୀ ହାର ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ପାଇଁ ସରକାର କିଛି କରିନାହାନ୍ତି। ଖାଲି ଦୁର୍ନୀତିରେ ଲିପ୍ତ ରହିଛନ୍ତି। ଏହା କ'ଣ ଡବଲ ଇଞ୍ଜିନ ସରକାର ବୋଲି ତେଜସ୍ୱୀ ପ୍ରଶ୍ନ କରିଛନ୍ତି।

## ୭ ରାଜ୍ୟର ୧୩ ବିଧାନସଭା ଆସନରେ ଉପନିର୍ବାଚନ ଶେଷ



ନୂଆଦିଲ୍ଲୀ,୧୦।୭(ଏଜେନ୍ସି): ୭ ରାଜ୍ୟର ୧୩ ବିଧାନସଭା ଆସନରେ ବୁଧବାର ଉପ ନିର୍ବାଚନ ଶେଷ ହୋଇଛି। ବିହାର, ହିମାଚଳପ୍ରଦେଶ,ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, ପଞ୍ଜାବ,ତାମିଲନାଡୁ ଏବଂ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଖାଲି ପଡ଼ିଥିବା ବିଧାନସଭା ଆସନ ପାଇଁ ଉପ ନିର୍ବାଚନ କରାଯାଇଛି। ଲୋକସଭା ନିର୍ବାଚନ ପରେ ପ୍ରଥମଥର ପାଇଁ ଏହିସବୁ ରାଜ୍ୟରେ ଉପ ନିର୍ବାଚନ ହୋଇଥିଲା ବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କ ଫଳାଫଳକୁ ନେଇ ଏବେ ଠାରୁ ଅଙ୍କକଷା ଆରମ୍ଭ ହୋଇଯାଇଛି। ବିଶେଷକରି ହିମାଚଳ ପ୍ରଦେଶର ନାଲାଗଡ଼ ଆସନରେ ମୁଖ୍ୟମନ୍ତ୍ରୀ ସୁକୁବିନ୍ଦର ସିଂ ସୁଖୁଙ୍କ ପତ୍ନୀ କମଲେଶ ଠାକୁର ପ୍ରତିଦ୍ୱନ୍ଦ୍ୱତା କରୁଥିବାରୁ ଏହି ଆସନ ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି। ସେହିପରି ପଶ୍ଚିମବଙ୍ଗ ଏବଂ ପଞ୍ଜାବର ଯେଉଁ ଆସନରେ ଉପ ନିର୍ବାଚନ ହୋଇଛି ତାହାକୁ ନେଇ ମଧ୍ୟ ଭୋଟରଙ୍କ ମହଲରେ ଉତ୍ସାହ ଲାଗି ରହିଛି। ମତଦାନ ବେଳେ ବିହାର ଏବଂ ପଶ୍ଚିମବଙ୍ଗରେ କେତେକ ସ୍ଥାନରେ ଗଣ୍ଡଗୋଳ ହୋଇଥିଲେ ହେଁ ଅନ୍ୟ ରାଜ୍ୟମାନଙ୍କରେ ମତଦାନ ସୁରୁଖୁରରେ ଶେଷ ହୋଇଥିବା କୁହାଯାଇଛି। ମଧ୍ୟପ୍ରଦେଶରେ ମତଦାନ ହାର ସର୍ବାଧିକ ୭୮ ପ୍ରତିଶତରୁ ଅଧିକ ରହିଛି।

### ବିଏମ୍‌ଡବ୍ଲ୍ୟୁ ହିଟ୍ ଆଣ୍ଡ ରନ୍ କେସ୍

## ଅଭିଯୁକ୍ତ ପିତାଙ୍କ ପଦବୀ ଗଲା; ବାର୍ ଭଙ୍ଗାଗଲା






ମୁମ୍ବଇ, ୧୦।୭(ଏଜେନ୍ସି): ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଧେଙ୍କ ନିର୍ଦ୍ଦେଶରେ ଆଜି ମୁମ୍ବଇ ବିଏମଡବ୍ଲ୍ୟୁ ହିଟ ଆଣ୍ଡ ରନ୍ କେସ୍'ର ମୁଖ୍ୟ ଅଭିଯୁକ୍ତ ମିହିର ଶାହଙ୍କ ପିତା ରାଜେଶ ଶାହଙ୍କୁ ଶିବସେନା ଡେପୁଟି ଲିଡର ପଦବୀରୁ ହଟାଇ ଦିଆଯାଇଛି। ମୁମ୍ବଇ ପୁଲିସ୍ ଗତକାଲି ବିରାରରୁ ମିହିରଙ୍କୁ ଗିରଫ କରିଥିଲା। ଏହି ମାମଲାରେ ସଂପୃକ୍ତ ଥିବା ଅଭିଯୋଗରେ ପୁଲିସ୍ ମିହିରଙ୍କ ପିତା ରାଜେଶ ଶାହ ଓ ଡ୍ରାଇଭର୍ ରାଜରଷି ସିଂହ ବିଦାଓ୍ୱତଙ୍କୁ ଗିରଫ କରିଥିଲା। ରାଜେଶଙ୍କୁ ଜାମିନ ମିଳିଛି ଓ ଡ୍ରାଇଭରକୁ ପୁଲିସ୍ ହେପାଜତକୁ ପଠାଯାଇଛି। ଗତ ୭ତାରିଖ ରବିବାର ସକାଳେ ଏହି ହିଟ୍ ଆଣ୍ଡ ରନ୍ ଘଟଣାରେ ଜଣେ ୪୫ ବର୍ଷୀୟା ମହିଳା କାବେରୀ ନଖଓ୍ୱାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ପ୍ରଦୀପ ନଖଓ୍ୱା ଆହତ ହୋଇଛନ୍ତି। ପ୍ରଦୀପ କହିଥିଲେ, ଶିବସେନା କିଛି କରିବ ନାହିଁ କାରଣ, ଅଭିଯୁକ୍ତ ହେଉଛି ତାଙ୍କ ନେତାଙ୍କ ପୁତ୍ର। ଏହାପରେ ମୁଖ୍ୟମନ୍ତ୍ରୀ ସିନ୍ଧେ ରାଜେଶଙ୍କୁ ତାଙ୍କ ପଦବୀରୁ ହଟାଇଛନ୍ତି। ସୂଚନା ଅନୁଯାୟୀ ଦୁର୍ଘଟଣା ପରେ ମିହିର ସର୍ବପ୍ରଥମେ ନିଜ ବାପାଙ୍କୁ ଫୋନ୍ କରିଥିଲା। ସେ ତାଙ୍କୁ ପଳାଇବାକୁ କହିଥିଲେ। ଏହା ପରେ ମିହିର ବିଏମଡବ୍ଲ୍ୟୁ କାର୍ ଏବଂ ଡ୍ରାଇଭରକୁ ବାନ୍ଦ୍ରାର କଲା ନଗରରେ ଛାଡ଼ି ପଳାଇ ଥିଲା। ଧରା ପଡ଼ିବା ଭୟରେ କାର୍ ନଂ ପ୍ଲେଟ ହଟାଇ ଦେଇଥିଲା। ପରେ ରିକ୍ସାରେ ପ୍ରେମିକା ଘରକୁ ଯାଇଥିଲା। ଘରେ ପହଞ୍ଚିବା ପର୍ଯ୍ୟନ୍ତ ୪୦ ଥର ପ୍ରେମିକାଙ୍କୁ କଲ୍ କରିଥିଲା।

ତାଙ୍କ ବାନ୍ଧବୀ ଓ ଭଉଣୀ ତାଙ୍କୁ ଲୁଚି ରହିବାରେ ସହଯୋଗ ଦେଇଥିଲେ। ପୁଲିସ୍ ତାଙ୍କ ବାନ୍ଧବୀଙ୍କୁ ଗିରଫ କରିପାରେ। ଶିବସେନା ନେତା ସଞ୍ଜୟ ରାଉତ କହିଛନ୍ତି, ଅଭିଯୁକ୍ତକୁ ବଞ୍ଚାଇବାକୁ ସରକାର ଚେଷ୍ଟା କରିଛନ୍ତି। ରାଜେଶଙ୍କ ଅପରାଧ ରେକର୍ଡ ପୁଲିସ୍ ଯାଞ୍ଚ କରୁ। ଅଣ୍ଡରଓ୍ୱାର୍ଲଡ ଗ୍ୟାଙ୍ଗ ସହ ରାଜେଶଙ୍କ ଲିଙ୍କ୍ ରହିଥିବା ସଞ୍ଜୟ ଦାବି କରିଛନ୍ତି ଓ ସେ କେମିତି ମୁଖ୍ୟମନ୍ତ୍ରୀ ସିନ୍ଧେଙ୍କ ସବୁଠାରୁ ପାଖଲୋକ ହେଇପାରିଲେ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ବିଏମ୍‌ସି ମିହିରଙ୍କୁ ମଦ ପିଆଇଥିବା ଭାଇସ୍ ଗ୍ଲୋବାଲ ତାପସ ବାର୍‌କୁ ଆଜି ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦେଇଛି। ଏହି ବାର୍ ମୁମ୍ବଇର ଜୁହୁ ତାରା ରୋଡରେ ଥିଲା। ବାରକୁ ପୁଲିସ୍ ଗତକାଲି ସର୍ଚ୍ଚ କରିବା ପରେ ସିଲ୍ କରିଥିଲା।



ଅନୁଗୋଳ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ନୃସିଂହ ବେଶ (ଫଟୋ- ଚିକୁ)

### ଖାଲଖମାରେ ଭର୍ତ୍ତି ଘଣ୍ଟିଆନାଳି ଗ୍ରାମ ରାସ୍ତା

# ୧୫ ବର୍ଷ ହେଲା ଯମଯନ୍ତ୍ରଣା ଭୋଗୁଛନ୍ତି ପଥଚାରୀ

**କଣିହାଁ, ୧୦।୭ (ସମିସ)**

କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଅଞ୍ଚଳରେ ଜେଆଇଟିପିଏଲ ବିଦ୍ୟୁତ ପ୍ରକଳ୍ପ ସହିତ ଏନଟିପିସି ବିଦ୍ୟୁତ ପ୍ରକଳ୍ପର ପାଉଁଶ ପୋଖରୀ ରହିଛି ଓ ଦୁଇ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକୁ ନେଇ ଟିକିରା ନଦୀରୁ ଘଣ୍ଟିଆନାଳି ଗ୍ରାମଦେଇ ବାଲି ଓ ଅନ୍ୟାନ୍ୟ ସମାଗ୍ରୀ ଟ୍ରାକ୍ଟର ଓ ବିଭିନ୍ନ ଭାରିଯାନରେ ପରିବହନ ହେଉଛି। ଏହା ଫଳରେ ଗ୍ରାମ ରାସ୍ତାଟି ଖାଲଖମାରେ ପରିପୂର୍ଣ୍ଣ ହୋଇ ଦୀର୍ଘ ୧୫ ବର୍ଷ ହେଲା ପଥଚାରୀଙ୍କ

**● ମରାମତି ନହେଲେ ତହସିଲ ସମ୍ମୁଖରେ ଧାରଣା**

ପାଇଁ ଦୁର୍ଘଟଣାର କାରଣ ହୋଇଛି। ଏହାର ସମାଧାନ ପାଇଁ ବହୁବାର ଉଭୟ ପ୍ରକଳ୍ପ କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ ସମାଧାନ ବଦଳରେ



ସମସ୍ୟା ବଢିବାରେ ଲାଗିଛି। ଏନେଇ ଘଣ୍ଟିଆନାଳି ଗ୍ରାମର ସଭାପତି ଟଙ୍କଧର ପ୍ରଧାନ, ସଂପାଦକ ହୃଦୟ ପ୍ରଧାନ, ନିଳମ ସାହୁ, ଅଜୟ ସାହୁ, ନବୀନ ସାହୁ, ପ୍ରମୋଦ ସାହୁ, ପବିତ୍ର ପ୍ରଧାନ, ବିଶ୍ୱନାଥ ପ୍ରଧାନ, ପିତାମ୍ବର ପ୍ରଧାନ, ନବ ପ୍ରଧାନ, ସୁଦର୍ଶନ ସାହୁ, ପରମା ଦେହୁରୀ ପ୍ରମୁଖ କଣିହାଁ ତହସିଲଦାରଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ୧୦ ଦିନ ମଧ୍ୟରେ ଅଭିଯୋଗ ପତ୍ର ପାଇ କୌଣସି ପଦକ୍ଷେପ ଗ୍ରହଣ କରା ନଗଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ଗ୍ରାମୀଣ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ଜଗନ୍ନାଥ ବସ୍ ମାଲିକ ସଂଘ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା

**ଛେଣ୍ଡିପଦା, ୧୦।୭ (ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ଅନ୍ତର୍ଗତ ବରସାହି ଗ୍ରାମପଞ୍ଚାୟତର ମାହାରସାହିରେ ଗତ ରବିବାର ଅଗ୍ନିକାଣ୍ଡ ଘଟି ବେସାହାରା ହୋଇଥିବା ଏକ ପରିବାରକୁ ଛେଣ୍ଡିପଦା ଜଗନ୍ନାଥ ବସ୍ ମାଲିକ ସଂଘ ପକ୍ଷରୁ ଶୁଖିଲା ଖାଦ୍ୟ, ବସ୍ତ୍ର ଓ ରୋଷେଇ ସାମଗ୍ରୀ ପ୍ରଦାନ କରାଯାଇଛି। ଘଟଣାରୁ ଜଣାପଡେ, ମାହାରସାହିର ଅସହାୟ ବିଧବା ମହିଳା ଓକିଲ ମାହାର ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ବଡ଼ ପରିତାପର ବିଷୟ ନିଜର କୁଡ଼ିଆ ଘରଟି ନିଆଁ ଲାଗିଯାଇଥିବା ବେଳେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ହେଁ ଘରଟି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଥିଲା। ଏହାଦ୍ୱାରା ପରିବାର ସମ୍ପୂର୍ଣ୍ଣ ବେସାହାର ହୋଇଯାଇଥିଲା। ଏହି ଘଟଣାର ଖବର ପାଇ ଛେଣ୍ଡିପଦା ଜଗନ୍ନାଥ ବସ୍ ମାଲିକ ସଂଘର ସଭାପତି ଉମେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମାଲିକ ସଂଘର ସମ୍ପାଦକ ମନୋଜ ଆଚାର୍ଯ୍ୟ, ମାଧବ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ବସ୍ ମାଲିକମାନେ ଅସହାୟ ବିଧବା ଓକିଲ ମାହାରଙ୍କ ଘରେ ପହଞ୍ଚି ଶୁଖିଲା ଖାଦ୍ୟ, ବସ୍ତ୍ର ଓ ରୋଷେଇ ସାମଗ୍ରୀ ପ୍ରଦାନ କରିଥିଲେ। ଏପରିକି ବିପନ୍ନଙ୍କ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

## ବଜେପି ଯୁବନେତାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

**ଅନୁଗୋଳ, ୧୦।୭ (ସମିସ):** ଆଠମଲ୍ଲିକ ପେଡ଼ିପଥର ପଞ୍ଚାୟତର ଯୁବ ବିଜେପି ନେତା ସୁଶାନ୍ତ କୁମାର ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି। ତାଙ୍କ ମୃତ୍ୟୁରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଦଳର ଆଠମଲ୍ଲିକ ବ୍ଲକର ଯୁବ କାର୍ଯ୍ୟକର୍ତ୍ତା ସୁଶାନ୍ତ କୁମାର ସାହୁଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ସେହିପରି ଅନୁଗୋଳ ଜିଲ୍ଲା ବିଜେପି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଡିଲେଶ୍ୱର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଏନଏସଆଇସି ଡାଇରେକ୍ଟର କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ଅନୁଗୋଳ ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ ମିଶ୍ର ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

### ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

# ମାଛଚାଷରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ

**ଅନୁଗୋଳ, ୧୦।୭ (ସମିସ):** ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟ ଚାଷୀ ଦିବସ ଆଜି ପୂର୍ବାହ୍ନରେ ଜିଲ୍ଲା କୃଷି କାର୍ଯ୍ୟାଳୟ ଆତ୍ମା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ. ନିରୋଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ କରିବାର ତାତ୍ପର୍ଯ୍ୟ, ଜିଲ୍ଲାରେ ମତ୍ସ୍ୟଚାଷ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସମ୍ବନ୍ଧୀୟ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ମତ୍ସ୍ୟଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ମତ୍ସ୍ୟଚାଷରେ ଉଲ୍ଲେଖନୀୟ ଅବଦାନ ପାଇଁ ଛେଣ୍ଡିପଦାର ମତ୍ସ୍ୟ ଚାଷୀ ଅଜିତ ପ୍ରଧାନ, ଆଠମଲ୍ଲିକର ଦ୍ରୌପଦୀ ମେହେର, ପାଲଲହଡାର ବାବୁଲାଲ ପ୍ରଧାନ,




ଅନୁଗୋଳର ସ୍ୱର୍ଣ୍ଣଲତା ସାହୁ ଓ କିଶୋରନଗରର ମା' ବାୟାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ, ଉଦ୍ୟାନ ଅମ୍ବର ଲୁଗୁନ୍, ଉପ ମଧ୍ୟ ନିର୍ଦ୍ଦେଶକ କୁଅଁର ମାଣ୍ଡି, ଜିଲ୍ଲା ମତ୍ସ୍ୟ ଅଧିକାରୀ ରାଜେନ୍ଦ୍ରକୁମାର ପାତ୍ର, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ସ୍ମିତାରାଣୀ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟରେ ବନ ମହୋତ୍ସବ

**ତାଳଚେର, ୧୦।୭ (ସମିସ):** ତାଳଚେର ବ୍ଲକ ସାଉଥ ବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ପକ୍ଷରୁ ସହିଦ ରାଣା ପ୍ରତାପ ଜୟନ୍ତୀ ଓ ବନ ମହୋତ୍ସବ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବଶିଷ୍ଠ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବଳଭଦ୍ର ଜେନା ଯୋଗଦାନ କରି ସହିଦ ରାଣା ପ୍ରତାପଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରକାଶଥାଉ କି, ସହିଦ ରାଣା



ପ୍ରତାପ ଯୁକ୍ତ ଦୁଇ ବିଜ୍ଞାନର ଛାତ୍ର ହିସାବରେ ଏହି ମହାବିଦ୍ୟାଳୟରେ ୨୦୦୨ ମସିହାରୁ ୨୦୦୪ ମସିହା ପର୍ଯ୍ୟନ୍ତ ଅଧ୍ୟୟନ କହିଥିଲେ। ଭାରତୀୟ ବାୟୁସେନାରେ ଜେଟିଓ ଭାବରେ କର୍ତ୍ତବ୍ୟରତ ଥିବା ସମୟରେ ସିଡିଏସ୍ ବିପିନ ରାୱତଙ୍କୁ ନେଇ ଯାଉଥିବା ସ୍ୱତନ୍ତ୍ର ବାୟୁସେନା ହେଲିକପ୍ଟରରେ ବୈଷୟିକ ଅଧିକାରୀ ରୂପେ ସାମିଲ ହୋଇଥିଲେ ଏବଂ ତା. ୦୮/୧୨/୨୦୨୧ରିଖ ଦିନ ଏହି ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସିଡିଏସ୍ ରାୱତଙ୍କ ସହ ରାଣା ପ୍ରତାପ ମଧ୍ୟ ସହିଦ ହୋଇଥିଲେ। ଏହି ଅବସରରେ ଯୁବ ରେଡକ୍ରସର ପ୍ରୋଗ୍ରାମ ଅଫିସର ଲୁସି ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ବନମହୋତ୍ସବ ପାଳନ ପୂର୍ବକ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ହରିହର ପ୍ରଧାନ, ତ୍ରିନାଥ ସାହୁ, ହେମନ୍ତ ସିଂହଙ୍କ ସମେତ ଅନ୍ୟ ଅଧ୍ୟାପକ ତଥା କର୍ମଚାରୀଗଣ ସକ୍ରିୟ ସହଯୋଗ କରିଥିଲେ।

## ଉଷୁ ଚାମ୍ପିଅନଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା



**ଅନୁଗୋଳ, ୧୦।୭ (ସମିସ):** ୩୦ତମ ଓଡ଼ିଶା ପ୍ରଦେଶ ଉଷୁ ଚାମ୍ପିଅନସିପରେ ଅନୁଗୋଳ ଜିଲ୍ଲା ପାଇଁ ପଦକ ହାସଲ କରି ଗୌରବ ଆଣିଥିବା ଖେଳାଳିମାନଙ୍କୁ ଜିଲ୍ଲାପାଳ ଅଦାଲ୍ ଏମ୍ ଅଖତର ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଉକ୍ତ ପଦକଧାରୀମାନଙ୍କୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ଓ ଭବିଷ୍ୟତରେ ଅନୁଗୋଳ ଜିଲ୍ଲା ପାଇଁ ଜାତୀୟସ୍ତରରେ ଗୌରବ ଆଣିବାରେ ନିଜକୁ ପ୍ରସ୍ତୁତ କରିବା ଲାଗି ଉପଦେଶ ଦେଇଥିଲେ। ସୂଚନାଥାଉ କି, ୩୦ତମ ଓଡିଶା ପ୍ରଦେଶ ଉଷୁ ଚାମ୍ପିଅନସିପ୍ ୨୦୨୪-୨୫ ରାଉରକେଲା ମଧୁସୂଦନ ଭବନଠାରେ ଚଳିତ ମାସ ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଚାମ୍ପିଅନସିପରେ ଅନୁଗୋଳ ଜିଲ୍ଲା ଉଷୁ ଆସୋସିଏସନ ତରଫରୁ ୧୨ଜଣ ସବ୍‌ଜୁନିୟର, ଜୁନିୟର ଓ ସିନିୟର ଉଷୁ କ୍ରୀଡ଼ାବିତ୍ ଭାଗନେଇଥିଲେ। ଏଥିରେ ଉଷୁ ଆସୋସିଏସନ୍ ଅନୁଗୋଳ ତରଫରୁ ୪ଜଣ ସ୍ୱର୍ଣ୍ଣ ପଦକ ( ଅରୁଣ କୁମାର ନାୟକ, ଚିତ୍ତରଞ୍ଜନ ମହାନ୍ତ, ପ୍ରତୀକ କୁମାର ମହାପାତ୍ର, ଭବ୍ୟା ସାହୁ), ୨ ଜଣ ରୌପ୍ୟ ପଦକ ( ଆଶୁତୋଷ ସାହୁ, ଅନୀଲ କୁମାର ମାଝୀ ) ଓ ୩ ଜଣ ବ୍ରୋଞ୍ଜ ପଦକ (କୁନ୍ଦନ କୁମାର, ମାନସୀ ପ୍ରାୟଦର୍ଶିନୀ, ଖ୍ୟାତୀ ଶର୍ମା) ହାସଲ କରିଛନ୍ତି। ଏହି ଅବସରରେ ଆଗାମୀ ଦିନରେ ଅନୁଗୋଳ ଜିଲ୍ଲାରେ ଜାତୀୟ ସ୍ତରରେ ଉଷୁ ଚାମ୍ପିଅନସିପ୍ ପ୍ରସ୍ତୁତ କରିବା ନିମନ୍ତେ ଉଷୁ ଆସୋସିଏସନର ସଭାପତି ସୁଶାନ୍ତ ବେହେରା, ଉପ ସଭାପତି ଦିନେଶ ପ୍ରଧାନ ଓ ସମ୍ପାଦକ ସୁଶାନ୍ତ ନାୟକ ଜିଲ୍ଲାପାଳଙ୍କ ନିକଟରେ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲେ।






### ନିର୍ମାଣର ୭ ମାସ ପରେ ବି ବଣ୍ଟାଯାଉନି ଭେଣ୍ଡିଂ ଜୋନ

# ରାସ୍ତାକଡ଼ରେ ଦୈନନ୍ଦିନ ହାଟ ଯୋଗୁଁ ଟ୍ରାଫିକ ସମସ୍ୟା ଉତ୍କଟ



**ତାଳଚେର, ୧୦।୭ (ସମିସ)**

ତାଳଚେର ପୌର ପରିଷଦ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ପକ୍ଷରୁ ତାଳଚେର ହାଟତୋଟା ସ୍ଥିତି ତାଳଚେର ପୌର ପରିଷଦ ଆନୁକୂଲ୍ୟରେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରି ସରକାରୀ ଜମି ଉପରେ ହାଟତୋଟା ସ୍ଥିତ ଲିଙ୍ଗରାଜ ରୋଡ ପାର୍ଶ୍ୱରେ ବେପାରୀଙ୍କ ସୁବିଧା ପାଇଁ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି। ୨୮/୦୧/୨୦୨୪ ତାରିଖରେ ଭେଣ୍ଡିଂ ଜୋନର ଶୁଭ ଉଦଘାଟନ କରାଯାଇଥିଲେ ମଧ୍ୟ ଦୀର୍ଘ ୭ମାସ ହେବ ବ୍ୟବସାୟୀଙ୍କୁ ବଣ୍ଟନ ହୋଇନାହିଁ। ଫଳରେ ଗୃହଗୁଡ଼ିକ ଅସନାମସନା ହୋଇ ପଡ଼ିରହିଥିବା ଘଟଣା ବ୍ୟବସାୟୀଙ୍କ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟିକରିଛି। ଗ୍ରାହକ ଓ ବ୍ୟବସାୟୀଙ୍କ ସୁବିଧା ନିମନ୍ତେ ଦୀର୍ଘବର୍ଷ ହେବ ଏଠାରେ ଭେଣ୍ଡିଂଜୋନର ଆବଶ୍ୟକତା ରହିଥିବା ବେଳେ ଏହାକୁ ଉପଲବ୍ଧି କରି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭେଣ୍ଡିଂଜୋନ କରିବାକୁ ସ୍ଥିର ହୋଇଥିବା ବେଳେ ଏହି ଗୃହଗୁଡ଼ିକ କାହିଁକି ବ୍ୟବସାୟୀମାନଙ୍କୁ ପୌର ପରିଷଦ ପକ୍ଷରୁ ହସ୍ତାନ୍ତର କରାଯାଉନାହିଁ, ତାକୁ ନେଇ ବିଭିନ୍ନ ମହଲରେ କଳ୍ପନା ଜଳ୍ପନା ବୃଦ୍ଧି ପାଉଛି। ବାଧହୋଇ ପରିବା ବେପାରୀମାନେ ରାସ୍ତାର ଉଭୟ ପାର୍ଶ୍ୱରେ ତାଙ୍କ ପେଟପାଟଣା ପାଇଁ ନିଜସ୍ୱ ପସରା ମେଲାଇ ବ୍ୟବସାୟ

**● ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କାହା ସ୍ୱାର୍ଥରେ କରାଯାଉଛି ?**

କରୁଥିବାରୁ ସେହି ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଟ୍ରାଫିକ ସମସ୍ୟାକୁ ଉପଲବ୍ଧି କରି ଏହି ଭେଣ୍ଡିଂଜୋନ ନିର୍ମାଣ କରାଯାଇଥିଲେ ମଧ୍ୟ ସେଗୁଡ଼ିକ କଳଙ୍କି ଲାଗିଗଲାଣି। ଏହା ଫଳରେ ରାଜସ୍ୱର ଅପବ୍ୟବହାର ହେବା ସହିତ ଟ୍ରାଫିକ ସମସ୍ୟା ଉତ୍କଟ ହେଉଛି। ତେବେ ଏହି ଭେଣ୍ଡିଂଜୋନ ଗୁଡ଼ିକ କେବେ ଖୋଲିବ, ତାକୁ ନେଇ ବ୍ୟବସାୟୀମାନେ ଆଶାବାନ୍ଧି ବସି ରହିଛନ୍ତି। ଖରା, ବର୍ଷା, ଶୀତ ଦାଉରୁ ଏହି ବେପାରୀମାନେ ନିଜର ଗୁଜୁରାଣ ମେଣ୍ଟାଇବାକୁ ବାଧହୋଇ ରାସ୍ତା କଡ଼ରେ ବେପାର ଚଳାଇଥିବା ପ୍ରକାଶ କରିଛନ୍ତି।

### ଜିଲ୍ଲାପାଳଙ୍କ ଗୁହାରି ଶୁଣିଲେ କଳାଠାକୁର

# ୪ର୍ଥ ଦିନରେ ଚକଡ଼ା ଲାଗିଲା ବ୍ରହ୍ମତାଳଧ୍ୱଜ





**କେନ୍ଦ୍ରାପଡ଼ା,୧୦।୭ (ସମିସ):** ଶେଷରେ ୪ଦିନରେ ଚକଡା ଲାଗିଲା ବ୍ରହ୍ମତାଳଧ୍ୱଜ ରଥ। ଏପରି ଅବ୍ୟବସ୍ଥାକୁ ନେଇ ପ୍ରଶାସନ ଉପରକୁ ଅଙ୍ଗୁଳି ଉଠାଇଥିଲେ ବହୁ ଶ୍ରଦ୍ଧାଳୁ। ୪ର୍ଥ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ହଟିଆ ଠାକୁରଙ୍କ ନିକଟରେ ନତମସ୍ତକ ହୋଇ ପ୍ରାର୍ଥନା କରିଥିଲେ ରଥକୁ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚେଇ ଦେବାକୁ। ଫଳରେ ଜଗତର ନାଥ ଜଗନ୍ନାଥ ୪ର୍ଥ ଦିନରେ ସୁରୁଖୁରୁରେ ଚକଡା ଲାଗିଛନ୍ତି। ଚଳିତବର୍ଷ ରଥଯାତ୍ରାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ଗୁଣ୍ଡିଚା ଯାତ୍ରା ସମୟରେ ବ୍ରହ୍ମ ତାଳଧ୍ୱଜ ରଥ କେବଳ ବାମ ମୋଡ଼ ନେଉଥିବାରୁ ହାଇଡ୍ରୋଲିକ ମେସିନ ଓ ରେଲୱେ ଜ୍ୟାକର ସହାୟତା ଜିଲ୍ଲା ପ୍ରଶାସନ ନେଇଥିଲା। ତେବେ ପରମ୍ପରାରେ ବାଧା ସୃଷ୍ଟି ହୋଇଥିବା ବେଳେ ମହାପ୍ରଭୁଙ୍କ ନୀତିକାନ୍ତି ସଠିକ ଭାବରେ କରାଯାଉଥିବା

**● ସମସ୍ତ ତ୍ରୁଟିର ସମୀକ୍ଷା ହେବ: ଜିଲ୍ଲାପାଳ**

ନେଇ ସେବାୟତମାନେ କହିଛନ୍ତି। ଅପରାହ୍ନରେ ରଥ ଚକଡ଼ା ଲାଗିବା ପରେ ମହାପ୍ରଭୁଙ୍କ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରରେ ପହଣ୍ଡି ବିଜେ ନୀତି ଅନୁଷ୍ଠିତ ହୋଇଛି। ମଣିବିଗ୍ରହ ମାନଙ୍କୁ ପହଣ୍ଡି କରାଯାଇ ଆଜି ହେରା ପଞ୍ଚମୀ ନୀତି ଅବସରରେ ଆଡ଼ପ ଅବଢ଼ା ମିଳିବ ବୋଲି ସେବାୟତମାନେ ମତପ୍ରକାଶ କରିଛନ୍ତି। ତେବେ ଚାରିଦିନ ଧରି ମହାପ୍ରଭୁ ଅନ୍ନ ପ୍ରସାଦ ଖାଇ ନଥିବାରୁ ସେବାୟତମାନେ ପହଣ୍ଡି କରାଇବା ପରେ ଗୁଣ୍ଡିଚା ମନ୍ଦିରରେ ମହାସ୍ନାନ ପରେ ରାତ୍ରିରେ ଅନ୍ନ ଭୋଗ କରିଛନ୍ତି। ବୁଧବାର ଯଥାରୀତି ନୀତି ସମାପନ ପରେ ଆଜି ସକାଳୁ ଆଡ଼ପ ମଣ୍ଡପରୁ ଦର୍ଶନ ଦେବେ ପ୍ରଭୁ ଶେଷନାଗଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତି। ତେବେ ରଥଯାତ୍ରା ସମୟରେ ହୋଇଥିବା ସମସ୍ତ ତ୍ରୁଟିକୁ ଜିଲ୍ଲା ପ୍ରଶାସନ ସମୀକ୍ଷା କରିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଶିକ୍ଷକ ଗିରଫ

ଡେରାବିଶ,୧୦।୭ (ସମିସ): ଡେରାବିଶ ଥାନା ଅଞ୍ଚଳରେ ଗତକାଲି ସନ୍ଧ୍ୟାରେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିବା ନେଇ ରାତିରେ ପୀଡିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ପୀଡିତାଙ୍କ ସମେତ ଅନ୍ୟ ଛାତ୍ରଛାତ୍ରୀଙ୍କୁ ଟିଉସନ କରୁଥିବା ସମ୍ପୃକ୍ତ ଶିକ୍ଷକ ଟିଉସନ ସରିବା ପରେ ସମସ୍ତଙ୍କୁ ଘରକୁ ଛାଡିଦେଇଥିଲେ। ମାତ୍ର ପୀଡିତା ଛାତ୍ରୀଙ୍କୁ ଡାକି ଶିକ୍ଷକ ଜଣକ ତାଙ୍କ ଘରେ ଅସଦାଚରଣ କରିବା ସମୟରେ ଛାତ୍ରୀ ଜଣକ ଚିତ୍କାର କରି ଖସି ପଳାଇ ଯାଇଥିଲେ ବୋଲି ପୀଡିତାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି। ପୀଡିତା ଜଣକ ଏ ସମ୍ପର୍କରେ ତାଙ୍କ ମା'ଙ୍କୁ କାନ୍ଦିକାନ୍ଦି କହିଥିଲେ। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ କିଶୋର ଚନ୍ଦ୍ର ତରାଇ, ଏସ୍ଆଇ ପ୍ରଦୋଷ କୁମାର ପଟ୍ଟନାୟକ, ଏଏସ୍ଆଇ ମିନାକ୍ଷୀ ତ୍ରିପାଠୀଙ୍କ ସମେତ ଏକ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତ ଶିକ୍ଷକ ପ୍ରମୋଦ କୁମାର ରଥ(୫୮)ଙ୍କୁ ଦୁମୁକା ଗାଁରୁ ରାତି ୩ଟାରେ ଗିରଫ

**● ପୀଡ଼ିତାଙ୍କ ବୟାନ ରେକର୍ଡ**

କରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖାଯିବା ସହ ଏଭଳି ଏକ ସ୍ପର୍ଶକାତର ବିଷୟରେ ପୁଲିସ ଅଧିକ ତଦନ୍ତ କରିଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ନାବାଳିକା ଛାତ୍ରୀଙ୍କୁ ଆଜି ଡାକ୍ତରୀ ମାଇନା ପରେ ଥାନାରେ ପୀଡିତା ଓ ତାଙ୍କର ମାଆଙ୍କ ବୟାନ ରେକର୍ଡ ସହ କେନ୍ଦ୍ରାପଡା ପୋକ୍ସୋ କୋର୍ଟରେ ଧାରା-୧୮୩ରେ ବୟାନ ରେକର୍ଡ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସ୍ଆଇ ପ୍ରଦୋଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଶିକ୍ଷକ ପ୍ରମୋଦଙ୍କର ଡାକ୍ତରୀ ମାଇନା ପରେ ଆଜି ସନ୍ଧ୍ୟାରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଅଭିଯୁକ୍ତ ଶିକ୍ଷକ ପ୍ରମୋଦ ଥାନା ଅନ୍ତର୍ଗତ ଗୋଲାରାହାଟ ପଞ୍ଚାୟତ ଅନ୍ତର୍ଗତ ତିଳକଣା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଗଣମାଧ୍ୟମରୁ ଏଭଳି ଏକ ସ୍ପର୍ଶକାତର ବିଷୟ ଜାଣିବା ପରେ ଜଣେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପାଇବା ପରେ ଯାହାକିଛି ପଦକ୍ଷେପ ନିଆଯିବ।

## ଆମେରିକାରେ ରଥଯାତ୍ରା ପାଳିତ



**ମହାକାଳପଡ଼ା,୧୦।୭ (ସମିସ):** ବିଶ୍ୱର କୋଣ ଅନୁକୋଣରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ସାତ ଦରିଆପାରି ସୁଦୂର ଆମେରିକାର ଜର୍ଜିଆ ସ୍ଥିତ ଆଲ୍‌ଫାରେଟୋ ସହରରେ ପ୍ରବାସୀ ଓଡିଆ ଭାଇ ଭଉଣୀମାନଙ୍କଦ୍ୱାରା ପବିତ୍ର ରଥଯାତ୍ରା ଭକ୍ତଙ୍କ ଗହଣରେ ଅତି ଆନନ୍ଦ ଉଲ୍ଲାସ ସହିତ ପାଳନ କରାଯାଇଛି। ଏହି ଅବସର ରେ ଓଡିଆ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବାର୍ଷିକ ଓଡିଆ ପତ୍ରିକା ନନ୍ଦିଘୋଷର ତୃତୀୟ ସଂସ୍କରଣ ଉନ୍ମୋଚିତ କରାଯାଇଥିଲା। ଏହା ସହିତ ମହାପ୍ରସାଦ ସେବନ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ହଜାର ହଜାର ଭକ୍ତ ଏହି ଅବସରରେ ଯୋଗ ଦେଇ ରଥାରୂଢ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସୌଭାଗ୍ୟ ରାଉତ, ଅକ୍ଷୟ ଦାସ, ଚିନ୍ମୟ ଦାସ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଗାଁରେ ସବ୍‌ସେଣ୍ଟର ଖୋଲି ରାସନ ଦେବାକୁ ଦାବି



**ରାଜକନିକା,୧୦।୭ (ସମିସ):** ରାଜକନିକା ବ୍ଲକର ଯୋଗାଣ ବିଭାଗର ପକ୍ଷପାତିତା ଓ ମନମାନୀ ଯୋଗୁ ତରାସ ଗାଁର ଶତାଧିକ ଖାଉଟୀ ରାସନ ଚାଉଳ ପାଇଁ ୧୪ମାସ ଧରି ଗୁଆଳିଗାଁ କେନ୍ଦ୍ରକୁ ଯାଉଥିବାରୁ ଅସନ୍ତୋଷ ବଢ଼ିଛି। ଏ ସମ୍ପର୍କରେ ବହୁବାର ଏମ୍ଆଇ, ବିଡ଼ିଓଙ୍କୁ ଅଭିଯୋଗ ଦେବାପରେ କୌଣସି ସୁଫଳ ନ ମିଳିବାରୁ ଆଜି ଖାଉଟୀମାନେ ବିଡ଼ିଓଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ସ୍ଥିତି ସମ୍ଭାଳିବାକୁ ବିଡ଼ିଓ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଗାଁରୁ ଏକ ଏସ୍‌ଏଚ୍‌ଜି ଗ୍ରୁପକୁ ରାସନ ବାଣ୍ଟିବାକୁ ସହମତି ଦେଇ ଏକ ଦରଖାସ୍ତ ଦେବାପରେ ସବକଲେକ୍ଟରଙ୍କ ସହ ଆଲୋଚନା କରି ତରାସ ଗାଁରେ ଖାଉଟୀଙ୍କୁ ଚାଉଳ ଦେବାକୁ ପ୍ରତିଶୃତି ମିଳିଛି। ତେବେ ଏହା ପୂର୍ବରୁ ତରାସ ଗାଁରେ ରାସନ ଦେଉଥିବା ତରାସ ପାକ୍ସର ସମ୍ପାଦକ ଚାଉଳ ହଡ଼ପ କରି ନିଲମ୍ବିତ ହେବାପରେ ଏହି ରାସନ ଗୁଆଳିଗାଁର ଏକ ସେଣ୍ଟର ସହ ଟ୍ୟାଗ କରାଯାଇଥିଲା। ତରାସର ଖାଉଟି ୪କିମି ଦୂର ଯାଇ ଚାଉଳ ଆଣିବାରେ ଅସୁବିଧା ହେବାରୁ ସ୍ୱର୍ଣ୍ଣଲତା ବିଶ୍ୱାଳ ନାମକ ଖାଉଟି ୧୪ ମାସ ଧରି ଏହି ଚାଉଳ ଆଣିନାହାନ୍ତି। ସେହିଭଳି ଏହି ଗାଁର ଅଧିକାଂଶ ଖାଉଟି ୬ମାସରୁ ଊର୍ଦ୍ଧ୍ୱ ସମୟ ଧରି ରାସନ ଚାଉଳରୁ ବଞ୍ଚିତ ହୋଇ ରହିଛନ୍ତି। ଏ ବାବଦରେ ବହୁବାର ବିଭାଗୀୟ ଦପ୍ତର ସହ ବ୍ଲକକୁ ଦୌଡ଼ି ନିରାଶ ହେବା ପରେ ଆଜି ଖାଉଟୀମାନେ ବ୍ଲକରେ ବିଡ଼ିଓଙ୍କ ସରକାରୀ ଅଫିସ ସମ୍ମୁଖରେ ବସି ତୁରନ୍ତ ସମାଧାନ ଦାବି କରିଥିଲେ। ଆସନ୍ତା କୋଟା ତରାସରେ ଦେବାକୁ ବିଡିଓ ପ୍ରତିଶୃତି ଦେଇଛନ୍ତି।

## ଆନ୍ତଃଜିଲ୍ଲା ଡକାୟତ ଗ୍ୟାଙ୍ଗ୍‌ର ୫ ଗିରଫ



**କେନ୍ଦ୍ରାପଡା,୧୦।୭ (ସମିସ):** କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ଚକ୍ରୋଡା ପଞ୍ଚାୟତ କାର୍ଯ୍ୟାଳୟରୁ ଏକମାସ ପୂର୍ବରୁ ଦୁର୍ବୃତ୍ତମାନଙ୍କ ଦ୍ୱାରା ବହୁ ମୂଲ୍ୟବାନ ସାମଗ୍ରୀ ତାଲା ଭାଙ୍ଗି ଚୋରି ହୋଇଥିଲା। ଚକ୍ରୋଡା ସରପଞ୍ଚ ତନୁଜା ନାୟକ ସଦର ଥାନାରେ ଏତଲା ଦେଇଥିଲେ। ଏହି ଏତଲାକୁ ଭିତ୍ତିକରି ସଦର ଥାନା ପୁଲିସ ବହୁ ସାମଗ୍ରୀ ଜବତ କରି ୫ଜଣଙ୍କୁ ଗିରଫ କରିଛି। ଡକାୟତମାନେ ହେଲେ ସଦରଥାନା ଅନ୍ତର୍ଗତ ନରିଲୋ ଗ୍ରାମର ନୃସିଂହ ମଳିକଙ୍କ ପୁଅ ଧନି ମଳିକ(୨୫) ଓ ଗିରିଗୋଲା ଶାସନର ବାବୁଲି ମଳିକଙ୍କ ପୁଅ ରାକେଶ କୁମାର ମଳିକ, ନେମାଳ ଥାନା ଅନ୍ତର୍ଗତ ତରତ ଗ୍ରାମର ନିରଞ୍ଜନ ରାଉତଙ୍କ ପୁଅ ସଂଗ୍ରାମ ରାଉତ(୨୪) ଓ କେରିଲୋ ଗ୍ରାମର ବିରେନ୍ଦ୍ର ସିଂଙ୍କ ପୁଅ ଅଜୟ ସିଂ(୨୦), କୁଦାନଗରୀ ଫାଣ୍ଡି ଅନ୍ତର୍ଗତ କ୍ଷୀରୋଦ ମଳିକଙ୍କ ପୁଅ ଜୟନ୍ତ ମଳିକ(୨୨)ଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସେମାନଙ୍କ ନିକଟରୁ ଗୋଟିଏ ୩୦ଇଞ୍ଚର ଏଲ୍ଇଡି ଟିଭି, ଗୋଟିଏ ଏସି ଷ୍ଟାବିଲାଇଜର, ଦୁଇଟି ଇନ୍‌ଭର୍ଟର ବ୍ୟାଟେରୀ, ଗୋଟିଏ ଇନ୍‌ଭର୍ଟର, ଗୋଟିଏ ପ୍ରିଣ୍ଟର ସଦରଥାନା ପୁଲିସ ଜବତ କରିଛି। ଏଥିସହିତ ବିଭିନ୍ନ ଜିଲ୍ଲାରୁ ଏମାନେ ଚୋରି କରିଥିବା ସଦରଥାନା ପକ୍ଷରୁ ସୂଚନା ଦିଆଯାଇଛି। ସେମାନେ ବିଭିନ୍ନ ଜାଗାରୁ ଚୋରି କରି ସେସବୁ ସାମଗ୍ରୀଗୁଡିକ ବିଭିନ୍ନ ଜାଗାରେ ବିକ୍ରି କରିଥିବା ଏହି ଡକାୟତମାନେ ସଦରଥାନା ପୁଲିସକୁ କହିଛନ୍ତି। ଏହାକୁ ଭିତ୍ତିକରି ସଦରଥାନା ପୋଲିସ ତଦନ୍ତ ଜାରି ରଖିଛି।

### କ୍ୱାରେଣ୍ଟାଇନ ସେଣ୍ଟର ନାଁରେ ଅର୍ଥ ହଡ଼ପ ଅଭିଯୋଗ

# ଦୁଇ ବର୍ଷ ପରେ ଲୋକାୟୁକ୍ତଙ୍କ ତଦନ୍ତ ଆରମ୍ଭ

**ରାଜକନିକା,୧୦।୭ (ସମିସ):** କୋଭିଡ ସମୟରେ ବିଦେଶରୁ ଫେରୁଥିବା ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ନିରାପତ୍ତା ଯୋଗାଇବାକୁ ସରକାରୀ ଅର୍ଥ ବ୍ୟୟରେ ପ୍ରତି ପଞ୍ଚାୟତରେ ଖୋଲିଥିଲା ଟେମ୍ପରାରି ମେଡିକାଲ ସେଣ୍ଟର (ଟିଏମସି) କ୍ୱାରେଣ୍ଟାଇନ ସେଣ୍ଟର। ମାତ୍ର ରାଜକନିକା ବ୍ଲକ କୋଇଲିପୁର ପଞ୍ଚାୟତରରେ ୧୧ଟି ଟିଏମସି ସେଣ୍ଟରମଧ୍ୟରୁ ମାତ୍ର ୪ଟି କାର୍ଯ୍ୟକ୍ଷମ ଥିବାବେଳେ ଆଉ ୭ ସେଣ୍ଟରକୁ କେବଳ ଫଲ୍‌ସ କରି ବିଲ ଉଠାଇ ନିଆଯାଇଥିବା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ଦୁଇ ବର୍ଷ ପରେ ଆଜି ଅପରାହ୍ନରେ ଲୋକାୟୁକ୍ତଙ୍କ



ଏକ ୪ ଜଣିଆ ଟିମ୍ କୋଇଲିପୁର ପଞ୍ଚାୟତ ଗସ୍ତ କରି ତଦନ୍ତ ଆରମ୍ଭ କରିଛନ୍ତି। ଆଜି ମଧ୍ୟାହ୍ନରେ ଏହି ଟିମ ବ୍ଲକରେ ପହଞ୍ଚିବା ପରେ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରିଥିଲେ। ଏହାପରେ କୋଇଲିପୁର ପଞ୍ଚାୟତ ଅଫିସରେ ପହଞ୍ଚି କାଗଜପତ୍ର ତନଖି କରିବା ସହ ଉପସ୍ଥିତ ଜନଗଣଙ୍କଠାରୁ ଏ ସମ୍ପର୍କରେ ପଚାରି ବୁଝିଥିଲେ। ପଞ୍ଚାୟତ ଅଫିସରୁ ଯାଇ ଟିଏମସି ସେଣ୍ଟର ହୋଇଥିବା କୋଇଲିପୁର ଅସ୍ଥାୟୀ ମେଡିକାଲ ଗୃହ ପରେ ଲୁହାରମହି ମଦ୍ରାସା ଓ ପରେ ତରପଦା ପ୍ରାଇମେରୀ ସ୍କୁଲ, ବାଟଗାଁରେ ପହଁଚି ତଦନ୍ତ କରିଥିଲେ। କୋଭିଡ ସମୟରେ ଏହି ସବୁ ସରକାରୀ ଅନୁଷ୍ଠାନ କୋଭିଡ ଟିଏମସି ସେଣ୍ଟର ପାଇଁ ବ୍ୟବହାର କରାଯାଇଥିଲା କି ନାହିଁ କଣ କଣ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଥିଲା ପଚାରିଥିଲେ। ଲୁହାରମହି ମଦ୍ରାସାରେ କେବଳ କାନ୍ଥ ରଙ୍ଗ କରାଯିବା ପରେ ଆଉ କୌଣସି ଉପକରଣ ମିଳି ନ ଥିବା ତଦନ୍ତ ବେଳେ ମଦ୍ରାସା ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ତିନିଦିନ ଧରି ଏହି ତଦନ୍ତ ଚାଲିବାକୁ ଥିବାବେଳେ ଆଜି ପ୍ରଥମ ଦିନରେ ୩ଟି କେନ୍ଦ୍ରରେ ତଦନ୍ତ ହୋଇଛି। ଟିଏମସି ନାଁରେ ଅର୍ଥ ହେରଫେର ହୋଇଥିବା ନେଇ କୃତ୍ତିବାସ ଦାସ ଲୋକାୟୁକ୍ତର ଦ୍ୱାରସ୍ଥ ହୋଇଥିଲେ।

## ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ଜୟନ୍ତୀ



**ପଟ୍ଟାମୁଣ୍ଡାଇ,୧୦।୭ (ସମିସ):** ପଟ୍ଟାମୁଣ୍ଡାଇ ପୌରପରିଷଦ ପ୍ରେକ୍ଷାଳୟରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ପାୟଲ ମ୍ୟୁଜିକ୍ ସ୍କୁଲର ମିଳିତ ସହଯୋଗରେ ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ୧୨୪ ତମ ଜୟନ୍ତୀ ପାଳିତ ହୋଇଯାଇଅଛି। ଶିକ୍ଷାବିତ ନୀଳମାଧବ ପତିଙ୍କ ପୌରହିତରେ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଓଡିଶା ସଙ୍ଗୀତ ନାଟକ ଏକାଡେମୀର କାର୍ଯ୍ୟନିର୍ବାହୀ ସଭ୍ୟ ପବିତ୍ର ପଟ୍ଟନାୟକ, ଓଡ଼ିଆ ଭାଷା ଗବେଷକ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ଅଜୟ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଣୀକଣ୍ଠଙ୍କ କର୍ମମୟ ଜୀବନ ଓ ସଙ୍ଗୀତ ସାଧନା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଓଡ଼ିଶାର ଦ୍ୱିତୀୟ ବାଣୀକଣ୍ଠ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ ସଙ୍ଗୀତ ପରିବେଷଣ ମାଧ୍ୟମରେ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ସଙ୍ଗୀତକୁ ବିଶ୍ୱଦରବାରରେ ପହଞ୍ଚାଇବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି କହିଥିଲେ। ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ନାତି ତଥା ବିଶିଷ୍ଟ ଆଇନଜ୍ଞ ପ୍ରଣୟ କିଶୋର ହରିଚନ୍ଦନ ଓ ସ୍ୱନାମଧନ୍ୟ କବି, ଗୀତିକାର ମୋହିତ ଚକ୍ରବର୍ତ୍ତୀ ବାଣୀକଣ୍ଠଙ୍କ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପାୟଲ ମ୍ୟୁଜିକ୍ ସ୍କୁଲର ପ୍ରତିଷ୍ଠାତା, ସମ୍ପାଦକ ଦେବାଶିଷ ସାମଲ ଅତିଥି ପରିଚୟ ପ୍ରଦାନ ସହ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ, ଯୁବ କଣ୍ଠଶିଳ୍ପୀ ଶିବାନନ୍ଦ ତ୍ରିପାଠୀ, ଓଡିଶୀ ସଙ୍ଗୀତଗୁରୁ ରବୀନ୍ଦ୍ରନାଥ ମିଶ୍ର, ପାୟଲ ମ୍ୟୁଜିକ୍ ସ୍କୁଲର ସଙ୍ଗୀତଗୁରୁ ଭାସ୍କର ଚନ୍ଦ୍ର ବେହେରା, ତବଲାଗୁରୁ ସୁଶୀଲ କୁମାର ସେନ ଓ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବାର୍ ଆସୋସିଏସନ୍ ପକ୍ଷରୁ ନୂତନ ବିଚାରପତିଙ୍କୁ ସମ୍ବର୍ଦ୍ଧନା



**ଆଳି,୧୦।୭ (ସମିସ):** ଆଳି ଅଦାଲତରେ ଅବସ୍ଥିତ ବାର ଆସୋସିଏସନ ଗୃହରେ ଏକ ସମାରୋହରେ ନୂତନ ବିଚାରପତି ଦିବାନ ସତ୍ୟଦର୍ଶୀ ନନ୍ଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରମୋଦ ରାୟ, ସମ୍ପାଦକ ନୃସିଂହ ଚନ୍ଦ୍ର ଦୀକ୍ଷିତ, ପୂର୍ବତନ ସଭାପତି ଚିରଞ୍ଜିବୀ ଦାସ, ସହ ସମ୍ପାଦକ ସୂର୍ଯ୍ୟମଣି ସାମଲ, ଉପ ସଭାପତି ସୁଶାନ୍ତ ଦୀକ୍ଷିତ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ସାମଲ, ପାଠାଗାର ସମ୍ପାଦକ ପ୍ରଦୀପ ଦାଶ, କାର୍ଯ୍ୟନିର୍ବାହୀ ସଦସ୍ୟ ବସନ୍ତ ଘଡ଼ାଇ ପ୍ରମୁଖ ବିଚାରପତି ଶ୍ରୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପିଏଲଭି ସହଦେବ ସିଂହ ବ୍ୟାଚ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଶରତ ମହାନ୍ତି, ଅକ୍ଷୟ ମଲିକ, ଅନନ୍ତ ଚରଣ ଦାସ, ବାସୁଦେବ ସିଂହ, କ୍ଷୀରୋଦ ପରିଡା, ମୃତ୍ୟୁଞ୍ଜୟ ସାମଲ, ରାଧାକାନ୍ତ ବିଶ୍ୱାଳ, ପ୍ରମୋଦ ସ୍ୱାଇଁ, ପ୍ରତିଭା ପାତ୍ର, ରଞ୍ଜନ ପାତ୍ର, ଅଜୟ ସେଠୀ, ପରମାନନ୍ଦ ବେହେରା ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ନିର୍ବାହୀ ସଦସ୍ୟ ଅଣାକାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ,୧୦।୭ (ସମିସ):** ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଞ୍ଚର ବରିଷ୍ଠ ସଭ୍ୟ ତଥା ସାତ ଭଉଣୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଦାଶଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳିସଭା ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଭାପତି କଣ୍ଟୁରି ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଚତୁର୍ଭୁଜ ରାଉଳ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ. କେଲୁଚରଣ ସ୍ୱାଇଁ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର, ପ୍ରଫେସର ପରିକ୍ଷୀତ ପାତ୍ର, ପ୍ରଫେସର ରମେଶ ଚନ୍ଦ୍ର ଜେନା, ଶିକ୍ଷକ ନେତା ବିଜୟ କୁମାର ସାହୁ, ପ୍ରମୋଦ କୁମାର ନାୟକ, ଶିକ୍ଷାବିତ ସଚିନନ୍ଦନ ଦାସ, ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ପାବନୀ କୁମାର ରାଉତ, ବିଜୟ କୁମାର ରାଉତ, ପ୍ରଦୀପ୍ତ କୁମାର ରଥ, ଇଓ ଗୁଣଧର ସାମଲ, ଇଓ ତପନ କୁମାର ପାତ୍ର ପ୍ରମୁଖ ଦିବଂଗତ ଶିକ୍ଷକ ଶ୍ରୀ ଦାଶଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

## ପୁରାତନ ଛାତ୍ରଙ୍କ ପକ୍ଷରୁ ବନ ମହୋତ୍ସବ



**ପଟ୍ଟାମୁଣ୍ଡାଇ,୧୦।୭ (ସମିସ):** ବନ ମହୋତ୍ସବ ଅବସରରେ ପ୍ରକୃତିପ୍ରେମୀ ଶିକ୍ଷକନେତା କବି ଅନ୍ତର୍ଯ୍ୟାମୀ ବେଜ ବିଭିନ୍ନ ସ୍କୁଲରେ ଶହ ଶହ ଗଛ ଲଗାଇ ଉଦାହରଣ ସୃଷ୍ଟି କରିଛନ୍ତି। ୭୫ତମ ବନ ମହୋତ୍ସବକୁ ଭିନ୍ନ ଢଙ୍ଗରେ ପାଳନ କରିବାକୁ ଶ୍ରୀ ବେଜ ନିଜର ସହପାଠୀ ପଟ୍ଟାମୁଣ୍ଡାଇ କଲେଜର ୧୯୯୩ ବ୍ୟାଚ ଛାତ୍ରଛାତ୍ରୀଙ୍କୁ ଏକାଠି କରି ପଟ୍ଟାମୁଣ୍ଡାଇ ବ୍ଲକ ମିଞ୍ଜାଉଣୀଠାରେ ବନ ମହୋତ୍ସବ ପାଳନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଡମୋହନପୁର ସରପଞ୍ଚ ପ୍ରତିନିଧି ରାମ ଚନ୍ଦ୍ର ରାଉତ, ବଡପଡା ପଞ୍ଚାୟତ ପୂର୍ବତନ ସରପଞ୍ଚ କୈଳାଶ ସିଂ, ଶିକ୍ଷାବିତ ଜଗନ୍ନାଥ ଉପାଧ୍ୟାୟ, ବିଶ୍ୱନାଥ ପତି, ମଣିଚରଣ ସାହୁ, ମନୋଜ କୁମାର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ବନ ମହୋତ୍ସବରେ ପଟ୍ଟାମୁଣ୍ଡାଇ କଲେଜର ପୁରାତନ ଛାତ୍ର ଶିକ୍ଷାବିତ କବି ଅନ୍ତର୍ଯ୍ୟାମୀ ବେଜ, ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ଶୁଭଦୀପ ଗୁପ୍ତା, ତପନ ପାତ୍ର, ବସନ୍ତ ନାୟକ, ଜ୍ୟୋତିର୍ମୟ ତ୍ରିପାଠୀ, ଉପେନ୍ଦ୍ର ନାୟକ, ମୃତ୍ୟୁଞ୍ଜୟ ପଣ୍ଡା, ନୃସିଂହ ସ୍ୱାଇଁ, ସର୍ବେଶ୍ୱର ସାହୁ, ଚିତ୍ତରଞ୍ଜନ ସ୍ୱାଇଁ, ବିକାଶ ମଜୁମଦାର, ରବି ନାରାୟଣ ନାୟକ, ବନମାଳୀ ମହାପାତ୍ର, ସୁବାସ ସାହୁ, ବସନ୍ତ ମଞ୍ଜରୀ ଦାସ, ତ୍ରିଲୋଚନ ନାୟକ ପ୍ରମୁଖ ସାମିଲ ହୋଇ ୪୭ଟି ଚାରାରୋପଣ କରିଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ଢେଙ୍କାନାଳ,୧୦।୭ (ସମିସ) :** ଢେଙ୍କାନାଳ ମୁଖ୍ୟ ରେଲଷ୍ଟେସନ ନିକଟସ୍ଥ ରାମେଶ୍ୱରପୁର ଅଞ୍ଚଳରେ ଏକ ରେଲଧାରଣାରେ ଜଣେ ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ତାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କଲିକତା ମୁର୍ସିଦାବାଦର ମିଲନ କୁମାର ଢେଙ୍କାନାଳ ରେଲଧାରଣାରେ ନୂତନ ରେଲପଥ କାର୍ଯ୍ୟରେ ନିୟୋଜିତ ହୋଇ ମାପଚୁପ କାର୍ଯ୍ୟ କରୁଥିଲେ। ମିଲନ ହାତରେ ଧରିଥିବା ଆଲୁମିନିୟମ ସ୍କେଲ୍ ୧୧ କେଭି ବିଦ୍ୟୁତ ତାରରେ ସ୍ପର୍ଶ ହେବାପରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସେଠାରେ କାର୍ଯ୍ୟରତ ଅନ୍ୟ ଶ୍ରମିକମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ରାମେଶ୍ୱରପୁର ଅଞ୍ଚଳରେ କୋହଳିଆ ଭୟ ସୃଷ୍ଟି ହୋଇଛି। ଜନବସତି ନିକଟଦେଇ କମ ଉଚ୍ଚତାରେ ୧୧କେଭି ତାର ଯାଇଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏନେଇ ରେଳ ବିଭାଗ ପକ୍ଷରୁ ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଚତୁର୍ଥ ସନ୍ଧ୍ୟା



**ଢେଙ୍କାନାଳ, ୧୦।୭ (ସମିସ):** ସ୍ଥାନୀୟ ବାଜିଚୌକ ସ୍ଥିତ ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଚତୁର୍ଥ ଦିବସରେ ମୁଖ୍ୟଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂଦେଓ, ସମ୍ମାନିତ ଅତିଥି ସାମ୍ବାଦିକ ଅରବିନ୍ଦ ସାହୁ। ଦେବାଳୟ ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଦୀପକ ପ୍ରସାଦ ପଟ୍ଟନାୟକ ବରିଷ୍ଠ ଆଇନଜୀବୀ ଉପସ୍ଥିତ ରହି ଚତୁର୍ଥ ସନ୍ଧ୍ୟାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଚତୁର୍ଥ ଦିବସରେ କଣ୍ଠଶିଳ୍ପୀ ଶାନ୍ତିସ୍ୱରୂପଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ଚତୁର୍ଥ ସନ୍ଧ୍ୟାରେ ସୁର ସଙ୍ଗମ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ସଭାପତି ରୁଦ୍ରନାରାୟଣ ଦଳେଇ, ସାଧାରଣ ସମ୍ପାଦକ ମହେନ୍ଦ୍ର ସାରେଙ୍ଗି, ଉପଦେଷ୍ଟା ସଂଗ୍ରାମ କେଶରୀ ପାଣି, ମଞ୍ଚ ପରିଚାଳନା ଅବନୀ କୁମାର ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ସଂଗ୍ରାମ କେଶରୀ ପାଣି।

## ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ବିଶେଷ ନୀତିକାନ୍ତି



**ଢେଙ୍କାନାଳ, ୧୦।୭ (ସମିସ):** ସ୍ଥାନୀୟ ବାଜିଚୌକ ସ୍ଥିତ ଆଡ଼ପ ମଣ୍ଡପ ଠାରେ ମହାପ୍ରଭୁଙ୍କ ବିଶେଷ ନୀତିକାନ୍ତି ସମ୍ପନ୍ନ ହୋଇଛି। ପ୍ରାତଃରୁ ସୂର୍ଯ୍ୟ ପୂଜା, ମଙ୍ଗଳ ଆଳତି, ପରେ ମନ୍ତ୍ର ପୂଜା ଅର୍ଚ୍ଚନା ପରେ ମହାସ୍ନାନ କରଯାଇଥିଲା। ଏହି ଅବସରରେ ବସ୍ତ୍ର, ତୁଳସୀ ହାର, ଫୁଲ ହାର ଲାଗି କରାଯାଇଥିଲା। ସକାଳ ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ୧୦ଟା ବେଳେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନ ଭୋଗ, ସଂଧ୍ୟାରେ ଆଳତୀ ପରେ ରାତ୍ର ଧୂପ ପରେ ପହଡ଼ ପଡ଼ିବ। ପୂଜକ ମନ ସୁମନ ମିଶ୍ର, ପୂଜକ ଶିବଶଙ୍କ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବାବାଜି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଗଁଦିଆ ବ୍ଲକରେ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା



**ଗଁଦିଆ, ୧୦।୭ (ସମିସ):** ଗଁଦିଆ ବ୍ଲକରେ ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ବୋର୍ଡ଼ ଅଫ ସେକେଣ୍ଡାରୀ ଇଜୁକେସନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଉକ୍ତ ବ୍ଲକରେ ୨ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଛି। ସରକାରୀ ବିଦ୍ୟାଳୟ ଗଁଦିଆ ଓ ସରକାରୀ ବିଦ୍ୟାଳୟ ସନ୍ଥପୁର ରେ ଅନୁଷ୍ଠିତ ହୋଉଛି। ଗଁଦିଆ କେନ୍ଦ୍ରରେ ୨୨୫ଜଣ ପରୀକ୍ଷାର୍ଥୀ ଓ ସନ୍ଥପୁର କେନ୍ଦ୍ରରେ୧୧୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ୨ଟି ଷ୍ଟେଜ ରେ ଯଥା ୬ଷ୍ଠ ଶ୍ରେଣୀ ଓ ଅଷ୍ଟମ ଶ୍ରେଣୀ ପାଇଁ ହୋଇଥିଲା। ଗଁଦିଆ କେନ୍ଦ୍ରରେ ୧୪୬ଜଣ ଆବେଦନ କାରୀଙ୍କ ମଧ୍ୟରୁ ୧୨୫ଜଣ ଓ ସନ୍ଥପୁର କେନ୍ଦ୍ରରେ ୧୩୨ଜଣ ଆବେଦନକାରୀଙ୍କ ମଧ୍ୟରୁ ୧୧୩ଜଣ ପରୀକ୍ଷା ଦେଇଥିଲେ। ସକାଳ ୮ଟା ଠା ରୁ ଉକ୍ତ ପରୀକ୍ଷା ଆରମ୍ଭ ହୋଇ ୧୧ରେ ସରିଥିଲା। ଗଁଦିଆ କେନ୍ଦ୍ରରେ କେନ୍ଦ୍ର ପରିଚାଳକଙ୍କ ସମେତ ୧୪ଜଣ କର୍ମଚାରୀ ଓ ସନ୍ଥପୁର କେନ୍ଦ୍ରରେ କେନ୍ଦ୍ର ପରିଚାଳକ ସମେତ ୧୨ଜଣ କର୍ମଚାରୀ ନିୟୋଜିତ ଥିଲେ।

### ପ୍ରସିଦ୍ଧ ଶୈବପୀଠ କପିଳାସରେ ରୋପ୍ ୱେ ଯୋଜନା

# ୭ବର୍ଷ ହେଲା ସରକାରଙ୍କ ନାଲିଫିତା ତଳେ ପ୍ରକଳ୍ପ କାର୍ଯ୍ୟ

**ଢେଙ୍କାନାଳ/ଗଁଦିଆ, ୧୦।୭ (ସମିସ)**





ରାଜ୍ୟର ପ୍ରମୁଖ ଶୈବପୀଠ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ କପିଳାସ ପୀଠରେ ରୋପ ୱେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଦୀର୍ଘ ୭ବର୍ଷ ଧରି ସରକାରଙ୍କ ନାଲିଫିତା ତଳେ ପଡ଼ିରହିଥିବା ଜଣାପଡ଼ିଛି। କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠ ଖ୍ରୀଷ୍ଟପୂର୍ବ ୧୩୫୨ ମସିହାରେ ଗଙ୍ଗବଂଶର ରାଜା ପ୍ରଥମ ନରସିଂହଦେବଙ୍କ ଦ୍ୱାରା ନିର୍ମିତ ହୋଇଛି। ପୀଠରେ ବାବା ବିଶ୍ୱନାଥଙ୍କ ମନ୍ଦିର ସହିତ ମାତା ପାର୍ବତୀଙ୍କ ମନ୍ଦିର ରହିଛି। ପୀଠରେ ଗଣେଷ, କାର୍ତ୍ତିକ, ଗଙ୍ଗାଦେବୀଙ୍କ ସହିତ ମନ୍ଦିରର ପାର୍ଶ୍ୱ ଦେବତା ଭାବରେ ଜଗନ୍ନାଥ ବିଜେ କରିଛନ୍ତି। ମନ୍ଦିର ନିକଟରେ ରହିଛି ପଞ୍ଚାମୃତ କୁଣ୍ଡ ଏବଂ ମରିଚୀ କୁଣ୍ଡ। ମନ୍ଦିରର ମୁଖଶାଳା ସହିତ ଭୋଗ ମଣ୍ଡପ, ନାଟମଣ୍ଡପ ରହିଛି। ଏଠାରେ କାଠରେ ନିର୍ମିତ ଜଗମୋହନ ବେଶ ଆକର୍ଷଣୀୟ ହୋଇଛି। ପ୍ରତିଦିନ ରାଜ୍ୟ ତଥା ଦେଶବିଦେଶରୁ ହଜାର ହଜାର ଭକ୍ତଙ୍କ ସହିତ ପର୍ଯ୍ୟଟକମାନଙ୍କ ସମାଗମ ହେଉଥିବା ବେଳେ ଶ୍ରାବଣ ମାସର ସୋମବାର, ମାଘ ମାସ ଏବଂ ଶିବରାତ୍ରି ସମୟରେ ଲକ୍ଷାଧିକ ଭକ୍ତଙ୍କର ଏଠାରେ ସମାଗମ ହୋଇଥାନ୍ତି। ନଭେମ୍ବର ମାସରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପର୍ଯ୍ୟଟନ ଋତୁରେ ପ୍ରତିଦିନ ଭକ୍ତଙ୍କ ସମାଗମ ହେଉଥିବା ବେଳେ ମୃଗ ବିହାର, ବିଜ୍ଞାନ କେନ୍ଦ୍ରକୁ ମଧ୍ୟ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ପର୍ଯ୍ୟଟକମାନେ ପ୍ରକୃତିର ନୈସର୍ଗୀକ ଶୋଭା ପରିଦର୍ଶନ କରିବା ସହିତ ବଣଭୋଜିର ମଜା ଏଠାରେ ଉଠାଇଥାନ୍ତି। ଏହା ସହିତ ଗତ ୧ ବର୍ଷହେବ ବନବିଭାଗ ତରଫରୁ ଆରମ୍ଭ ହୋଇଥିବା ଜଙ୍ଗଲ ସଫାରୀ ଅଧିକ ଆକର୍ଷଣୀୟ ହୋଇପଡ଼ିଛି। କପିଳାସ ପୀଠକୁ ଅଧିକ ଆକର୍ଷଣୀୟଏବଂ ପର୍ଯ୍ୟଟକକୁ ଆକର୍ଷିତ କରିବା ପାଇଁ ତତ୍କାଳୀନ ଜିଲ୍ଲାପାଳ କପିଳାସ ପୀଠରେ ରୋପ ୱେ କରିବା ପାଇଁ ଗତ ୧୯୯୨ ଏବଂ ୨୦୦୪ ମସିହାରେ ସରକାରଙ୍କୁ ପ୍ରସ୍ତାବ ପ୍ରଦାନ କରିଥିଲେ। ସରକାର ପ୍ରସ୍ତାବକୁ ଗୁରୁତର ସହିତ ଗ୍ରହଣ କରିବା ସହିତ ୨୦୧୮-୧୯ ମସିହାରେ କପିଳାସରେ ରୋପ ୱେ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ପରେ ସ୍ୱାଧୀନତା ଦିବସ ଅବସରରେ ତତ୍କାଳୀନ ସାମାଜିକ ସୁରକ୍ଷା ମନ୍ତ୍ରୀ ଢେଙ୍କାନାଳ ଗସ୍ତରେ ଆସିଥିବା ବେଳେ କପିଳାସ ପୀଠରେ ରୋପ ୱେ ହେବ ବୋଲି ଘୋଷଣା କରିବା ସହିତ ଏହି କାର୍ଯ୍ୟର ଅବଧି ୧୬ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ଘୋଷଣା କରି ଏହାର ଆକ୍ସନ ପ୍ଲାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଘୋଷଣାର ୭ବର୍ଷ ବିତିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଠାରେ ରୋପ ୱେ ନିର୍ମାଣ କରାଗଲେ ଆବାଳବୃଦ୍ଧ ବନିତା ସହଜରେ ଚନ୍ଦ୍ରଶେଖରଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଦର୍ଶନ କରବା ସହ କପିଳାସ ଚତୁପାର୍ଶ୍ୱରେ ରହିଥିବା ସବୁଜିମା ଏବଂ ସୁଦ୍ଧ ଅମ୍ଳଜାନ ନେବାରେ ସହାୟତ ହେବା ସହିତ ସ୍ଥାନୀୟ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଦାବି କରାଯାଇଛି। ଏହି ଶୈବ ପୀଠରେ ରୋପ ୱେ ନିର୍ମାଣ କରାଗଲେ ଦେଶ ବିଦେଶରୁ ପର୍ଯ୍ୟଟକମାନେ ଆସିଲେ ଆର୍ଥିକ ସ୍ଥିତି ସୁଦୃଢ ହୋଇପାରିବ।

### ■ କପିଳାସରେ ଚନ୍ଦ୍ରଶେଖର ଜୀଉ ଉପାସ ରହିବା ଘଟଣା

## ବାହୁଡ଼ା ଯାତ୍ରା ପରେ ହେବ ସ୍ଥାୟୀ ସମାଧାନ

**ଢେଙ୍କାନାଳ/ଗଁଦିଆ, ୧୦।୭ (ସମିସ) :** ଢେଙ୍କାନାଳର ପ୍ରମୁଖ ଶୈବପୀଠ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ଗତ ୨ଦିନ ଧରି ଉପବାସ ରହିବା ପରେ ପୁଣି ଥରେ ଠିକା ସେବାୟତଙ୍କୁ ନେଇ ଆରମ୍ଭ ହୋଇଛି ନୀତିକାନ୍ତି। ଦୀର୍ଘ ୨ ବର୍ଷ ଧରି ପ୍ରଶାସନର ଜ୍ଞାତସାରରେ ଏଭଳି ଠିକା ସେବାୟତଙ୍କୁ ନେଇ ପୂଜାର୍ଚ୍ଚନା ଚାଲିଥିବା ବେଳେ ବାହୁଡ଼ା ପରେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

ପ୍ରଭୁଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ରହିବା ସହିତ ଭୋଗ ଦୋକାନ ନିଲାମ, ଗେଟ, ଷ୍ଟାଣ୍ଡ, ବିଭିନ୍ନ ସୂତ୍ରରୁ କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ ହେଉଛି। କପିଳାସରେ ଚିନ୍ତାପତ୍ରୀମାନେ ପୂଜା କରୁଥିବା ବେଳେ ସୁଆରମାନେ ରୋଷଘରେ ପ୍ରସାଦ ପ୍ରସ୍ତୁତ କରି ଦିଅଁଙ୍କଠାରେ ଲାଗି କରିଥାନ୍ତି। ତତ୍କାଳୀନ ଜିଲ୍ଲାପାଳ ସରୋଜ କୁମାର ସେଠୀଙ୍କ ସମୟରେ କପିଳାସ ପୀଠରେ କାର୍ଯ୍ୟ କରୁଥିବା ସେବାୟତମାନଙ୍କୁ ଦୈନିକ ୨୧୩ଟଙ୍କା ମଜୁରୀ ପ୍ରଦାନ କରାଯାଉଥିବା ବେଳେ ମଜୁରୀ ବୃଦ୍ଧି କରିବା ପାଇଁ ଆନ୍ଦୋଳନ କରାଯାଇଥିଲା। ଫଳରେ ଜିଲ୍ଲାପାଳ ଯେଉଁମାନଙ୍କୁ ମଜୁରୀ ଯଥେଷ୍ଟ ହେଉନାହିଁ ସେମାନେ କାର୍ଯ୍ୟ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଦେଓଗାଁର ସେବାୟତମାନଙ୍କୁ ଗତ ୨ବର୍ଷ ତଳୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ପରେ ପରେ ପ୍ରଭୁଙ୍କୁ ସେବା ପାଇଁ ଠିକାରେ ସେବାୟତଙ୍କୁ ନିଯୁକ୍ତି ଦିଆଯାଇଥିଲା। ଦୀର୍ଘ ୨ବର୍ଷ ଧରି ଦେବୋତ୍ତର ବିଭାଗ ନିରବଦ୍ରଷ୍ଟା ସାଜି ଠିକା ସେବାୟତଙ୍କୁ ନେଇ ପୂଜା ଚଳାଇଥିବା ବେଳେ ଏବେ ମଧ୍ୟ ସେହି ବ୍ୟବସ୍ଥା ଚାଲିଛି। ଏଭଳି ବ୍ୟବସ୍ଥା ତୁରନ୍ତ ବନ୍ଦକରି ସ୍ଥାୟୀ ସମାଧାନ କରିବାକୁ ଦାବି ହୋଇଛି।

### ■ ଆମ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଅଧପନ୍ତରିଆ ଘଟଣା

## ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପରେ ଢେଙ୍କାନାଳ ବନ୍ଦ ଡାକରା ସ୍ଥଗିତ



**ଢେଙ୍କାନାଳ,୧୦।୭ (ସମିସ):** ଢେଙ୍କାନାଳ ପୌରାଞ୍ଚଳରେ ରହିଥିବା ରାଜାରାଜୁଡ଼ା ଅମଳର ବହୁ ପୁରାତନ ବଡ଼ ବଡ ପୋଖରୀରୁ ଆମ ପୋଖରୀ ଯୋଜନାରେ ପ୍ରାୟ ୯ କୋଟି ଟଙ୍କା ବିନିଯୋଗ କରାଯାଇ ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟ ସଠିକ ରୂପେ କରା ନଯାଇ ପଙ୍କଗୁଡିକ ବାହାରକୁ ନିଷ୍କାସନ ନକରି ପୋଖରୀ ହୁଡ଼ା ଭିତର ପାର୍ଶ୍ୱରେ ପକାଇ ପୋଖରୀକୁ ସଂକୁଚିତ କରାଯାଇଥିଲା। ଏହି ଘଟଣାକୁ ଉଦବେଗ ପ୍ରକାଶ କରି ପୋଖରୀ ସୁରକ୍ଷା ସମିତି ଏହାକୁ ଦୃଢ଼ ପ୍ରତିବାଦ କରି ଆସନ୍ତା ଜୁଲାଇ ୧୧ ତାରିଖରେ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିବା ସହିତ ଜୁଲାଇ ୧୨ ତାରିଖରେ ଢେଙ୍କାନାଳ ସହର ବନ୍ଦ ଡାକରା ଦିଆଯାଇଥିଲା। ଏହି ଘଟଣାକୁ ନେଇ ଜିଲ୍ଲପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲପାଳ ପୌର ନିର୍ବାହୀ ଅଧିକାରୀ, ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ଆସନ୍ତା ୧୫ ଦିନ ମଧ୍ୟରେ ପୌରାଞ୍ଚଳରେ ରହିଥିବା ୧୨ଟି ପୋଖରୀର ପଙ୍କ ବାହାରକୁ ନିଷ୍କାସନ କରାଯିବ। ଏହା ସହିତ ଏହି ପୁନରୁଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରଶାସନର ନିର୍ଦ୍ଦେଶକୁ ମାନି ପୋଖରୀ ସୁରକ୍ଷା ସମିତି ଆସନ୍ତା ଜୁଲାଇ ୨୬ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ବନ୍ଦ ଡାକରାକୁ ସ୍ଥଗିତ ରଖିଥିବା ଜଣାପଡ଼ିଛି।

## ମହାବିରୋଡ଼ ଅଞ୍ଚଳରେ ଚୋରି ବୃଦ୍ଧି, ହାତବାନ୍ଧି ବସିଛି ପୁଲିସ

**କାମାକ୍ଷାନଗର, ୧୦।୭ (ସମିସ) :** ମହାବିରୋଡ଼ ଥାନା ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟପାଟ କରୁଥିବା ଜଣାପଡ଼ିଛି। ମହାବିରୋଡ଼ ଥାନା ଠାରୁ ୫୦ ମିଟର ଦୂରରେ ଗତକାଲି ବିଳମ୍ବିତ ରାତିରେ ମହାବିରୋଡ଼ ଗ୍ରାମର ବୁରୁଗୁଡ଼ୁଇଁ ସାହି ଛକ ଉପରେ ଥିବା ଅଜୟ ବିଶ୍ୱାଳ ଓ କାଳନ୍ଦୀ ବିଶ୍ୱାଳଙ୍କ ଦୋକାନ ତାଲା ଭାଙ୍ଗି ଲୁଟ କରାଯାଇଛି। ଏ ସଂକ୍ରାନ୍ତରେ ଅଜୟ ମହାବିରୋଡ଼ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ୨ଟି ଦୋକାନର ତାଲା ଭାଙ୍ଗିବା ସହିତ କ୍ୟାସ କାଉଣ୍ଟରରେ ଥିବା ୧୫ ହଜାର ଟଙ୍କା ଓ ଜିନିଷପତ୍ର ନେଇଥିବା ଅଭିଯୋଗ କରିଛନ୍ତି। ସେହିପରି ତୋରଡ଼ାନାଳୀ ଉଚ୍ଚ ବିଦ୍ୟାଳୟ, ଝିଲ୍ଲୀର ଫାଟକ ତାଲା ଭାଙ୍ଗି ଚୋରି କରିବା ପାଇଁ ଉଦ୍ୟମ କରିଥିବାର ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଗତ ୪/୭/୨୦୨୪ ରେ ମହାବିରୋଡ଼ ଥାନା ଠାରୁ ୨ କିମି ଦୂରରେ ଥିବା ଝିଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଝିଲ୍ଲୀ ଉପ୍ରା ବିଦ୍ୟାଳୟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଇନଭର୍ଟର ମେସିନ, ବ୍ୟାଟେରି, ସ୍ମାର୍ଟ ବୋର୍ଡ, ଟିଭି, ସ୍ପିକର ଆଦି ଚୋରେଇ ନେଇଥିବା ନେଇ ପ୍ରଧାନ ଶିକ୍ଷକ ସୁଧାକର ସିଂହ ମହାବିରୋଡ଼ ଥାନାରେ ଅଭିଯୋଗ କରିଥିଲେ। ସେହିଦିନ ରାତିରେ ଝିଲ୍ଲୀ ଛକରେ ଥିବା ପୁଷ୍ପକ ପ୍ରଧାନ, ଧନେଶ୍ୱର ଜେନା ଓ ତୋଷାର ସାହୁଙ୍କ ଦୋକାନର ତାଲା ଭାଙ୍ଗି ଚୋରି କରିବା ପାଇଁ ଦୁର୍ବୃତ୍ତ ଉଦ୍ୟମ କରିଥିବା ନେଇ ଅଭିଯୋଗ ହେଇଥିଲା। କିଛି ଦିନ ତଳେ ବିଭିନ୍ନ ମନ୍ଦିରରୁ ଚୋରି ହେଇଥିବା ଜଣାପଡ଼ିଥିଲା। ଥାନାରେ ଅଭିଯୋଗ ହେଲାପରେ ପୁଲିସ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି କହି ହାତବାନ୍ଧି ବସୁଛି ପୁଲିସ।

## ସାପ କାମୁଡ଼ାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ହିନ୍ଦୋଳ,୧୦।୭ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ଅଞ୍ଚଳରେ ଏକ ସର୍ପ ଦଂଶନରେ ସ୍ତ୍ରୀ ମୃତ୍ୟୁବରଣ କରିଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ରାତିରେ ହିନ୍ଦୋଳ ଏନଏସିର ୱାର୍ଡ ନଂ-୫ ଧୁନ୍ଦିନାଳି ଗ୍ରାମର ପୁଷ୍ପଲତା ବେହେରା (୪୫) ଓ ତାଙ୍କ ସ୍ୱାମୀ ଶିଶିର ବେହେରା (୫୨) ରାତିରେ ଶୋଇଥିବା ବେଳେ କୌଣସି ବିଷାକ୍ତ ସାପ କାମୁଡି ଦେଇଥିଲା। ଉଭୟଙ୍କୁ ପରିବାର ସଦସ୍ୟ ଉଦ୍ଧାର କରି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଚିକିତ୍ସାଧୀନ ଡାକ୍ତର ପୁଷ୍ପଲତାଙ୍କୁ ମୃତ ଘୋଷଣା କରିଥିବା ବେଳେ ଅଧିକ ଚିକିତ୍ସା ପାଇଁ ଶିଶିରଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

## ଅଚିହ୍ନା ଯୁବକର ଶବ ଉଦ୍ଧାର

**ଢେଙ୍କାନାଳ, ୧୦।୭ (ସମିସ):** ସଦର ଥାନା ଅନ୍ତର୍ଗତ ପାଞ୍ଚକାହାଣିଆ ଗ୍ରାମ ନିକଟସ୍ଥ ଏକ ଜୋର ମଧ୍ୟରେ ପଡ଼ିରହିଥିବା ଅଚିହ୍ନା ଯୁବକର ଶବକୁ ପୁଲିସ ଉଦ୍ଧାର କରିଛି। ଏହି ଶବଟି ଗଳିତ ହୋଇ ନଷ୍ଟ ହୋଇଯାଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ଛାନଭିନ ଆରମ୍ଭ ହୋଇଛି।

## ଜନ୍ମଦିନରେ ବୃକ୍ଷରୋପଣ କଲେ ଯୁବ ସାମ୍ବାଦିକ



**କାମାକ୍ଷାନଗର,୧୦।୭ (ସମିସ) :** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକର କାର୍ଯ୍ୟରତ ଯୁବ ଖବରଦାତା ଜନ୍ମଦିନରେ ବୃକ୍ଷରୋପଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ଯୁବ ସାମ୍ବାଦିକ ଜଣକ ଏକ ଘରୋଇ ଡିଜିଟାଲ ଚ୍ୟାନେଲରେ କାର୍ଯ୍ୟ କରି ବେଶ ସଫଳତା ହାସଲ କରିଛନ୍ତି। ଯୁବ ସାମ୍ବାଦିକ ହେଉଛନ୍ତି ଦଶିପୁର ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମର ପ୍ରଭାକର ନାଏକଙ୍କ ବଡ଼ପୁଅ ପ୍ରବୀଣ କୁମାର ନାଏକ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଜନ୍ମ ଦିନରେ ବିରାଶାଳ ରାମ ମନ୍ଦିର, କୋଳିବଣିଆ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ କିସମର ୭୩ଟି ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ବିରାଶାଳ ଫରେଷ୍ଟର ଦୀପକ କୁମାର ସାହୁ, ଗ୍ରାମ ସଭାପତି ଶଙ୍କର୍ଷଣ ବେହେରା, ସିଆରପି ଲକ୍ଷ୍ମୀ ମହାଳିକ, ରାମ ମନ୍ଦିର ପୂଜକ ସରୋଜ ତ୍ରିପାଠୀ, ଖବରଦାତା କୃଷ୍ଣଚନ୍ଦ୍ର ବେହେରା, ଯଶୋବନ୍ତ ପରିଡ଼ା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ସମନ୍ୱିତ ଶିଶୁବିକାଶ ବିଭାଗରେ ବ୍ୟାପକ ଅନିୟମିତତା ଘଟଣା

# ୧୪ ବର୍ଷ ହେଲା ଦୁଇଗୋଷ୍ଠୀ ହାତରେ ଛତୁଆ ଯୋଗାଣ ଦାୟିତ୍ୱ

**ହିନ୍ଦୋଳ,୧୦।୭ (ସମିସ)**





ହିନ୍ଦୋଳ ଉପଖଣ୍ଡରେ ସମନ୍ୱିତ ଶିଶୁବିକାଶ ବିଭାଗରେ ଛତୁଆ ଯୋଗାଣରେ ବ୍ୟାପକ ଅନିୟମିତତା ହେଉଥିବା ଉପଖଣ୍ଡବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଛି। ମାତ୍ର ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ହିନ୍ଦୋଳ ଉପଖଣ୍ଡରେ ଦୀର୍ଘ ବର୍ଷ ହେବ ଛତୁଆ ଯୋଗାଣ ଦାୟିତ୍ୱରେ ଥିବା ୨ ଟି ଗୋଷ୍ଠୀ କିପରି ପୁନର୍ବାର ଛତୁଆ ଯୋଗାଣ ଦାୟିତ୍ୱ ନେବେ ତଳଠୁ ଉପର ଯାଏ ସମସ୍ତଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ପୁନର୍ବାର ଚାଲିଛି ଗୁପ୍ତ ମନ୍ତ୍ରଣା। କେତେକ ପ୍ରଭାବଶାଳି ବ୍ୟକ୍ତି ଏହାକୁ ସୁବର୍ଣ୍ଣ ସୁଯୋଗ ଭାବି ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କୁ ହାତବାରସି କରି ଲୁଟୁଛନ୍ତି ସରକାରୀ ଯୋଜନା। ଉଭୟଙ୍କ ମଧୁଚନ୍ଦ୍ରିକାରେ ଯୋଜନା ହେଉଛି ଦିଗହରା। ଏଭଳି ମହାଦୁର୍ନୀତିର ପାହାଡ଼ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ। ଉପଖଣ୍ଡରେ ୩୫ ଟି ପଞ୍ଚାୟତ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳକୁ ନେଇ ହିନ୍ଦୋଳ ଉପଖଣ୍ଡ ଗଠନ ହୋଇଥିବା ବେଳେ ଉପଖଣ୍ଡରେ ୪୨୩ ଟି ଅଙ୍ଗନାବାଡ଼ି କେନ୍ଦ୍ରରେ କୋମଳମତି ଶିଶୁମାନଙ୍କୁ ଶିକ୍ଷାଦାନ କରାଯାଉଛି। ଏଠାରେ ବିଭାଗୀୟ ଅଧିକାରୀଙ୍କ ଜ୍ଞାତାସାରାରେ ଗର୍ଭବତୀ, ପ୍ରସୂତି ଓ କୋମଳମତି ଶିଶୁମାନଙ୍କ ସମସ୍ୟାର ସମାଧାନ କରାଯାଉନାହିଁ। ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କ ପାଇଁ ବିଭାଗ କାର୍‌ଯ୍ୟକରିବା ନିୟମ ଥିବାବେଳେ ସମସ୍ତଙ୍କୁ କୁପୋଷଣ ତଥା ପୃଷ୍ଟି ହୀନତାରୁ ଦୂରେଇ ରଖିବାକୁ ବିଭାଗ ପକ୍ଷରୁ ପୃଷ୍ଟିକର ଖାଦ୍ୟ ଯୋଗାଇଦେବା ପାଇଁ ନିୟମ ରହିଛି। ଅଙ୍ଗନବାଡ଼ି କେନ୍ଦ୍ର ସାହାଯ୍ୟରେ ଅଣ୍ଡା, ଛତୁଆ, ପୋଷାକ, ଜୋତା ଆଦି ଯୋଗେଇଦେବା ପାଇଁ ସରକାଙ୍କ ନିୟମ ରହିଛି, ହେଲେ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନୋବୃତ୍ତି ପାଇଁ ଏହାର ସୁବିଧା ଉପଖଣ୍ଡର ଜନସାଧାରଣ ପାଇପାରୁ ନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଏପରିକି ଗର୍ଭବତୀ, ପ୍ରସୂତି ଓ କୋମଳମତି ଶିଶୁମାନଙ୍କୁ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର, ଯାହାକୁ ଜନସାଧାରଣ ବ୍ୟବହାର ଅନୁପଯୁକ୍ତ ଭାବି ଗୋରୁ କୁଣ୍ଡରେ ଢାଳୁଥିବା ଦେଖିବାକୁ ମିଳୁଛି। ମଣିଷ ବଦଳରେ ଗାଈଗୋରୁ ଖାଉଛନ୍ତି ଏହି କୁଟା କାଠି ବାଲି ମିଶା ଛତୁଆ। ସରକାରଙ୍କ ନିୟମ ଅନୁଯାୟୀ ଗର୍ଭବତୀ ଓ ପ୍ରସୂତି ମାନଙ୍କୁ ଯେତିକି ପରିମାଣର ଅଣ୍ଡା ଯୋଗାଇବା ନିୟମ ରହିଛି, ତା'ଠାରୁ ଯଥେଷ୍ଟ କମ ଅଣ୍ଡା ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଛି। ଏଣୁ ଏହାର ସୁଫଳ ଜନସାଧାରଣ ପାଇପାରୁ ନଥିବା ଦେଖିବାକୁ ମିଳୁଛି ହିନ୍ଦୋଳ ବ୍ଲକରେ। ନିମ୍ନମାନର ଛତୁଆ ପ୍ରସ୍ତୁତ କରି ବିତରଣ କରାଯାଉଥିବା ଅଭିଯୋଗ ବାରମ୍ବାର ହେଉଥିବାରୁ ବ୍ଲକରେ ବହୁ ସ୍ୱୟଂ ସହାୟକ ଗୋଷ୍ଠୀ ଥିବା ବେଳେ ଆଜକୁ ୧୪ ବର୍ଷ ହେବ କେବଳ ନିର୍ଦ୍ଦିଷ୍ଟ ଦୁଇଟି ଗୋଷ୍ଠୀକୁ ଛତୁଆ ବଣ୍ଟନ ଦାୟିତ୍ୱ ଦିଆଯିବା ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ବଦଳରେ ପୁରସ୍କାର ସ୍ୱରୂପ କେବଳ ଏହି ନିର୍ଦ୍ଦିଷ୍ଟ ଗୋଷ୍ଠୀପାଖରେ ବନ୍ଧା ପଡ଼ିଛି ସରକାରୀ ବିଭାଗ ବୋଲି ସବୁଠି ଆଲୋଚନା ଜୋରଧରିଛି। ବିଭାଗୀୟ ଅଧିକାରୀମାନେ ତଦନ୍ତ କରିଯିବା ପୂର୍ବରୁ ଯୋଗାଣ ବିଭାଗରେ ଥିବା ଗୋଷ୍ଠୀଙ୍କୁ ଆଗୁଆ କେଉଁଦିନ ତୁମ ସେଣ୍ଟର ତଦନ୍ତ କରାଯିବ ସୂଚନା ଦେଉଛନ୍ତି। ଗତବର୍ଷ ଛତୁଆ ଅତ୍ୟନ୍ତ ନିମ୍ନମାନର ଓ ପୋଷାକ, ଜୋତା ବଣ୍ଟନରେ ହିନ୍ଦୋଳ ଉପଖଣ୍ଡରେ ବ୍ୟାପକ ଦୁର୍ନୀତି ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ପାଇବା ପରେ ରାତିଅଧିଆ ବିଭାଗୀୟ ଅଧିକାରିଣୀଙ୍କୁ ବଦଳି କରାଯାଇଥିଲା। ମାତ୍ର ଦାୟିତ୍ୱରେ ଥିବା ଦୁଇଟି ଗୋଷ୍ଠୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯାଇ ପୁରସ୍କାର ସ୍ୱରୂପ ପୁନର୍ବାର ବ୍ଲକର ଛତୁଆ, ପୋଷାକ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ସେହିଦିନଠାରୁ ମଧ୍ୟ ଉପଖଣ୍ଡ ବିଭିନ୍ନ କେନ୍ଦ୍ରରେ ଦିଆଯାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ଅଭିଯୋଗ ହୋଇଆସୁଛି। କିଛି ମାସ ପୂର୍ବରୁ ହିନ୍ଦୋଳ ବ୍ଲକରେ ହୋଇଥିବା ଦୁଇଟି ସମିତି ବୈଠକରେ ଛତୁଆ, ନିମ୍ନମାନର ଦୋଆଯାଉଛି ଓ ପୋଷାକ ବଣ୍ଟନରେ ଅନିୟମିତତା ବିଷୟ କିଛି ସରପଞ୍ଚ ଓ ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଅଭିଯୋଗ କରିଥିଲେ ଏବଂ ବ୍ଲକ ତରଫରୁ ଗୋଟିଏ ସ୍ୱତନ୍ତ୍ର କମିଟି କରାଯାଇ ଏହାର ତଦନ୍ତ କରାଯିବ ବୋଲି ବୈଠକରେ କୁହାଯାଇଥିଲା। ମାତ୍ର ୮ମାସ ବିତିଗଲା ଗୋଟିଏ କମିଟି ହୋଇପାରିଲା ନାହିଁ। ଉପଖଣ୍ଡର ଛତୁଆ ଯୋଗାଣ ଦୁର୍ନୀତିରେ କିଛି ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି କିଛି ରାଜନୈତିକ ଅଧିକାରୀ ସମ୍ପୃକ୍ତ ଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ନୂତନ ଭାବେ ସରକାରରେ ଥିବା ବିଭାଗୀୟ ମନ୍ତ୍ରୀ ଏହାକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୁର୍ନୀତିରେ ଜଡ଼ିତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିୟମାନୁଯାୟୀ ନୂତନ ଗୋଷ୍ଠୀଙ୍କୁ ଦାୟିତ୍ୱ ଦେବା ପାଇଁ ଉପଖଣ୍ଡର ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଢେଙ୍କାନାଳ,୧୦।୭ (ସମିସ) :** ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ଜୁବୁଲିଟାଉନ୍ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତ ଶତପଥୀ ଚାକିରିରୁ ଅବସର ନେଇଛନ୍ତି। ଏହି ଅବସରରେ ବିଦ୍ୟାଳୟର ପରିଚାଳନା କମିଟି ଓ ମୋ ସ୍କୁଲ୍ ଅଭିଯାନ କମିଟି ତରଫରୁ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିଳ୍ପୀ ପରେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମୁରଲୀଧର ଭଞ୍ଜ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷା ଡ. ସୁସନ୍ଧ୍ୟା ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ୍ ଅଭିଯାନ କମିଟିର ଅଧ୍ୟକ୍ଷ ତିମିରସୁ ପଟ୍ଟନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ରବିନ୍ ଶତପଥୀ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀମତୀ ଶତପଥୀ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଶିକ୍ଷକତା କରି ଅନେକ ଲବ୍ଧପ୍ରତିଷ୍ଠିତ ବ୍ୟକ୍ତିତ୍ୱ ସୃଷ୍ଟି କରିପାରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଚତୁର୍ଭୁଜ ପ୍ରଧାନ, ଶିକ୍ଷୟିତ୍ରୀ ବନଶ୍ରୀ ଶତପଥୀ, କମିଟି ସଭାପତି ସଞ୍ଜୟ ଜେନା ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ଅବଦାନ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପ୍ରାକ୍ତନ ଶିକ୍ଷୟିତ୍ରୀ ସ୍ମିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଅସିତ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଭୁଜ ତଳେ ମୋତେ ରଖ ମହାବାହୁ ବାହୁ ତଳେ ମୋତେ ରଖ,
ବିପୁଳ ଭୁଜ ବିସ୍ତାରୀ ଦେଲେ ଛାର କି କରିପାରିବ ଦୁଃଖ ମହାବାହୁ।
-ଶ୍ରୀବୀରକେଶରୀ



ସକାଳ
THE SAKALA

# ପ୍ରଭୁ! ତୋତେ ହିଁ ତୁହି ରକ୍ଷା କର...

ବିଶ୍ୱପ୍ରସିଦ୍ଧ ଗୁଣ୍ଡିଚା ଯାତ ଅବସରରେ ଏଥର ଯେଉଁ ଅଘଟଣ ଘଟିଲା, ତାହା ବିଶ୍ୱର କୋଟିକୋଟି ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ବିଶେଷକରି ଓଡ଼ିଆଙ୍କ ପ୍ରାଣ ଓ ହୃଦୟକୁ ଗଭୀର ଭାବେ ଆନ୍ଦୋଳିତ କରିଛି। ଅନିଚ୍ଛାକୃତ ଅଥଚ ଦାୟିତ୍ୱହୀନ ତ୍ରୁଟି ଯୋଗୁଁ ଘଟିଥିବା ଏହି ଅଘଟଣକୁ ଚର୍ମଚକ୍ଷୁରେ ଦେଖିଥିବା ଲୋକେ ମ୍ରିୟମାଣ ହୋଇପଡ଼ିଛନ୍ତି। ଅନେକ ବର୍ଷ ଧରି ଧର୍ମପ୍ରାଣ ଭକ୍ତଙ୍କ ମନରେ ଅନେକ ଦିନ ଧରି ଅଲୋଡ଼ା କଳାଚିହ୍ନ ହୋଇ ରହିଯିବ। ଶ୍ରୀଜଗନ୍ନାଥଙ୍କ ଶୃଙ୍ଖଳିତ ରୀତିନୀତିରେ ଏକ ଅସ୍ପୃହଣୀୟ ଅଧ୍ୟାୟ ହୋଇ ରହିଯିବ।

ଚଳିତ ବର୍ଷ ପ୍ରଭୁ ବଳଭଦ୍ର, ମା' ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥ ନିର୍ଦ୍ଧାରିତ ସମୟରେ ଜନ୍ମବେଦୀ ଗୁଣ୍ଡିଚା ଘର ନିକଟରେ ପହଞ୍ଚିବା ପରେ ମଙ୍ଗଳବାର ରାତିରେ ଦିଅଁମାନଙ୍କର ଆଡ଼ପ ମଣ୍ଡପ ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହିକ୍ରମରେ ପ୍ରଭୁ ବଳଦେବଙ୍କୁ ବିଧି ମୁତାବକ ଗୋଟି ପହଣ୍ଡିରେ ତାଳଧ୍ୱଜ ରଥରୁ ତଳକୁ ଅଣାଯାଉଥିବା ବେଳେ ପଛରୁ ନିୟନ୍ତ୍ରଣ ପାଇଁ ଲଗାଯାଇଥିବା ପାଟରଶି ଖସି ଯିବାରୁ ଠାକୁରଙ୍କ ବିଶାଳ ଦାରୁବିଗ୍ରହ ଚାରମାଳରୁ ଖସିଯିବା ସହିତ ଆଗକୁ ମୁହଁମାଡ଼ି ପଡ଼ିଯାଇଥିଲେ। ଏହାଫଳରେ ଯେଉଁ ୭୦ ସରିକି ସେବାୟତ ପହଣ୍ଡି କାର୍ଯ୍ୟରେ ଲିପ୍ତଥିଲେ, ସେମାନଙ୍କ ମଧ୍ୟରୁ କେତେକ ପ୍ରଭୁ ବଳଭଦ୍ରଙ୍କ ପ୍ରତିମା ତଳେ ଚାପି ହୋଇଯାଇଥିଲେ। ପଛରେ ଦଉଡ଼ିକୁ ଟାଣି ଧରିଥିବା ସେବକମାନେ ମଧ୍ୟ ଶକ୍ତ କଚଡ଼ା ଖାଇଥିଲେ। ଅବଶ୍ୟ ସେବାୟତମାନେ ଯଥାଶୀଘ୍ର ନିଜକୁ ସମ୍ଭାଳି ନେଇ ଠାକୁରଙ୍କୁ ଉଠାଇ ନୀତି ସମ୍ପନ୍ନ କରିଥିଲେ। ତେବେ ଏହି ପ୍ରକ୍ରିୟାରେ ପ୍ରାୟ ୧୨ ଜଣ ସେବକ ଆହତ ହୋଇଥିବା ସୂଚନା ମିଳିଛି।

ଶ୍ରୀବଳଦେବଙ୍କ ଦାରୁ ବିଗ୍ରହର ଉଚ୍ଚତା ୭ ଫୁଟ ଓ ଓଜନ ପ୍ରାୟ ୧୫୦ କିଲୋ। ଏହି ବିଶାଳ ପ୍ରତିମାଙ୍କୁ ତାଳପଟାରେ ନିର୍ମିତ ଚାରମାଳ ଦେଇ ରଥତଳକୁ ଆଣିବା ସେବକଙ୍କ ସ୍ୱତନ୍ତ୍ର ଦକ୍ଷତା ଓ କୌଶଳ ଉପରେ ନିର୍ଭର କରେ। ସେମାନଙ୍କ ଦକ୍ଷତା, ଅଙ୍ଗୀକାରବଦ୍ଧତା, ପ୍ରଭୁଙ୍କ ନୀତିକାନ୍ତି ପ୍ରତି ସେବା ଓ ସମର୍ପଣ ଭାବ ପ୍ରଶ୍ନାତୀତ। ତଥାପି ଯେତେବେଳେ ଏଭଳି ଅଘଟଣ ଘଟେ ସେତେବେଳେ ସେମାନଙ୍କ ଦାୟିତ୍ୱବଦ୍ଧତା ଓ ଯତ୍ନଶୀଳତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଗତ ମଙ୍ଗଳବାର ପ୍ରଭୁ ବଳଭଦ୍ରଙ୍କ ରଥାବରୋହଣ ବେଳେ ଯେଉଁଭଳି ଅଘଟଣା ଘଟିଲା ତାହା ଅଭୂତପୂର୍ବ। ରଥଯାତ୍ରାର ଇତିହାସରେ ଆଗରୁ କେବେ ପ୍ରତିମା ଏପରି ପଡ଼ି ଯାଇ ନ ଥିଲେ। ଟେଲିଭିଜନ ଫୁଟେଜ୍‌ରୁ ସ୍ପଷ୍ଟ ଦେଖାଯାଉଛି ଯେ ସେବାୟତମାନଙ୍କ ହାତରୁ ପାଟରଶି ଖସିଯିବା ଫଳରେ ସେମାନେ ଭାରସାମ୍ୟ ହରାଇ ବିଗ୍ରହଙ୍କ ସହିତ ଚାରମାଳ ଉପରେ ବେଶ କିଛିବାଟ ହଠାତ୍ ତଳକୁ ଖସି ଆସୁଛନ୍ତି ଓ ସେମାନଙ୍କ ଉପରେ ଠାକୁର ମୁହଁମାଡ଼ି ପଡ଼ି ଯାଉଛନ୍ତି।

ଏହା ଯେ ଏକ ଦୁର୍ଘଟଣା ତାହାକୁ ଅସ୍ୱୀକାର କରିହେବ ନାହିଁ। ତେବେ ରଥଯାତ୍ରାରେ ଶ୍ରୀଜୀଉ ପଡ଼ିଯିବା କିମ୍ବା ବଡ଼ଧରଣର ବିଶୃଙ୍ଖଳାକୁ ସାଧାରଣ ଭକ୍ତ ସମାଜ ଏକ ଅଶୁଭ ସଂକେତ ଭାବେ ଗ୍ରହଣ କରି ବ୍ୟଥିତ ହୋଇଥାଏ। ମଙ୍ଗଳବାର ଘଟଣା ପୂର୍ବରୁ ଏଥର ରଥଟଣା ସମୟରେ ଦଳାଚକଟା ଘଟି ଜଣେ ଭକ୍ତଙ୍କର ମୃତ୍ୟୁ ଘଟିଥିଲା ଓ ଅନେକ ଆହତ ହୋଇଥିଲେ। ଏପରିକି ଚଳିତ ବର୍ଷ ଚନ୍ଦନ ଯାତ୍ରା ଆରମ୍ଭରୁ ଏ ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ଏଭଳି ଅଘଟଣ ଘଟି ଚାଲିଥିବାରୁ ଏହା ରାଜ୍ୟ ଓ ରାଷ୍ଟ୍ର ପାଇଁ ଏକ ଅଶୁଭ ସଂକେତ ବୋଲି ଶାସ୍ତ୍ରଜ୍ଞ ପଣ୍ଡିତମାନେ ମତ ଦେଇଛନ୍ତି। ଶ୍ରୀଜୀଉଙ୍କ ଯାତ୍ରାରେ ଘଟୁଥିବା ଏଭଳି ଅଘଟଣ କୌଣସି ଦୁର୍ବିପାକର ପୂର୍ବସଙ୍କେତ ବୋଲି ଜନସାଧାରଣଙ୍କ ମନରେ ଧାରଣା ଓ ଏକ ଅଜଣା ଆତଙ୍କ ସୃଷ୍ଟି ହୋଇଛି।

ଆମର ବିନମ୍ର ମତ ହେଉଛି ସମଗ୍ର ଭକ୍ତ ସମାଜ ଏହି ଅନିଚ୍ଛାକୃତ ଅଘଟଣ ପାଇଁ ବିଶେଷ ବ୍ୟଥିତ ନ ହୋଇ ବରଂ ଅବଶିଷ୍ଟ ଘୋଷଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହେବା ନିମନ୍ତେ ପ୍ରାର୍ଥନା କରନ୍ତୁ। ଆମ ବିଶ୍ୱାସରେ ଯାହା ଘଟେ, ଘଟୁଛି ବା ଘଟିବ ତା'ଉପରେ ଇତର ମଣିଷର ନିୟନ୍ତ୍ରଣ ନାହିଁ। ଏହାସବୁ ସେହି ବିଶ୍ୱନିୟନ୍ତାଙ୍କ ଇଚ୍ଛାରେ ହେଉଛି। ଜଗନ୍ନାଥ ସଂସ୍କୃତି ଗବେଷକମାନଙ୍କ ମତରେ ପ୍ରଭୁ ମାନବୀୟ ଲୀଳା କରୁଥିବାରୁ ମଣିଷର ରାଶି ନକ୍ଷତ୍ର ଭଳି ପ୍ରଭୁଙ୍କର ମଧ୍ୟ ରାଶି ନକ୍ଷତ୍ର ଅନୁସାରେ ଘାତଚନ୍ଦ୍ର, ମାହେନ୍ଦ୍ର ବେଳା ଆଦି ଯୋଗ ରହୁଛି। ପ୍ରଭୁ ବଡ଼ଠାକୁରଙ୍କ ସେଦିନ ରାଶି ନକ୍ଷତ୍ର ଅନୁଯାୟୀ ଘାତଚନ୍ଦ୍ର ଯୋଗ ଥିବାରୁ ତାଙ୍କ ଚଲାପଥରେ ସେ ମଣିଷ ଭଳି ଝୁଣ୍ଟି ପଡ଼ିଲେ। ତାଙ୍କରି ନିର୍ଦ୍ଦେଶରେ ଗ୍ରହ ନକ୍ଷତ୍ର ଆତଯାତ। କିନ୍ତୁ ମାନବୀୟ ଲୀଳାରେ ସେ ମଧ୍ୟ ବେଦ, ଶାସ୍ତ୍ରକୁ ମାନନ୍ତି। ତେଣୁ ଏହି ଘଟଣାକୁ ସେଭଳି ଗୁରୁତର ବୋଲି ବିବେଚନତା କରି ବାରମ୍ବାରେ ଗଣମାଧ୍ୟମରେ ଆଲୋଚନା କରିବାରୁ ନିବୃତ ରହିବାକୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ପଣ୍ଡିତମାନେ ଅନୁରୋଧ କରିଛନ୍ତି। ଆମର ମତ ହେଲା ଯିଏ ସାରା ଜଗତକୁ ନିୟନ୍ତ୍ରଣ କରୁଛନ୍ତି ତାଙ୍କୁ ନିୟନ୍ତ୍ରଣ କରିବାରେ ମଣିଷର ଦକ୍ଷତାକୁ ନେଇ ପ୍ରଶ୍ନ କରିବା ଠିକ୍ ନୁହେଁ। ତେବେ ଏଥିରୁ ଆମେ କିଛି ଶିକ୍ଷା ନେଇ ଆମ ପକ୍ଷରୁ କେଉଁଠି କିଛି ତ୍ରୁଟି ରହିଲା କି ନାହିଁ, ତାହାର ତର୍ଜମା କରିବା ଉଚିତ। ଆମେ ବରଂ କୃତଜ୍ଞତା ପ୍ରକାଶ କରିବା କଥା ଯେ ବଡ଼ଠାକୁର ନିଜେ ପଡ଼ି ଯାଇ ଆମକୁ ଓ ବିଶ୍ୱକୁ ଏକ ବଡ଼ ବିପଦରୁ ରକ୍ଷା କରିଦେଲେ।

ପହଣ୍ଡିରେ ସେବକଙ୍କ ଛଡ଼ା ପୁଲିସ୍ ବା ଅନ୍ୟ କାହାର ଭୂମିକା ନଥାଏ। ତେଣୁ ଏଥିରେ ବାହ୍ୟ ହସ୍ତକ୍ଷେପ ବା ସହାୟତା ସୁଯୋଗ ନାହିଁ। ଏହି ପହଣ୍ଡି କାର୍ଯ୍ୟ କିପରି ସୁରୁଖୁରୁରେ ଓ ନିରାପଦରେ ସମ୍ପନ୍ନ ହେବ, ତାହାର ମାନକ କାର୍ଯ୍ୟବିଧି କେଉଁଠି ଲିଖିତ ଆକାରରେ ନାହିଁ। ସେବାୟତମାନେ ନିଜର ଅଭିଜ୍ଞତା ଓ କୌଶଳ ଆଧାରରେ ଏ କାମ ନିରାପଦରେ ସମ୍ପନ୍ନ କରିଥା'ନ୍ତି। ପ୍ରଥମ ଥର ଏ ବର୍ଷ ଏଥିରେ ବ୍ୟତିକ୍ରମ ଘଟିଥିବାରୁ ସେବାୟତ ସମାଜ ରାଜ୍ୟବାସୀ ଓ ଭକ୍ତ ସମାଜ ନିକଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଛି। ଘଟଣାରେ ତଦନ୍ତ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ତିନିଜଣିଆ ତଦନ୍ତ କମିଟି ଗଠନ କରାଯାଇ ନୀଳାଦ୍ରି ବିଜେ ହେବାର ଦଶ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱୟଂ ଗଜପତି ମହାରାଜା ମଧ୍ୟ ଏହି ଘଟଣାରେ ଦୁଃଖପ୍ରକାଶ କରିବା ସହିତ ରଥ ଉପରେ ଆବଶ୍ୟକତଠାରୁ ଅଧିକ ସେବାୟତଙ୍କ ଉପସ୍ଥିତି ଯୋଗୁଁ ଏଭଳି ଘଟଣା ଘଟିଥିବା କହିଛନ୍ତି। ଆଗାମୀ ପହଣ୍ଡି ବେଳେ ଯେପରି ଏଭଳି ଅଘଟଣର ପୁନରାବୃତ୍ତି ନ ଘଟେ ସେଥିପ୍ରତି ଯତ୍ନବାନ ହେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବରିଷ୍ଠ ସେବାୟତମାନେ ମଧ୍ୟ ପହଣ୍ଡି ପରିଚାଳନାରେ ତ୍ରୁଟିକୁ ସ୍ୱୀକାର କରିଛନ୍ତି। ସେମାନଙ୍କ କହିବା କଥା ହେଲା ଏଥର ପହଣ୍ଡି ସମୟରେ ଯୁବ ଓ ଅନଭିଜ୍ଞ ସେବାୟତଙ୍କ ସଂଖ୍ୟା ରଥ ଉପରେ ଅଧିକ ଥିଲା। ତେଣୁ ସେମାନେ ପହଣ୍ଡି ଓ ରଥାବରୋହଣକୁ ଯେଭଳି ଧ୍ୟାନ କେନ୍ଦ୍ରିତ କରିବା କଥା ତାହା ଦେଇପାରିଲେ ନାହିଁ। ପ୍ରଭୁଙ୍କ କାମ ବଦଳରେ ନିଜେ ମୋବାଇଲ୍ ଫୋନ୍‌ରେ ସେଲ୍‌ଫି ନେବାରେ ବ୍ୟସ୍ତ ଥିବା ଭଳି ଦୃଶ୍ୟାବାଳୀକୁ ନେଇ ବରିଷ୍ଠ ସେବାୟତମାନେ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଜେଡି ସମେତ କଂଗ୍ରେସ ଓ ଅନ୍ୟ ରାଜନୈତିକ ଦଳମାନେ ଏହି ଘଟଣାକୁ ଅକ୍ଷମଣୀୟ ବୋଲି କହିଛନ୍ତି।

ପହଣ୍ଡି ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମହାବାହୁମାନଙ୍କୁ ସୁଉଚ୍ଚ ରଥ ଉପରକୁ ଚାରମାଳ ଦେଇ ନେବା ଓ ଓହ୍ଲାଇବା ଅବଶ୍ୟ କଷ୍ଟସାଧ୍ୟ କାର୍ଯ୍ୟ। ଏଥିରେ ଯେ ବିପଦ ନାହିଁ, ତାହା କୁହାଯାଇ ନ ପାରେ। ତଥାପି 'ଏ ଯାଏଁ ହେଉ ନଥିଲା ଏବଂ ଏବେ ହେଲା' ର ଅର୍ଥ ଏହି ପ୍ରକ୍ରିୟାରେ ବିପଦ ଅଛି ଏବଂ ଏଥିପାଇଁ ଅଧିକ ସାବଧାନତା ଓ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି। ଯିଏ ସ୍ୱୟଂ ନିଜର ରକ୍ଷାକର୍ତ୍ତା, ତାହାର ସୁରକ୍ଷା ବ୍ୟବସ୍ଥା ହାସ୍ୟାସ୍ପଦ ମନେ ହେଉଥିଲେ ହେଁ ତାହା ଜରୁରୀ।

ଏହାକୁ ଏକ ଅଘଟଣ ବା ଦୁର୍ଘଟଣା ଭାବେ ଗ୍ରହଣ କରି ପ୍ରତିକାର କଥା ଚିନ୍ତା କରାଯିବା ଅଧିକ ଯଥାର୍ଥ। ଜନ୍ମବେଦୀକୁ ଯାଉଥିବା ବେଳେ ସେବକଙ୍କ ଅନିଚ୍ଛାକୃତ ତ୍ରୁଟି ଯୋଗୁଁ ଯଦି ଠାକୁର ଝୁଣ୍ଟି ପଡ଼ିଲେ, ପଡ଼ିଗଲେ ତାହାକୁ ଏକ ମାନବୀୟ ଅଘଟଣ ଭାବେ ଧରି ନେବା ଉଚିତ। କାରଣ ଏଥିରେ ଦକ୍ଷତା ଓ କୌଶଳ ତୁଳନାରେ ନିଷ୍ଠାପରତା ଓ ଏକାଗ୍ରତାର ଆବଶ୍ୟକତା ଅଧିକ। ଭବିଷ୍ୟତରେ ଏହାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ରାଜ୍ୟ ସରକାର, ମନ୍ଦିର ପ୍ରଶାସନ ଓ ଅନ୍ୟ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଆହତ ସେବାୟତଙ୍କୁ ପ୍ରଭୁ ଶୀଘ୍ର ଭଲ କରିଦେବେ ବୋଲି ଆମର ଆଶା। ଶ୍ରୀଜଗନ୍ନାଥ ଆମର ରାଷ୍ଟ୍ର ଦେବତା, ଚରମ ଉପାସ୍ୟ। ସେ ଓ ତାଙ୍କର ଭାଇ ଭଉଣୀ ଆମ ରାଜ୍ୟର, ଦେଶର, ବିଶ୍ୱର ଓ ଅଗଣିତ ଭକ୍ତଙ୍କର ଅନିଷ୍ଟ କେବେ ଚିନ୍ତା କରିପାରିବେ ନାହିଁ। ଯିଏ ସ୍ୱୟଂ ଜଗତର ରକ୍ଷା କର୍ତ୍ତା ତାଙ୍କୁ ବା ରକ୍ଷା କରିବେ କିଏ? ତେଣୁ ହେ ପ୍ରଭୁ! ତେତେ ହିଁ ତୁହି ରକ୍ଷା କର। ଏ ଜଗତକୁ ବିପଦରୁ ଉଦ୍ଧାର କର।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର



ଚାରଣ.ବସନ୍ତ ପଣ୍ଡା
ନୟାଗଡ଼, ମୋ: ୯୨୩୭୦୧୯୫୨୪୯

ସମଗ୍ର ଭୂମିଖଣ୍ଡ ଯାହାଙ୍କ ଚରଣ, ଅନ୍ତରୀକ୍ଷ ଯାହାଙ୍କ ନାଭି, ଦଶଦିଶ ଯାହାଙ୍କ କର୍ଣ୍ଣ, ଚନ୍ଦ୍ର ଓ ସୂର୍ଯ୍ୟ ଯାହାଙ୍କ ନୟନ ଯୁଗଳ, ସ୍ୱର୍ଗ ଲୋକ ଯାହାଙ୍କ ମସ୍ତକ, ସେହି ତ୍ରିଲୋକବ୍ୟାପୀ ପରମେଶ୍ୱର ପୁରୁଷୋତ୍ତମଙ୍କ ବାସଯୋଗ୍ୟ ମନ୍ଦିର ନିର୍ମାଣ କରିବାକୁ କେଉଁମାନେ ସମର୍ଥ ହେବେ? ଏହାଭାବି ବୋଧହୁଏ ପୂର୍ବର ନରପତିମାନେ ପୁରୁଷୋତ୍ତମଙ୍କ ମନ୍ଦିର ନିର୍ମାଣରେ ଉପେକ୍ଷା କରିଥିଲେ। କିନ୍ତୁ ଚୋଡ଼ଗଙ୍ଗ ଦେବ ଶ୍ରୀପୁରୁଷୋତ୍ତମଙ୍କ ମହାମନ୍ଦିର ନିର୍ମାଣ କରାଇ ଦେଲେ। ଯାହାକି ଏ ଓଡ଼ିଆ ସଂସ୍କୃତିକୁ, ଓଡ଼ିଶା ଇତିହାସକୁ, ବିଶେଷକରି ଓଡ଼ିଆ ଜାତିକୁ ମହାନ୍ ଦାନ। ତେବେ ପ୍ରଶ୍ନ ଉଠେ ଅନନ୍ତବର୍ମ ଚୋଡ଼ଗଙ୍ଗ (ଖ୍ରୀଷ୍ଟାବ୍ଦ. ୧୦୭୮-ଖ୍ରୀଷ୍ଟାବ୍ଦ.୧୧୪୭)୨୧୩ଫୁଟ ୮ଇଞ୍ଚ(ପ୍ରାୟ) ଉଚ୍ଚ ମହାମନ୍ଦିର ଶ୍ରୀପୁରୁଷୋତ୍ତମ ବିଷ୍ଣୁଙ୍କ ପାଇଁ ସମୁଦ୍ର କୂଳରେ ନିର୍ମାଣ କରିବାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା? ମହାବିଷ୍ଣୁ ଶ୍ରୀପୁରୁଷୋତ୍ତମଙ୍କ ପାଇଁ ଏ ମହାମନ୍ଦିର (ଶ୍ରୀବତ୍ସ ଖଣ୍ଡାଶାଳ) ନିର୍ମାଣ ପାଇଁ କେଉଁ ସୂତ୍ରରୁ ବିପୁଳ ଧନରାଶି ସେ ସଂଗ୍ରହ କରିଥିଲେ? ସଂଗୃହୀତ ବିପୁଳ ଧନ ରାଶିକୁ ଅନ୍ୟକୌଣସି କାର୍ଯ୍ୟରେ ବ୍ୟୟ ନ କରି ଶ୍ରୀଲକ୍ଷ୍ମୀ ପୁରୁଷୋତ୍ତମଙ୍କ ପାଇଁ ଏକ ଭବ୍ୟମନ୍ଦିର ନିର୍ମାଣରେ ବିନିଯୋଗ କଲେ କାହିଁକି? ଆପଣାର ବାହୁବଳରେ ଅର୍ଜନ କରିଥିବା ସେ ବିପୁଳ ଧନ ରାଶି ତତ୍କାଳୀନ ସମୟେ କେଉଁଠାରେ ଗଚ୍ଛିତ କରି ରଖିଥିଲେ ? ଏ ସବୁର ଉତ୍ତର ପାଇଁ ଆମମାନଙ୍କୁ ଫେରିଯିବାକୁ ପଡ଼ିବ ଓଡ଼ିଶା ଇତିହାସର କୁକ୍ଷି ମଧ୍ୟକୁ।

ଗଙ୍ଗେଶ୍ୱର ଚୋଡ଼ଗଙ୍ଗ ଥିଲେ ସମରନିପୁଣ। ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ତାଙ୍କୁ ଏ ଦିଗରେ ଯୋଗାଇ ଥିଲା ଅପରିମିତ ସାହସ। ଉତ୍କଳର ସୋମବଂଶୀ ଓ ବେଙ୍ଗୀ ରାଜ୍ୟର ଚାଲୁକ୍ୟ ରାଜାଙ୍କ ସମେତ ଅନ୍ୟାନ୍ୟ ରାଜାମାନଙ୍କୁ ପରାସ୍ତ କରି ଅପାର ଧନ ରାଶି ଲାଭ କରିଥିଲେ। ସମରଲବ୍ଧ ଧନକୁ କେବଳ ଧର୍ମ କାର୍ଯ୍ୟରେ ବିନିଯୋଗ କରିବା ଶାସ୍ତ୍ରସମ୍ମତ। ତେଣୁ ସେହି ଧନସମ୍ପଦକୁ ମନ୍ଦିର ନିର୍ମାଣରେ ବିନିଯୋଗ କଲେ। ପୂର୍ବେ ଧନରତ୍ନର ସୁରକ୍ଷା ନିମନ୍ତେ ଭୂଗର୍ଭରେ ଭଣ୍ଡାର ନିର୍ମାଣ କରାଯାଉଥିଲା। ଚୋଡ଼ଗଙ୍ଗ ସେହିପରି ଗୋଟାଏ ଭଣ୍ଡାର ନିର୍ମାଣ କରାଇ ସେଥିରେ ପ୍ରଚୁର ଧନ ରଖି ତାଙ୍କ ଗୁରୁଙ୍କ ଜିମାରେ ଦେଇ ବଡ଼ ଦେଉଳ ନିର୍ମାଣ କାର୍ଯ୍ୟରେ ବ୍ୟୟ କରିବାକୁ ସ୍ଥିର କଲେ। ବର୍ତ୍ତମାନ ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱରେ ଯେଉଁ 'ସୁନା କୂଅ' ଅଛି ତାହା ହିଁ ଭଣ୍ଡାର ହୋଇଥିଲା। ତାହାର ସୁରକ୍ଷା ସକାଶେ ଦେବୀ ଶୀଳତା ମାଁଙ୍କୁ ସେଠାରେ ସ୍ଥାପନା କରାଯାଇଥିଲା(ଉତ୍କଳ ପ୍ରସଙ୍ଗ/ ରଥ ବିଶେଷାଙ୍କ/ ୨୦୦୨/ଡ଼ଃ. ସତ୍ୟ ନାରାୟଣ ରାଜଗୁରୁ/ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନତା ଓ ମନ୍ଦିର ପ୍ରତିଷ୍ଠା)। ଏହା ହିଁ ବୋଧେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀପୁରୁଷୋତ୍ତମଙ୍କ ପ୍ରଥମ ରତ୍ନଭଣ୍ଡାର। ଚୋଡ଼ଗଙ୍ଗ ଦେବ ଏହି ମନ୍ଦିରର କେବଳ ବିମାନ ଓ ଜଗମୋହନ ନିର୍ମାଣ କରିଥିଲେ। ଉକ୍ତ ମନ୍ଦିର କ୍ରମାଙ୍କ ନଂ-୮, ପ୍ଲଟ ନଂ-୫ରେ ବାହାର ଭଣ୍ଡାର ଓ ସେହି କ୍ରମାଙ୍କ ପ୍ଲଟ ନଂ-୬ ରେ ଭିତର ଭଣ୍ଡାର ରହିଛି। ସେଠାରେ ବିପୁଳ ପରିମାଣର ହୀରା, ଲୀଳା, ମୋତି, ମାଣିକ୍ୟ, ସୁନା, ରୁପା, ତମ୍ବା, ପିତଳର ବହୁମୂଲ୍ୟ ପଦାର୍ଥମାନ ଗଚ୍ଛିତ କରି ରଖା ଯାଇଥିଲା। ଶ୍ରୀପୁରୁଷୋତ୍ତମଙ୍କ ଉପାସନା ନିମନ୍ତେ ତତ୍କାଳୀନ ଶାସକ/ ବିତ୍ତଶାଳୀ ସମାଜ ଶ୍ରେଷ୍ଠୀ/ରାଜ କର୍ମଚାରୀ ଧନ ରତ୍ନ ଦାନ ସୂତ୍ରରେ ଦେଇଥିବା ଶ୍ରୀନୃସିଂହ ମନ୍ଦିର ଶିଳାଲେଖ, ମାଦଳା ପାଞ୍ଜି, ଡ଼ଃ. ସତ୍ୟ ନାରାୟଣ ରାଜଗୁରୁଙ୍କ ଆଲେଖ୍ୟରୁ ପ୍ରମାଣ ମିଳେ।

ରତ୍ନଭଣ୍ଡାର ଦୁଇ କୋଠରି ବିଶିଷ୍ଟ। ବାହାର ଭଣ୍ଡାର, ଯାହାର ଆନୁମାନିକ ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୦ ଫୁଟ ରେ ୨୦ ଫୁଟ ଥିବାବେଳେ ଭିତର ଭଣ୍ଡାର ସେହି କ୍ରମରେ ୪୦ ରେ ୪୦ ଫୁଟ। ଏହାର ଭୂଇଁ ପ୍ରସ୍ତର ନିର୍ମିତ ହୋଇଥିବା ବେଳେ ଛାତ ତଳେଇ ଦ୍ୱାରା ଆବୃତ। ଭିତର ଭଣ୍ଡାରର ପୂର୍ବ ଓ ପଶ୍ଚିମ ଦିଗରେ ଦୁଇଟି ଗୋଲାକାର ରନ୍ଧ୍ର ରହିଛି। ପୂର୍ବେ ଏହି ରନ୍ଧ୍ର ଜରିଆରେ ଶ୍ରୀପୁରୁଷୋତ୍ତମଙ୍କ ଭଣ୍ଡାର ରକ୍ଷକ ସର୍ପମାନଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ପ୍ରଦାନ କରାଯାଉ ଥିବାର ଶୁଣାଯାଏ। ମାତ୍ର ଅଧୁନା ସେବ୍ୟବସ୍ଥା ଆଉ ନାହିଁ।

ଚୋଡ଼ଗଙ୍ଗ ଦେବଙ୍କଠାରୁ ଆରମ୍ଭ କରି ଗଜପତି ଭାନୁଦେବ( ୪ର୍ଥ)ଙ୍କ ପର୍ଯ୍ୟନ୍ତ ଦୀର୍ଘ ୨୦୦ବର୍ଷର ଗଙ୍ଗବଂଶୀଙ୍କ ଶାସନ ସମୟେ ଶ୍ରୀପୁରୁଷୋତ୍ତମଙ୍କ ରତ୍ନ ଭଣ୍ଡାରକୁ ପ୍ରଦାନ କରାଯାଇଥିବା ମହାର୍ଘ୍ୟ ସମ୍ଭାରର ହିସାବ ଫର୍ଦ୍ଦ (ସାମାନ୍ୟ ଭାବେ କିଛିର ସୂଚନା କେବଳ ମାଦଳାପାଞ୍ଜିର ରାଜଭୋଗ ଇତିହାସରେ ଉଲ୍ଲେଖ ଅଛି ) ଅଧୁନା ଦେଖିବାକୁ ମିଳେ ନାହିଁ। ସମୟ ଆସିଛି ଯେତେବେଳେ ଧର୍ମକୁ ରାଜନୀତି ସହିତ ସଂପୃକ୍ତ କରାଯାଇଛି ସେତେବେଳେ ଶ୍ରୀପୁରୁଷୋତ୍ତମ ବୋଲାଇଛନ୍ତି ସମଗ୍ର ଗଙ୍ଗ ସାମ୍ରାଜ୍ୟର ଅଧୀଶ୍ୱର। ଏହାପରେ ଠାକୁର ହୋଇଗଲେ 'ରାଜା', ରାଜା ବୋଲାଇଲେ 'ଠାକୁର ରାଜା'। ଠାକୁର ହୋଇଗଲେ 'ସେବ୍ୟ'। ରାଜା ବୋଲାଇଲେ 'ସେବକ'। ଆରମ୍ଭ ହେଲା 'ସ୍ୱରାଟ ରାଟ' ର ସେବା। ସେତେବେଳେ ମହାପ୍ରଭୁଙ୍କ ଉପାସନା କ୍ଷେତ୍ରରେ ଦେଖାଦେଲା 'ରାଜକୀୟ ଆଢେଣୀ'। ଅର୍ଥାତ୍ ଜଣେ ସମ୍ରାଟଙ୍କ ସେବା ନିମନ୍ତେ ରାଜପ୍ରାସାଦରେ ଯେଉଁପରି ଖଞ୍ଜା ହେଉଥିଲା ତାର ଅନୁରୂପ ବ୍ୟବସ୍ଥା ରହିଲା। କାଳକ୍ରମେ ପୂରି ଉଠିଛି ମହାପ୍ରଭୁଙ୍କ ୫୨ କୋଟି ରତ୍ନ ଭଣ୍ଡାର(ଗଜପତି ରାଜାଙ୍କ ଶ୍ରୀମନ୍ଦିର ରତ୍ନ ଭଣ୍ଡାରକୁ ଓଡ଼ିଶାର ରାଜାମାନଙ୍କ ଦାନ - ଡ଼ଃ. ସତ୍ୟ ନାରାୟଣ ରାଜଗୁରୁ /ପାଞ୍ଚଜନ୍ୟ/୮ମବର୍ଷ/୨ୟଖଣ୍ଡ ସଂଖ୍ୟା/ ଦଶହରା ବିଶେଷାଙ୍କ/୧୯୮୭ ଦ୍ରଷ୍ଟବ୍ୟ )।

ଇତିହାସ କୁହେ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ନିଃଶ୍ୱାସ ମଧ୍ୟରେ ବିଧର୍ମୀମାନଙ୍କ ସାମ୍ରାଜ୍ୟ ବିସ୍ତାର, ଧନ ଲିପ୍ସା ଓ ଧର୍ମାନ୍ଧତାର ଶିକାର ହୋଇଛି ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର। ପ୍ରାୟ ପନ୍ଦର ଥର ଲୁଣ୍ଠିତ ହୋଇଛି ଓଡ଼ିଆ ଜାତିର ଐତିହ୍ୟର ଐଶ୍ୱର୍ଯ୍ୟ। ବିଧର୍ମୀମାନଙ୍କ ଆକ୍ରମଣ ସହିତ କେଶୋଦାସ ମାରୁ ପରି ହିନ୍ଦୁ ମଧ୍ୟ ନିଜର ବିବେକକୁ ଭୁଲି ଲୁଣ୍ଠନ କରିବାକୁ ପଶ୍ଚାତପଦ ହୋଇନାହାନ୍ତି। ପ୍ରଥମେ ରକ୍ତବାହୁ, ତା' ପରକୁ ପର ବଙ୍ଗ ସୁଲତାନ ଇଲିୟାସ ଶାହ, ଫିରୋଜ ତୋଗଲକ, ଇସମାଇଲି ଗାଜି, କଳାପାହାଡ଼, ସୁଲେମାନ ଓ ଓସମାନ, ମିର୍ଜା ଖୁରୁମ, ହାସିମ ଖାଁ, କେଶୋଦାସ, କଲ୍ୟାଣ ମଲ୍ଲ, ମକରାମ ଖାଁ, ମିର୍ଜା ଅହମ୍ମଦ ବେଗ ଖାଁ, ଅମିର ଫତେ ଖାଁ, ଏକ ରାମ ଖାଁ, ମହମ୍ମଦ ତକିଆ ଖାଁ ଆକ୍ରମଣ ଓ ଲୁଣ୍ଠନ କରିଛନ୍ତି ରତ୍ନଭଣ୍ଡାର। ସବୁଠାରୁ ବର୍ବରୋଚିତ, ଲୋମହର୍ଷଣକାରୀ ଆକ୍ରମଣ ତଥା ଲୁଣ୍ଠନ ଥିଲା ବଙ୍ଗ ସୁଲତାନ ସୁଲେମାନ କରନିର ଅନ୍ୟତମ ସେନାପତି କଳାପାହାଡ଼( ହିନ୍ଦୁରୁ ମୁସଲମାନ ହୋଇଥିବା)





ର। ଥରି ଉଠିଥିଲା ଓଡ଼ିଆ ଜାତିର ଅସ୍ଥି ପଞ୍ଜରା। ଆକ୍ରମଣରେ ସାମିଲ୍ ଥିବା ସୈନିକମାନେ ପ୍ରତ୍ୟେକେ ଗୋଟିଏ/ଦୁଇଟି ସୁବର୍ଣ୍ଣ ପ୍ରତିମା ପାଇଥିବା ଇତିହାସ କୁହେ। ତନ୍ମଧ୍ୟରୁ ସବୁଠାରୁ ବଡ଼ ପ୍ରତିମାର ଓଜନ ଥିଲା ୩୦ ମହଣ।

ରତ୍ନ ଭଣ୍ଡାର ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ମଧ୍ୟରେ ରହୁଥିଲା। ଭିତର ଭଣ୍ଡାର ଦୁଇଟି କୋଲପ(ତାଲା) ପଡ଼ି ଯଥାକ୍ରମେ ତାହାର ଚାବି ମନ୍ଦିର ସୁପରିଟେଣ୍ଡେଣ୍ଟ, ଭଣ୍ଡାର ନାୟକ ଓ ଭଣ୍ଡାର ମେକାପ ପାଖରେ ରହୁଥିଲା। ଏଥିରେ ଥିବା ସମସ୍ତ ସମ୍ପତ୍ତିର ତାଲିକା ପ୍ରସ୍ତୁତ ହୋଇ ରହୁଥିଲା। ଶ୍ରୀଜୀଉଙ୍କ ବିଭିନ୍ନ ବେଶ ତଥା ଅନ୍ୟାନ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରର ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସେବକ ଓ ରାଜ ପ୍ରତିନିଧିଙ୍କ ଉପସ୍ଥିତିରେ ଅଳଙ୍କାର ତଥା ଦ୍ରବ୍ୟ ସକଳ ବାହାର କରାଯାଇ କାର୍ଯ୍ୟ ସମାପନାନ୍ତେ ଯଥାଯଥ ଭାବରେ ରଖାଯାଉଥିଲା। ୧୮୦୫ ମସିହା ପୂର୍ବରୁ ରତ୍ନ ଭଣ୍ଡାରରେ ଥିବା ସମସ୍ତ ରତ୍ନର ତାଲିକା ଥିଲା। ୧୮୦୫ ମସିହାରେ ତତ୍କାଳୀନ ପୁରୀ କଲେକ୍ଟର ଚାଲସ୍ ଗ୍ରୋମ ଭଣ୍ଡାର ମଧ୍ୟସ୍ଥ ସମସ୍ତ ସମ୍ପତ୍ତିର ଏକ ତାଲିକା ପ୍ରସ୍ତୁତ କରିଥିଲେ। ୧୯୦୫ ମସିହା ଫେବୃଆରୀ ୨୩ ତାରିଖରେ ରାଜକିଶୋର ଦାସ ଶ୍ରୀମନ୍ଦିରର ମ୍ୟାନେଜର ଥିବା ବେଳେ ତାଙ୍କ ତତ୍ତ୍ୱାବଧାନ ତଥା ମହନ୍ତ ଶ୍ରୀରଘୁନନ୍ଦନ ରାମାନୁଜ ଦାସ, ମାଜିଷ୍ଟ୍ରେଟ ଭିକାରୀ ମିଶ୍ର ଓ ଆବଶ୍ୟକୀୟ ପ୍ରଧାନ ସେବକମାନଙ୍କ ଉପସ୍ଥିତିରେ ତାଲିକା ପ୍ରସ୍ତୁତ ହୋଇ ଥିଲା। ୧୯୧୩ ମସିହାରେ ରାଜ କିଶୋର ଦାସ ପୁନର୍ବାର ଶ୍ରୀମନ୍ଦିରର ମ୍ୟାନେଜର ନିଯୁକ୍ତ ହେବା ପରେ ଶ୍ରୀଜୀଉଙ୍କ ଭାଙ୍ଗି ଯାଇଥିବା ଅଳଙ୍କାରଗୁଡ଼ିକୁ ଗଢ଼ାଇ ଥିଲେ। ସେ ସମୟରେ ମଧ୍ୟ ଏକ ତାଲିକା ପ୍ରସ୍ତୁତ ହୋଇଥିଲା। ୧୯୨୬ ମସିହାରେ ଗଜପତି ରାମଚନ୍ଦ୍ର ଦେବ ଶ୍ରୀମନ୍ଦିରର ସୁପରିଟେଣ୍ଡେଣ୍ଟ ହେବାପରେ ଭଣ୍ଡାରର ସମସ୍ତ ଦ୍ରବ୍ୟ ମାନ ତଦାରଖ କରି ପୂର୍ବ ତାଲିକାକୁ ମିଳାଇ ଦେଖାଗଲା ଯେ ସାମାନ୍ୟ କିଛି ଅଳଙ୍କାରକୁ ଛାଡ଼ିଦେଲେ ପ୍ରାୟସବୁ ଠିକ୍ ଅଛି। ତାହାପରେ ସେ ସେଥିରେ ସ୍ୱାକ୍ଷର କରିଥିଲେ। ପରବର୍ତ୍ତୀ କାଳରେ ରତ୍ନ ଭଣ୍ଡାରରୁ କେତେକ ଅଳଙ୍କାର ବାହାରକୁ ଚାଲି ଯାଉଥିବାର ଖବର ତା୧୧.୯.୧୯୪୪ ମସିହା ଖବରକାଗଜ (ସମାଜ)ରେ ପ୍ରକାଶିତ ହୋଇଥିଲା ବୋଲି ଶ୍ରୀଯୁକ୍ତ ପ୍ରଫେସର୍ ସୁରେନ୍ଦ୍ର ନାଥ ଦାଶ 'ଶ୍ରୀମନ୍ଦିରର ରତ୍ନ ଭଣ୍ଡାର' ପୁସ୍ତକର ପୃ-୯ ରେ ଉଲ୍ଲେଖ କରିଛନ୍ତି।

ରାଜ୍ୟ ସରକାର ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ମନ୍ଦିର ପରିଚାଳନା ଭାର (ପ୍ରଶାସନିକ) ୧୯୬୦ ମସିହାରେ ନେବା ପୂର୍ବରୁ ସ୍ପେଶାଲ ଅଫିସର ଲକ୍ଷ୍ମଣ ପଣ୍ଡାଙ୍କ ଦ୍ୱାରା ୧୯୫୨ ମସିହା ଶ୍ରୀମନ୍ଦିର (ପ୍ରଶାସନ) ଅଧିନିୟମ ବ୍ୟବସ୍ଥା ଅନୁଯାୟୀ ଭିତର ଭଣ୍ଡାର ଓ ବାହାର ଭଣ୍ଡାରରେ ଥିବା ସମସ୍ତ ସୁନା, ରୁପା, ହୀରା, ନୀଳା, ମୋତି, ମାଣିକ୍ୟ ଆଦି ଅଳଙ୍କାର ସଙ୍ଗକୁ ଆସବାବପତ୍ରର ଏକ ତାଲିକା ପ୍ରସ୍ତୁତ ହେଲା। ବୋଧହୁଏ ସେହି ତାଲିକା ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ପ୍ରକାଶିତ ହୋଇଛି। ତାଲିକାରେ ବାହାର ଓ ଭିତର ଭଣ୍ଡାରର ଅଲଗା ଅଲଗା ତାଲିକା ଅଛି। ବର୍ତ୍ତମାନ କେବଳ ବ୍ୟବହାରିକ ରତ୍ନ ଅଳଙ୍କାର ବାହାର ଭଣ୍ଡାରରେ ଭଣ୍ଡାର ମେକାପ ଜିମା ରହେ ଓ ସେ ତହିଁର ରସିଦ ଦିଅନ୍ତି। ଭିତର ଭଣ୍ଡାରରେ ଦୁଇଟି ତାଲା ପଡ଼ିଥାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ୧୯୩୦ ଠାରୁ ଉଭୟ ତାଲାର ଚାବି ରାଜାଙ୍କଠାରେ ରହିଥିବାର ଉଲ୍ଲେଖ ରହିଛି। ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ୧୯୬୦ ଡିସେମ୍ବର ୨୭ ରେ ରାଜ୍ୟ ସରକାର ଏକ କମିଟି ଗଠନ କରି ମନ୍ଦିର ପରିଚାଳନା ପାଇଁ ପ୍ରଶାସନକୁ ଦାୟିତ୍ୱ ଦେଲେ। ତା'ପରଠାରୁ ଏହି ତାଲା ଚାବି ମନ୍ଦିର ପ୍ରଶାସନ ପାଖରେ ରହିଥିବା କୁହାଯାଏ। ୧୯୭୮ ମସିହାରେ ଓଡ଼ିଶାର ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସକ୍ରମେ ରତ୍ନ ଭଣ୍ଡାରର ତାଲିକା ନିୟମ ୫(୧) ଓ(୩) ଅନୁସାରେ ଶ୍ରୀମନ୍ଦିର ପ୍ରଶାସକ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ୧୩.୫.୧୯୭୮ ଠାରୁ୨୩.୭.୧୯୭୮ ମଧ୍ୟରେ ତାଲିକା ପ୍ରସ୍ତୁତ କରି ସତ୍ୟବାଦୀ ପ୍ରେସ ଦ୍ୱାରା ମୁଦ୍ରିତ ତାଲିକା ପ୍ରକାଶ କରିଥଲେ। ପରବର୍ତ୍ତୀ କାଳରେ ରତ୍ନ ଭଣ୍ଡାର ଛାତ ଓ କାନ୍ଥରୁ ପାଣି ଝରିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇବାରୁ ୨୦୧୮ ମସିହାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଉଚ୍ଚସ୍ତରୀୟ କମିଟି ମାର୍ଚ୍ଚ ୨୮, ୨୦୧୮ ରେ ରତ୍ନ ଭଣ୍ଡାରକୁ ପ୍ରବେଶ କରିଥିଲେ ମଧ୍ୟ ଚାବି ନମିଳିବା କାରଣରୁ ଭଣ୍ଡାରର ଉପଯୁକ୍ତ ପରୀକ୍ଷା ନିରୀକ୍ଷା ହୋଇ ପାରି ନ ଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ରଘୁବୀର ଦାସ କମିଶନ ଏ ସମ୍ବନ୍ଧରେ ଗଠନ କରାଯାଇ ଥିଲେ ମଧ୍ୟ ମାନ୍ୟବର କମିଶନଙ୍କ ରିପୋର୍ଟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହୋଇ ନାହିଁ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

ପରିଶେଷରେ ଏତିକି କୁହାଯାଇପାରେ ଯେ, ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରତ୍ନ ଭଣ୍ଡାରକୁ ନେଇ ବହୁ ଅଲୌକିକ ଗାଥା ଶୁଣିବାକୁ ମିଳେ। ତେଣୁ ସେହି ବୈଚିତ୍ରମୟ ଅମୂଲ୍ୟ ଭଣ୍ଡାରର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦେଇ ଯଥା ସମୟରେ ଉଚିତ ପଦକ୍ଷେପ ଗ୍ରହଣ କରି ଏହାର ପୂର୍ବ ମହତ୍ୱ ଓ ଗରିମାକୁ ଅକ୍ଷୁଣ୍ଣ ରଖିବାକୁ ବିନମ୍ର ନିବେଦନ।

ଜୟ ଜଗନ୍ନାଥ

(ଏକ ସୁଦୀର୍ଘ ତଥ୍ୟସମ୍ବଳିତ ଆଲେଖ୍ୟର କିୟଦଂଶ)

# ଭାରତ-ବାଂଲା ସମ୍ପର୍କ ଓ ତିସ୍ତା ବିବାଦ



ଲଳିତେନ୍ଦୁ ପଲାଉରୀ
ଅସ୍ତରଙ୍ଗ(ପୁରୀ), ମୋ: ୯୭୭୮୬୯୭୦୩୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳି ସରକାର ଆରମ୍ଭ ହେବାର ମାତ୍ର ମାସକ ମଧ୍ୟରେ ଦୁଇଥର ଭାରତ ଗସ୍ତ କରି ସାରିଛନ୍ତି ପଡ଼ୋଶୀ ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ହସିନା। ୨୦୧୯ରୁ ସେ ୧୦ଥର ଭାରତ ଗସ୍ତ କରି ସାରିଲେଣି। ଦକ୍ଷିଣ-ଏସିଆରେ ସ୍ଥିରତା ଓ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ଉଭୟ 'ଲୁକ୍ ଇଷ୍ଟ' ଓ 'ଲୁକ୍ ୱେଷ୍ଟ' ନୀତି ସହ 'ପଡ଼ୋଶୀ ପ୍ରଥମ' ନୀତିକୁ ଗୁରୁତ୍ୱ ଦେଇ ଆସୁଛି। ଉଭୟ ରାଷ୍ଟ୍ର ମଧ୍ୟରେ ସମ୍ପାଦିତ ଅନେକ ମିଳିତ ରାଜିନାମା, ଦ୍ୱିପାକ୍ଷିକ ବୁଝାମଣା ଉଭୟ ଦେଶର ହିତସାଧନ କରିଆସିଛି। ଉଭୟ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଜୁନ ୨୧ ଓ ୨୨ରେ ଅନେକ ଫଳପ୍ରଦ ଆଲୋଚନା ଭାରତ-ବାଂଲାଦେଶ ସମ୍ପର୍କକୁ ଅଧିକ ଦୃଢ଼ କରିଛି। ତେବେ ମନରେ ପ୍ରଶ୍ନ ଆସୁଛି ଭାରତ ପାଇଁ କାହିଁକି ଏତେ ଗୁରୁତ୍ୱ ବହନ କରୁଛି ବାଂଲାଦେଶ?

ଭାରତ 'ପଡ଼ୋଶୀ ପ୍ରଥମତ୍ର ନୀତିକୁ ଗୁରୁତ୍ୱ ଦେଉଥିବା ବେଳେ ବାଂଲାଦେଶ ପାଇଁ ଭାରତ ଦ୍ୱିତୀୟ ବୃହତ୍ ବାଣିଜ୍ୟ ସହଯୋଗୀ ରହିଆସିଛି। ୨୦୨୧-୨୨ରେ ଭାରତ-ବାଂଲାଦେଶ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୮ ବିଲିୟନ ଡଲାର ଟପିସାରିଛି। ଏହାସହ ଶୂନ୍ୟ ଶୁଳ୍କ କୋଟାରେ ଉଭୟ ଦେଶର ସହଯୋଗ, ଭିତ୍ତିଭୂମି ନିର୍ମାଣରେ ସହଯୋଗ, ହାୱଡ଼ା-ଅଗରତାଲା ରେଳ ସଂଯୋଗ, ମୈତ୍ରୀ ସେତୁ ପାଇଁ ସହଯୋଗକୁ ପ୍ରାଥମିକତା ଦେଇ ଆସୁଛି ଭାରତ। ସେହିପରି ଶକ୍ତି କ୍ଷେତ୍ରରେ ବାଂଲାଦେଶ ଭାରତଠାରୁ ୨ହଜାର ମେଗାୱାଟ ବିଦ୍ୟୁତ ଆମଦାନୀ କରୁଛି। ଡିଜେଲ ଯୋଗାଣ ପାଇଁ ଉଭୟ ଦେଶ ପାଇପ୍ ଲାଇନ୍ ପ୍ରକଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ଭାରତର ଅନ୍ୟ ଦୁଇ ପଡ଼ୋଶୀ ପାକିସ୍ତାନ ଓ ଚୀନ ବାରମ୍ବାର ଭାରତ ସହ ବିଶ୍ୱାସଘାତକତା କରୁଥିବା ବେଳେ ଭାରତ-ବାଂଲାଦେଶର ଘନିଷ୍ଠତା ସାରା ଏସିଆ ମହାଦେଶରେ ଉଭୟ ଦେଶର ଗୁରୁତ୍ୱ ବୃଦ୍ଧି କରିଛି।

ଭାରତ-ବାଂଲାଦେଶ ମଧ୍ୟରେ ଅନେକ ସହମତି, ସହଯୋଗ ରହିଛି। ଅନେକ ବିବାଦ ମଧ୍ୟ ଆପୋସ ସମାଧାନ ହେବାକୁ ବାକି ରହିଛି। ଖଲିଦା ଜିଆଙ୍କ ଅପେକ୍ଷା ଶେଖ ହସିନାଙ୍କ ଶାସନ କାଳରେ ମୋଟାମୋଟି ଭାରତ-ବାଂଲାଦେଶ ସମ୍ପର୍କ ଅଧିକ ସୁଦୃଢ଼ ହୋଇଚାଲିଛି। ଉଭୟ ଦେଶର ଆଭ୍ୟନ୍ତରୀଣ ମାମଲାରେ ଚୀନର ବାରମ୍ବାର ହସ୍ତକ୍ଷେପକୁ ଭାରତ-ବାଂଲାଦେଶ ବରଦାସ୍ତ କରୁନାହାନ୍ତି। ବିଶେଷକରି ଚୀନ ଭାରତ ସୀମାନ୍ତରେ ଅନୁପ୍ରବେଶ ପାଇଁ ବାଂଲାଦେଶକୁ ବ୍ଲାକମେଲିଂ ଭଳି ପ୍ରୟାସ କରୁଥିବା ବେଳେ ବାଂଲାଦେଶ କିନ୍ତୁ ଭାରତ ସହ ସବୁବେଳେ ଛିଡ଼ା ହୋଇଛି। ଉଭୟ ବାଂଲାଦେଶ ଓ ଭାରତ ପାଇଁ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ସମସ୍ୟା, ବାଂଲାଦେଶୀ ଅନୁପ୍ରେବଶ ପ୍ରସଙ୍ଗ ଦ୍ୱିପାକ୍ଷିକ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି। ତିସ୍ତା ନଦୀ ଜଳ ବଣ୍ଟନ ଦୀର୍ଘ ଦିନ ହେଲା ଉଭୟ ଦେଶ ପାଇଁ ପ୍ରମୁଖ ପ୍ରସଙ୍ଗ ରହି ଆସିଛି ସତ, କିନ୍ତୁ ବିବାଦ ଉଗ୍ର ରୂପ ନେବା ବଦଳରେ ବାରମ୍ବାର ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ ଜାରି ରହିଛି।

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବାଂଲାଦେଶ ଗସ୍ତ କାଳରେ ତିସ୍ତା ନଦୀ ଜଳ ବଣ୍ଟନ ପ୍ରସଙ୍ଗ ଆଲୋଚନା ହୋଇଥିଲା। କିନ୍ତୁ କିଛି ସମାଧାନ ବାଟ ବାହାରି ପାରି ନଥିଲା। ତେଣୁ ସେ ପ୍ରସଙ୍ଗରେ ସଦ୍ୟସମାପ୍ତ ଦ୍ୱିପାକ୍ଷିକ ଆଲୋଚନା ହୋଇଥିବା ଜଣାଯାଏ। ତିସ୍ତା ନଦୀ ଉପରେ ବାଂଲାଦେଶ ଏକ ବଡ଼ ବ୍ୟାରେଜ ନିର୍ମାଣ କରିବାକୁ ଚାହୁଁଛି। ତେଣୁ ଭାରତର ସହମତି ବାଂଲାଦେଶ ପାଇଁ ଜରୁରୀ। ଚୀନ ମଧ୍ୟ ତିସ୍ତା ନଦୀ ଜଳ ଉପରେ ଭାଗ ବସାଇବାକୁ ବାଂଲାଦେଶ ଉପରେ ଚାପ ପକାଇ ଆସୁଛି। ଆର୍ଥିକ ପ୍ରଲୋଭନ ଦେଖାଇ ବାଂଲାଦେଶକୁ ନିଜ ସପକ୍ଷରେ ନେବାକୁ ଚାହୁଁଛି ଚୀନ। ଏହି ଯୋଜନାରେ ବାଂଲାଦେଶକୁ ଚୀନ ତୁଳନାତ୍ମକ ଭାବେ କମ୍ ସୁଧ ହାରରେ୧ ବିଲିୟନ ଡଲାର ଋଣ ଦେବାକୁ ଚାହୁଁଛି। କିନ୍ତୁ ବାଂଲାଦେଶ ଚୀନର ଚାଲ ବୁଝିପାରି ଏଥିପାଇଁ ଇଚ୍ଛା ପ୍ରକାଶ କରୁନି। ଏହାସହ ଭାରତ ବାଂଲାଦେଶକୁ ସମସ୍ତ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି ଶେଖ ହସିନାକୁ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେହିପରି ଉଭୟ ଦେଶ ମଧ୍ୟରେ ଗଙ୍ଗା ନଦୀ ଜଳବଣ୍ଟନ ଚୁକ୍ତି ନବୀକରଣ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନାରେ ସ୍ଥାନ ପାଇଥିଲା।

ଗତ ଜୁନ ୨୧ ଆଲୋଚନା ପୂର୍ବରୁ ୨୦୨୩ ନଭେମ୍ବରରେ ଉଭୟ ଭାରତ-ବାଂଲାଦେଶ ମଧ୍ୟରେ 'ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍' ଶିଖର ବୈଠକ, ୨୦୨୩ରେ ନୂଆଦିଲ୍ଲୀରେ ଜି-୨୦ ବୈଠକରେ ଅନେକ ପ୍ରସଙ୍ଗ ଆଲୋଚନା ହୋଇ ସାରିଛି।। ୨୦୨୩ ମାର୍ଚ୍ଚରେ ଉଭୟ ଦେଶ ମଧ୍ୟରେ ମୈତ୍ରୀ ପାଇପଲାଇନ୍ ଉଦ୍‌ଘାଟନ, ୨୦୨୧ରେ ଢାକାରେ ମୈତ୍ରୀ ସେତୁର ଭର୍ଚୁଆଲ ଉଦଘାଟନ ଭାରତ ଓ ବାଂଲାଦେଶର ମିଳିତ ପ୍ରୟାସରେ ସମ୍ଭବ ହୋଇଛି। ତେବେ ବର୍ତ୍ତମାନ ତିସ୍ତା ନଦୀ ଜଳ ବଣ୍ଟନ ଉଭୟ ଦେଶ ମଧ୍ୟରେ ବଡ଼ ପ୍ରସଙ୍ଗ ରହିଥିବା ବେଳେ ଭାରତର ସହମତି ବିନା ତିସ୍ତା ମାଷ୍ଟର ପ୍ଲାନ ସଫଳ ହୋଇପାରିବ ନାହିଁ ବୋଲି ବାଂଲାଦେଶ ବୁଝି ସାରିଛି। ୨୦୧୧ ମସିହାରେ ଭାରତ ସରକାର ଏହାର ସମାଧାନ ପାଇଁ ପ୍ରୟାସ କରିଥିଲେ; କିନ୍ତୁ ସେ ସମୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଥିବା ମମତା ବାନାର୍ଜୀଙ୍କ ଅସନ୍ତୋଷ ଯୋଗୁଁ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସରକାର ଏଥିରୁ ପଛକୁ ହଟିଥିଲେ। ୨୦୧୪ରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କ ସହ ବାଂଲାଦେଶ ଗସ୍ତରେ ଯାଇଥିଲେ ମମତା ବାନାର୍ଜୀ। ତିସ୍ତା ନଦୀ ଜଳ ବଣ୍ଟନ ବୁଝାମଣା ନେଇ ଆଲୋଚନା ହୋଇଥିଲା ମଧ୍ୟ ମମତାଙ୍କ ବିରୋଧ ଯୋଗୁଁ ଏ ପ୍ରସଙ୍ଗରେ ଉଭୟ ଦେଶ ମଧ୍ୟରେ ସହମତି ହୋଇପାରି ନ ଥିଲା।

୪୧୪କିଲୋମିଟର ଲମ୍ବ ତିସ୍ତାନଦୀ ହିମାଳୟରୁ ବାହାରି ସିକ୍କିମ୍, ପଶ୍ଚିମବଙ୍ଗ, ବାଂଲାଦେଶ ଦେଇ ବଙ୍ଗୋପସାଗରେ ମିଶିଛି। ତିସ୍ତା ନଦୀର ୮୩ % ପ୍ରବାହ ଭାରତରେ ଏବଂ ୧୭% ଅଂଶ ବାଂଲାଦେଶରେ ରହିଛି। ଉତ୍ତର-ପୂର୍ବ ରାଜ୍ୟ ସିକ୍କିମ୍ ସମେତ ପଶ୍ଚିମବଙ୍ଗ ଓ ବାଂଲାଦେଶର ପାଖାପାଖି ୧ କୋଟି ଲୋକଙ୍କ ଜୀବନରେଖା ହୋଇ ରହିଛି ତିସ୍ତା। ତେବେ ବାଂଲାଦେଶ ତିସ୍ତା ନଦୀର ୫୦ପ୍ରତିଶତ ଜଳ ଉପରେ ଅଧିକାର ଚାହୁଁଛି। ଭାରତ କିନ୍ତୁ ୫୫% ଜଳ ଉପଯୋଗ କରିବାକୁ ଚାହୁଁଛି। ତେଣୁ ଏଇଠି ଲଟକିଛି ସମସ୍ୟା। ବିଶେଷକରି ପଶ୍ଚିମବଙ୍ଗ ତିସ୍ତା ରାଜିନାମାକୁ ଘୋର ବିରୋଧ କରି ଆସୁଛି। ବାଂଲାଦେଶ ଛୋଟ ଦେଶ ହେଲେ ବି ଭାରତ ତା' ଉପରେ ଚାପ ପ୍ରୟୋଗ ନକରି ସବୁବେଳେ ଆଲୋଚନାକୁ ଗୁରୁତ୍ୱ ଦେଉଛି।

ଶେଷରେ ଆମେ ଏତିକି କହିପାରିବା ଭାରତ-ବାଂଲାଦେଶ ମଧ୍ୟରେ ବିବାଦ ରହିଛି। କିନ୍ତୁ ସମାଧାନ ପାଇଁ ଉଭୟ ଦେଶ ଚେଷ୍ଟା ଜାରି ରଖିଛନ୍ତି। ବାରମ୍ବାର ଦ୍ୱିପାକ୍ଷିକ ଆଲୋଚନା ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିଛି। ତେଣୁ ଦକ୍ଷିଣ-ଏସିଆରେ ଶାନ୍ତି, ପ୍ରଗତି ପାଇଁ ଭାରତ-ବାଂଲାଦେଶର ଭଳି ଅନ୍ୟ ପଡ଼ୋଶୀ, ବିଶେଷକରି ପାକିସ୍ତାନ ଓ ଚୀନ ଭାରତ ସହ ଆଲୋଚନାକୁ ମାଧ୍ୟମ କରିବା ଜରୁରୀ।

ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗ

# ସରକାରଙ୍କୁ ଏସ୍‌ଓପି ପଠାଇଲା ପରିଚାଳନା କମିଟି

**୧୪ରେ ଖୋଲିବାକୁ ପ୍ରସ୍ତାବ, ନିର୍ଦ୍ଦେଶକୁ ଅପେକ୍ଷା**

**ପୁରୀ, ୧୦/୭(ସମିସ):** ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲାଯିବା ନେଇ ପ୍ରକ୍ରିୟା ଜାରି ରହିଛି। ସରକାରଙ୍କ ଦ୍ୱାରା ଗଠିତ ରତ୍ନଭଣ୍ଡାର ଯାଞ୍ଚ କମିଟି ବୈଠକ ମଙ୍ଗଳବାର ବସିଥିବା ବେଳେ ବୁଧବାର ଅନୁଷ୍ଠିତ ହୋଇଥିଲା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ନୀଳାଦ୍ରି ଭକ୍ତ ନିବାସରେ ବସିଥିବା ଏହି ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିଲେ। ଏଥିରେ ରତ୍ନଭଣ୍ଡାର ଯାଞ୍ଚ କମିଟି ପ୍ରଦାନ କରିଥିବା ତାଙ୍କ ବୈଠକର ବିବରଣୀ ଏବଂ ଖୋଲାଯିବା ନେଇ ପ୍ରସ୍ତୁତ କରିଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁଅର(ଏସ୍‌ଓପି) ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପରିଚାଳନା କମିଟି ଏହି ଏସ୍‌ଓପି ରାଜ୍ୟ ସରକାରଙ୍କ ପାଖକୁ ପଠାଇଛି। ସରକାରଙ୍କ ଠାରୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକ ଶେଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ କହିଛନ୍ତି ମଙ୍ଗଳବାର ରତ୍ନଭଣ୍ଡାର ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ସେମାନେ ଗୋଟିଏ ଏସ୍‌ଓପି ପ୍ରସ୍ତୁତ କରି ଦେଇଛନ୍ତି। ପରିଚାଳନା କମିଟି ବୈଠକରେ ଏହି ଏସ୍‌ଓପି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସର୍ବସମ୍ମତିକ୍ରମେ ସେଥିରେ ମଧ୍ୟ କିଛି ନୂଆ ସଂଯୋଗ କରାଯାଇ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇଛି। ସରକାର ଅନୁମୋଦନ ଦେଲେ ଆମେ ପରବର୍ତ୍ତୀ ପଦକ୍ଷେପ ନେବୁ। ତେବେ ଏହି ଏସ୍‌ଓପିରେ ପରିଚାଳନା କମିଟି ପକ୍ଷରୁ ମଧ୍ୟ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲାଯାଉ ବୋଲି ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆମେ ଆଗକୁ ବଢ଼ିବୁ ବୋଲି କହିଛନ୍ତି ଶ୍ରୀ ଯାଦବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପିନାକ ମିଶ୍ରଙ୍କ ସମେତ ପରିଚାଳନା କମିଟିର ଅନ୍ୟ ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ପୁଅ ବାହାଘରରେ ବାପା ମୃତ

**ନରସିଂହପୁର, ୧୦/୭(ସମିସ):** ପୁଅ ବାହାଘରରେ ବାପାର ମୃତ୍ୟୁ ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଚଟରାପଦା ଗ୍ରାମରେ। ଚଟରପଦା ଗ୍ରାମର ବିମ୍ବାଧର ନାୟକ (୫୫)ଙ୍କ ପୁଅ ବବୁଲ ନାୟକଙ୍କର ବିବାହ ତଗିଲୋ ଗ୍ରାମରେ ସ୍ଥିର ହୋଇଥିଲା। ଆଜି ବିବାହ ଶୋଭାଯାତ୍ରାରେ ଯାଉଥିବା ବେଳେ ଶୋଭାଯାତ୍ରାରେ ଯାଇଥିବା ବସଟି ଭାରସାମ୍ୟ ହରାଇ ବିମ୍ବାଧର ନାୟକଙ୍କ ଉପରେ ଚଢ଼ିଯିବାରୁ ବର ବବୁଲ ନାୟକ ଆହତ ହୋଇଥିବା ବେଳେ ପିତା ବିମ୍ବାଧରଙ୍କୁ ଗୁରୁତର ଅବସ୍ଥାରେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅବଶିଷ୍ଟାଂଶ...

### ୧୮ ମୃତ...

ଧକ୍କା ହୋଇଥିଲା ଓ ବସ୍‌ଟି ଓଲଟି ପଡ଼ିଥିଲା। ମୃତକମାନଙ୍କ ଚିହ୍ନଟ ଚାଲିଛି ଓ ଆହତଙ୍କୁ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ହେଲ୍ପଲାଇନ୍ ନମ୍ବର ଖୋଲାଯାଇଛି। ସମ୍ପ୍ରତି ଅଷ୍ଟ୍ରିଆର ରାଜଧାନୀ ଭିଏନାରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ଖବର ପାଇ ଶୋକବ୍ୟକ୍ତ କରିଛନ୍ତି ଓ ପିଏମ୍ ରିଲିଫ୍ ଫଣ୍ଡରୁ ମୃତକଙ୍କ ପରିବାରକୁ ୨ଲକ୍ଷ ଓ ଆହତଙ୍କୁ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ମିଳିବା ବ୍ୟବସ୍ଥା କରିଛନ୍ତି। ଏହି ଘଟଣାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ବିଏସପି ନେତ୍ରୀ ମାୟାବତୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଏହି ଦୁର୍ଘଟଣା ସରକାରଙ୍କ ଅବହେଳା ପାଇଁ ହୋଇଥିବା କହିଛନ୍ତି। ଏକ୍ସପ୍ରେସ୍ ଓ୍ୱେ'ରେ ସ୍ୱତନ୍ତ୍ର ପାର୍କିଂ ଜୋନ୍ ରହିଥିବା ବେଳେ ରାସ୍ତା ମଝିରେ କ୍ଷୀର ଟ୍ୟାଙ୍କର ରହିଲା କିପରି, ହାଇଓ୍ୱେ ପାଟ୍ରୋଲିଂ ହେଉନି କି, ସିସିଟିଭି କ୍ୟାମେରା କାମ କରୁଛି ନା ନାହିଁ ବୋଲି ଅଖିଳେଶ ପ୍ରଶ୍ନ କରିଛନ୍ତି। ହାଇଓ୍ୱେ ଆମ୍ବୁଲାନ୍ସ ସର୍ଭିସ୍ ଦୁର୍ଘଟଣାର କେତେ ସମୟ ପରେ ପହଞ୍ଚିଥିଲା ତାହା ଅଖିଳେଶ ଜାଣିବାକୁ ଚାହିଁଛନ୍ତି। ତେବେ ଉନ୍ନାଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଗୌରାଙ୍ଗ ରାଠି କହିଛନ୍ତି, ଯାହା ଜଣାପଡୁଛି, ଡବଲ ଡେକର୍ ବସ୍ ଦ୍ରୁତ ଗତିରେ ଆସି ଧୀମା ଗତିରେ ଯାଉଥିବା ଟ୍ୟାଙ୍କର ପଛପଟକୁ ଧକ୍କା ଦେଇଥିଲା। ଫଳରେ ମୃତାହତଙ୍କ ସଂଖ୍ୟା ଏତେ ଅଧିକ ହୋଇଛି।

### ଦୋଷ ମୁଣ୍ଡାଇବ...

ମହାପାତ୍ରଙ୍କ ଭଳି ବରିଷ୍ଠ ସେବାୟତମାନେ ମଧ୍ୟ ଏହି ଘଟଣାକୁ ନେଇ କ୍ଷୋଭପ୍ରକାଶ କରିଛନ୍ତି। ନୀତି ବିଭ୍ରାଟରୁ ଆରମ୍ଭ କରି ଅନଭିଜ୍ଞ ସେବାୟତ ଏବଂ ରଥ ଉପରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟାରେ ସେବାୟତଙ୍କ ଉପସ୍ଥିତିକୁ ଏହି ଅଘଟଣ ପାଇଁ ପରୋକ୍ଷରେ ଦାୟୀ କରିଛନ୍ତି ଜଗନ୍ନାଥ ସ୍ୱାଇଁ ମହାପାତ୍ର।

ମଙ୍ଗଳବାର ତାଳଧ୍ୱଜ ରଥର ଚାରମାଳରେ ଘଟିଥିବା ମହାବିଭ୍ରାଟକୁ ନେଇ ଭକ୍ତମହଲରେ ଚର୍ଚ୍ଚା ଜାରି ରହିଛି। ଏପରିକି 'ନିଳାଦ୍ରୀ ମହୋଦୟ' ପୁସ୍ତକରେ ଠାକୁରମାନେ ପଡ଼ିଯିବାକୁ ନେଇ ଉଲ୍ଲିଖିତ ବିପଦକୁ ନେଇ ସବୁଠି ଚର୍ଚ୍ଚା ଆଲୋଚନା ଚାଲିଛି। ସମଗ୍ର ରାଜ୍ୟରେ ଏହାକୁ ନେଇ ଅସନ୍ତୋଷ ଚରମ ରୂପ ନେଇଥିବାବେଳେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ 'ଲୀଳାମୟଙ୍କ ଲୀଳା' ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ 'ଛୋଟିଆ ଲୀଳା' ମନ୍ତବ୍ୟକୁ ଭକ୍ତମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଆମ ଠାକୁରଙ୍କ ଲୀଳା ଅପାର। ଏଥିରେ କିଛି ବ୍ୟତିକ୍ରମ ହୋଇନାହିଁ, ପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ କାହାର କିଛି ହୋଇନାହିଁ। ଅଘଟଣା ପରେ ଆହତମାନେ ସୁରୁଖୁରୁରେ ଯାଇ ପୁଣିଥରେ ନୀତିକାନ୍ତିରେ ଲାଗିଥିଲେ। ଘଟଣା ଯାହା ଥିଲା ବହୁତ ସାଧାରଣ ଥିଲା, ପ୍ରଭୁଙ୍କ ଲୀଳା ଥିଲା। ସବୁ ପ୍ରଭୁଙ୍କ ଇଚ୍ଛା ବୋଲି ଆମେ ଭାବିକି ଚାଲିବା । ସେହିପରି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ସ୍ପଷ୍ଟ ଭାବେ କହିବାକୁ ଗଲେ ଏହା ଏକ ସାମାନ୍ୟ ଦୁର୍ଘଟଣା ଥିଲା। ଏହା ପ୍ରଭୁଙ୍କର ଏକ ଛୋଟିଆ ଲୀଳା ଅଟେ। ଯେଉଁଭଳି ଭାବେ ଲୀଳାମୟ ନିଜେ ଏଭଳି ବିରଳ ରଥଯାତ୍ରାକୁ ସୁରୁଖୁରୁରେ ନେଇକି ଆସିଲେ, ଶେଷ ମୂହୁର୍ତ୍ତରେ ଯାହା ହୋଇଛି ତାହାକୁ ସମସ୍ତେ ସାମାନ୍ୟ ଲୀଳା କହୁଛନ୍ତି ବୋଲି ଆଇନମନ୍ତ୍ରୀ କହିବା ଘଟଣା ଜଗନ୍ନାଥପ୍ରେମୀଙ୍କୁଅ ତ୍ୟନ୍ତ କଷ୍ଟଦାୟକ ହୋଇଛି।

କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ଜଗନ୍ନାଥ ହେଉଛନ୍ତି ବିଶ୍ୱର ଗର୍ବ ଆଉ ଗୌରବ। ମାତ୍ର ବିଜେପି ସରକାର ଜଗନ୍ନାଥଙ୍କୁ ସୁରକ୍ଷା ଦେଇ ପାରୁନାହାନ୍ତି। ଉପମୁଖ୍ୟମନ୍ତ୍ରୀ ଏହାକୁ ସାମାନ୍ୟ ଘଟଣା କହୁଛନ୍ତି। ଏହା ବିଜେପି ସରକାର ପାଇଁ ସାମାନ୍ୟ କଥା ହୋଇପାରେ, ମାତ୍ର ଭକ୍ତଙ୍କ ପାଇଁ ଏହା ସାମାନ୍ୟ ଘଟଣା ନୁହେଁ। ଯେଉଁମାନେ ଘଟଣା ପାଇଁ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ବିଜେଡି ନେତ୍ରୀ ସୁଲୋଚନା ଦାସ କହିଛନ୍ତି ଯେ ଆଡପମଣ୍ଡପ ବିଜେ ବେଳେ ମହାପ୍ରଭୁ ବଳଭଦ୍ର ମୁହଁ ମାଡ଼ି ତଳେ ପଡିଯିବା ଘଟଣା ସଭିଙ୍କ ମନରେ ଗଭୀର ଦୁଃଖ ଓ କଷ୍ଟ ଦେଇଛି। ଏହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଆଦୌ ଗ୍ରହଣଯୋଗ୍ୟ ନୁହଁ। ଏଭଳି ଅକ୍ଷମଣୀୟ ତ୍ରୁଟି କାହିଁକି ହେଲା ତାକୁ ଅନୁଧ୍ୟାନ କରିବା ବଦଳରେ ଉପ-ମୁଖ୍ୟମନ୍ତ୍ରୀ ଏବଂ ଆଇନମନ୍ତ୍ରୀ ଦାୟିତ୍ୱହୀନ ମନ୍ତବ୍ୟ ପ୍ରଦାନ କରିଛନ୍ତି। ଏହାକୁ ମହାପ୍ରଭୁଙ୍କ ଇଛା ବୋଲି ସେମାନେ ରଖିଥିବା ଉକ୍ତି କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ଉପହାସ କରିଛି ବୋଲି ସୁଲୋଚନା କହିଛନ୍ତି ।

### ଘଟଣାର ତଦନ୍ତ...

ସିଧା ଚାରମାଳ ତଳ ଭାଗରେ ହାମୁଡେଇ ପଡିଥିଲେ। ଏହି ଘଟଣା କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଶକ୍ତ ଆଘାତ ଦେଇଥିବାବେଳେ ଏହାର କାରଣ ଖୋଜୁଛି ପ୍ରଶାସନ। ମଙ୍ଗଳବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିବା ବେଳେ ସମସ୍ତ ସଦସ୍ୟ ଘୋର୍ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ କହିଛନ୍ତି, ମହାପ୍ରଭୁଙ୍କ ଆଡପ ପହଣ୍ଡି ସମୟରେ ଯେଉଁ ଘଟଣା ଘଟିଲା ତାହାର ତଦନ୍ତ କରାଯିବ। ଏଥିପାଇଁ ୩ ଜଣିଆ କମିଟି ଗଠନ କରାଯାଇଛି। ସେହି ସମୟରେ ଭିଡ଼ିଓ ଫୁଟେଜ ହେଉ କିମ୍ବା ଡ୍ରୋନ ସଟ୍ ଯାହା ମିଳିବ ତାହାକୁ ନେଇ ତର୍ଜମା କରାଯିବ। ସେହି ସମୟରେ କେଉଁ କେଉଁ ବ୍ୟକ୍ତି ରହିଥିଲେ, ଯେଉଁମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ସେମାନେ ଥିଲେ କି ନାହିଁ ତାହା ଅନୁଧ୍ୟାନ ହେବ। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏହି କମିଟିରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଏବଂ ଡେପୁଟି ସୁପରିଟେଣ୍ଡେଣ୍ଟ ପାହ୍ୟାର ଅଧିକାରୀ ରହିଛନ୍ତି। ଆସନ୍ତା ୧୯ ତାରିଖରେ ମହାପ୍ରଭୁଙ୍କର ନୀଳାଦ୍ରି ବିଜେ ରହିଛି। ଏହି ନୀଳାଦ୍ରି ବିଜେର ୧୦ ଦିନ ଭିତରେ କମିଟି ତଦନ୍ତ ସାରି ଏହାର ରିପୋର୍ଟ ଶ୍ରୀମନ୍ଦିର ପରିଚାଳନା କମିଟିକୁ ପ୍ରଦାନ କରିବ। ଏହାପରେ କେଉଁଥିପାଇଁ ଏଭଳି ଘଟଣା ଘଟିଲା ତାହାର ତର୍ଜମା କରାଯାଇ ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହେବ ସେ ନେଇ ଯୋଜନା କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଶ୍ରୀ ଯାଦବ।

### ଏଭଳି ଦୃଶ୍ୟ କେବେ...

କାହିଁକି ହେଲା ଏବଂ କେମିତି ହେଲା ସେ ବିଷୟରେ ପ୍ରଶାସନ ପକ୍ଷରୁ ଭଲ ଭାବେ ଯାଞ୍ଚ କରାଯିବ। ଆଗାମୀ ସମୟରେ ଯେପରି ଏହିଭଳି ଅଘଟଣ ନ ହୁଏ ତା' ପାଇଁ ପ୍ରଶାସନ ଏବଂ ସେବକ ଭାଇମାନେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି। ଆସନ୍ତା ୧୫ ତାରିଖ ବାହୁଡ଼ା ଯାତ୍ରାରେ ମହାପ୍ରଭୁଙ୍କର ରଥ ଉପରକୁ ପହଣ୍ଡି ଏବଂ ୧୯ ତାରିଖ ନୀଳାଦ୍ରି ବିଜେରେ ଶ୍ରୀମନ୍ଦିରକୁ ପହଣ୍ଡି ବିଜେ ରହିଛି। ତେଣୁ ଆଡପ ପହଣ୍ଡି ସମୟରେ ଯାହା ଘଟିଲା ସେଥିରୁ ସେବକ ଭାଇମାନେ ଯାହା ଶିକ୍ଷା ଗ୍ରହଣ କରିବା କଥା ଶିଖିଯାଇଛନ୍ତି। ଏହି ଅଘଟଣର ଯେପରି ପୁନରାବୃତ୍ତି ନ ହୁଏ ସେମାନେ ଯତ୍ନବାନ ହେବେ। ତେବେ କେତେଗୁଡ଼ିଏ ମୂଳ ସମସ୍ୟା ରହୁଛି, ଯେପରି କି ପହଣ୍ଡି ଏବଂ ରଥ ଉପରେ ମଧ୍ୟ ଅଧିକ ସଂଖ୍ୟାରେ ସେବାୟତ ରହୁଛନ୍ତି। ଏହା ଉପରେ ବିସ୍ତୃତ ଭାବେ ବୈଠକରେ ଆଲୋଚନା କରାଯାଇଛି। ନୀଳାଦ୍ରି ବିଜେ ପରେ ପରିଚାଳନା କମିଟିରେ ଏ ନେଇ ବିଶଦ୍ ଭାବେ ଆଲୋଚନା କରାଯିବ। ଆଗାମୀ ରଥଯାତ୍ରାରେ ଯେପରି ଏଭଳି ପରିସ୍ଥିତି ନ ହୁଏ ସେଥିପାଇଁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ ହେବ ବୋଲି କହିଛନ୍ତି ଗଜପତି ମହାରାଜା। ସେହିପରି ବୈଠକରେ ରତ୍ନଭଣ୍ଡାରକୁ ନେଇ ଆଲୋଚନା ହୋଇଛି। ସରକାରଙ୍କ ଦ୍ୱାରା ଗଠନ କରାଯାଇଥିବା ଉଚ୍ଚସ୍ତରୀୟ କମିଟି ଯେଉଁସବୁ ପ୍ରସ୍ତାବ ଦେଇଛନ୍ତି ତାହା ଉପରେ ଚର୍ଚ୍ଚା କରାଯାଇଛି ବୋଲି ସୂଚନା ଦେଇଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ।

### ଛାଡ଼ପତ୍ର ହୋଇଥିଲେ...

ଆବଶ୍ୟକ। ଗୃହିଣୀ କୌଣସି ଆୟ କରୁନାହାନ୍ତି। ତେଣୁ ତାଙ୍କ ଆବଶ୍ୟକତା ପ୍ରତି ପତି ଦୃଷ୍ଟି ଦେବା ଜରୁରୀ। ଆର୍ଥିକ ସହାୟତା ଦ୍ୱାରା ପରିବାରରେ ପତ୍ନୀଙ୍କ ଆର୍ଥିକ ସ୍ଥିତି ମଜବୁତ ହୋଇପାରିବ। ଏଥିପ୍ରତି ସଚେତନ ଥାଇ ଘର ଏବଂ ନିଜ ଖର୍ଚ୍ଚ ପାଇଁ ପତ୍ନୀଙ୍କୁ ଯୁଗ୍ମ ବ୍ୟାଙ୍କ ଆକାଉଣ୍ଟ କିମ୍ବା ଏଟିଏମ ଦେଇଥିବା ପତିଙ୍କୁ ପ୍ରଶଂସା କରାଯିବା ଉଚିତ ବୋଲି ଜଷ୍ଟିସ ନାଗରତ୍ନା କହିଛନ୍ତି। ଖର୍ଚ୍ଚ ପାଇଁ ସ୍ୱାମୀଙ୍କ ଉପରେ ନିର୍ଭରଶୀଳ ଥିବା ପତ୍ନୀଙ୍କୁ ଆର୍ଥିକ ସହାୟତା ଦେବା ଦ୍ୱାରା ତାଙ୍କ ଚିନ୍ତା କମ୍ ହୋଇଥାଏ। ଚଳିବା ପାଇଁ ଯେକୌଣସି ମହିଳାଙ୍କର ଟଙ୍କା ଆବଶ୍ୟକ ହୋଇଥାଏ। ତେଣୁ ଧାରା ୧୨୫ ଅନୁଯାୟୀ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ରହିଛି।

### ପିଏମ୍ କିଷାନରେ...

ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଜି ରାଜ୍ୟ କ୍ୟାବିନେଟ ମୋହର ମାରିଛି। ରାଜ୍ୟର ସମସ୍ତ ଯୋଗ୍ୟ କୃଷକ ପରିବାରକୁ ପି.ଏମ୍. କିଷାନ ଯୋଜନାରେ ଆର୍ଥିକ ସହାୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାକୁ ଅବଲମ୍ବନ କରାଯିବ। ଏହା ଦ୍ୱାରା ମଧ୍ୟମ, ବୃହତ, ସହରାଞ୍ଚଳର ୬ ଲକ୍ଷ ଚାଷୀମାନେ ଉପକୃତ ହେବେ । ଅନୁରୂପ ଭାବରେ ରାଜ୍ୟର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି ପ୍ରସ୍ତାବରେ ମଧ୍ୟ କ୍ୟାବିନେଟ ମୋହର ମାରିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚକୁଶଳୀ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ଦୈନିକ ମଜୁରୀ ଯଥାକ୍ରମେ ୩୫୨ ଟଙ୍କା, ୩୯୨ ଟଙ୍କା, ୪୪୨ ଟଙ୍କା ଓ ୫୦୨ ଟଙ୍କା ଥିଲା। ବର୍ତ୍ତମାନ ଏହାକୁ ଯଥାକ୍ରମେ ୪୫୦ ଟଙ୍କା, ୫୦୦ ଟଙ୍କା, ୫୫୦ ଟଙ୍କା ଓ ୬୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ରାଜ୍ୟ ସରକାର ଓଡ଼ିଆ ଅସ୍ମିତା ଉପରେ ଗୁରୁତ୍ୱାରୋପ କରି ଏଥିପାଇଁ ୨୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପାଣ୍ଠି (କର୍ପସ ଫଣ୍ଡ) ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପାଣ୍ଠିରେ ଓଡ଼ିଆ ଅସ୍ମିତା ଭବନ ଗଠନ, ଓଡ଼ିଆ ଅନୁବାଦ ଏକାଡେମୀ ପ୍ରତିଷ୍ଠା, ବିଶ୍ୱସ୍ତରୀୟ ତାଳପତ୍ର ପୋଥି ସଂଗ୍ରହାଳୟ ପ୍ରତିଷ୍ଠା, ପାଇକ ବିଦ୍ରୋହ ସ୍ମାରକୀର ଉନ୍ନତିକରଣ, ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ପ୍ରଦାନ ପାଇଁ ପ୍ରୟାସ, କଳାକାରମାନଙ୍କୁ ପ୍ରୋତ୍ସାହନ ପାଇଁ ପଦକ୍ଷେପ ନିଆଯିବ। ସେହିପରି ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପ୍ରଶିକ୍ଷଣ ପାଇଁ ଆର୍ଥିକ ପ୍ରୋତ୍ସାହନ, ଜାତୀୟ ବିଶ୍ୱବିଦ୍ୟାଳୟ ଓ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଓଡିଆ ଚେୟାର ପ୍ରତିଷ୍ଠା, ଜିଲ୍ଲାସ୍ତରରେ ଇ-ଗ୍ରନ୍ଥାଳୟ ସ୍ଥାପନ ଏବଂ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ୧୮,୭୮୮ ପ୍ରାର୍ଥୀଙ୍କ ଚୟନ ତାଲିକା ପ୍ରକାଶ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ଆଧାରରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ୨୦,୦୦୦ କନିଷ୍ଠ ଶିକ୍ଷକ (ଯୋଜନା ଭିତ୍ତିକ) ନିଯୁକ୍ତି ନିମନ୍ତେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ବିଜ୍ଞାପନ ପ୍ରକାଶ କରାଯାଇଥିଲା। ଏହି ମାମଲାର ବିଚାର କରି ମାନ୍ୟବର ଉଚ୍ଚ ନ୍ୟାୟଳୟ କମ୍ପ୍ୟୁଟର ବେସଡ୍ ଟେଷ୍ଟ ଆଧାରରେ ଆବେଦନକାରୀଙ୍କ ଯୋଗ୍ୟତା ଭିତ୍ତିକ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ଅଚଳ ଉଠା ଜଳସେଚନ ପ୍ରକଳ୍ପକୁ ସଚଳ କରିବା ଏବଂ ପୁରୁଣା ସଚଳ ପ୍ରକଳ୍ପକୁ ସୁଦୃଢୀକରଣ କରିବା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଏଥିରେ ୨୦୬୫ଟି ଅଚଳ ପ୍ରକଳ୍ପକୁ ସଚଳ କରାଯାଇ ୫୯,୨୯୨ ହେକ୍ଟର ଚାଷ ଜମିକୁ ପୁନଃ ଜଳସେଚିତ କରାଯିବ। ଏହା ସହିତ ୧୦,୧୫୨ଟି ପୁରୁଣା ସଚଳ ପ୍ରକଳ୍ପର ଦୃଢ଼ୀକରଣ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଆସନ୍ତା ୫ ବର୍ଷରେ ରାଜ୍ୟ ସରକାର ନିଜସ୍ୱ ସମ୍ବଳରୁ ୧୦୮୪.୩୮ କୋଟି ଟଙ୍କା ଖର୍ଚ୍ଚ କରିବା ପ୍ରସ୍ତାବ କ୍ୟାବିନେଟରେ ଅନୁମୋଦିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ଇଡ୍‌କୋ ଅଧ୍ୟକ୍ଷ...

କୁମାରଙ୍କୁ ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହି ବିଭାଗରେ ପୂର୍ବରୁ ଅତିରିକ୍ତ ଭାବେ କାର୍ଯ୍ୟରତ ଆଇଏଏସ ଜି. ମାଥିଭାଥନନ୍‌ଙ୍କୁ ଅପସାରିତ କରାଯାଇଛି। ସେହିପରି ଜି. ମାଥିଭାଥନନ୍‌ଙ୍କ ମୂଳ ନିଯୁକ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀରୁ ବଦଳି କରାଯାଇ ତାଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ, ଟ୍ରେନିଂ ସଂଯୋଜନ ଭାବେ ବଦଳି କରାଯାଇଛି। ସେହିପରି ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଏମଏସଏମଇ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ଶର୍ମା ପୂର୍ବପରି ଇପିକଲ୍‌ର ଅଧ୍ୟକ୍ଷ ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ପୂର୍ବରୁ ଏହି ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଶାଶ୍ୱତ ମିଶ୍ରଙ୍କୁ ଦାୟିତ୍ୱମୁକ୍ତ କରାଯାଇଛି। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଆଇଏଏସ ଶାଶ୍ୱତ ମିଶ୍ରଙ୍କୁ ଅର୍ଥ ଓ ଶକ୍ତି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତେବେ ଶ୍ରୀ ମିଶ୍ର କାର୍ଯ୍ୟରେ ଯୋଗ ଦେବା ପରେ ଶକ୍ତି ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ବିଶାଲ ଦେବ ଦାୟିତ୍ୱମୁକ୍ତ ହେବେ। ତେବେ ଶ୍ରୀ ଦେବ ନୂତନ ଭାବେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏହାସହ ସେ ଓଏଫ୍‌ଡିସିର ଅଧ୍ୟକ୍ଷ ଭାବେ ନିଜର ଅତିରିକ୍ତ ଦାୟିତ୍ୱ ଜାରି ରଖିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପରପକ୍ଷେ ଲ୍ୟାଣ୍ଡ ରେକର୍ଡ ଏବଂ ସେଟେଲମେଣ୍ଟ କମିଶନର ଭାସ୍କର ଜ୍ୟୋତି ଶର୍ମା ଏଣିକି କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ବିଭାଗର କମିଶନର ତଥା ସଚିବ ଭାବେ ନୂଆ ଦାୟିତ୍ୱ ତୁଲାଇବେ। ଆଇଏଏସ ତଥା କ୍ରୀଡ଼ା ବିଭାଗର ସଚିବ ଭାବେ କାର୍ଯ୍ୟ କରୁଥିବା ଆର୍. ଭିନିଲ୍ କ୍ରୀଷ୍ଣାଙ୍କୁ ସରକାର ଉକ୍ତ ବିଭାଗରୁ ବଦଳି କରି ଲ୍ୟାଣ୍ଡ ରେକର୍ଡ ଏବଂ ସେଟେଲମେଣ୍ଟ କମିଶନର ଭାବେ ଅବସ୍ଥାପିତ କରିଛନ୍ତି।

### ପୁରୁଣା ନିଷ୍ପତ୍ତିରେ...

ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି ସଂକ୍ରାନ୍ତରେ ଘୋଷଣା କରିଥିଲେ। ଏପରିକି ସର୍ବନିମ୍ନ ମଜୁରୀ ୪୫୦ ଟଙ୍କାକୁ ବୃଦ୍ଧି କରାଯିବା ସାରା ଦେଶରେ ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲା। ଅନ୍ୟ ବିଜେପି ଶାସିତ ରାଜ୍ୟଠାରୁ ଓଡ଼ିଶାରେ ସର୍ବନିମ୍ନ ମଜୁରୀ ପରିମାଣ ଯଥେଷ୍ଟ ଅଧିକରେ ପହଞ୍ଚିଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ କମିଶନର ତଥା ସଚିବଙ୍କ ସ୍ୱାକ୍ଷରରେ ଏ ସଂକ୍ରାନ୍ତରେ ବିଜ୍ଞପ୍ତି (୨୩୪୮/୨୪.୩.୨୦୨୪) ମଧ୍ୟ ପ୍ରକାଶିତ ହୋଇଥିଲା।ତତ୍‌କାଳୀନ ରାଜ୍ୟ ସରକାର ଏହି ନିଷ୍ପତ୍ତି ପରେ ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟଠାରୁ ଆରମ୍ଭ କରି ରାଜ୍ୟ କେନ୍ଦ୍ରପତ୍ର କର୍ମଚାରୀ କଲ୍ୟାଣ ବୋର୍ଡ ଓ ଅନ୍ୟ ଶ୍ରମିକ ସଂଗଠନଗୁଡ଼ିକ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ହେଲେ ଏବେ ଏହି ନିଷ୍ପତ୍ତିକୁ ମୋହନ ସରକାର ପୁନଃ ଘୋଷଣା କରିବାର କାହିଁକି ଆବଶ୍ୟକ ପଡ଼ିଲା ତାକୁ ନେଇ ପ୍ରଶ୍ନ ଉଠିଛି। ବିଜେଡି ମଧ୍ୟ ଏହି ଘଟଣାରେ ରାଜ୍ୟ ସରକାଙ୍କୁ ସମାଲୋଚନା କରିବା ସହ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଏହା ନବୀନ ସରକାରଙ୍କ ନିଷ୍ପତ୍ତି ବୋଲି ଦାବିକରି ନୂଆ ସରକାରଙ୍କୁ ପରିହାସ କରିଛି।

ତେବେ କେଉଁ ଆବଶ୍ୟକତା ପାଇଁ ନବୀନ ସରକାରର ପୁରୁଣା ନିଷ୍ପତ୍ତିରେ ନୂଆ ସରକାରକୁ ରଙ୍ଗ ମାରିବାକୁ ପଡ଼ିଲା ତାହା ସମସ୍ତଙ୍କ ପାଇଁ ଅବୋଧ ହୋଇଛି। ଯଦି ନୂଆ ସରକାର ମଜୁରୀ ବୃଦ୍ଧିର ଆବଶ୍ୟକତା ଅନୁଭବ କରୁଥିଲେ, ତେବେ ପୁରୁଣା ବିଜ୍ଞପ୍ତିକୁ ରଦ୍ଦ କରି ଅଧିକ ମଜୁରୀ ବୃଦ୍ଧି କରିଥାଆନ୍ତେ । ମାତ୍ର ତାହା ନ କରି ସମାନ ନିଷ୍ପତ୍ତିକୁ କ୍ୟାବିନେଟ୍‌ରେ କିପରି ଉପସ୍ଥାପନ କଲେ ତାହା ଅନେକଙ୍କୁ ବିସ୍ମିତ କରିଛି । କେବଳ ଏହି କ୍ୟାବିନେଟ୍ ବୈଠକ ନୁହେଁ ପୂର୍ବରୁ ମଧ୍ୟ ଏପରି ଏକାଧିକ ପୁରୁଣା ନିଷ୍ପତ୍ତି ଓ ଯୋଜନାକୁ ନୂଆ ରୂପ ଦେବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ବିଜେଡି ସମାଲୋଚନା କରିଛି। ଚାଉଳ ଏଟିଏମ୍‌ଠାରୁ ଆରମ୍ଭ କରି ଲକ୍ଷ୍ମୀ ବସ୍‌କୁ ମୁଖ୍ୟମନ୍ତ୍ରୀ ବସ୍ ସେବାରେ ପରିଣତ କରିବା ଓ ରତ୍ନ ଭଣ୍ଡାର ଖୋଲିବାକୁ ପୂର୍ବ ସରକାର ନେଇଥିବା ନିଷ୍ପତ୍ତି ଆଦିକୁ ବିଜେପି ସରକାର ନିଷ୍ପତ୍ତି ଭାବେ ଅଭିହିତ କରି ହାଇଜାକ କରିବାକୁ ଅପଚେଷ୍ଟା କରାଯାଉଥିବା ବିଜେଡି ଓ କଂଗ୍ରେସ ଅଭିଯୋଗ କରିଛନ୍ତି। କିଛି ଦିନ ତଳେ କଂଗ୍ରେସର ବରିଷ୍ଠ ନେତା ଜୟଦେବା ଜେନା ଅନୁରୂପ ପ୍ରସଙ୍ଗରେ ବିଜେପିକୁ ସମାଲୋଚନା କରିଥିଲେ। ବିଜେଡି ସରକାର ଯାହା ଘୋଷଣା କରୁଥିଲା, ତାହାକୁ କାର୍ଯ୍ୟକାରୀ କରୁଥିଲା। ମାତ୍ର ରାଜ୍ୟରେ ଏବେ ଘୋଷଣା ସର୍ବସ୍ୱ ବିଜେପି ସରକାର ଚାଲିଛି ବୋଲି ଶ୍ରୀ ଜେନା କହିଥିଲେ।

**JEYPORE LAW COLLEGE, JEYPORE**
**DIST. KORAPUT (ORISSA) Pin-764003**

Applications are invited for the following posts:-
1. Principal - Professors Grade
2. Associate Professor - One
3. Assistant Professor in Law - Four Posts
(Woman, SC/ST. Criminal Law Specialization).

**Terms and Conditions:**
Qualification, Eligibility -as per UGC Norms
Salary - Negotiable.
Interested candidates may apply by registered post along with relevant testimonials form HSC onwards and a bank draft of **Rs. 1,500/-** drawn in favour of **Law College Trust, Jeypore** payable at Jeypore so as to reach the undersigned on **25.07.2024**.

Sd/- Secretary
Law College Trust, Jeypore

**DAYSTAR HOME FOR DESTITUTE KIDS**
*Advertisement No. 359( SCT) DT 02-07-24*
g-37
ADVERTISEMENT
A Child Care Institution named **Day Star Home for Destitute Kids** located at Jarau, Mohana Block, Gajapati district intends to recruit staff i.e. (i).Paramedical staff (ii) Helper (iii)House keeper under Mission Vatsalya scheme. Applications are to be received only through on line mode by email **id- daystar home jarau@gmail.com** *on or before 25th July 2024* . Details & Application form may be downloaded from the district website **gajapati.odisha.gov.in**.

Sd/-
*Managing Trustee*
*SUSI Charitable Trust*
OIPR-33024/11/0004/2425

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
By Virtue of an affidavit sworn before Notary, dated 9th July,2024, "I, Kelli Shiva Srivatsa, S/o K Madhav Rao" resident of Ella Street, Machumara village, Gosani block, Gajapati Dist, Odisha, 761211 , declare that I have changed my name from "Shiva Rao" to "Kelli Shiva Srivatsa." Henceforth, I will be known as "Kelli Shiva Srivatsa" for all purposes.

**DIRECTORATE OF GROUND WATER DEVELOPMENT: ODISHA** A-139
Office of the Deputy Director, GWD Division, Baripada
At/Po-Takatpur, Baripada, Dist-Mayurbhanj, Pin-757003
[e-mail:srgeologistbaripada@gmail.com]
**INVITATION FOR BIDS (IFB)**
e- Procurement Notice: 838 /GWDBPD Date: 09.07.2024
Bid Identification No. 01 to 06 /GWBPD/ARUA/2024-25,
(Single-Envelope Bidding Process)

Deputy Director, Geology, GWD Division, Baripada, At/Po-Takatpur,Baripada,Dist-Mayurbhanj,Pin-757003 on behalf of Governor of Odisha invites bids from bidders Class "D" & "C" registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.

Bids must be submitted online on or before 22/07/2024 at 14.00 Hrs IST (system server time). Proposals will be opened online on 22/07/2024 at 15.00hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal "www.tendersodisha.gov.in".

| Sl. No. | Description | Details |
|---|---|---|
| 1. | Name Of the Work | 1. Installation of Recharge Shaft and Monitoring Station at 08(Eight) Nos. of locations of Joda Block of Keonjhar District. 2. Installation of Recharge Shaft and Monitoring Station at 06(Six) Nos. of locations of Dhamnagar Block of Bhadrak District. 3. Installation of Recharge Shaft and Monitoring Station at 08(Eight) Nos. of locations of Bhandaripokhari Block of Bhadrak District. 4. Installation of Recharge Shaft and Monitoring Station at 06(Six) Nos. of locations of Remuna Block of Balasore District. 5. Installation of Recharge Shaft and Monitoring Station at 12(Twelve) Nos. of locations of Baliapal Block of Balasore District. 6. Installation of Recharge Shaft and Monitoring Station at 10(Ten) Nos. of locations of Baliapal Block of Balasore District. |
| 2. | Total number of Packages | 06 nos. of individual packages |
| 2. | Start Date of availability of Bid document online (bid download) | 12/07/2024 from 11.00 Hrs |
| 3. | Last Date of availability of bid document online (bid download) | 22/07/2024 up to 14.00 Hrs |
| 4. | Last date and time for receipt of bid document (Bid Submission End date & Time) | 22/07/2024 up to 14.00 Hrs |
| 5. | Date & Time of opening of bid document (bid Opening date) | 22/07/2024 up to 15.00 Hrs |

OIPR-32467/11/0003/2425
Deputy Director, Geology
GWD Division Baripada

**B-76**
Mail ID: - eepwd.bgr@rediffmail.com
eepwd.bgr@gmail.com
Ph. No. 06652-232374
GOVERNMENT OF ODISHA
OFFICE OF THE SUPERINTENDING ENGINEER,
BOLANGIR (R&B) DIVISION: BOLANGIR
BID IDENTIFICATION No: BGR R&B/ 01/ 2024-25
No. 2605/Dtd. 06.07.2024

1. The **Superintending Engineer**, Bolangir (R&B) Division, Bolangir on behalf of the Governor of Odisha invites percentage rate bid in **Single** cover system in ONLINE MODE for construction of building work detailed in the table below from eligible contractors.
2. Nature of work : Electrical Work
3. No of tender : 1 Nos. Electrical Work
4. Tender cost : Rs. 6,000/- (Tender paper cost )
5. Class of Contractor : "MV" Class, "HT" Class (Registered with ELBO)
6. Date & Time of sale & Receipt of Bids : From Dt. 11.07.24,11.00 A.M Dt. 18.07.24 up to 5.00 P.M
7. Date of opening bid : Dt. 19.07.24 at 11.30 A.M
8. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.

Superintending Engineer
Bolangir (R&B) Division
OIPR-34028/11/0001/2425

**GOVERNMENT OF ODISHA** A-145
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**DRAINAGE DIVISION, KENDRAPARA**
"e" Procurement Notice No. DDKPD-03 of 2024-25
Email: eedrnkpdeicwr.od@gov.in, Phone: 8763594078

1. Total Number of Package : 06 Nos. Individual package
2. Nature of work : Decongestion work
3. Estimated cost of Individual package ranging from: Raising from Rs. 2.74 Lakhs to Rs. 3.98 Lakhs
4. Period of completion : (06 Six) Calendar months
5. Other details as follows:

| Procurement Officer | Bid Identification No. | Availability of Tender On-line for bidding | | Date & time of opening of tender at superintending Engineer, Drainage Division, Kendrapara at Marshaghai |
|---|---|---|---|---|
| | | From | To | |
| 1 | 2 | 3 | 4 | 6 |
| Superintending Engineer, Drainage Division, Kendrapara | DDKPD-03 of 2024-25 | 12.07.2024 at 10.00 Hrs. | 18.07.2024 Up to 17.30 Hrs. | 19.07.2024 at 11.00 AM |

Further details can be seen from the Govt. website www.tendersorissa.gov.in
Date of Lottery (If required) : 24.07.2024 at 11.30 AM
Superintending Engineer
Drainage Division, Kendrapara
OIPR-32356/11/0004/2425

**OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT**
କୋରାପୁଟ ବନଖଣ୍ଡ ଅଧିକାରୀ ଓ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ
ଦୂରଭାଷ ନଂ.୦୬୮୫୨୨୫୧୨୭୦, ଫାକ୍ସ ନଂ. ୦୬୮୫୨୨୫୧୨୭୦, ଇମେଲ ID– dfo.koraput@odisha.gov.in .
MM-74 ଅଭିଯୋଗକକ୍ଷ(SMS) ନଂ – ୯୪୩୭୦୧୧୨୭୦

No. 65/1F (Accounts) Dated, Koraput, the 10th July, 2024

**ADVERTISEMENT**

Applications are invited from the interested eligible local unemployed youth candidates for the post of Site Manager for Ecotourism destinations of this Division to be engaged through Service Provider at a monthly consolidated remuneration of Rs. 22000/- per month as per following terms and conditions.

- **Eligibility Criteria:** Should be a graduate in Tourism/Travel/Hotel/Hospitality Management with good communication skill with experience Minimum 2 Years in Hotel/Travel/Hospitality/ Tourism Sector.
- **No of Post**: 1(One)
- **Last date for receipt of Application**: 23.07.2024
- **Job Description of Site Manager:**
  - To remain overall charges of the Nature Camp and supervise the activities i.e. sanitation, Housekeeping, food & beverages and maintenance of other infrastructures with due approval of the authority.To receive the visitors and ensure their comfortable stay at site.
  - To maintain the records/ registers of the eco-tourism destinations.
  - To supervise the Accounts, Stock & Store articles at the site.
  - Training of village community members.
  - Capacity Building and co-ordination among all stake holders of Ecotourism.
  - Publicity & advertisement of the site.
  - Any other assignment as per direction of Authority.

**NB- The details advertisement seen in the website of Koraput.odisha.gov.in**

Divisional Forest Officer,
Koraput Forest Division.
OIPR-08067/11/0001/2425

ଟେଲିଭିଜନ ପ୍ରିମିୟର୍



# ‘ରସଗୋଲା କାହାର’

ମହାଲକ୍ଷ୍ମୀ ଓ ଜଗନ୍ନାଥଙ୍କ କଳିକୁ ତୁଟାଇଥିଲା ରସଗୋଲା। କିନ୍ତୁ ଦୁଇ ପରିବାରର କଳିକୁ କେଉଁ ରସଗୋଲା ତୁଟାଇବ। ଓଡ଼ିଆ ନା ବେଙ୍ଗଲି ରସଗୋଲା? ଏମିତି କିଛି କାହାଣୀକୁ ନେଇ ଆଧାରିତ ନୂଆ ଟେଲି ସିନେମା ‘ରସଗୋଲା କାହାର।’ ମିଠା ଝଗଡ଼ାରୁ ଆରମ୍ଭ ଗୋଟିଏ ସୁନ୍ଦର ପ୍ରେମ କାହାଣୀକୁ ଏଥିରେ ଦର୍ଶକେ ଦେଖିବାକୁ ପାଇବେ। ପବିତ୍ର ବାହୁଡ଼ାରେ ତରଙ୍ଗ ଚ୍ୟାନେଲରେ ଏଇ ୧୪ ତାରିଖ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର୍ ହେବ ‘ରସଗୋଲା କାହାର।’ ରାଜେନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶିତ ଏବଂ ସମର ପ୍ରତାପ ନାୟକଙ୍କ ପ୍ରଯୋଜିତ ଏହି ସିନେମାର କାହାଣୀ ଲେଖିଛନ୍ତି ଅନୁପମ ପଟ୍ଟନାୟକ। ସିନେମାର ସଂଳାପ ରଚନା କରିଛନ୍ତି ପ୍ରଣବ ପ୍ରସନ୍ନ ରଥ। ସାୟଲ, ସୋମା ଭୌମିକ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।



# ଦେବସୂର୍ଯ୍ୟଙ୍କ ନୂଆ ଆଶା



ବାଲେଶ୍ୱରର ଯୁବ କଳାକାର ଦେବସୂର୍ଯ୍ୟ ‘ସୀତା’ ଫିଲ୍ମ ମାଧ୍ୟମରେ ପ୍ରଥମ ଥର ପାଇଁ ରୁପେଲି ପରଦାରେ ନଜର ଆସିଛନ୍ତି। ଅଭିନୟ ପ୍ରତି ଆଗ୍ରହ ରଖୁଥିବା ଦେବସୂର୍ଯ୍ୟ ଏହି ସିନେମାରେ ସହକାରୀ-ନିର୍ଦ୍ଦେଶକ ଭାବେ ପ୍ରଥମ ଥର ଦାୟିତ୍ୱ ବି ତୁଲାଇଛନ୍ତି। ସିନେମାରେ ‘ସୀତା’ ଚରିତ୍ରରେ ଅଭିନୟ କରିଛନ୍ତି ଦେବଯାନୀ। ଚାଷୀଙ୍କ ଅଧିକାର ପାଇଁ ସୀତା ସଂଘର୍ଷ କରୁଥିବା ଏହି ଫିଲ୍ମରେ ଦେଖିବାକୁ ମିଳିଛି। ତା’ର ଏହି ଲଢ଼େଇ ଓ ସଂଘର୍ଷରେ ସାଥ୍ ଦେଉଛନ୍ତି ଚାରିଜଣ ସାଙ୍ଗ। ଏହି ଚାରି ସାଙ୍ଗ ମଧ୍ୟରେ ଦେବସୂର୍ଯ୍ୟ ଅଛନ୍ତି। ଅବସରପ୍ରାପ୍ତ ଆର୍ମି ନରେନ୍ଦ୍ର କୁମାର ଓ ମିଣ୍ମୟୀଙ୍କ ପୁଅ ହେଲେ ଦେବସୂର୍ଯ୍ୟ। ସାମାଜିକ ଗଣମାଧ୍ୟମରେ ସେ ଜଣେ ଚର୍ଚ୍ଚିତ ଚେହେରା। ଅଭିନୟ ଓ ନୃତ୍ୟ ପାଇଁ ଦେବସୂର୍ଯ୍ୟ ବେଶ୍ ପରିଚିତ। ସେ ଅନେକ ଥିଏଟର୍‌ରେ ମଧ୍ୟ କରିଛନ୍ତି। ଏହି ଚଳଚ୍ଚିତ୍ର ତାଙ୍କ ଅଭିନୟ ଜୀବନ ପାଇଁ ନୂଆ ଆଶା ସୃଷ୍ଟି କରିଛି। ଆଗକୁ ଅଲଗା ଅଲଗା ଚରିତ୍ରରେ ଅଭିନୟ କରିବାର ଇଚ୍ଛା ରଖିଛନ୍ତି ଦେବସୂର୍ଯ୍ୟ। ମଞ୍ଚରେ ଅଭିନୟ କରିବା ଏବଂ କ୍ୟାମେରା ସାମ୍ନାରେ ଅଭିନୟ କରିବାରେ ଫରକ୍ ଥିବା ସେ କହନ୍ତି। ଏହା ତାଙ୍କର ପ୍ରଥମ ଅଭିଜ୍ଞତା ହୋଇଥିବା ବେଳେ ଅନେକ ଭୁଲ୍ ପରେ ବି ଏଥିରେ ତାଙ୍କୁ ବହୁତ କିଛି ଶିଖିବାକୁ ମିଳିଛି। ଦେବସୂର୍ଯ୍ୟଙ୍କ ଅଭିନୟ ଦେଖି ତାଙ୍କ ସାଙ୍ଗମାନେ ଓ ପରିବାର ଲୋକ ବହୁତ ଖୁସି ଅଛନ୍ତି। ଏଇଠୁ ସେ ତାଙ୍କ କ୍ୟାରିୟର ଆରମ୍ଭ କରୁଥିବା ବେଳେ ଆଗକୁ ଅଧିକ ଭଲ ଅଭିନୟ କରିବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ଦେବସୂର୍ଯ୍ୟ କହିଛନ୍ତି।



ଛାୟାଗୀତି



ସୂର୍ଯ୍ୟ ଦେଓ

# ସିନେମା ଗୀତରେ ଶାସ୍ତ୍ରୀୟତା

ସଂଗୀତ ଅଭିସାର ନିରାଜନାର ଆଉ ଦୁଇଜଣ ସୂତ୍ରଧର ଭୁବନେଶ୍ୱର ମିଶ୍ର ଓ ହରିପ୍ରସାଦ ଚୌରାସିଆ। ଭୁବନ-ହରି। ଯୁଗଳଭାବେ ବଦ୍ଧ କରିଥିବା ସେମାନଙ୍କ ସଙ୍ଗୀତର କୋଟୀ ଦେଖନ୍ତୁ: ବିରହର ଗୀତକୁ ସେମାନେ ଛନ୍ଦି ଦେଇ ପାରନ୍ତି ‘କଳାବତୀ’ ରାଗରେ, ଯେମିତି ସୁମନ୍ କଲ୍ୟାନ୍‌ପୁର ଗାଇଥିବା ‘ଗପ ହେଲେ ବି ସତ’ (୧୯୭୬) ସିନେମାରେ ‘ସାଥୀରେ ଯା କହି’ ଗୀତ। ଯାହାର ବାଦୀ ସ୍ୱର ‘ପା’, ସମ୍ବାଦୀ ସ୍ୱର ‘ସା’। ଯାହାର ମେଳ ହେଉଛି ‘ଖମାଜ୍’। ଜାତି ‘ଔଡବ-ଔଡବ’ । ଅପେକ୍ଷାର ବ୍ୟାକୁଳ ଅନୁଭବ ଅଛି ଏ ଗୀତରେ। ସ୍ପଷ୍ଟ ଉଚ୍ଚାରଣ ଅଛି। ଭୁବନ-ହରିଙ୍କ ଗୀତରେ ଆଉ ଦୁଇଟି ପରୀକ୍ଷାନିରୀକ୍ଷାର ଉଦାହରଣ ନିଆଯାଉ। ଅନୁରାଗ (୧୯୮୦) ସିନେମାରେ ‘ଯା ଯା ଯାରେ ଯା... ଫୁଲ ରସିଆ’ ଏବଂ ‘ଶୁଣ ମୋର ବନ୍ଧୁ’ । ପ୍ରଥମଟି ରାଗ ‘ହଂସଧ୍ୱନି’ର ଛାୟାରେ ଏବଂ ଦ୍ୱିତୀୟଟି ‘ଖମାଜ୍’ର ଛାୟାରେ। ଶୁଦ୍ଧ ଶୃଙ୍ଗାର ରାଗ ହେଉଛି ‘ହଂସଧ୍ୱନି’। ଅତଏବ ଭୂପିନ୍ଦର ଓ ଅନୁରାଧା ଗାଇଥିବା ‘ଫୁଲ ରସିଆ’ରେ ଶୃ ଙ୍ଗା ର ର ପ୍ରୟୋଗରେ ଆପଣ ବିମୋହିତ ହେବେ ହିଁ ହେବେ। ସେମିତି ‘ଖମାଜ’ ଛାୟାରେ ରଚିଥିବା ‘ଶୁଣ ମୋର ବନ୍ଧୁ’ ଶୁଣି ଆପଣ ଉଦାସ ହୋଇପାରନ୍ତି। ଏହି ଗୀତରେ ଧାଡ଼ିଟିଏ ଅଛି ‘ଶୋଇଛି ଏ ରାତି ଆଉ ଶୋଇଛି ତ ଆମର ସହର’ ଆଉ ସଂଯୋଗ ଦେଖନ୍ତୁ ରାଗ ‘ଖମାଜ’ର ଗାୟନ ସମୟ ହେଉଛି ରାତିର ଦ୍ୱିତୀୟ ପ୍ରହର। ଯାହା ଯାହା ଅଛି ‘ଖମାଜ୍’ ରାଗରେ, ସବୁ ଅଛି ‘ଶୁଣ ମୋର ବନ୍ଧୁ’ ଗୀତରେ। ‘ଷାଡ଼ବ-ସମ୍ପୂର୍ଣ୍ଣ’ ଜାତି ଅଛି, ଆରୋହରେ ‘ରେ’ ନାହିଁ, ଅବରୋହରେ ‘ରେ’ ଦୁର୍ବଳ । ବାଦୀ ହେଉଛି ‘ଗା’, ସମ୍ବାଦୀ ହେଉଛି ‘ନି’। ଯେହେତୁ ଭୂପିନ୍ଦର ଗାଇଥିବା ‘ଶୁଣ ମୋର ବନ୍ଧୁ’ରେ ଅଛି ଓଡ଼ିଶୀ ଶାସ୍ତ୍ରୀୟର ସୁବର୍ଣ୍ଣ ଛିଟା, ଏଣୁ ଏହି ଗୀତ ଓଡ଼ିଆଙ୍କ ମନରେ ଏପର୍ଯ୍ୟନ୍ତ ଛାପ ରହିଛି। ଆଗକୁ ମଧ୍ୟ ରଖିବ। ସେମିତି ଭୁବନେଶ୍ୱର ମିଶ୍ରଙ୍କ ଏକାକୀ ସଂଯୋଜନାର ‘ଚୋରା ଚୋରୀ ଚାହାଣୀ ଏ ଭୁଲନା’କୁ ଯଦି ଆପଣ ଶୁଣିବେ ତେବେ ‘କାଫି’ ମେଳକୁ ପାଇବେ । ‘ସମ୍ପୂର୍ଣ୍ଣ ସମ୍ପୂର୍ଣ୍ଣ’ ଜାତିର ଏହି ରାଗ ସହ ଯେଉଁ ବିଶେଷ ତରାନା ଓ ଆଳାପନାର ଆୟୋଜନ ଭୁବନେଶ୍ୱର ମିଶ୍ର କରିଛନ୍ତି, ତାହା ହିଁ ବିଶେଷ ପରୀକ୍ଷାକୁ ସାମ୍ନାକୁ ଆଣୁଛି। ‘କା’ (୧୯୬୬) ସିନେମାର ଏହି ଗୀତରେ ରଘୁନାଥ ପାଣିଗ୍ରାହୀଙ୍କ ଗାୟକୀ, ପରମ୍ପରାର ନବୀକରଣକୁ ଧରିଛି। ସାଂସ୍କୃତିକ ମୌଳିକତା ସହ ସଞ୍ଚରିତ ଓ ପ୍ରତିଷ୍ଠିତ ହୋଇଛି ଯେଉଁ ଆଧୁନିକତା, ତାହା ହିଁ ବେଶି ବେଶି ଭଲ ଲାଗୁଛି। ଗୀତକୁ ବେଶି ବେଶି ଶୁଣିବାର ଇଚ୍ଛାଟିଏ ଜନ୍ମୁଛି ।



ଓଡ଼ିଆ ସିନେ ଗୀତରେ ଓଡ଼ିଶୀ ଶାସ୍ତ୍ରୀୟର ଛିଟାକୁ ସଞ୍ଚାରୀ ଦେବାର ଯେଉଁ ଗୀତି ସଞ୍ଚାର ଆରମ୍ଭ ହେଲା, ତା’ର ଏଇଟି ଗୋଟିଏ ଗୋଟିଏ ଉଦାହରଣ। ସାଂଗୀତିକ ଯୁକ୍ତିର ଆଧାରରେ ଯେଉଁ ପ୍ରୟୋଗ ହୋଇଛି, ତାହା ସଙ୍ଗୀତର ରସ ମାଧୁର୍ଯ୍ୟକୁ ଆହୁରି ମଧୁର କରିଛି। କିନ୍ତୁ ଏହି ପ୍ରୟୋଗରେ ଯଦି ବାକ୍-ବିଧି ବିଧାନ ବଦଳିଯାଏ ତେବେ? ‘ମମତା’ (୧୯୭୫) ସିନେମାର ‘ରେ ଆମ୍ରନ୍ ନିଦ୍ରା ପରିହରି, ଫେଡି ଚିନ୍ତାର ଲୋଚନ, କରକର ନିରୀକ୍ଷଣ ନିଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି?’ ଏହି ଗୀତକୁ ମନେପକାନ୍ତୁ। ଆମ୍ରନ୍, ନିଦ୍ରା, ନିଶବ୍ଦେ ପରି ଗଦ୍ୟ ଶବ୍ଦକୁ ସଙ୍ଗୀତରେ ଆଣିବାର ଦୁଃସାହସ ଆପଣଙ୍କୁ ଚକିତ କରିବ। ଆପଣ ଆହୁରି ବିସ୍ମିତ ହେବେ ଯେବେ ଜାଣିବେ ଯେ ପ୍ରଣବ ପଟ୍ଟନାୟକ ଗାଇଥିବା ଏହି ଗୀତ ‘ରାଗ : ଭୈରବୀ’ରେ ବନ୍ଧା। ସଙ୍ଗୀତରେ ଏମିତି ଦୁଃସାହସ କରିପାରନ୍ତି ପ୍ରଫୁଲ୍ଲ କର। ରାଗ ଭୈରବୀ ଏତେ ମଧୁର ରାଗ ଯେ ତାକୁ କୁହାଯାଏ ‘ରାଗରାଣୀ’। ସଙ୍ଗୀତ ଅବସରରେ ଏହି ରାଗକୁ ସବାଶେଷରେ ଗାୟନ କରାଯାଏ । ଏଇଥି ପାଇଁ ଶେଷରେ ଗାୟନ କରାଯାଏ, ଯେଣୁ ଏହି ରାଗର ମାଧୁର୍ଯ୍ୟରେ ମତ୍ତ ହେଲା ପରେ ଆଉ କିଛି ଶୁଣିବାର ଇଚ୍ଛା ହିଁ ହେବ ନାହିଁ। ଏହି ରାଗ ଅନ୍ୟ ରାଗର ପ୍ରଭାବକୁ ନିଷ୍ପ୍ରଭ କରିଦେଇପାରେ । ‘ସମ୍ପୂର୍ଣ୍ଣ-ସମ୍ପୂର୍ଣ୍ଣ’ ଜାତିର ଏହି ରାଗର ବାଦୀସ୍ୱର ‘ମା’ ସମ୍ବାଦୀ ସ୍ୱର ‘ସା’ । ମେଳ : ଭୈରବୀ । ଏହି ରାଗକୁ କବି ମଧୁସୂଦନ ରାଓଙ୍କ ରହସ୍ୟବାଦୀ ଦୃଷ୍ଟିକୋଣରେ ରୋପି ଦେବାର ଉଦ୍ୟମ କିଛି କମ୍ ସାହସ ଦରକାର କରେନାହିଁ। ‘ରେ ଆମ୍ରନ୍’ ଗୀତରେ ରାଗଟି ଏକ ସ୍ୱୟଂସମ୍ପୂର୍ଣ୍ଣ ପ୍ରତୀକ ହୋଇ ଉଭା ହୁଏ। ଏହି ଗୀତରେ ‘ଭୈରବୀ’ର ପ୍ରୟୋଗ ଯୋଗୁଁ ପ୍ରଫୁଲ୍ଲ କର ଯେତିକି ମନେରହିବେ, ‘ମମତା’ ସିନେମାର ‘ଦେଖି ସେ ବଣମଲ୍ଲୀ’ ଗୀତରେ ‘ଭୈରବୀ’ ଓ ‘ଧନ୍ୟାସୀ’ ଆଳାପନାର ପରୀକ୍ଷାନିରୀକ୍ଷାରେ ବ୍ୟବହାର ପାଇଁ ସେତିକି ମନେ ରହିବେ । ସେଥିପାଇଁ ତ ଏହି ଗୀତ ତୋଫା ଜହ୍ନ ଆଲୁଅ ପରି ପରିଷ୍କାର ଲାଗେ ।



# ଯନ୍ତ୍ରଣାରେ ଉର୍ବଶୀ

ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌତେଲା ଆଘାତପ୍ରାପ୍ତ ହୋଇଛନ୍ତି। ସେଥିପାଇଁ ସେ ଏବେ ହାଇଦ୍ରାବାଦର ଏକ ହସ୍‌ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ହାଇଦ୍ରାବାଦ୍‌ରେ ସେ ସାଉଥ୍ ଫିଲ୍ମ ‘ଏନ୍‌ବିକେ ୧୦୯’ର ସୁଟିଂ କରୁଥିଲେ। ଏହାର ଆକ୍ସନ ଦୃଶ୍ୟ ସୁଟିଂ କରିବା ସମୟରେ ସେ ଗୁରୁତର ଆଘାତ ହୋଇଛନ୍ତି। ଏଥିପାଇଁ ଏବେ ସେ ଖୁବ୍ ଯନ୍ତ୍ରଣାରେ ଅଛନ୍ତି। ଅନ୍ୟପଟେ ଏହି ସିନେମାର ସୁଟିଂ ୨୦୦୩ରେ ଆରମ୍ଭ ହୋଇଥିଲା। ଉର୍ବଶୀଙ୍କ ବ୍ୟତୀତ ବବି ଦେଓଲ, ପ୍ରକାଶ ରାଜ ମଧ୍ୟ ଏହି ଫିଲ୍ମରେ ଅଭିନୟ କରୁଛନ୍ତି।



# ପ୍ରକୃତି କୋଳରେ ଦୀପିକା

ଗର୍ଭାବସ୍ଥା ସମୟ ଦେଇ ଗତି କରୁଛନ୍ତି ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁକୋନ୍। ଏବେ ସେ ନିଜର ଯତ୍ନ ନେଉଥିବା ବେଳେ ପ୍ରକୃତି କୋଳରେ ସୁନ୍ଦର ସମୟ ଅତିବାହିତ କରୁଛନ୍ତି। ଏହାରି ଭିତରେ ସେ ଏକ ସୁନ୍ଦର ପ୍ରାକୃତିକ ଦୃଶ୍ୟର ଫଟୋ ସେୟାର୍ କରି ଲୋକଙ୍କୁ ପ୍ରକୃତି ମଧ୍ୟରେ ରହିବାକୁ ପ୍ରୋତ୍ସାହିତ ବି କରିଛନ୍ତି। କେବଳ ସେତିକି ନୁହେଁ, ସେ ଧୂମପାନ କରୁଥିବା ଲୋକଙ୍କୁ ବି ଚେତାବନୀ ପ୍ରଦାନ କରିଛନ୍ତି। ସେ ଯେଉଁ ଫଟୋ ସେୟାର୍ କରିଛନ୍ତି, ସେଥିରେ ବାଦଲ, ଫୁଲ ଓ ସବୁଜ ପରିବେଶର ସୁନ୍ଦର ଦୃଶ୍ୟ ପ୍ରତିଫଳିତ ହୋଇଛି। ସେ ଫଟୋର ଶୀର୍ଷକରେ ଲେଖିଛନ୍ତି, ‘ଏ ମାସ ହେଉଛି ସେଲଫ୍ କେୟାର୍‌ର। ଯଦି ସମସ୍ତେ ସେଲଫ୍ କେୟାର୍ ପାଇଁ ଛୋଟ ଛୋଟ ପ୍ରୟାସ କରନ୍ତେ, ତେବେ ସେଲଫ୍ କେୟାର୍ ନାଁରେ ଗୋଟିଏ ମାସ କାହିଁକି ପାଳିବା।’ ଏହାବାଦ୍ ସେ ଆହୁରି କହିଛନ୍ତି, ତାଙ୍କୁ ଯେବେ ବି ସମୟ ମିଳେ, ସେ ପ୍ରକୃତି କୋଳରେ ସମୟ ଅତିବାହିତ କରିବାକୁ ପଛାଇ ନ ଥାନ୍ତି। ପ୍ରାକୃତିକ ପରିବେଶ ତାଙ୍କ ପାଇଁ କୌଣସି ଉପଚାରଠୁ କମ୍ ନ ଥିବା ସେ କହନ୍ତି।




ଜୁଲାଇ ୧୨, ଶୁକ୍ରବାର

## ଫ୍ରାଇଡେ ରିଲିଜ୍

ହିନ୍ଦୀ

### ସରଫିରା

ନିର୍ଦ୍ଦେଶନା: ସୁଧା କୋଙ୍ଗାରା

ପ୍ରଯୋଜନା:
ବିକ୍ରମ ମଲହୋତ୍ରା, ସୂରିୟା ଶିବକୁମାର, ଜ୍ୟୋତିକା, ଅରୁଣ ଭାଟିୟା

କଳାକାର
ଅକ୍ଷୟ କୁମାର, ରାଧିକା ମଦାନ, ପରେଶ ରାୱଲ

## ପେଟ୍ରୋକେମିକାଲ ପ୍ରକଳ୍ପକୁ ବିରୋଧ

# ଶିଳ୍ପ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେଲେ ଜମି ଦେବୁ

**ପାରାଦୀପ,୧୦।୭ (ସମିସ):** ଜଗତ୍‌ସିଂହପୁର ଜିଲ୍ଲା ଏରସମା ବ୍ଲକ ଢ଼ିଙ୍କିଆଠାରେ ଅନୁଷ୍ଠିତ ଜନଶୁଣାଣିରେ ପେଟ୍ରୋକେମିକାଲ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରସ୍ତାବକୁ ବିରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା। ପ୍ରକଳ୍ପ ପାଇଁ ଜମି ଦେବାକୁ ଲୋକେ ଅରାଜି ହୋଇଛନ୍ତି। ଅତୀତରେ ପ୍ରତିଷ୍ଠିତ ଶିଳ୍ପଗୁଡିକ ପାଇଁ ଜମି ନେବାବେଳେ ପ୍ରଶାସନ ଯାହା ସବୁ ପ୍ରତିଶୃତି ଦେଇଥିଲା ସେସବୁ ପୂରଣ କରିନାହିଁ ବୋଲି ଅଭିଯୋଗ କରିଛନ୍ତି ଲୋକେ। ଜମିହରାଙ୍କୁ ସ୍ଥାନୀୟ ଶିଳ୍ପରେ ସ୍ଥାୟୀ ନିଯୁକ୍ତି ମିଳୁନି କି ବିଶୁଦ୍ଧ ପାନୀୟ ଜଳ ନିୟମିତ ଭାବେ ମିଳୁନି। ତେଣୁ କେଉଁ ସ୍ୱାର୍ଥରେ ପୁଣି ଶିଳ୍ପ ପାଇଁ ଜମି ଦେବୁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଲୋକେ ଯାହା ମତାମତ ଦେଇଛନ୍ତି ସେସବୁ ଅନୁଶୀଳନ କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଜଗତସିଂହପୁର ଏଡିଏମ୍ କହିଛନ୍ତି। ୨୨୪ ଏକର ଜମି ଅଧିଗ୍ରହଣ କରାଯାଇ ଇଡକୋ ଲ୍ୟାଣ୍ଡ ବ୍ୟାଙ୍କରେ ରହିବ ବୋଲି ଇଡ୍‌କୋ ଅଧିକାରୀ କହିଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ କହିବା କଥା ଅନ୍ଧ ଥରେ ବାଡି ହଜାଏ, ଆମେ ଦୁଇ ଦୁଇ ଥର ବାଡି ହଜାଇଛୁ। ଗୋଟିଏ ଥର ଆଇଓସିଏଲ୍‌ରେ ଜମି ଦେଇଛୁ, ଆଉ ଗୋଟିଏ ଥର ଜିନ୍ଦଲରେ ଜମି ଦେଇଥିବାବେଳେ ସେମାନଙ୍କ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଗଲେ। ଓଡିଆ ଲୋକ ଜାଗା ଦେବେ ବାହାର ଲୋକ ଆସି ଚାକିରି କରିବେ। ତେଣୁ ଆମେ ଚାହୁଁଚୁ ଏଠାରେ ପେଟ୍ରୋକେମିକାଲ ନ ହେଉ। ହେଲେ ଆମେ ଏହାକୁ ଘୋର ବିରୋଧ କରିବୁ। ଆନ୍ଦୋଳନ ତୀବ୍ର ହେବ। ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଆଇଓସିଏଲ୍‌ର କୌଣସି କର୍ତ୍ତୃପକ୍ଷ ଉପସ୍ଥିତ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଜିଲ୍ଲା ହସ୍ପିଟାଲରେ ପୁଣି ଥରେ ଲିଫ୍ଟ ଅଚଳକୁ ନେଇ ଆତଙ୍କ

- ବାରମ୍ବାର ଅଧାରେ ଅଟକୁଛି ମେଡିକାଲ ଲିଫ୍ଟ
- ବିପଦ ଦୃଷ୍ଟିରୁ ରାତି ୮ଟା ପରେ ସେବା ସମ୍ପୂର୍ଣ୍ଣ ବନ୍ଦ
- ଲିଫ୍ଟ ନିକଟରେ ଉପସ୍ଥିତ ରହିବାକୁ ଇନ୍‌ଷ୍ଟଲ କରିଥିବା ସଂସ୍ଥାକୁ ନିର୍ଦ୍ଦେଶ
- ଉପରକୁ ଯିବା ଆସିବାରେ ଗର୍ବବତୀ ଓ ପ୍ରସୂତୀ ଭୋଗୁଛନ୍ତି ସମସ୍ୟା



**ଜଗତସିଂହପୁର,୧୦।୭ (ସମିସ)**

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଦୁଇଟି ଲିଫ୍ଟ ବାରମ୍ବାର୍‌ରାପ ହେବାରେ ଲାଗିଛି। ସୋମବାର ବିଳମ୍ବିତ ରାତିରେ ଲିଫ୍ଟରେ ଫସି ଜଣେ ରୋଗୀ ସମେତ ଚାରିଜଣ ଅସୁସ୍ଥ ହୋଇ ପଡ଼ିଥିବା ସମୟରେ ବହୁ କଷ୍ଟରେ ଏକ ଘଣ୍ଟାପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ମଙ୍ଗଳବାର ରାତିରେ ମଧ୍ୟ ସମାନ ପରିସ୍ଥିତିରେ ଲିଫ୍ଟ ଅଟକି ଯାଇଥିଲା। ଏହି ଘଟଣାକୁ ନେଇ ରୋଗୀ ଓ ମେଡିକାଲ କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମେଡିକାଲ କର୍ତ୍ତୃପକ୍ଷ ଲିଫ୍ଟ ଲଗାଇଥିବା ସଂସ୍ଥାକୁ ଡାକି ତାଗିଦ କରିବା ପରେ ଉକ୍ତସଂସ୍ଥା ଲିଫ୍ଟ ମରାମତି କରିଥିଲା। ତେବେ ଏହା ପରେ ଆଜି ମଧ୍ୟ ଉକ୍ତ ଲିଫ୍ଟ ଦୁଇତାଲାରେ ଅଟକି ରହିବା ପରେ ବାଧହୋଇ ମେଡିକାଲ କର୍ତ୍ତୃପକ୍ଷ ଲିଫ୍ଟକୁ ରାତି ୮ଟା ପରେ ବ୍ୟବହାର ନକରିବାକୁ କହିଛନ୍ତି। ରୋଗୀ ମାନଙ୍କୁ ରାମ୍ପ ଓ ଷ୍ଟେୟାରରେ ଯିବାକୁ କୁହାଯାଇଛି। ତେବେ ବାଧ୍ୟ ହୋଇ ରୋଗୀମାନେ ଜୀବନ ବିକଳରେ ସିଡ଼ି ଓ ରାମ୍ପ ରେ ଯିବା ଆସିବା କରିବା ସମୟରେ ଆସନ୍ତୋଷ ପ୍ରକାଶ କରିଛନ୍ତି।

ଅତି ତରବରିଆ ଭାବେ ମାତୃ ଓ ଶିଶୁ ବିଭାଗକୁ କାର୍ଯ୍ୟକ୍ଷମ କଲାବେଳେ ନିମ୍ନମାନର କାମ କରାଯାଇଛି। ଯାହାର କୁଫଳ ଜନସାଧାରଣ ଭୋଗୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ଆଜି ପର୍ଯ୍ୟନ୍ତ ଲିଫ୍ଟ କାର୍ଯ୍ୟକ୍ଷମ ହୋଇ ପାରିଲାନାହିଁ, ଯାହାଦ୍ୱାରା ରୋଗୀ ଓ କର୍ମଚାରୀ ୪,୫ମହଲା ଉପରକୁ ଯିବାଆସିବାରେ ଘୋର ସମସ୍ୟା ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି।

ଏସମ୍ପର୍କରେ ଏଡିଏମ୍ ମେଡିକାଲଙ୍କୁ ପଚାରିବାରୁ ସେ କୁହନ୍ତି, ଯେହେତୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଥିବା କୋଠା ୬ମହଲା ବିଶିଷ୍ଟ ରହିଛି। ସେଥିପାଇଁ ଦୁଇଟି ଲିଫ୍ଟର ବ୍ୟବସ୍ଥା ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ବିଲଡିଂ ନିର୍ମାଣ ଓ ଲିଫ୍ଟ ବ୍ୟବସ୍ଥା ଆଣ୍ଡ ବି ବିଭାଗ ଦ୍ୱାରା କରାଯାଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ନିର୍ମାଣରେ ମେଡିକାଲ କର୍ତ୍ତୃପକ୍ଷଙ୍କ କିଛି ଭୂମିକା ନାହିଁ। ବାରମ୍ବାର ଲିଫ୍ଟ ଖରାପ ହେବା ପରେ ଆର ଆଣ୍ଡ ବି ଜରିଆରେ ଆମେ ଲିଫ୍ଟ ଲଗାଇଥିବା ସଂସ୍ଥାକୁ ଡାକିଥିଲୁ। ସେମାନେ ସଜାଡିବା ପରେ ମଧ୍ୟ ପୁଣି ଥରେ ଲିଫ୍ଟ ଅଟକିବାରୁ ସେମାନଙ୍କୁ କିଛିଦିନ ପାଇଁ ଦୁଇଜଣ କର୍ମଚାରୀଙ୍କୁ ଏଠାରେ ନିୟୋଜିତ କରିବାକୁ କୁହାଯାଇଛି। ଉକ୍ତ ସଂସ୍ଥା ସମୟ ନେଇଥିବା ଏଡିଏମ୍ ପ୍ରକାଶ କରିଛନ୍ତି। ପରିସ୍ଥିତିକୁ ଲକ୍ଷକରି ସବୁ ଲିଫ୍ଟ ରାତିରେ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ରୋଗୀଙ୍କ ସୁବିଧା ପାଇଁ ରାମ୍ପ, ଷ୍ଟ୍ରେଚର, ହୁଇଲ ଚେୟାର, ସିକ୍ୟୁରିଟି ଓ ହେଲପର ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି। ଆଗକୁ ଲିଫ୍ଟ ପରିଚାଳନା ପାଇଁ ଅପରେଟରଙ୍କୁ ନିଯୁକ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଆଇପିଏସ୍ ପ୍ରଶିକ୍ଷକଙ୍କ ତଟ ରକ୍ଷକ ମୁଖ୍ୟାଳୟ ପରିଦର୍ଶନ



**ପାରାଦୀପ,୧୦।୭ (ସମିସ)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୁଲିସ ଆକାଡେମୀର ୭୬ ଆର୍ ଆର୍ ବ୍ୟାଚର ୨୫ ଜଣ ଆଇପିଏସ ପ୍ରଶିକ୍ଷକଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ ୧୦ ଜୁଲାଇ ୨୦୨୪ ରେ ପାରାଦୀପ (ଓଡିଶା) ସ୍ଥିତ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ-୭ରେ ଅନୁଷ୍ଠିତ ହୋଇଥିଲା। ସେମାନଙ୍କୁ ଭାରତୀୟ ତଟ ରକ୍ଷକର ଭୂମିକା ଓ ଦାୟିତ୍ୱଗୁଡ଼ିକ ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା। ଭାରତୀୟ ତଟରକ୍ଷକ ପାରାଦୀପରେ ଥିବା ସାମୁଦ୍ରିକ ଉଦ୍ଧାର ଉପକେନ୍ଦ୍ର, ସୁଦୂର ସଞ୍ଚାର କେନ୍ଦ୍ର ଓ ସଞ୍ଚାର କକ୍ଷ ର କାର୍ଯ୍ୟାନୁଷ୍ଠାନ ପ୍ରଣାଳୀ ବିଷୟରେ ଅବଗତ କରାଯିବା ସହିତ ତଟରକ୍ଷକ ଜାହାଜରେ ମଧ୍ୟ ଭ୍ରମଣର ବ୍ୟବସ୍ଥା କରାଯାଇଥିଲା। ପ୍ରଶିକ୍ଷୁମାନଙ୍କୁ ସମୁଦ୍ରରେ ଭାରତୀୟ ତଟ ରକ୍ଷକ ଦ୍ୱାରା ବିଭିନ୍ନ ମିଶନ ସମ୍ବନ୍ଧରେ, ଯଥା ସନ୍ଦେହାସ୍ପଦ ଜାହାଜଗୁଡ଼ିକର ତଦନ୍ତ, ବୋର୍ଡିଂ ପ୍ରକ୍ରିୟା, ଖୋଜିବା ଏବଂ ଉଦ୍ଧାର, ସାମୁଦ୍ରିକ ପ୍ରଦୂଷଣ ପ୍ରତିକ୍ରିୟା ଓ ସମୁଦ୍ରରେ ସଚେତନତା ଉନ୍ନତି ପ୍ରୟାସ ବିଷୟରେ ଅବଗତ କରାଯାଇଥିଲା। ଏହି ଭ୍ରମଣରେ ପ୍ରଶିକ୍ଷୁ ମାନଙ୍କୁ ଭାରତୀୟ ତଟ ରକ୍ଷକ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବାର୍ତ୍ତା ଆଦାନ ପ୍ରଦାନ କରିବା ପାଇଁ ଏକ ମଞ୍ଚ ଓ ସୁଯୋଗ ପ୍ରଦାନ କରିଥିଲା। ବିଶେଷକରି ତଟ ସୁରକ୍ଷା ସମ୍ବନ୍ଧରେ ବିଭିନ୍ନ ଜ୍ଞାନ ଓ ଭାବନା ବିନିମୟ କରାଯାଇଥିଲା।

# ପଣ୍ୟ କାରବାରରେ ପାରାଦୀପ ବନ୍ଦରର ରେକର୍ଡ

**ପାରାଦୀପ,୧୦।୭ (ସମିସ):** ଚଳିତ ଆର୍ଥିକ ବର୍ଷର ପ୍ରଥମ ଶହେ ଦିନରେ ୪୧.୧୨ ଏମ୍‌ଏମ୍‌ଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି ପାରାଦୀପ ବନ୍ଦର। ଏହି ସମୟ ମଧ୍ୟରେ ବିଗତ ଆର୍ଥିକ ବର୍ଷ ତୁଳନାରେ ୪.୭୮ ପ୍ରତିଶତ ଅଭିବୃଦ୍ଧି ହାର ରହିଥିବା ନେଇ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ଦିଆଯାଇଛି। ଭାରତୀୟ ନୌବାଣିଜ୍ୟିକ ଭିତ୍ତିଭୂମିରେ ପାରାଦୀପ




ବନ୍ଦର ଏହାର ସ୍ୱତନ୍ତ୍ରତା ପ୍ରତିପାଦିତ କରିପାରିଛି। ଏହି ରେକର୍ଡ ସୃଷ୍ଟି କରିବା ପରେ ଅଧ୍ୟକ୍ଷ ପି. ଏଲ୍. ହରନାଦ ବିଭାଗୀୟ ମନ୍ତ୍ରୀ ସର୍ବାନନ୍ଦ ସୋନେଓ୍ୱାଲଙ୍କ ନେତୃତ୍ୱ ଏବଂ ବିଭାଗର ସହଯୋଗକୁ ଧନ୍ୟବାଦ ଜଣାଇଛନ୍ତି। ଦେଶର ନୌବାଣିଜ୍ୟିକ କ୍ଷେତ୍ରରେ ପାରାଦୀପ ବନ୍ଦର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ ବୋଲି ଅଧ୍ୟକ୍ଷ ପ୍ରେସ୍ ଇସ୍ତାହାରରେ କହିଛନ୍ତି।

# ଅଘୋଷିତ ବିଦ୍ୟୁତ କାଟ୍ ପ୍ରତିବାଦରେ ବିଦ୍ୟୁତ ଅଫିସ ଘେରାଉ

**ଜଗତସିଂହପୁର/ନାଉଗାଁ,୧୦।୭ (ସମିସ)**

ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ ନାଉଗାଁ ଶାଖା ସଭାପତି ନବକିଶୋର ମହାନ୍ତି ଓ ସମ୍ପାଦକ ସୁବାସ ସ୍ୱାଇଁଙ୍କ ନେତୃତ୍ୱରେ ଆଜି ବିଦ୍ୟୁତ ଉପଭୋକ୍ତାମାନେ ସ୍ଥାନୀୟ ସେକ୍ସନ ଅଧିକାରୀଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜି ପଞ୍ଚାୟତ ସମିତି ବୈଠକ ଥିବାଯୋଗୁ ସଭାପତି ଓ ସମ୍ପାଦକ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଉପଭୋକ୍ତା ମଞ୍ଚ ପକ୍ଷରୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା, ଉପଭୋକ୍ତା ମାନଙ୍କ ଫୋନ୍ ରିସିଭ କରିବା, ଟୋଲ୍ ଫ୍ରି ନମ୍ବର ସରଳ କରିବା, ଭଙ୍ଗା ଖୁଣ୍ଟ ଓ ଦଦରା ତାର, ଦୁର୍ବଳ ଶଙ୍ଖ ବଦଳ କରି ଉନ୍ନତ ମାନର ଯନ୍ତ୍ରାଂଶ ବ୍ୟବହାର କରିବା, ଅସମାହୀତ ବିଦ୍ୟୁତ ବିଲ୍ ଗୁଡ଼ିକ ସମାଧାନ ପାଇଁ ମାସର ନିର୍ଦ୍ଧିଷ୍ଟ ତାରିଖରେ କ୍ୟାମ୍ପ କୋର୍ଟର ଆୟୋଜନ କରିବା, ଜଗତ୍‌ସିଂହପୁର କଣ୍ଟାପଡ଼ା ଗ୍ରୀଡ୍‌ଠାରୁ ନାଉଗାଁ ଗ୍ରୀଡ୍ ପର୍ଯ୍ୟନ୍ତ ୩୩ କେଭି ଲାଇନ୍‌ରେ ଉନ୍ନତମାନର ଯନ୍ତ୍ରାଂଶ ବ୍ୟବହାର କରିବା, ଉପଭୋକ୍ତାଙ୍କ ଆବଶ୍ୟକ ଅନୁଯାୟୀ ୨୨୦-୨୦୦ ବିଦ୍ୟୁତ ଭୋଲ୍ଟର ଲାଇନ୍ ନିରବଚ୍ଛିନ୍ନ ଭାବେ ଯୋଗାଇ ଦେବା ଆଦି ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ବଂଶୀଧର ବେହେରା, ଅଶୋକ ସ୍ୱାଇଁ, ବସନ୍ତ ମଲ୍ଲିକ, କୈଳାସ ପରିଡ଼ା, ମହେଶ୍ୱର ଦାସ, ଅରକ୍ଷୀତ ସେଠୀ, ପ୍ରଫୁଲ୍ଲ କୁମାର ପରିଡ଼ା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଏ ସମ୍ପର୍କରେ ବିଦ୍ୟୁତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ପରେ କେତେକ ଜରୁରୀ ସମସ୍ୟାର ସମାଧାନ ବିଦ୍ୟୁତ ବିଭାଗ ପକ୍ଷରୁ କରାଯାଇଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ସମସ୍ତ ଲାଇନ୍ ମ୍ୟାନ ଓ ଉପଭୋକ୍ତା ମିଳିତ ମଞ୍ଚ ସହିତ ସ୍ଥାନୀୟ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ମାର୍କଣ୍ଡପୁରରେ ବହୁମୁଖୀ ଗୋଦାମ ଗୃହ ଉଦ୍‌ଘାଟିତ

**ଜଗତସିଂହପୁର,୧୦।୭ (ସମିସ)**



ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର ଏବଂ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମାର୍କଣ୍ଡପୁର ସେବାସମବାୟ ସମିତି ଅନ୍ତର୍ଗତ ସୁଜଙ୍ଗଠାରେ ଏକ ବହୁମୁଖୀ ଗୋଦାମଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉଦଘାଟନ କରିଥିଲେ। ଉପଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ଦାସ କହିଲେ ଯେ, ଏହି ଗୋଦାମ ଗୃହର ପ୍ରତିଷ୍ଠା ଫଳରେ ବହୁଚାଷୀ ଉପକୃତ ହେବା ସହ ଧାନ ସୁଲଭ ମୂଲ୍ୟରେ ବିକ୍ରି କରି ପାରିବେ। ଏଠାରେ ଶୃଙ୍ଖଳିତ ଧାନ ବଣ୍ଟନ ସହ ଖୋଲାରେ ପଡି ନଷ୍ଟହୋଇଯାଉଥିବା ଧାନକୁ ସଂରକ୍ଷିତ କରାଯାଇପାରିବ। ଏଥି ସହିତ ସେ ଆହୁରି କହିଲେ ଯେ, ଗରିବ ଚାଷୀଟିଏ କଠିନ ପରିଶ୍ରମ କରି ଅମଳ କରୁଥିବା ଧାନକୁ ମିଲରମାନେ କଟ୍‌ନିଛଟ୍‌ନିରେ ନେଇ ନପାରିବେ ଏହା ସୁନିଶ୍ଚିତ ହେବା ଦରକାର। ଜିଲ୍ଲାରେ ଏକ ମେଡିକାଲ୍ କଲେଜ୍‌ର ସ୍ଥାପନ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। ଏଥିରେ ଅଧ୍ୟକ୍ଷତା କରି ଉପ ଜିଲ୍ଲାପାଳ ତଥା ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଶ୍ରୀ ସାହୁ କହିଲେ ଯେ, ଜଗତସିଂହପୁର ଜିଲ୍ଲା ଏକ ଉପକୂଳବର୍ତ୍ତୀ ଜିଲ୍ଲା ଏବଂ କୃଷି ଭିତ୍ତିକ ଅର୍ଥନୀତି ଦ୍ୱାରା ପର୍ଯ୍ୟବେସିତ। ତେଣୁ କୃଷି ସମବାୟ ସଂସ୍ଥା ମାଧ୍ୟମରେ କୃଷିର ବିକାଶ, ଯୁବ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ନିୟନ୍ତ୍ରିତ ବଜାର କମିଟି ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ କହିଥିଲେ। ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଶ୍ରୀ ସୂର୍ଯ୍ୟକାନ୍ତ ଦାସ, ସମବାୟ ସମିତିର ସହକାରୀ ରେଜିଷ୍ଟ୍ରାର ପ୍ରଭାତ ଚନ୍ଦ୍ର ତ୍ରିପାଠୀ, ନିୟନ୍ତ୍ରିତ ବଜାର କମିଟିର ଉପାଧ୍ୟକ୍ଷ ଦୀପ୍ତି ଦାସ ଉପସ୍ଥିତ ଥିଲେ। ଜିଲ୍ଲା ରେ ବର୍ତ୍ତମାନ ୪୪ଟି ସମବାୟ ସମିତିର ନିଜସ୍ୱ ଗୃହ ନିର୍ମାଣ ପାଇଁ ପ୍ରଚେଷ୍ଟା ଚାଲିଥିବା ବେଳେ ନିଜସ୍ୱ ଜାଗା ନଥିବା ସୋସାଇଟି ଗୁଡିକୁ ତୁରନ୍ତ ଜାଗା ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ। ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ନିୟନ୍ତ୍ରିତ ବଜାର କମିଟି ର ସଦସ୍ୟ ଲାଲା ଅନିଲ କୁମାର ରାୟ ଓ ସୁରେଶ କୁମାର ନନ୍ଦ ମଧ୍ୟ ମାର୍କଣ୍ଡପୁର ବହୁମୁଖୀ ଗୋଦାମ ଜିଲ୍ଲାରେ କୃଷି ଓ କୃଷକଙ୍କ ପାଇଁ ସହାୟକ ହେବ ବୋଲି କହିଥିଲେ। ଶେଷରେ ପୂର୍ବତନ ଅଧ୍ୟକ୍ଷ, ପୌରପରିଷଦ ତଥା ନିୟନ୍ତ୍ରିତ ବଜାର କମିଟି ସଦସ୍ୟ ମଧୁସୂଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସୁଛି ବର୍ଷା ଋତୁ: ବନ୍ୟା ଆଶଙ୍କା

# ଅଧିକାରୀଙ୍କ ସହ ନଦୀବନ୍ଧ ସୁରକ୍ଷା ଯାଞ୍ଚ କଲେ ବିଧାୟକ

**ବାଲିକୁଦା,୧୦।୭ (ସମିସ)**



ଆଗକୁ ବର୍ଷା ଆସୁଥିବାରୁ ବାଲିକୁଦାସ୍ଥିତ ଦେବୀ ନଦୀରେ ବନ୍ୟା ଆଶଙ୍କା ପ୍ରକାଶ ପାଇଛି। ଯାହାକୁ ନେଇ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ସମ୍ଭାବ ବନ୍ୟା ପୂର୍ବରୁ ଜଳ ସମ୍ପଦ ବିଭାଗ ଅଧିକାରୀମାନଙ୍କ ସହିତ ତରାସାହି ପଞ୍ଚାୟତ ଦେବୀ ନଦୀ ବନ୍ଧ ସମେତ ସେତୁ ଓ ବିଭାଗ ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ପରେ ମାଛଗାଁ ନଦୀବନ୍ଧ, ବେଲପୁର ସ୍ଲୁଇସ୍ ଗେଟ, ପୋଦରୁଆଁ ନଦୀବନ୍ଧ, ବାଲିପାଟଣା ସ୍ପର ଓ ଗଣ୍ଡକୁଳଠାରୁ ଅଧା ନିର୍ମାଣ ହୋଇଥିବା ସୁନାମୀ ବନ୍ଧର ସ୍ଥିତି ସମୀକ୍ଷା କରିଥିଲେ। ଏହି ସମୟରେ ଅପଣ୍ଡରା ସରପଞ୍ଚ ପ୍ରତିନିଧି ଅବିନାଶ ସାହୁ ଉକ୍ତ ପଞ୍ଚାୟତର ନଳରା, ଓଳାଂଶ, ନୂଆଗାଁ, ପୋଦରୁଆଁ, ଶ୍ରୀବନ୍ତପୁର ଚାଷୀମାନେ କେନାଲ ଅଭାବରୁ ଖରାଦିନିଆ ଫସଲ କରିବାରୁ ବଞ୍ଚିତ ହେଉଥିବା ବେଳେ ଜଳସମ୍ପଦ ବିଭାଗ ପକ୍ଷରୁ ବର୍ଷା ଦିନର ଜଳ ସଂରକ୍ଷିତ ଲାଗି ନାଳା ଓ ଜେସିବିଖାଲର ପୁନଃରୁଦ୍ଧାର ପାଇଁ ଦାବି କରିଥିଲେ। ଫଳରେ ଏଠାକାର ଶତାଧିକ ଚାଷୀ ଖରା ଓ ଶୀତ ଦିନରେ ଲଙ୍କା, କୋବି, ବାଇଗଣ ଭଳି ପନିପରିବା ଚାଷ କରିପାରିବେ ବୋଲି କହିଥିଲେ। ଏନେଇ ବିଧାୟକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଆଗକୁ କିଛି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟପଟେ ପୋଦରୁଆଁ ଠାରେ ଗତ ଦୁଇ ବର୍ଷ ତଳେ ପଥର ପ୍ୟାକିଂ କାମ ଛାଡି ଅଧାରୁ ଠିକାଦାର ଚାଲି ଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିବା ବେଳେ ବନ୍ୟା ସମୟରେ ଗ୍ରାମ ପ୍ରତି ବିପଦ ଥିବା ଦର୍ଶାଇଥିଲେ। ଏପରିକି ଅନ୍ୟ କିଛି ସ୍ଥାନରେ ପଥର ପ୍ୟାକିଂ ପାଇଁ ଦାବି କରିଥିଲେ। ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ବନ୍ୟା ପୂର୍ବରୁ ଅଧାଥିବା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେବା ସହ ଆଗକୁ ବାକି ଥିବା କାର୍ଯ୍ୟ ପାଇଁ ଅନୁଦାନ ପ୍ରଦାନ ପାଇଁ ପ୍ରୋଜେକ୍ଟ ଦେବାକୁ କହିଥିଲେ।

ସେହିପରି ବାଲିପାଟଣା ଠାରେ ନିର୍ମାଣ ହୋଇଥିବା ୪ ଟି ସ୍ପର କାର୍ଯ୍ୟ ଅଧାପନ୍ତରିଆ ଥିବାବେଳେ ଏଥିରେ ନିମ୍ନ ମାନର ପଥର ଓ ଗୁଣ୍ଡ ପଥର ବ୍ୟବହାର ହୋଇଥିବା ନେଇ ବରମୁଣ୍ଡଳୀ ସରପଞ୍ଚ ପ୍ରତିନିଧି ରବିନ୍ଦ୍ର କୁମାର ସେନାପତି ଅଭିଯୋଗ କରିଥିଲେ। ଆଗକୁ ବଡ଼ ପଥରରେ କାର୍ଯ୍ୟ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। କାର୍ଯ୍ୟ ଅଧା ଥିବା ପ୍ରସଙ୍ଗରେ ପଥର ମିଳୁ ନଥିବା ପ୍ରମୁଖ ସମସ୍ୟା ହୋଇଥିବା ବେଳେ ବାଲିକୁଦା ପୁଲିସ ପଥର ଆଣୁଥିବା ହାଇୱା ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ସହ ଲକ୍ଷାଧିକ ଟଙ୍କାର ଫାଇନ ଆଦାୟ କରୁଥିବା କାରଣରୁ ଭୟଭୀତ ହୋଇ ଗାଡିମାଲିକ ପଥର ଆଣିବା ବନ୍ଦ କରି ଦେଇଥିବା କାରଣରୁ କାର୍ଯ୍ୟ ହୋଇ ପାରୁ ନଥିବା କହିଥିଲେ। ସେହିପରି ମାଳ ମରିଚପୁର ଉନ୍ନୟନ ପରିଷଦ ସଭାପତି ସୁବାସ ନାୟକ ସୁନାମି ବନ୍ଧ ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ କରି ଠିକାଦାର ସଂସ୍ଥା ଚାଲି ଯାଇଥିବା କାରଣରୁ ଗତ ୪ ବର୍ଷ ହେବ ଅଞ୍ଚଳବାସୀ ବନ୍ୟା ସମୟରେ ଭୟଭୀତ ଅବସ୍ଥାରେ ରହୁଥିବା ପ୍ରକାଶ କରିଥିଲେ। ଏପରିକି ନଦୀ ବନ୍ଧ ଧସେଇ ଯାଇଥିବା ବେଳେ ବନ୍ୟା ସମୟରେ ବନ୍ଧ ଭାଙ୍ଗି ଯାଇପାରେ ବୋଲି ଆଶଙ୍କା କରି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ତତ୍ପରତା ଦେଖାଉ ନଥିବା କହିଥିଲେ। ଏନେଇ ବିଧାୟକଙ୍କୁ ବିଭାଗୀୟ ଅଧିକାରୀ କହିଥିଲେ ଆଇନ ଅନୁଯାୟୀ ସରକାରୀସ୍ତରରେ ଉକ୍ତ ଠିକାଦାରଙ୍କ ବିରୁଦ୍ଧରେ ବ୍ଲାକ୍‌ଆଉଟ ନୋଟିସ ଜାରି କରାଯାଇଛି। ଏପରିକି କ୍ଷତିପୂରଣ ପାଇଁ ସରକାରୀସ୍ତରରେ ଡକ୍ୟୁମେଣ୍ଟ କାର୍ଯ୍ୟ ଜାରି ରହିଛି। କିଛି ଆଇନଗତ ସମସ୍ୟା ରହିଛି ଯାହାର ସମାଧାନ ଶୀଘ୍ର ହେବା ସହ ଆଗକୁ ନୁଆ ଭାବେ ଟେଣ୍ଡର କରାଯାଇ କାର୍ଯ୍ୟ ଶେଷ କରାଯିବ। ଯେଉଁଥିପାଇଁ କିଛି ମାସ ସମୟ ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ, ଏସ ଡିଓ ସିଦ୍ଧାର୍ଥ ପ୍ରିୟରଞ୍ଜନ ଜେନା, ବରିଷ୍ଠ ଯନ୍ତ୍ରୀ ଅନିଲ କୁମାର ରାଉତରାୟ, ଯନ୍ତ୍ରୀ ଟୁନିଲତା ବିଶ୍ୱାଳ, ଯନ୍ତ୍ରୀ ସୂଚିସ୍ମିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା, ପୂର୍ବତନ ସମିତି ସଭ୍ୟ ରାଜୁ ମିଶ୍ର, ଅଜୟ ମହାନ୍ତି, ଜିଲ୍ଲା ପରିଷଦ ପ୍ରତିନିଧି ମୁନା ସ୍ୱାଇଁ, ଅନାଦି ଚରଣ ବେହେରା, ଅଜୁ ଦାସଙ୍କ ସମେତ ଉପକୁଳ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ରହି ନିଜ ଗ୍ରାମର ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ।

# ସାଂସଦଙ୍କୁ ସମ୍ବର୍ଦ୍ଧନା

**ବାଲିକୁଦା,୧୦।୭ (ସମିସ):** ବାଲିକୁଦା-ଏରସମା ବିଜେପି ପକ୍ଷରୁ ବିଜେପି ନେତା ସତ୍ୟ ସାରଥୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବାଲିକୁଦା ତହସିଲ ଛକଠାରେ ଥିବା ଦଳୀୟ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ନବ ନିର୍ବାଚିତ ସାଂସଦ ବିଭୁ ପ୍ରସାଦ ତରାଇଙ୍କୁ ବିଜେପି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗକୁ କିଭଳି ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିକାଶ ହେବ ସେନେଇ ସାଂସଦ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଉପ ସଭାପତି ମୋହିତ ମହାନ୍ତି, ବିଜେପି ନେତା ନିର୍ଲିପ୍ତ ଜେନା, ତପନ ବେହେରା, ଟୁକୁନା ରାଉତ, ଧର୍ମାନନ୍ଦ ସେଠି, ଦିଲ୍ଲୀପ ରାଉଳ, ଜଟାଧାରୀ ସ୍ୱାଇଁ, ବିଜୟ ଦାସ, ଲକ୍ଷ୍ମୀଧର ଓଝା, ଶ୍ରୀକାନ୍ତ ଦାସ, ସ୍ୱଦେଶ ମହାନ୍ତି, ଜନାର୍ଦ୍ଦନ ମହାନ୍ତି, ଅମିତା ଦାସ, ରାଜଶ୍ରୀ ପଟ୍ଟନାୟକ, ସୂଚିସ୍ମିତା ମହାନ୍ତି, ସଞ୍ଜୟ ପରିଡାଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ପ୍ରଭାରୀ, ପଞ୍ଚାୟତ ପ୍ରମୁଖ ଓ ଅନେକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



■ ବ୍ଲକ ଅଧିକାରୀଙ୍କୁ ବିଧାୟକଙ୍କ ପରାମର୍ଶ

# ଜନସାଧାରଣଙ୍କ ସେବା କର

**ପାଲଲହଡ଼ା, ୧୦।୭(ସମିସ):** ପାଲଲହଡ଼ା ବ୍ଲକ ସଭାଗୃହଠାରେ ବିଡିଓ ଦିଲୀପ କୁମାର ବାଡ଼ାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଉନ୍ନୟନ କାର୍ଯ୍ୟ ପୂର୍ବରୁ ନାମଫଳକ ଲଗାଇବାକୁ ପରାମର୍ଶ ଦେଇଥିଲେ। ରାସ୍ତା, ପୋଖରି ଆଦି ବିଭିନ୍ନ କାର୍ଯ୍ୟର ବିଲ ପାଇଁ ବିଳମ୍ବ ହେଉଥିବାରୁ ତୁରନ୍ତ ଅସମ୍ପୂର୍ଣ୍ଣ କାମ ଶେଷକରିବାକୁ ପରାମର୍ଶ ଦେଇଥିଲେ। ବିଗତ ଦିନରେ ନରେଗା କାମର ସମ୍ପୂର୍ଣ୍ଣ ବିବରଣୀ ମାଗିଥିଲେ। ଖୁବଶୀଘ୍ର ଗାଁକୁ ଗାଁ ଯାଇ ବିକାଶ କାମର ତଦାରଖ କରିବା ତଥା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଯୋଜନା ଘରେ ଘରେ



ପହଞ୍ଚାଇବାକୁ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ନଗିରା, ବରଡ଼ିହ, ବଂଧାଭୁଇଁ ଆଦି ପାଉଡି ଭୁଁୟା ଅଞ୍ଚଳରେ ଗରିବ ଲୋକଙ୍କ ପାଖରେ ପହଞ୍ଚି ରାସନ ସାମଗ୍ରୀ ଏବଂ ଭତ୍ତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପାଲଲହଡା ଲୋକଙ୍କ ସେବା କରିବା ଏବଂ ଦୁର୍ନୀତିମୁକ୍ତ ନୂଆ ପାଲଲହଡ଼ା ଗଢ଼ିବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ଅଧିକାରୀ, ଜିଆରଏସ୍ ଉପସ୍ଥିତ ଥିବା ବେଳେ ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, ଏବିଡିଓ, ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ।

ଜାତୀୟ ରାଜପଥ ନିର୍ମାଣ ପାଇଁ ସ୍କୁଲ ସମସ୍ୟା ପ୍ରସଙ୍ଗ

# ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୦।୭(ସମିସ)**

୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ପାଇଁ ଅନୁଗୋଳ ଜିଲ୍ଲା କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରଭାବିତ ହେବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଜାତୀୟ ରାଜପଥ ନିର୍ମାଣ ହେତୁ ଫ୍ଲାଏ ଓଭର ବ୍ରିଜ ସହ ପେଡେଷ୍ଟ୍ରିଆନ ଅଣ୍ଡରପାସ (ପିୟୁପି) ନିର୍ମାଣ କରାଯାଇ ନଥିବା ଓ ବିଦ୍ୟାଳୟ କୋଠରୀ ଭଙ୍ଗାଯାଇଥିଲେ ମଧ୍ୟ ଏହା ନିର୍ମାଣ କରାଯାଉ ନଥିବା ଅଭିଯୋଗରେ ଏହି ଜନସ୍ୱାର୍ଥ ମାମଲା ଗତ ୨୦୨୨ରେ ଦାୟର ହୋଇଥିଲା। ତେବେ ଅଦ୍ୟାବଧି ଏଠାରେ ପିୟୁପି ନିର୍ମାଣାଧୀନ




ରହିଛି। ବର୍ତ୍ତମାନ ଛାତ ପଡନ ହୋଇଥିବା ବେଳେ ଆସନ୍ତା ୩-୪ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ଏନଏଚଏଆଇ ପକ୍ଷରୁ କୁହାଯାଇଥିଲା। ଅନ୍ୟପଟରେ ଅନୁଗୋଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ବର୍ତ୍ତମାନ ଏହି ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ନିର୍ମାଣ ସହ ଶିକ୍ଷାଦାନ ସଠିକ ଭାବେ ଚାଲୁଛି। ଏହି ପ୍ରସଙ୍ଗରେ ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚଏଆଇ) ପକ୍ଷରୁ ଅନୁଗୋଳ ଡିଇଓ(ଜିଲ୍ଲା ଶିକ୍ଷା ଅଧିକାରୀ) ପରବର୍ତ୍ତୀ ଶୁଣାଣି ସୁଦ୍ଧା ଅତିରିକ୍ତ ସତ୍ୟପାଠ ଦେବାକୁ ହାଇକୋର୍ଟ କହିଛନ୍ତି। ଅରବିନ୍ଦ ସାହୁଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୮ସପ୍ତାହ ପରେ ହେବ ବୋଲି ସମୟ ଧାର୍ଯ୍ୟ ହୋଇଛି।

■ ଟ୍ରାଫିକ୍ ସମସ୍ୟାରୁ ଟ୍ରକ୍ ଦୁର୍ଘଟଣା

# ଗାଈ ମୃତ; ଘଟଣାସ୍ଥଳରେ ଉତ୍ତେଜନା

**ବଅଁରପାଳ,୧୦।୭(ସମିସ):** ବଅଁରପାଳରେ ଗୁରୁତର ଟ୍ରାଫିକ ସମସ୍ୟା ଯୋଗୁଁ ଦୈନ୍ୟଦିନ ଦୁର୍ଘଟଣା ଘଟୁଛି। ଫଳରେ ଦୁର୍ଘଟଣାରେ ଧନ ଜୀବନହାନି ସହ ପଶୁଙ୍କ ଜୀବନ ଯାଉଛି। ପୁଲିସ ଷ୍ଟେସନ ସମ୍ମୁଖରେ ଥିବା ଟ୍ରାଫିକ୍ ଛକରେ ରାସ୍ତା ମଝିରେ ପୁଲିସ ବାରିକେଡ ରଖିବା ଯୋଗୁଁ କଟକରୁ ସମ୍ବଲପୁର- ଅନୁଗୋଳ ଯାଉଥିବା ଗାଡ଼ିଗୁଡ଼ିକ ଅଟକି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି। ତାଳଚେରରୁ ମଧ୍ୟ ଗାଡ଼ି ଆସି ଟ୍ରାଫିକ୍ ଛକରେ ଅଟକି ରହୁଛନ୍ତି। ଟ୍ରାଫିକ୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିବାରୁ, ସେମାନେ କହୁଛନ୍ତି ଆଗରେ ରାସ୍ତା କାମ ହେଉଛି, ତେଣୁ ଗାଡ଼ି ଛଡାଯାଉ ନାହିଁ। ଗତକାଲି ବିଳମ୍ବିତ ରାତିରେ ଟ୍ରକ୍ ଦୁର୍ଘଟଣାରେ ଏକ ଗାଈର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇ ଗୁରୁତର ଟ୍ରାଫିକ ସମସ୍ୟା ହେବା ସହ ଗାଡ଼ି ଚଳାଚଳ ୨ ଘଣ୍ଟା ବନ୍ଦ ରହିଥିଲା। ଗତ ରାତିରେ ଅନୁଗୋଳ ଯାଉଥିବା ବେଳେ ବଅଁରପାଳ ମାଉସୀ ମା’ ମନ୍ଦିର ନିକଟରେ ଏକ ଗାଈ ଉପରେ ଟ୍ରକ୍ ଚଢ଼ିଯାଇଥିଲା ଓ ଘଟଣାସ୍ଥଳରେ ଗାଈର ମୃତ୍ୟୁ ଘଟିଥିଲା ବିଳମ୍ବିତରେ ପୁଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ଶିଶୁପୁତ୍ରର ଚିକିତ୍ସା ପାଇଁ ଅର୍ଥ ବାଧକ

# ଗୋପବନ୍ଧୁ ମାନବ କଲ୍ୟାଣ ସମିତିର ସହାୟତା ପ୍ରଦାନ

**ତାଳଚେର ସଦର, ୧୦।୭(ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ସୋଲଡ଼ା ଗ୍ରାମର ବିଶ୍ୱନାଥ ସାହୁଙ୍କ ଏକମାତ୍ର ଦୁଇ ବର୍ଷର ଶିଶୁପୁତ୍ର ବିଘ୍ନେଶ ସାହୁ ଗୁରୁତର ଥାଲାସେମିଆ ରୋଗରେ ପୀଡ଼ିତ ଅଛନ୍ତି। ବିଘ୍ନେଶଙ୍କ ବୋନ୍ ମାରୋ ଟ୍ରାନ୍ସପ୍ଲାଣ୍ଟ ସର୍ଜରୀ ପାଇଁ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯିବ। ଏଥିପାଇଁ ପ୍ରାୟ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ତେବେ ବିଶ୍ୱନାଥ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ଏତେ ଟଙ୍କା ବ୍ୟୟ କରିବାକୁ ସେ ଅସମର୍ଥ। ଏହି ଖବର ପାଇ ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ କାର୍ଯ୍ୟାଳୟ ଠାରେ ସଦସ୍ୟମାନଙ୍କ ମଧ୍ୟରୁ ସଂଗୃହୀତ ୯, ୬୦୦ ଟଙ୍କାକୁ ମିଶାଇ ମୋଟ ୧୫, ୬୦୦ ଟଙ୍କା ସହାୟତା



ଚିକିତ୍ସା ପାଇଁ ପ୍ରଦାନ କରାଯାଉଛି। ଏହି ସମୟରେ ଅନୁଷ୍ଠାନର ରିଲିଫ୍ ସମ୍ପାଦକ ଭଗବାନ ସ୍ୱାଇଁ, ସମ୍ପାଦକ ଶୁଭକାନ୍ତ ସ୍ୱାଇଁ, ବରିଷ୍ଠ ସଦସ୍ୟ ବିଶ୍ୱମୋହନ ମହାନ୍ତି, ଇନ୍ଦ୍ରମଣି ସାହୁ, ବଳଭଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସମସ୍ତ ବଦାନ୍ୟ ବ୍ୟକ୍ତି, ସମାଜସେବୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ କିଛି କିଛି ଅର୍ଥ ସହାୟତା ପ୍ରଦାନ କଲେ ଛୋଟ ଶିଶୁଟି ନୂତନ ଜୀବନ ପାଇପାରିବ ବୋଲି ଅନୁରୋଧ କରାଯାଇଛି।

## ପାରିବାରିକ କଳହରୁ ବୃଦ୍ଧଙ୍କ ଆତ୍ମହତ୍ୟା

**କାମାକ୍ଷାନଗର, ୧୦।୭(ସମିସ) :** ପରିବାର ମଧ୍ୟରେ କଳହକୁ ନେଇ କଙ୍କଡ଼ାହାଡ଼ ଥାନା ଅନ୍ତର୍ଗତ କଣ୍ଡାରକାଟେଣି ଗ୍ରାମର ବିକଳ ବାଙ୍କିରା (୬୦) ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ବିକଳ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ସଦସ୍ୟ ଏହି ଘଟଣା ଦେଖି ତାଙ୍କୁ ଉଦ୍ଧାର କରି ପ୍ରଥମେ ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କାମାକ୍ଷାନଗର ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ସଦସ୍ୟଙ୍କ କହିବା ଅନୁସାରେ ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିବା ବେଳେ ଗତକାଲି ଦଶାହ କାର୍ଯ୍ୟକ୍ରମ ରହିଥିଲା। ସମସ୍ତ ବନ୍ଧୁ ବାନ୍ଧବ ଭୋଜିଭାତ ଖାଇ ଘରକୁ ଯାଇଥିବା ବେଳେ ଆଜି ୨ଭାଇଙ୍କ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିଲା। ଏହାପରେ ବିକଳ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲୁ। ଖବର ପାଇ ପୁଲିସ ଚିକିତ୍ସାଳୟରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସହଭାଗିତା ବୈଠକ

**ଢେଙ୍କାନାଳ, ୧୦।୭(ସମିସ) :** ସଦର ବ୍ଲକ ଅନ୍ତର୍ଗତ ବଣସିଂହ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସହଭାଗିତା ବୈଠକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଦେବବ୍ରତ ନାଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ଖଣ୍ଡା, ବଣସିଂହ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିକାଶ ଚନ୍ଦ୍ର ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ରାଉତଙ୍କ ସହିତ ସଦର ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦାନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ରାଉତ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତ ଉପସ୍ଥିତ ବ୍ୟକ୍ତିଙ୍କୁ ବିଦ୍ୟାଳୟ ତରଫରୁ ବନମହୋତ୍ସବ ପାଳନ ଅବସରରେ ଗୋଟିଏ ଗୋଟିଏ ଗଛ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

## ‘ଗୋଟିଏ ମଣିଷ ଗୋଟିଏ ଗଛ’ ଅଭିଯାନ

**ଢେଙ୍କାନାଳ,୧୦।୭(ସମିସ):** ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଠାରୁ ନ୍ୟୁ ଇଣ୍ଡିଆ ଅଗ୍ରଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଗୋଟିଏ ମଣିଷ ଗୋଟିଏ ଗଛ ରୋପଣ ସଚେତନତା ଅଭିଯାନ ସହ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ସଚେତନତା ମାଧ୍ୟମରେ ନ୍ୟୁ ଇଣ୍ଡିଆ ଅନୁଷ୍ଠାନର ସଂଯୋଜକ ଶେଷଦେବ ରାଉତ, ସମାଜସେବୀ ବାବାଜୀ ଚରଣ ସ୍ୱାଇଁ, କୈଳାସ ଚନ୍ଦ୍ର ରାଉତ, ସଞ୍ଜୟ କୁମାର ଦାସ, ବିଚିତ୍ରାନନ୍ଦ ରାଉତ, ହୃଷୀକେଶ ରାଉତ, ଚିତ୍ତରଞ୍ଜନ ନାୟକ ସନ୍ଥପୁର ସାଇ ଗଣେଷ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କରିଥିଲେ। ନ୍ୟୁ ଇଣ୍ଡିଆ ଅନୁଷ୍ଠାନ ତରଫରୁ ଅନୁଷ୍ଠାନର ସମ୍ପାଦକ ଶେଷଦେବ ରାଉତ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ବର ଏବଂ ଅଶ୍ୱସ୍ଥ ଚାରାରୋପଣ କରିଛନ୍ତି।

## ୧୩୧ ଛାତ୍ରଛାତ୍ରୀ ଦେଲେ ମେଧାବୃତ୍ତି ପରୀକ୍ଷା

**କିଶୋରନଗର, ୧୦।୭(ସମସ):** କିଶୋରନଗର ହାଇସ୍କୁଲ କେନ୍ଦ୍ରରେ ୧୩୧ ଜଣ ଛାତ୍ରଛାତ୍ରୀ ଓ ବଇଣ୍ଡା ରାମ ଦେଓ ହାଇସ୍କୁଲରେ ୧୨୩ ଜଣ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀ ପଠାଣି ସମନ୍ତ ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି। କିଶୋରନଗର ହାଇସ୍କୁଲ କେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ସୁପ୍ରଭା ସାହୁ ଓ ବଇଣ୍ଡା ରାମ ଦେଓ ହାଇସ୍କୁଲ କେନ୍ଦ୍ରରେ ପ୍ରସନ୍ନ ରାଉଳ ପରୀକ୍ଷା ପରିଚାଳନା କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

■ ଚକବନ୍ଦୀ ସମସ୍ୟା ନେଇ ସାଂସଦଙ୍କୁ ଭେଟିଲେ ସ୍ଥାନୀୟ ଲୋକ

# ତୁରନ୍ତ ସମାଧାନ ପାଇଁ ଅନୁରୋଧ

**ଅନୁଗୋଳ, ୧୦।୭(ସମିସ):** ଚକବନ୍ଦୀ ସମସ୍ୟା ନେଇ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ଭେଟିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଜନସାଧାରଣ କିଭଳି ଭାବରେ ଚକବନ୍ଦୀ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେ ସମସ୍ତ ବିଷୟ ଜନସାଧାରଣଙ୍କ ପାଖରୁ ସାଂସଦ ବୁଝିଥିଲେ। ଅନୁଗୋଳ ଜିଲ୍ଲାର ୯୨ଟି ମୌଜାର ବାସିନ୍ଦା କିଭଳି ଭାବରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତା ଉପରେ ସାଂସଦ ଶ୍ରୀ ପାଣି ଚକବନ୍ଦୀ କମିଟି ସଦସ୍ୟଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ତୁରନ୍ତ ଉପଜିଲ୍ଲାପାଳ, ଜିଲ୍ଲାପାଳ ଓ ରାଜସ୍ୱ



ମନ୍ତ୍ରୀଙ୍କୁ ଟେଲିଫୋନ ଯୋଗେ ଯୋଗାଯୋଗ କରି ଜିଲ୍ଲାରେ ଚକବନ୍ଦୀ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଅନୁରୋଧ କରିଥିଲେ। ଆଲୋଚନା ସମୟରେ କମିଟି ସଭାପତି ଭାସ୍କର ସାହୁ, ସମ୍ପାଦକ ବିଜୟ ମାଝୀ, ବିଜେପି ଜିଲ୍ଲା ସମ୍ପାଦକ ପ୍ରଭାତ ପ୍ରଧାନ, ସୁଦର୍ଶନ ସାହୁ, ବ୍ରଜକିଶୋରେ ବିଶ୍ୱାଳ, ଭାସ୍କର ପ୍ରଧାନ, ଭାରତ ସାହୁ, ବୁଦ୍ଧେଶ୍ୱର ପ୍ରଧାନ, ପ୍ରଦୀପ ପ୍ରଧାନ, ପ୍ରମୋଦ ସାହୁ, ନାଲୁ ଦେହୁରୀ, ବାସୁଦେବ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଅ ମାଡ଼ରେ ବୃଦ୍ଧା ମା’ ଗୁରୁତର

କାମାକ୍ଷାନଗର,୧୦।୭(ସମିସ) : କାମାକ୍ଷାନଗର ଥାନା ଅନ୍ତର୍ଗତ ଜୟପୁରାକାଟେଣୀ ଗ୍ରାମରେ ଜନୈକା ବୃଦ୍ଧା ମା’କୁ ପୁଅ ମାଡ଼ମାରି ଗୁରୁତର ଆହତ କରିଥିବା ଜଣାପଡ଼ିଛି। ଜୟପୁରାକାଟେଣୀ ଗ୍ରାମର ମା’ ପାଞ୍ଚାଳୀ ସେନାପତି ପୁଅ ଅନ୍ତର୍ଯ୍ୟାମୀକୁ ଖାଇବାକୁ ମାଗିବାରୁ ପୁଅ ହଠାତ୍ କ୍ରୋଧାନ୍ୱିତ ହୋଇ ମା’କୁ ମାଡ଼ମାରି ଗୁରୁତର ଆହତ କରିଥିଲେ। ପୁଅ ଅନ୍ତର୍ଯ୍ୟାମୀ ସେନାପତି ମୁକ୍ତାପଶି ଫରେଷ୍ଟ ସେକ୍ସନରେ ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ ଭାବେ କାର୍ଯ୍ୟରତ। ସେ ଦୀର୍ଘଦିନ ହେବ ବୃଦ୍ଧ ପିତା ମାତାଙ୍କୁ ନିର୍ଯାତନା ଦେଇ ଆସୁଥିବା ଜଣାପଡ଼ିଛି। ଏଥିରେ ସାନଭାଇ ଅଚ୍ୟୁତାନନ୍ଦ ସେନାପତି ବାରଣ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସାନଭାଇ ଅଚ୍ୟୁତ ଘର କବାଟ ଦେଇ ଘର ଭିତରେ ରହିଯାଇଥିଲେ। ପରିବାର ସଦସ୍ୟ ପୁଲିସକୁ ଫୋନ ଯୋଗେ ଖବର ଦେବାପରେ ପୁଲିସ



ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ଅଚ୍ୟୁତଙ୍କୁ ଉଦ୍ଧାର କରିଥିଲେ। ମାଆ ପାଞ୍ଚାଳୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପାଞ୍ଚାଳୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ଏ ନେଇ ଅନ୍ତର୍ଯ୍ୟାମୀଙ୍କ କୌଣସି ପ୍ରତିକ୍ରିୟା ମିଳି ନଥିବା ବେଳେ କାମାକ୍ଷାନଗର ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

# ଆଲୁମିନିୟମ୍ ମଜଦୁର ସଙ୍ଘ ତରଫରୁ ଗଣଧାରଣା

**ନାଲକୋ ନଗର, ୧୦।୭(ସମିସ):** ସ୍ମେଲଟର ପ୍ଲାଣ୍ଟର ବିଭିନ୍ନ ସମସ୍ୟା ନେଇ ଆଲୁମିନିୟମ ମଜଦୁର ସଂଘ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ପ୍ଲାଣ୍ଟ ପରିସର ଟେକ୍ନିକାଲ ବିଲ୍ଡିଂ ସମ୍ମୁଖରେ ସଂଘ ସଦସ୍ୟମାନେ ଧାରଣାରେ ବସିଥିଲେ।



ଧାରଣାସ୍ଥଳକୁ ନାଲକୋ କର୍ତ୍ତୃପକ୍ଷ ଆସି ଆନ୍ଦୋଳନକାରୀଙ୍କ ସହ ବୁଝାମଣା ପାଇଁ ପ୍ରସ୍ତାବ ଦେଇଥିଲେ। ଦାବି ଗୁଡିକର ସ୍ଥାୟୀ ସମାଧାନ ପାଇଁ ସଙ୍ଘ ପକ୍ଷରୁ ଦାବି ହୋଇଥିଲା। ପ୍ଲାଣ୍ଟର ସୁରକ୍ଷା ପାଇଁ ସ୍ଥାୟୀ ସମାଧାନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ନାଲକୋ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଥିବା ସଙ୍ଘ ସଭାପତି ମୁନା ସମାଲ ସୂଚନା ଦେଇଛନ୍ତି। ଏହି ଗଣ ଆନ୍ଦୋଳନରେ ସଙ୍ଘର ସାଧାରଣ ସମ୍ପାଦକ ବିନୋଦ କୁମାର ସାମଲ ନାଲକୋ ପ୍ରଶାସନର ଅପାରଗତା ଏବଂ କୁପରିଚାଳନାକୁ ଦୃଢ଼ ନିନ୍ଦା କରିବା ସହ ତୀବ୍ର ଭର୍ତ୍ସନା କରିଥିଲେ ଓ ଏହି ଆନ୍ଦୋଳନରେ କାର୍ଯ୍ୟକାରୀ ସଭାପତି କୈଳାସ ବେହେରା, ଗୋପାଳ କୃଷ୍ଣ ମଲିକ, ଉପସଭାପତି ଦୀନବନ୍ଧୁ ଭୁତିଆ, ମାଧବ ସାମଲ, ବିରଞ୍ଚି ନାରାୟଣ ସାମଲ, ପ୍ୟାରୀମୋହନ ନାୟକ, ଦୀପକ ସାମଲ, ରଞ୍ଜିତ ମାଝୀ, ମଦନ ସାହୁ, ନେହରୁ ସାହୁ, ପ୍ରଭାତ ଗଡ଼ନାୟକ, ଖଗେଶ୍ୱର ଭୁତିଆ, ଦିବ୍ୟଦର୍ଶୀ ଦେବତା, ତ୍ରିପତି ସେନାପତି, ମହେନ୍ଦ୍ର ବେହେରା, କେଦାର ସାହୁ, ସୁନୀଲ ତ୍ରିପାଠୀ, ନଟବର ମହାନ୍ତି, ଶ୍ରୀଧର ନାୟକ, ପାର୍ଥ ମିଶ୍ର, ସମରେନ୍ଦ୍ର ସିଂ, ସୁବାଷ ଗଡ଼ନାୟକ, ପ୍ରଶାନ୍ତ ସାହୁ, ଭରତ ରାଉତ, ରଞ୍ଜନ ବେହେରା, ସୁନୀଲ ଓଝା, କୁମୁଦ ସାହୁ, ପ୍ରଦୀପ ପ୍ରଧାନ, ପ୍ରଦୀପ ବିଶ୍ୱାଳ, ମନୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଚେନ୍ ଲୁଟେରା ଗ୍ୟାଙ୍ଗ୍‌ର ୪ ଗିରଫ

**ଅନୁଗୋଳ, ୧୦। ୭(ସମିସ):** ଗତ ୭ ତାରିଖ ରଥଯାତ୍ରା ଦିନ ଅପରାହ୍ନ ପ୍ରାୟ ୪ ଟାରେ ରଥଟଣା ବେଳେ କୋର୍ଟ ସମ୍ମୁଖରେ ସୁଭଦ୍ରାଙ୍କ ରଥ ଟାଣୁଥିବା ଜଣେ ମହିଳାଙ୍କ ବେକରୁ ସୁନାଚେନ ଝିମ୍ପିନେଇ ଜଣେ ଦୁର୍ବୃତ୍ତ ଦଉଡ଼ି ପଳାଇଗଲା। ଏଥିନେଇ ଥାନାରେ



ଅଭିଯୋଗ ହେଲା ପରେ ପୁଲିସ ତୁରନ୍ତ ଛାନଭିନ କରି ଅନୁଗୋଳ ରେଳଷ୍ଟେସନରେ ଲୁଟେରା ଗ୍ୟାଙ୍ଗର ୪ ଜଣଙ୍କୁ କାବୁ କରିଥିଲା। ସେମାନେ ଏକାଧିକ ମହିଳାଙ୍କଠାରୁ ଲୁଟ କରିଛନ୍ତି ବୋଲି ଜଣାପଡ଼ିଥିଲା। ସେମାନଙ୍କଠାରୁ ଅଳଙ୍କାର ଆଦି ଜବତ କରାଯାଇଥିଲା। ଏ ମାମଲାରେ ପୁଲିସ ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲାର ବୋଲି ଜଣାପଡ଼ିଛି।

# ଡିଏଭି ପବ୍ଲିକ୍ ସ୍କୁଲ, ଏମ୍‌ସିଏଲ୍, କଳିଙ୍ଗ କ୍ଷେତ୍ରରେ ପ୍ରତିଷ୍ଠା ଉତ୍ସବ ପାଳିତ

**ତାଳଚେର ସହର, ୧୦।୭(ସମିସ)**

ଡିଏଭି ପବ୍ଲିକ୍ ସ୍କୁଲ, ଏମସିଏଲ, କଳିଙ୍ଗ କ୍ଷେତ୍ରର ୨୯ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ବୈଦିକ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଉତ୍ସବରେ ଏମସିଏଲ ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ବି. ମହମ୍ମଦ ମିଆଁଙ୍କ ସଦିଚ୍ଛା ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲା। ସମ୍ମାନିତ ଅତିଥି ରୂପେ ପ୍ରତିଭା ମହିଳା ମଣ୍ଡଳର ସଭାପତି ବି.ରିଜୱାନା ମହାମ୍ମଦ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଡିଏଭି ପବ୍ଲିକ୍ ସ୍କୁଲ, ଏମସିଏଲ, କଳିଙ୍ଗ କ୍ଷେତ୍ରର ପୂର୍ବତନ ଛାତ୍ର ବିଦ୍ୟାଳୟର ଗର୍ବ ଏବଂ ଗୌରବ, ୟୁପିଏସସି ସିଭିଲ ସର୍ଭିସ ପରୀକ୍ଷା ୨୦୨୩ର ସର୍ବୋଚ୍ଚରେ ଦ୍ୱିତୀୟ ସ୍ଥାନ ଅଧିକାରୀ ଅନିମେଷ ପ୍ରଧାନ ଏହି ଉତ୍ସବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ବି.ରିଜୱାନା ମହାମ୍ମଦ ବିଦ୍ୟାଳୟର ଦଶମ ଏବଂ ଦ୍ୱାଦଶ(୨୦୨୩–୨୪) ବର୍ଷର ସର୍ବୋଚ୍ଚ



ସ୍ଥାନ ଅଧିକାର କରିଥବା ଛାତ୍ରଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ବିଦ୍ୟାଳୟର ଛାତ୍ର ଦୀପାୟନ ବେହେରା ଜେଇଇ ମେନ ଏବଂ ନିଟ୍, ତମନ୍ନା ସାହୁ ଜେଇଇ ମେନ, ପ୍ରଯୁକ୍ତା ସାହୁ ଜେଇଇ ମେନ ଓ ରୋଜାଲିନ ନାୟକ ଜେଇଇ ମେନରେ ସଫଳତା ହାସଲ କରିଥିବାରୁ ସେମାନଙ୍କୁ ସମ୍ମାନିତ କରିଥିଲେ। ଏହି ଗୌରବମୟ ଉତ୍ସବରେ ଏମସିଏଲର ବରିଷ୍ଠ ଅଧିକାରୀଗଣ ଏବଂ ବିଭିନ୍ନ ଶ୍ରମିକ ସଂଗଠନର ନେତୃବର୍ଗ ଯୋଗଦାନ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭୋଇ ଓ ତାଳଚେର ଅଞ୍ଚଳର ବିଭିନ୍ନ ଡିଏଭି ସ୍କୁଲର ଅଧ୍ୟକ୍ଷମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ତାକର୍ଷକ ନୃତ୍ୟ ଏବଂ ସଂଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପ୍ରାଙ୍ଗଣରେ ବନମହୋତ୍ସବପାଳନ କରାଯାଇ ନୂତନ ବନ ସୃଷ୍ଟି ପରିକଳ୍ପନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୧୦୦ ଚାରା ରୋପଣ କରଯାଇ ବନମହୋତ୍ସବ ପାଳନର ମହତ୍ତ୍ୱ ସମ୍ବନ୍ଧରେ ଅବଗତ କରାଇବା ସହିତ ‘ ଗୋଟିଏ ବୃକ୍ଷ ମାଆ ନାମରେ‘ କାର୍ଯ୍ୟକ୍ରମକୁ ସଫଳ କରାଯାଇଥିଲା। ଜୀବନ ରକ୍ଷାକାରୀ ପବିତ୍ର ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭୋଇ। ଓଡ଼ିଶା ସରକାରଙ୍କ ରକ୍ତଭଣ୍ଡାର ଅନୁଗୋଳ ତରଫରୁ କର୍ମଚାରୀମାନେ ଯୋଗଦେଇ ୬୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ବରିଷ୍ଠ ଶିକ୍ଷକ ଉଦୟନାଥ ସାହୁ ଏହି ମହତ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ସହଯୋଗ ଏବଂ ଗୁରୁଦାୟିତ୍ୱ ବହନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଉତ୍ସବର ଶେଷରେ ବିଦ୍ୟାଳୟର ପଦାର୍ଥ ବିଜ୍ଞାନର ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ବିଜ୍ଞାନ ଶିକ୍ଷକଙ୍କ ବଦଳି ବାତିଲ ଦାବି

# ଧାରଣାରେ ବସିଲେ ଶତାଧିକ ଛାତ୍ରଛାତ୍ରୀ

କାମାକ୍ଷାନଗର,୧୦।୭(ସମିସ) : କାମାକ୍ଷାନଗର ଉପଖଣ୍ଡର କଙ୍କଡାହାଡ଼ ବ୍ଲକ ଅନ୍ତର୍ଗତ କଣ୍ଟାପାଳ ସ୍ଥିତ ମା’ ଚର୍ଚ୍ଚିକା ଉଚ୍ଚ ବିଦ୍ୟାଳୟଠାରେ ବିଜ୍ଞାନ ଶିକ୍ଷକଙ୍କ ବଦଳି ବାତିଲକୁ ନେଇ ଶତାଧିକ ଛାତ୍ରଛାତ୍ରୀ ବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିବା ଜଣାପଡ଼ିଛି।

କଣ୍ଟାପାଳ ସ୍ଥିତ ମା’ ଚର୍ଚ୍ଚିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ବିଶ୍ୱାଳଙ୍କ ଡେପୁଟେସନ ବାତିଲ ଦାବିରେ ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀମାନେ ଧାରଣା ଦେଇଛନ୍ତି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ବିଶ୍ୱାଳଙ୍କ ୩ ମାସ ଧରି ବାମ ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନରେ ବଦଳି କରାଯାଇଛି। ସେ କଣ୍ଟାପାଳଠାରେ ସପ୍ତାହ ୩ଦିନ ଓ ବାମ ଉଚ୍ଚ ବିଦ୍ୟାଳୟ ରେ ୩ଦିନ ଶିକ୍ଷାଦାନ କରୁଛନ୍ତି। ଫଳରେ କଣ୍ଟାପାଳ ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ବିଜ୍ଞାନ ପାଠ ପଢ଼ିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜ୍ଞାନ ଶିକ୍ଷକଙ୍କ ଡେପୁଟେସନକୁ ବାତିଲ କରିବା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଇଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ନହେବାରୁ ଛାତ୍ରଛାତ୍ରୀମାନେ ଧାରଣାରେ ବସିଛନ୍ତି। ଖବର ପାଇ କଙ୍କଡାହାଡ଼ ବିଇଓ ସାଗର ଟୁଡୁ ଘଟଣାସ୍ଥଳରେ ପହଞ୍ଚି



ଛାତ୍ରଛାତ୍ରୀମାନଙ୍କୁ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି। ଆଗାମୀ ଦିନରେ ସମସ୍ୟାର ସମାଧାନ କରା ନଗଲେ ବିଦ୍ୟାଳୟ ସମ୍ମୁଖରେ ଅନିର୍ଦ୍ଧିଷ୍ଟ ଧାରଣା ଦେବାକୁ ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି।



ବ୍ୟକ୍ତିଗତ ଋଣ, ଚାକିରିରୁ ଇସ୍ତଫା, ପାରିବାରିକ କହଳ ଓ ଅସଜଡ଼ା ଦାମ୍ପତ୍ୟ ଜୀବନକୁ ନେଇ ପୁଅ ଭୁଲିଗଲା ରକ୍ତସମ୍ପର୍କ । ବିଦେଶରେ ପାଠ ପଢ଼ି ଆଇନ ବିଶାରଦ ବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଗଣମାଧ୍ୟମର ବିଚାର ମଞ୍ଚରେ ବିଶେଷଜ୍ଞ ଭାବେ ମତ ରଖୁଥିବା ପ୍ରଫେସର ଜଣକ ଆର୍ଥିକ ସଙ୍କଟକୁ ପରିଚାଳନାରେ ବିଫଳ ହୋଇ ମାନସିକ ଦୁଶ୍ଚିନ୍ତାରୁ ମାଆ ଆଗରେ ବାପାକୁ ବୀଭତ୍ସ ହତ୍ୟାକରି ପାଲଟି ଯାଇଥିଲା ବ୍ରହ୍ମଚଣ୍ଡାଳ । ରାଜଧାନୀ ମଞ୍ଚେଶ୍ୱର ଥାନା ରଙ୍ଗମାଟିଆ ଅଞ୍ଚଳର ଡିଏଚ୍‌ପିଏଲ୍ ଆପାର୍ଟମେଣ୍ଟର ୧୦୮ ନମ୍ବର ଫ୍ଲାଟ୍‌ରେ ଘଟିଛି ଏମିତି ଏକ ମର୍ମନ୍ତୁଦ ହୃଦୟବିଦାରକ ଘଟଣା ।

ଭୁବନେଶ୍ୱରରୁ ପ୍ରସନ୍‌ଜିତଙ୍କ ରିପୋର୍ଟ



## ହତ୍ୟାର ଅଜୁହା କାହାଣୀ

ନାଲ୍‌କୋର ଅବସରପ୍ରାପ୍ତ ଉଚ୍ଚପଦସ୍ଥ ଅଧିକାରୀ ସୁନୀଲ ଚୌଧୁରୀ ତାଙ୍କ ପତ୍ନୀ ସୁନୀତା ଚୌଧୁରୀଙ୍କ ଏକମାତ୍ର ପୁଅ ଅନିରୁଦ୍ଧ ଏକ ଘରୋଇ ବିଶ୍ୱବିଦ୍ୟାଳୟର ଲ' ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ । ବିଦେଶ ଭ୍ରମଣ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ କରିଥିବା ଋଣ ଶୁଝିବାକୁ ବାପାଙ୍କୁ ଟଙ୍କା ମାଗିଥିଲେ ବି ସୁନୀଲ ମନା କରିଦେଇଥିଲେ । ଏହାକୁ ନେଇ ବାପା ଓ ପୁଅ ମଧ୍ୟରେ ତିକ୍ତତା ଦେଖାଦେଇଥିଲା । ଗତ ୨ ତାରିଖ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହାକୁ ନେଇ ଝଗଡ଼ା ଲାଗି ରହିଥିଲା । ପରେ ବାପା ଓ ମାଆ ଖାଇ ନିଜ ରୁମ୍‌ରେ ଶୋଇଥିବା ବେଳେ ପୁଅ ଅନିରୁଦ୍ଧ ନିଜ ରୁମ୍‌ରେ ଶୋଇଥିଲା । ରାତି ପ୍ରାୟ ୩.୩୦ଟାରେ ଉଠି ରୋଷେଇ ଘରୁ ଏକ ଧାରୁଆ ଛୁରି ନେଇ ବାପା ଓ ମାଆ ଶୋଇଥିବା ରୁମ୍‌ରେ ଭିତରକୁ ପଶି ସୁନୀଲଙ୍କୁ ଆକ୍ରମଣ କରୁଥିଲା ଅନିରୁଦ୍ଧ । ସୁନୀଲଙ୍କୁ ଛାଡ଼ିଦେବା ପାଇଁ ମାଆ କାକୁତିମିନତି ହୋଇଥିଲେ ମଧ୍ୟ କଥା ନ ଶୁଣି ବାପାଙ୍କ ଛାତି ଓ ପେଟକୁ ବାରମ୍ବାର ଛୁରିରେ ଭୁସି ଚାଲିଥିଲା ପୁଅ ଅନିରୁଦ୍ଧ ।

# ପିତୃହନ୍ତା ପ୍ରଫେସର



### ■ କୋଷ୍ଟାରିକାରେ ଅଧାରେ ରହିଲା ଏଲ୍‌ଏଲ୍‌ଏମ୍ ପାଠ

ଅନିରୁଦ୍ଧ ଦକ୍ଷିଣ ଆମେରିକାର କୋଷ୍ଟାରିକାକୁ ଏଲ୍‌ଏଲ୍‌ଏମ୍ ପାଠ ପଢ଼ିବାକୁ ଯାଇଥିଲେ । ସେଠାରେ ପାଠପଢ଼ାରେ କିଛି ଅସୁବିଧା ହେବାରୁ ଅଧାରୁ ଛାଡ଼ି ଚାଲି ଆସିଥିଲେ । ଆଉ ପାଠପଢ଼ା ସମ୍ପୂର୍ଣ୍ଣ କରିପାରି ନ ଥିଲେ । ପରେ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଘରୋଇ ବିଶ୍ୱବିଦ୍ୟାଳୟରେ ଲ' ପ୍ରଫେସର ଭାବେ ଚାକିରି କରିଥିଲେ । ଚାକିରି କଲା ବେଳେ ଡିଗ୍ରୀ ସାର୍ଟିଫିକେଟ୍ ଦାଖଲ ନକରି ଏକ ଅଣ୍ଡରଟେକିଂ ଦେଇଥିଲେ । ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ସେ ତାଙ୍କର ସମସ୍ତ ଡିଗ୍ରୀ ସାର୍ଟିଫିକେଟ୍ ଜମା କରିବେ ବୋଲି ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ କହିଥିଲେ । କିନ୍ତୁ ପାଠପଢ଼ା ସମ୍ପୂର୍ଣ୍ଣ କରି ନ ଥିବାରୁ ଅନିରୁଦ୍ଧଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ହାସଲ କରି ନ ଥିଲେ । ଏମିତିକି କଲେଜରୁ ବାରମ୍ବାର ତାଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ଜମା କରିବାକୁ କୁହାଯାଉଥିଲା । କିନ୍ତୁ ଡିଗ୍ରୀ ସାର୍ଟିଫିକେଟ୍ ଦାଖଲ ନ କରିବାରୁ ଅନିରୁଦ୍ଧ ଚାକିରିରୁ ଇସ୍ତଫା ଦେଇଥିଲେ ।

### ହତ୍ୟାକାଣ୍ଡ ପ୍ରଚ୍ଛଦରେ...

ପୁଲିସ ତଦନ୍ତ ଅନୁଯାୟୀ ବ୍ୟାଙ୍କରୁ ୨୭ଲକ୍ଷ ଟଙ୍କା ଋଣ ଆଣି ବିଦେଶରେ ପାଠପଢ଼ା ସହ ମଉଜ କରିଥିଲା ସୁନୀଲ । ଯାହାକୁ ନେଇ ସ୍ତ୍ରୀଙ୍କ ସହ ଅନିରୁଦ୍ଧଙ୍କ ଝଗଡ଼ା ଲାଗୁଥିଲା । ଘଟଣା ଘଟିବାର ୩ରୁ ୪ଦିନ ଆଗରୁ ସ୍ତ୍ରୀ ବି ବାପ ଘରକୁ ଚାଲି ଯାଇଥିଲେ । ଡିଗ୍ରୀ ସାର୍ଟିଫିକେଟ୍ ଦାଖଲ କରି ନ ପାରିବାରୁ ଚାକିରିରୁ ବି ଇସ୍ତଫା ଦେଇଥିଲେ । ଋଣ ଆଣିଥିବା ବ୍ୟାଙ୍କ ତରଫରୁ ତାଙ୍କ ପାଖକୁ ବାରମ୍ବାର ନୋଟିସ୍ ଆସୁଥିଲା । ଅନିରୁଦ୍ଧ ଗୋଟିଏ ମାତ୍ର ପୁଅ ହୋଇଥିଲେ ମଧ୍ୟ ତାଙ୍କ ବାପା ଟଙ୍କା ଦେଉ ନ ଥିଲେ । ଏହି କାରଣକୁ ନେଇ ବାପାଙ୍କ ଉପରେ ଅନିରୁଦ୍ଧର ଅଧିକ ରାଗି ଯାଇଥିଲେ । ଜୁଲାଇ ୨ ତାରିଖ ରାତିରେ ବାପାକୁ ହତ୍ୟା କରିବା ପରେ ସେ ନିଜେ ଆତ୍ମହତ୍ୟା କରିବ ବୋଲି ଅନିରୁଦ୍ଧ ନିଷ୍ପତ୍ତି ନେଇଥିଲେ । କିନ୍ତୁ ମା' ସୁନୀତାଙ୍କ ସହ ଠେଲାପେଲା ହେବା ଭିତରେ ଛୁରିଟି ହାତରୁ ଖସି ବେଡ୍ ତଳକୁ ପଡ଼ିଯାଇଥିଲା । ସେହି ଅଘଟଣ ମୁହୂର୍ତ୍ତରେ ମାଆଙ୍କ ବିକଳ ଅବସ୍ଥା ଦେଖିବା ପରେ ସେ ଆଉ ଖଟ ତଳକୁ ଯାଇ ଛୁରି ଆଣି ପାରି ନ ଥିଲେ କି ଆତ୍ମହତ୍ୟା କରିପାରି ନ ଥିଲେ । ତେଣୁ ମାଆଙ୍କ ପାଇଁ ହିଁ ଅନିରୁଦ୍ଧ ନିଜେ ବଞ୍ଚିଗଲା ବୋଲି ପୁଲିସକୁ ସିନ୍ ରିକ୍ରିଏସନ୍ ବେଳେ ଅନିରୁଦ୍ଧ କହିଛି ।

### ■ ଛାତ୍ରୀଙ୍କୁ ପ୍ରେମ ପରେ ବିବାହ

୪ ବର୍ଷ ପୂର୍ବେ ଅନିରୁଦ୍ଧ ତାଙ୍କର ଜଣେ ଆଇନ ପଢ଼ୁଆ ଛାତ୍ରୀଙ୍କୁ ପ୍ରେମ ବିବାହ କରିଥିଲେ । ବିବାହ ପରେ ଅନିରୁଦ୍ଧ ବାପା ଓ ମାଆଙ୍କ ଠାରୁ ଅଲଗା ହୋଇ ଅନ୍ୟ ଏକ ଆପାର୍ଟମେଣ୍ଟରେ ଭଡ଼ା ରହୁଥିଲେ । କିନ୍ତୁ ସ୍ୱାମୀଙ୍କ ଋଣଭାରକୁ ଗ୍ରହଣ କରୁ ନ ଥିଲେ ଅନିରୁଦ୍ଧଙ୍କ ପତ୍ନୀ । ତାହାକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ପାଟିତୁଣ୍ଡ ହେଉଥିଲା ।

### ■ ଏତେ ସମ୍ପତ୍ତିକୁ ଭୋଗିବ କିଏ

ସୁନୀଲଙ୍କ ଭୁବନେଶ୍ୱରରେ ୩ଟି ଫ୍ଲାଟ୍ ରହିଛି । ପୁରୀ, ପିପିଲି, ଗୋପାଳପୁର ଓ ଛତ୍ରପୁରରେ ତାଙ୍କର ଫ୍ଲାଟ ରହିଛି । ଏମିତିକି ଗଞ୍ଜାମରେ ମଧ୍ୟ ପୈତୃକ ସମ୍ପତ୍ତି ରହିଛି । କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକ ଥିଲେ ସୁନୀଲ । ଗତ କିଛିଦିନ ହେବ ଅନିରୁଦ୍ଧ ପ୍ରାୟ ୨୭ ଲକ୍ଷ ଟଙ୍କା ଋଣ ବୋଝରେ ବୁଡ଼ିରହିବା ସହ ବାପାକୁ ଟଙ୍କା ମାଗିଥିଲା । ପୁଅର ଋଣ ଶୁଝିବା ଲାଗି ପୁରୀରେ ଥିବା ଏକ ଜମିକୁ ବିକ୍ରିକରିବା ପାଇଁ ଯୋଜନା କରିଥିଲେ ସୁନୀଲ । ଉକ୍ତ ଜମିକୁ ୪୦ ଲକ୍ଷରେ ବିକ୍ରି କରିବା ଲାଗି ସୁନୀଲ ମୂଲଚାଲ ମଧ୍ୟ କରିଥିଲେ । ଜମି କିଣିବା ଲାଗି ଇଚ୍ଛୁକ ଥିବା ବ୍ୟକ୍ତିଙ୍କ ସହ ସୁନୀଲ ଆଲୋଚନା ଚଳାଇଥିଲେ । କିନ୍ତୁ ଜମି ବିକ୍ରି ପୂର୍ବରୁ ବାପାଙ୍କୁ ହତ୍ୟା କରିଥିଲେ ଜହ୍ଲାଦ ପୁଅ । ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ଏକମାତ୍ର ପୁଅ ଏବେ ଜେଲ୍‌ର ଚାରିକାନ୍ଥରେ । ଏପରିସ୍ଥିତିରେ କୋଟି କୋଟି ଟଙ୍କାର ସମ୍ପତ୍ତି କିଏ ଭୋଗ କରିବ, ତାକୁ ନେଇ ଉଠିଛି ପ୍ରଶ୍ନ ।



ସଭ୍ୟତା ଶିକ୍ଷା କ୍ଷେତ୍ରରେ ଯେତେ ଅଗ୍ରଗତି କରୁଛି, ଅନ୍ଧବିଶ୍ୱାସ ମଣିଷକୁ ସେତେ ବିପଥଗାମୀ କରିବାରେ ଲାଗିଛି । ଆଉ ନିଷ୍ଠୁର ଅନ୍ଧବିଶ୍ୱାସ ଆଗରେ ହଜିଯାଉଛି ମାନବିକତା । ମଣିଷ ହିଂସ୍ର ହୋଇ ଅନ୍ୟର ଜୀବନ ନେବାକୁ ମଧ୍ୟ ପଛାଉ ନାହିଁ । ଆଉ ଏହି ଜଘନ୍ୟ କାଣ୍ଡ ପାଇଁ ମନରେ ଆସୁନି ପଶ୍ଚାତାପ । ଏପରି ଅନ୍ଧବିଶ୍ୱାସ କାଳିମାର ଛାୟାରେ ବାଲେଶ୍ୱର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଔପଦା ଅଞ୍ଚଳରେ ଘଟିଛି ବହୁ ଚର୍ଚ୍ଚିତ ଟ୍ରିପଲ୍ ମର୍ଡର ଘଟଣା । ପୁଲିସ ଜଣେ ନାବାଳକ ସମେତ ୯ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିସାରିଛି । ଆଉ ଏହି ଜଘନ୍ୟ ହତ୍ୟାକାଣ୍ଡ ପଛରେ ଲୁଚି ରହିଥିବା ରହସ୍ୟ ଉପରୁ ପର୍ଦ୍ଦା ହଟାଇଛି ।

ଦକ୍ଷିଣ ବାଲେଶ୍ୱରରୁ ଅଶୋକ କୁମାର ପ୍ରଧାନଙ୍କ ରିପୋର୍ଟ

# ଗୁଣିଗାରେଡ଼ିରୁ ଗଡ଼ିଲା ୩ ମୁଣ୍ଡ

### ଅନ୍ଧବିଶ୍ୱାସର ଅନ୍ଧଗଳି

ବାଲେଶ୍ୱର ଜିଲ୍ଲା ଔପଦା ଥାନା ବଡ଼ପୋଖରୀ ରାଜସ୍ୱ ଗ୍ରାମର ଆଦିବାସୀ ବସ୍ତି ବରପଦାର ଡାମ୍ପା ସିଂ ବିଭିନ୍ନ ସ୍ଥାନରେ ହେଉଥିବା ଉଡ଼ା ଯାତ୍ରାରେ ପାଟୁଆ ହୁଅନ୍ତି । ଏଥିପାଇଁ ଲୋକେ ତାଙ୍କୁ ଗୁଣିଆ ଭାବି ସେ କହୁଥିବା କଥା ସବୁ ସତ ହୋଇଯାଏ ବୋଲି ବିଶ୍ୱାସ ରହିଛି । କିଛିଦିନ ପୂର୍ବରୁ ଉକ୍ତ ଗ୍ରାମର ମାଧ ସିଂଙ୍କ ପତ୍ନୀ ଗର୍ଭବତୀ ଥିବାବେଳେ ସେ ଅଷାଢୁଆ ଫଳ ଖାଇବା ପାଇଁ ମନ ହେଉଥିବା ସ୍ୱାମୀ ମାଧକୁ କହିଥିଲେ । ମାଧ ଆସି ଡାମ୍ପା ସିଂଙ୍କୁ ସେତେବେଳେ ଅଷାଢୁଆ ଫଳ ମାଗିଥିଲେ । ଏହି ଫଳ ଦେବାକୁ ଡାମ୍ପା ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହେଲା । ଏହି ଘଟଣାରେ ଉତ୍କ୍ଷିପ୍ତ ହୋଇ ତୋର ପିଲା ହେବା କ୍ଷଣି ମରିବ ବୋଲି ଡାମ୍ପା କହିଥିଲା । ସଂଯୋଗବଶତଃ କିଛିଦିନ ପରେ ମାଧର ଏକ ଶିଶୁକନ୍ୟା ସୋର ମେଡିକାଲରେ ଜନ୍ମ ହେବାର କିଛି ସମୟ ଭିତରେ ମରିଯାଇଥିଲା । ଡାମ୍ପା, ମାଧ ସ୍ତ୍ରୀ ଉପରେ ଗୁଣି କରିଥିବା ସନ୍ଦେହ କରି ମାଧ ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିଲେ । ଠିକ ସେହିପରି ଗ୍ରାମର ମମତା ସିଂଙ୍କ ଆଖିରେ ଡାଳ ବାଜି ହୋଇଥିବା ଘା' ଦୀର୍ଘ ଦିନ ପର୍ଯ୍ୟନ୍ତ ନ ଶୁଖିବାରୁ ତାଙ୍କ ଉପରେ ବି ଗୁଣି ଗାରେଡ଼ି ହୋଇଥିବା ଗ୍ରାମର କିଛି ଲୋକ ସନ୍ଦେହ କରିଥିଲେ । ଏହି ଘଟଣାକୁ ନେଇ ଡାମ୍ପା ସିଂ ପତ୍ନୀ ପାଗିଳି ସିଂ ଓ ସମ୍ପର୍କୀୟ ଭଉଣୀ ସୋମବାରୀ ସିଂ ଉପରେ ସନ୍ଦେହ ବଢ଼ିଥିଲା । ଏହି ୩ ଜଣଙ୍କ ଉପରେ ପ୍ରତିଶୋଧ ନେବେ ବୋଲି ଗ୍ରାମର କିଛି ବ୍ୟକ୍ତି ସୁଯୋଗ ଖୋଜି ବୁଲୁଥିଲେ । ଗତ ଜୁନ ୩୦ ତାରିଖ ଦିନ ଗ୍ରାମର ଏକ ଏକୋଶିଆ ଓ ଜନ୍ମଦିନର ଭୋଜିଭାତର ଆସର ଜମିଥିବା ବେଳେ ଏହାର ସୁଯୋଗ ନେଇ ଦୁଇ ମୁଖ୍ୟ ଅଭିଯୁକ୍ତ ମାଧ ସିଂ, ଛେଳିଆ ଓରଫ ବିକ୍ରମ ସିଂ ସମେତ ସେହି ଗ୍ରାମର କିଛି ବ୍ୟକ୍ତି ତିନି ଜଣଙ୍କୁ ସ୍ଥାନୀୟ ଏକ ଗଡ଼ିଆ ଠାରୁ ବାଡ଼ିରେ ନିଷ୍ଠୁର ପିଟି ଥିଲେ । ତିନିଜଣଯାକ ମରି ଯାଇଥିବା ଭାବି ମାଧଙ୍କ ଭାଇର ବାଡ଼ିରେ ଥିବା ଏକ ସାଳମା ଗଛ ନିକଟରେ ଫିଙ୍ଗି ଦେଇଥିଲେ । ରାତି ହେବା ପରେ ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବରେ ତିନୋଟି ବାଉଁଶ ସଙ୍ଗୀ ସାହାଯ୍ୟରେ ସେମାନଙ୍କୁ ବୋହି ନେଇ ସ୍ଥାନୀୟ ଦଳଦଳି ପାହାଡ଼ ଉପରେ ଫିଙ୍ଗି ଦେଇଥିଲେ । ଉକ୍ତ ତିନି ଜଣ ବଞ୍ଚିଥିବାର ଆଶଙ୍କା କରି ଅଭିଯୁକ୍ତମାନେ ପୁନର୍ବାର କୁରାଢ଼ିରେ ସେମାନଙ୍କ ବେକକୁ ହାଣି ଗାଁକୁ ଫେରି ଆସିଥିଲେ ।

ମୃତ ସୋମବାରୀଙ୍କ ପୁଅ ନିରଞ୍ଜନ ଏନେଇ ଔପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ପରେ ସମସ୍ତ ଘଟଣା ସାମ୍ନାକୁ ଆସିଥିଲା । ଅଭିଯୁକ୍ତମାନେ ହତ୍ୟା କରିଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଥିଲେ । ପୁଲିସ ୨ ଜଣ ମୁଖ୍ୟ ଅଭିଯୁକ୍ତ ମାଧ ସିଂ, ବିକ୍ରମ ସିଂ ସମେତ ହରିଆ ସିଂ, ବୁଦ୍ଧିଆ ସିଂ, ବାପି ସିଂ, ଚନ୍ଦ୍ରମଣି ସିଂ, ସଞ୍ଜୟ ସିଂ ଓ ବନମାଳୀ ସିଂଙ୍କୁ ମିଶାଇ ମୋଟ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏ ଘଟଣାରେ ଔପଦା ଥାନା ଆଇଆଇସି ଶ୍ରବଣ କୁମାର ମହରଣା ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି ।







### " ଔପଦା ଥାନା ଆଇଆଇସିଙ୍କ ମତ

ଏ ହତ୍ୟାକାଣ୍ଡ ସମ୍ପର୍କରେ ଗତ ୪ ତାରିଖରେ ଖବର ପାଇଲି । ହତ୍ୟାକାଣ୍ଡର ସ୍ଥିତି ଅନୁଭବ କରି ମୋ କର୍ମଚାରୀମାନଙ୍କୁ ନେଇ ୪ଟି ଟିମ ଗଠନ କରି ପ୍ରଥମେ ଘଟଣା ଘଟିଥିବା ବସ୍ତିକୁ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରି ଗିରଫ କଲୁ । ଅଭିଯୁକ୍ତମାନଙ୍କୁ ପଚରାଉଚରା କରି ଖବର ମୁତାବକ ବର୍ଷା ରେ ଭିଜିଭିଜି ୪ କିଲୋମିଟର ପାଦଚଲା ରାସ୍ତାରେ ଯାଇ ନିଘଞ୍ଚ ଜଙ୍ଗଲରେ ଶବଗୁଡ଼ିକୁ ଠାବ କଲୁ । ଏହି ଘଟଣାରେ ଜଣେ ନାବାଳକ ସମେତ ୯ ଜଣଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି । ଅଭିଯୁକ୍ତମାନେ ସେମାନଙ୍କ ଦୋଷ ସ୍ୱୀକାର କରିଛନ୍ତି ।

## ଆଜିର ଇତିହାସ

- ୧୯୨୧- ମଙ୍ଗୋଲିଆ ଚୀନ୍‌ରୁ ସ୍ୱାଧୀନ ହେଲା।
- ୧୯୭୩- ପ୍ୟାରିସ୍ ନିକଟରେ ବ୍ରାଜିଲ୍‌ର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ, ୧୨୨ ଜଣଙ୍କ ମୃତ୍ୟୁ।
- ୨୦୦୨-ଚାଙ୍ଗ ସାଙ୍ଗ ଦକ୍ଷିଣ କୋରିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୬- ମୁମ୍ବାଇରେ ବୋମା ବିସ୍ଫୋରଣରେ ୨୦୬ ଲୋକଙ୍କ ମୃତ୍ୟୁ।
- ୨୦୦୭- ଚର୍ଚ୍ଚିତ ଚିତ୍ରକର ଏମ୍.ଏଫ୍ ହୁସେନ୍ ନ୍ୟୁୟର୍କ କଳା ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଲେ।
- ୨୦୦୮- ଆପଲ୍ ଆଇଫୋନ୍ ୩ ଜି ର ବଜାର ପ୍ରବେଶ।

# ବିଶ୍ୱ ଜନସଂଖ୍ୟା ଦିବସ



ପ୍ରତିବର୍ଷ ଜୁଲାଇ ୧୧ ତାରିଖରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଏ। ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ ବିଷୟରେ ବିଶ୍ୱବାସୀଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ। ୧୯୮୯ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭା ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ୧୧ ଜୁଲାଇ ୧୯୮୭ରେ ଜନସଂଖ୍ୟା ଯେତେବେଳେ ୫୦୦ କୋଟିରେ ପହଞ୍ଚିଲା, ଏହି ଦିବସକୁ ନେଇ ଉତ୍ସାହ ଦେଖାଦେଇଥିଲା। ସେବେଠାରୁ ଜୁଲାଇ ୧୧ ତାରିଖକୁ ଜନସଂଖ୍ୟା ଦିବସ ଭାବରେ ପାଳନ କରାଯାଏ। ପରିବାର ଯୋଜନା, ଲିଙ୍ଗଗତ ସମାନତା, ଦାରିଦ୍ର୍ୟ, ମାତୃ ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ସମେତ ବିଭିନ୍ନ ଜନସଂଖ୍ୟା ସମ୍ବନ୍ଧୀୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବାକୁ ବିଶ୍ୱ ଜନସଂଖ୍ୟା ଦିବସର ପ୍ରଧାନ ଲକ୍ଷ୍ୟ। ବର୍ଷ ବର୍ଷ ଧରି ବିଶ୍ୱର ସବୁଠୁ ଅଧିକ ଜନବହୁଳ ଦେଶ ତାଲିକାରେ ଚୀନ୍ ନାଁ ସବୁଠୁ ଉପରେ ରହୁଥିବା ବେଳେ ଏବେ ଭାରତ ସେହି ସ୍ଥାନ ଅଧିକାର କରିଛି। ଏବେ ଭାରତ ବିଶ୍ୱର ସବୁଠୁ ଅଧିକ ଜନବହୁଳ ରାଷ୍ଟ୍ର। ୟୁନାଇଟେଡ୍ ନେସନ୍ ପପୁଲେସନ୍ ଫଣ୍ଡ ରିପୋର୍ଟ ଅନୁଯାୟୀ, ୨୦୨୩ ମସିହାରେ ଭାରତର ଜନସଂଖ୍ୟା ୧୪୨.୮୬ କୋଟିରେ ପହଞ୍ଚି ଯାଇଥିବା ବେଳେ ଚୀନ୍‌ର ଜନସଂଖ୍ୟା ୧୪୨.୫୭ କୋଟି ଥିଲା। ବିଶ୍ୱରେ ଜନସଂଖ୍ୟା ବୃଦ୍ଧି ସମ୍ବନ୍ଧିତ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବା ସହ ଲିଙ୍ଗଗତ ସମାନତା, ପରିବାର ନିୟୋଜନ, ମାତୃ ସ୍ୱାସ୍ଥ୍ୟ ତଥା ମାନବାଧିକାର ଇତ୍ୟାଦି ବିଷୟରେ ଜନସଚେତନତା ସୃଷ୍ଟି କରିବା ହେଉଛି ଜନସଂଖ୍ୟା ଦିବସ ପାଳନର ଉଦ୍ଦେଶ୍ୟ। ଅତଏବ ଜନସଂଖ୍ୟା ବୃଦ୍ଧି ରୋକିବା ଦିଗରେ ସମୟୋପଯୋଗୀ ପଦକ୍ଷେପ ନ ନେଲେ ଏହା ରାଷ୍ଟ୍ରଗୁଡ଼ିକର ବିକାଶରେ ଏକ ପ୍ରତିବନ୍ଧକ ରୂପେ ଦେଖାଦେବ। କାରଣ ଜନସଂଖ୍ୟା ବୃଦ୍ଧି ସହିତ ପ୍ରାକୃତିକ ସଂସାଧନ ବୃଦ୍ଧି ପାଉନାହିଁ। ଯଦି ଏଭଳି ଭାବେ ଜନସଂଖ୍ୟା ବୃଦ୍ଧି ପାଏ, ତେବେ ପ୍ରାକୃତିକ ସଂସାଧନଗୁଡ଼ିକ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ତେଣୁ ଜନସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ସେଦିଗରେ ସମସ୍ତେ ଦାୟିତ୍ୱବାନ ହେବା ଆବଶ୍ୟକ।

# ଆଦିତ୍ୟଙ୍କ ସହ କାମ କରିବେ ରଣବୀର





ବଲିଉଡ୍‌ର ଜଣାଶୁଣା ନିର୍ଦ୍ଦେଶକ ଆଦିତ୍ୟ ଧର 'ଉରି: ଦ ସର୍ଜିକାଲ୍ ଷ୍ଟ୍ରାଇକ୍' ଫିଲ୍ମ ଜରିଆରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଦେଇଥିଲେ। ଏହି ଫିଲ୍ମ ପାଇଁ ସେ ଶ୍ରେଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ଏବେ ପୁଣି ଥରେ ଆଦିତ୍ୟ ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଛନ୍ତି। ସେ ରଣବୀର ସିଂହଙ୍କ ସହ ଏକ ଫିଲ୍ମ କରିବାକୁ ଯାଉଛନ୍ତି। 'ଉରି' ରିଲିଜ୍ ହେବା ପରେ ଆଦିତ୍ୟ 'ଦ ଇମୋର୍ଟାଲ୍ ଅଶ୍ୱତ୍ଥାମା' ଘୋଷଣା କରିଥିଲେ। ପ୍ରଥମେ କରୋନା ମହାମାରୀ ପରେ ଆର୍ଥିକ ସଙ୍କଟ ଯୋଗୁଁ ଏହି ଫିଲ୍ମ ନିର୍ମାଣ ହୋଇପାରି ନ ଥିଲା। ତେବେ ଆଦିତ୍ୟ ପୁଣି ଥରେ ଏକ ବଡ଼ ବଜେଟ୍‌ର ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଏହାର ଟାଇଟଲ୍ ରହିଛି 'ଧୂରନ୍ଧର'। ଏଥିରେ ଲିଡ୍ ରୋଲରେ ରଣବୀର ସିଂହ ନଜର ଆସିବେ। ରଣବୀରଙ୍କ ସହ ଏହି ଫିଲ୍ମରେ ସଞ୍ଜୟ ଦତ୍ତ ଓ ଆର୍.ମାଧବନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଏହା ଏକ ଆକ୍ସନ୍ ଥ୍ରିଲର୍ ଫିଲ୍ମ ହେବ। ଏଥିରେ ନାୟକ ଏକ ବିପଜ୍ଜନକ ମିଶନ୍‌ରେ ଥିବେ। ଏବେ ଏହାର ପ୍ରିପ୍ରଡକ୍ସନ୍ କାମ ଚାଲିଛି।

# ବିନା କାମରେ ଦରମା



ସାଧାରଣତଃ ଅଫିସ୍‌ରେ ଠିକ୍ ଭାବେ କାମ ନ କରିବା ଦ୍ୱାରା କର୍ମଚାରୀଙ୍କୁ ଚାକିରିରୁ ବାହାର କରି ଦିଆଯାଏ। ହେଲେ ଫ୍ରାନ୍ସରେ ଏହାର ଓଲଟା ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ମହିଳାଙ୍କୁ ୨୦ ବର୍ଷ ଧରି ବିନା କୌଣସି କାମରେ ଏକ କମ୍ପାନି ଦରମା ଦେଇ ଆସୁଥିଲା। ଯାହାକୁ ସେ ପସନ୍ଦ ନ କରି ଶେଷରେ କମ୍ପାନି ବିରୋଧରେ ମାମଲା ରୁଜୁ କରିଛନ୍ତି। ଲରେନ୍ସ ବ୍ୟାନ୍ ବ୍ୟାସନହୋବ ନାମ୍ନୀ ଏହି ମହିଳା କର୍ମଚାରୀ ଜଣକ ଅପସ୍ମାରଏବଂ ଆଂଶିକ ପକ୍ଷାଘାତ ରୋଗରେ ପୀଡ଼ିତ। ୧୯୯୩ରେ ଫ୍ରାନ୍ସ ଟେଲିକମ୍ ଲରେନ୍ସଙ୍କୁ ନିଯୁକ୍ତ କରିଥିଲା। ପରେ ଫ୍ରାନ୍ସ ଟେଲିକମ୍‌କୁ ଅରେଞ୍ଜ କମ୍ପାନିକୁ ହସ୍ତାନ୍ତର କରାଗଲା। ଲରେନ୍ସ ପୂର୍ବରୁ ମାନବ ସମ୍ବଳ ବିଭାଗରେ କାମ କରୁଥିଲେ। ଲରେନ୍ସଙ୍କ ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ୨୦୦୨ରେ ସେ ବିଭାଗ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ କମ୍ପାନି ପକ୍ଷରୁ ତାଙ୍କର ବିଭାଗ ପରିବର୍ତ୍ତନ କରାଗଲା ନାହିଁ କି ତାଙ୍କୁ କୌଣସି କାମ ଦିଆଗଲା ନାହିଁ। କାରଣ ସେ ଅନ୍ୟ ବିଭାଗ ପାଇଁ ଉପଯୁକ୍ତ ନ ଥିଲେ। ଏହା ସତ୍ତ୍ୱେ ମଧ୍ୟ କମ୍ପାନି ତାଙ୍କୁ ପୂରା ପାରିଶ୍ରମିକ ଦେଉଥିଲା। କିନ୍ତୁ ଲରେନ୍ସଙ୍କ କହିବା କଥା, ସିଧାସଳଖ ବିଦା ନ କରି ଚାକିରି ଛାଡ଼ିବା ପାଇଁ ଏହାଥିଲା କମ୍ପାନିର ଇଙ୍ଗିତ। ସେ ଏହାଦ୍ୱାରା ଏକାକୀତ୍ୱ ଅନୁଭବ କରିବା ସହ କମ୍ପାନିର ଏପରି ବ୍ୟବହାରରେ ଦୁଃଖ ଅନୁଭବ କଲେ। ଶେଷରେ ଏହି ବାଛବିଚାର ସହି ନ ପାରି ୨୦୧୫ରେ କମ୍ପାନି ବିରୋଧରେ ମାମଲା ରୁଜୁ କଲେ। ଏହା ପରେ ବି ତାଙ୍କୁ ନ୍ୟାୟ ମିଳି ନ ଥିବା କଥା ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ସାମିଲ ରହିପାରନ୍ତି। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଠିନ ପରିଶ୍ରମ କରିବେ। ଅଧିକ ଖର୍ଚ୍ଚ ଚିନ୍ତାର କାରଣ ସାଜିବ।

**ବୃଷ:** ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି। ପରିବାର ସହ ହସଖୁସିରେ ସମୟ ବିତିବ। କୌଣସି କାର୍ଯ୍ୟକୁ ଶେଷ କରିବାରେ ବିଳମ୍ବ ହେବ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। କୋର୍ଟକଚେରୀ ମାମଲାର ଅନ୍ତ ଘଟିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଜାଗା ତଥା ଯାନବାହନ କିଣିପାରନ୍ତି। କର୍ମ ଅନୁସାରେ ଫଳ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** ବାପାମାଆଙ୍କ ସହଯୋଗ ମିଳିବ। ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାରକରଜରୁ ନିବୃତ୍ତ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ମନ ଦେବେ।

# ହର୍ବାଲ୍ ଫେସ୍‌ୱାସ୍



ସାଧାରଣତଃ ଋତୁ ଅନୁଯାୟୀ ତ୍ୱଚାରେ ପରିବର୍ତ୍ତନ ଦେଖାଯାଇଥାଏ। ବିଶେଷ କରି ସମ୍ବେଦନଶୀଳ ତ୍ୱଚା ଥିବା ମହିଳାଙ୍କର ନାନା ସମସ୍ୟା ଯଥା- ମୁହଁରେ ନାଲି ଦାଗ, ଜଳାପୋଡ଼ା ଆଦି ହୋଇଥାଏ। ତେଣୁ ସେନସ୍‌ଟିଭି ତ୍ୱଚା ହୋଇଥିଲେ କୌଣସି ରେଡିମେଡ୍ ଜିନିଷ ନ ଲଗାଇ ଘର ତିଆରି ଗ୍ରୀନ୍ ହର୍ବାଲ ଫେସ୍‌ୱାସ୍ ଲଗେଇ ପାରିବେ।

- ଗ୍ରୀନ ହର୍ବାଲ ଫେସ୍‌ୱାସ୍ ତ୍ୱଚା ପାଇଁ ଖୁବ୍ ଗୁଣକାରୀ। ଏହାକୁ ପ୍ରସ୍ତୁତ କରିବା ମଧ୍ୟ ସହଜ। ଘରେ ଥିବା ସାମଗ୍ରୀକୁ ବ୍ୟବହାର କରି ଏହାକୁ ସହଜରେ ପ୍ରସ୍ତୁତ କରିପାରିବେ।
- ହର୍ବାଲ୍ ଫେସ୍‌ୱାସ୍ ତିଆରି କରିବା ପାଇଁ କିଛି ନିମ୍ବ ପତ୍ର ନେଇ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ପତ୍ରରୁ ସମସ୍ତ ଡାଙ୍ଗ କାଢ଼ି ଶୀଳରେ ବାଟି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ସେହି ପେଷ୍ଟକୁ ସୂତା କପଡ଼ା ସାହାଯ୍ୟରେ ଭଲ କରି ଛାଣି ଦିଅନ୍ତୁ। ପରେ ଛଣା ଯାଇଥିବା ନିମ୍ବ ପାଣିରେ ଗୋଲାପ ଜଳ, ଆଲୋଭେରା ଜେଲ୍ ଓ ମହୁ ମିଶାଇ ଏକ ପ୍ଲାଷ୍ଟିକ୍ କିମ୍ବା କାଚ ସ୍ପ୍ରେ ବଟଲରେ ରଖନ୍ତୁ। ସାଧାରଣ ଫେସ୍‌ୱାସ୍ ଭଳି ଏଥିରେ ଫେଣ ଆଣିବାକୁ ଚାହୁଁଥିଲେ ଯେ କୌଣସି ବେବି ସାବୁନ ବ୍ୟବହାର କରିପାରିବେ।

# ଛଚିନ୍ଦ୍ରା ଲଟ୍‌ପଟ୍

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ଛଚିନ୍ଦ୍ରା – ୫୦୦ ଗ୍ରାମ୍, ଚାଉଳ ଚୂନା – ଏକ କପ୍, ବେସନ – ଅଧା କପ୍, ହଳଦୀଗୁଣ୍ଡ- ଅଧା ଚାମଚ, ଲଙ୍କାଗୁଣ୍ଡ- ଅଧା ଚାମଚ, କଞ୍ଚାଲଙ୍କା- ଦୁଇଗୋଟି, ଟମାଟୋ ପେଷ୍ଟ- ଏକ କପ୍, କଟା ପିଆଜ - ଅଳ୍ପ, କଟା ଅଦା - ଅଳ୍ପ, କଟା ରସୁଣ- ଅଳ୍ପ, ଗରମ ମସଲା- ଏକ ଚାମଚ, ଜିରାଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ-ଏକ ଚାମଚ, ଲୁଣ ଆବଶ୍ୟକତା ଅନୁସାରେ, ତେଲ - ସ୍ୱାଦ ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ



ପ୍ରଥମେ ଛଚିନ୍ଦ୍ରାକୁ ଧୋଇ ସେଥିରୁ ମଞ୍ଜି ବାହାର କରି ଗୋଲ ଗୋଲ କାଟି ରଖନ୍ତୁ। ଏହାପରେ ସେଥିରେ ଚାଉଳ ଗୁଣ୍ଡ, ବେସନ, ଲୁଣ, ହଳଦୀ ଓ ଲଙ୍କାଗୁଣ୍ଡ ଦେଇ ହାତରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଗୋଳାଇ ରଖିଥିବା ଛଚିନ୍ଦ୍ରା ସବୁକୁ ଦେଇ ଛାଣନ୍ତୁ। ଏହା ସୁନେଲି ରଙ୍ଗର ହୋଇଯିବା ପରେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ସେହି କଡ଼େଇରେ ଅଳ୍ପ ତେଲ ଦେଇ ଲଙ୍କା ଗୁଣ୍ଡ ପକାନ୍ତୁ। ଏହାପରେ କାଟି ରଖିଥିବା ପିଆଜ ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଯିବା ପରେ ସେଥିରେ କଟା ଅଦା ରସୁଣ ପକାଇ ଭାଜନ୍ତୁ। ଏହାପରେ ଜିରାଗୁଣ୍ଡ,ଧନିଆ ଗୁଣ୍ଡ ପକାଇ ପିଠାଖଡ଼ିକାରେ ଏପଟସେପଟ କରନ୍ତୁ। ସେଥିରେ କଞ୍ଚାଲଙ୍କା, ଟମାଟୋ ପେଷ୍ଟ, ହଳଦୀ ଓ ଲୁଣ ଦେଇ ଭଲ ଭାବେ କଷନ୍ତୁ। ମସଲା କଷି ହୋଇଯିବା ପରେ ସେଥିରେ ଛାଣି ରଖିଥିବା ଛଚିନ୍ଦ୍ରା ସବୁକୁ ଦିଅନ୍ତୁ। ପିଠାଖଡ଼ିକା ସାହାଯ୍ୟରେ ଭଲ ଭାବେ ଗୋଳାଇ ପ୍ଲେଟ୍‌କୁ କାଢ଼ି ପରଷି ଦିଅନ୍ତୁ ଗରମ ଗରମ 'ଛଚିନ୍ଦ୍ରା ଲଟ୍‌ପଟ୍'।

## ସୁଶ୍ରୀ

# ମାମୁନିଙ୍କ ଚିତ୍ରକଳାରେ କାଳିଆ ଲୀଳା





ବୋଉ, ଭାଇଙ୍କଠୁ ପ୍ରେରଣା – ସେ ପିଲାବେଳୁ ଚିତ୍ର ଆଙ୍କନ୍ତି। ଯାହା ମନକୁ ଆସେ କାଗଜରେ ତାହାକୁ ଅତି ସୁନ୍ଦର ଭାବରେ ଫୁଟାଇ ଦିଅନ୍ତି। ଅବଶ୍ୟ ଏଲାଗି କୌଣସି ସ୍ଥାନରୁ ସେ ବିଧିବଦ୍ଧ ଭାବେ ପ୍ରଶିକ୍ଷଣ ନେଇ ନାହାନ୍ତି। ଘରେ ବୋଉକୁ ଓଷା ବ୍ରତରେ ଝୋଟି ଚିତା ପକାଇବା ତଥା ବଡ଼ ଭାଇଙ୍କୁ ବିଭିନ୍ନ ସୃଜନାତ୍ମକ ଚିତ୍ର ଅଙ୍କନ କରିବାର ଦେଖିଥିଲେ। ସେଇଠୁ ଆରମ୍ଭ ହୁଏ କଳା ପ୍ରତି ଆଗ୍ରହ। ପ୍ରଥମେ ପେନ୍‌ସିଲ୍, ପରେ ପୋଟ୍ରେଏଟ୍ ତଥା ମଣ୍ଡଳା ଓ ଶେଷରେ ଡିଜିଟାଲ ଆର୍ଟରେ ମନଲାଖି ଥିଲା ତାଙ୍କର। ଡିଜିଟାଲ ଆର୍ଟ ସେ ପ୍ରଥମେ ଇନ୍‌ଷ୍ଟାଗ୍ରାମରେ ଦେଖିଥିଲେ। ଯାହା ତାଙ୍କୁ ଖୁବ୍ ଆକର୍ଷିତ କରିଥିଲା। କରୋନା ସମୟରେ ସମୟର ସଦୁପଯୋଗ କରି ସେ ଏହି ଡିଜିଟାଲ ଆର୍ଟକୁ ନେଇ ବହୁ ପରୀକ୍ଷାନିରୀକ୍ଷା କରିଥିଲେ। ୟୁଟ୍ୟୁବ୍ ଦେଖି ସେଥିରୁ ଶିଖି ଫୋନ୍‌ରେ ଆର୍ଟ କରିବା ଆରମ୍ଭ କଲେ। ୨୦୨୨ ମସିହାରେ ନୀଳାଦ୍ରିବିଜେ ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରସଗୋଲା ଭୋଗର ଏକ ଡିଜିଟାଲ ଆର୍ଟ କରି ବିଭିନ୍ନ ପେଜ୍‌ରେ ଏହାକୁ ସେୟାର କରିଥିଲେ।

### ବିଶେଷ ଦିନରେ କଳାକୃତି

ସବୁ ବେଳେ ନୁହେଁ, ବରଂ ବିଶେଷ ଦିନମାନଙ୍କରେ ସେ ଏହି କଳାକୃତି କରିଥାନ୍ତି। ଜଗନ୍ନାଥଙ୍କ ରଥଯାତ୍ରା, ସ୍ନାନ ପୂର୍ଣ୍ଣିମା, ସୁନାବେଶ, ଓ ନୀଳାଦ୍ରିବିଜେ ସମେତ ଗଣେଶ ପୂଜା, ରାକ୍ଷୀପୂର୍ଣ୍ଣିମା ଆଦି ପର୍ବପର୍ବାଣି ଅବସରରେ ସେ ଡିଜିଟାଲ ଆର୍ଟ ମାଧ୍ୟମରେ ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଥାନ୍ତି।

### ଫେସ୍‌ଆର୍ଟ ପାଇଁ ଆଗୁଆ ବରାଦ

ବଦଳୁଥିବା ସମୟକୁ ଦୃଷ୍ଟିରେ ରଖି ଡିଜିଟାଲ ଆର୍ଟକୁ ନେଇ ସେ ବ୍ୟବସାୟ ଆରମ୍ଭ କରିଥିବା କହିଛନ୍ତି। ଜନ୍ମଦିନ ତଥା ବିବାହ ବାର୍ଷିକ ଉତ୍ସବରେ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଡିଜିଟାଲ ଫେସ୍‌ଆର୍ଟ କରି ତାଙ୍କୁ ଦେଇଥାନ୍ତି। ଏଥି ପାଇଁ ଗ୍ରାହକମାନେ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ 'ମାମୁନି କ୍ରିଏସନ୍' ମାଧ୍ୟମରେ ଆଗୁଆ ବରାଦ ଦେଇଥାନ୍ତି। ଆର୍ଟ ଅନୁଯାୟୀ ଦର ଅଲଗା ରହିଥାଏ। ଏକାକୀ ଆର୍ଟର ମୂଲ୍ୟ ୩୦୦ ଟଙ୍କାରୁ ଆରମ୍ଭ। ସେହିପରି ଗୋଟିଏ ଫ୍ରେମରେ ଯୋଡ଼ି ଆର୍ଟ କଲେ ୬୦୦ ଟଙ୍କା ଦେବାକୁ ପଡ଼ିଥାଏ।

### କାଳିଆ କଳାକୃତିରେ ଆନନ୍ଦ

ବିଭିନ୍ନ ପ୍ରକାର ଆର୍ଟ କରୁଥିଲେ ହେଁ, ଜଗନ୍ନାଥଙ୍କ ଆର୍ଟ କରିବାକୁ ତାଙ୍କୁ ବେଶୀ ଭଲଲାଗେ। ମନକୁ ଏକ ପ୍ରକାର ଶାନ୍ତି ମିଳେ ବୋଲି କହିଛନ୍ତି ସେ। ଆପଣାଛାଏଁ କେତେ ଭାବଭରା ପ୍ରତିମୂର୍ତ୍ତି ଆଖି ଆଗରେ ନାଚି ଉଠେ। ମନରେ ଏକ ପ୍ରକାର ଆନନ୍ଦର ଲହରୀ ଖେଳିଯାଏ। ମହାବାହୁଙ୍କର ବିଭିନ୍ନ ଭାବଭରା ଚିତ୍ର ଅଙ୍କନ କରି ତାହାକୁ ବିଭିନ୍ନ ପେଜ୍‌କୁ ସେୟାର କରିବା ସହ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ମାମୁନି କ୍ରିଏସନ୍‌ରେ ପୋଷ୍ଟ କରିଥାନ୍ତି।

### ଆଗାମୀ ଲକ୍ଷ୍ୟ

ପେସାରେ ଅଧ୍ୟାପିକା ହେବାକୁ ଚାହୁଁଥିଲେ ହେଁ, ନିଶା ଭାବେ ସର୍ବଦା ଏହି କଳାକୃତି ଜାରି ରଖିବେ ବୋଲି କହିଛନ୍ତି ସେ।



ପିଲାବେଳୁ ଚିତ୍ର କଳା ପ୍ରତି ଥିଲା ଗଭୀର ଆଗ୍ରହ। ହାତରେ ରଙ୍ଗତୂଳୀ ଧରି ଆପଣାଛାଏଁ ଆଙ୍କୁଥିଲେ ଚିତ୍ର। କେତେବେଳେ ଫୁଲ ଫଳ, ତ ପୁଣି କେବେ ପାହାଡ଼, ଜଙ୍ଗଲ ଘେରା ପ୍ରାକୃତିକ ଦୃଶ୍ୟ। କିନ୍ତୁ, ଧୀରେ ଧୀରେ ଏହି ରୁଚି ପାଲଟି ଯାଏ ନିଶା। ସମୟ ବଦଳିବା ସହ ବଦଳିଯାଏ, ଚିତ୍ର କରିବାର ତରିକା। ଡ୍ରଇଁ ଖାତା ଓ ତୂଳୀର ସ୍ଥାନ ନିଏ ଡିଜିଟାଲ ଆର୍ଟ। ମନ, ଧ୍ୟାନ ଦେଇ ଫୋନ୍‌ରେ ଆଙ୍କନ୍ତି ବିଶ୍ୱନିୟନ୍ତାଙ୍କ ବିଶ୍ୱରୂପ। କାଳିଆ ଭାବରେ ବିମୋହିତ ହୋଇ ପର୍ବପର୍ବାଣିକୁ ଅନୁକରଣ କରି ଆଙ୍କନ୍ତି କାଳିଆ ସାଆନ୍ତଙ୍କ କଳାକୃତି। ଜଗତର ନାଥ ଜଗନ୍ନାଥଙ୍କ ଭାବଆବେଗକୁ ଡିଜିଟାଲ ଆର୍ଟରେ ଅଙ୍କନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ପୁରୀ ସହର ଗଣାମଲ୍ଲ ସାହିର ମାମିନା ପାଟଯୋଶୀ।

## ୟୁରୋକପ୍ ଫୁଟବଲ୍: ଫ୍ରାନ୍ସ ୧-୨ ଗୋଲ୍‌ରେ ପରାସ୍ତ

# ୧୨ ବର୍ଷ ପରେ ଫାଇନାଲ ଖେଳିବ ସ୍ପେନ୍



**ମ୍ୟୁନିକ୍,୧୦।୭(ଏଜେନ୍ସି):** ଚଳିତ ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅନ୍ୟତମ ସଫଳ ଦଳ ସ୍ପେନ୍ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବିଲାରେ ସ୍ପେନ୍ ୨-୧ ଗୋଲରେ ଫ୍ରାନ୍ସକୁ ପରାସ୍ତ କରି ଚତୁର୍ଥଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଆଲିଆଞ୍ଜ ଏରିନାରେ ଅନୁଷ୍ଠିତ ଏହି ନିର୍ଣ୍ଣାୟକ ମ୍ୟାଚ୍ ବେଶ୍ ନାଟକୀୟ ଥିଲା। ସ୍ପେନ୍ ଏବେ ରବିବାର ଟାଇଟଲ ପାଇଁ ଦ୍ୱିତୀୟ ସେମିଫାଇନାଲ ବିଜେତା ନେଦରଲାଣ୍ଡସ କିମ୍ବା ଗତ ସଂସ୍କରଣର ରନର୍ସଅପ୍ ଇଂଲଣ୍ଡକୁ ଭେଟିବ। ପୂର୍ବରୁ ସ୍ପେନ୍ ୧୯୬୪, ୨୦୦୮ ଓ ୨୦୧୨ରେ ଚାମ୍ପିଅନ ହୋଇଥିଲା ଓ ୧୯୮୪ରେ ଫ୍ରାନ୍ସଠାରୁ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଏହି ବିଜୟ ସହ ସ୍ପେନ୍ ୧୯୮୪ ୟୁରୋକପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେଇଛି। ୨୦୧୨ରେ ଇଟାଲୀକୁ ହରାଇ ସ୍ପେନ୍ ଶେଷଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା।

### ୪ ମିନିଟ୍‌ରେ ଦୁଇଟି ଗୋଲ୍ ଦେଲା ସ୍ପେନ୍

୧୬ ବର୍ଷୀୟ ରାଇଟ୍ ୱିଙ୍ଗର ଲାମାଇନ୍ ୟମଲ ଓ ୨୬ ବର୍ଷୀୟ ମିଡ୍‌ଫିଲ୍ଡର ଡାନି ଓଲମୋ ସ୍ପେନ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଦୁଇ ଖେଳାଳି ଦଳ ପାଇଁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ୯ମ ମିନିଟ୍‌ରେ ୨୫ ବର୍ଷୀୟ ଷ୍ଟ୍ରାଇକର ରାଣ୍ଡାଲ କୋଲୋ ମୁଆନୀ ଏକ ଚମତ୍କାର ଗୋଲ ଦେଇ ଫ୍ରାନ୍ସକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ୧୫ ମିନିଟ୍ ପରେ ୟାମାଲ ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାର ୩ ମିନିଟ୍ ପରେ ଡାନି ଗୋଲ ଦେଇ ସ୍ପେନକୁ ଅଗ୍ରଣୀ କରାଇଥିଲେ। ମାତ୍ର ୪ ମିନିଟ୍‌ରେ ଦୁଇଟି ଗୋଲ ଦେଇ ସ୍ପେନ୍ ଅଗ୍ରଣୀ ହୋଇଥିଲା। ଏହାପରେ ଫ୍ରାନ୍ସ ଗୋଲ ପରିଶୋଧ କରିବାକୁ ପ୍ରାଣପଣେ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ନଥିଲା। ଫଳରେ ଶେଷରେ ସ୍ପେନ ବାଜି ମାରିଥିଲା। ସଟ୍ ଓ ସଟ୍ ଅନ୍ ଟାର୍ଗେଟ୍‌ରେ ଫ୍ରାନ୍ସ ଆଗରେ ରହିଥିଲେ ମଧ୍ୟ ସ୍ପେନ୍ ଅଧିକ ସମୟ ବଲ୍‌କୁ ନିଜ ପାଖରେ ରଖିଥିଲା। ନିର୍ଭୁଲ ପାସ୍ ଓ ପାସ୍‌ରେ ସ୍ପେନ୍ ଆଗରେ ରହିଥିଲା। ଫ୍ରାନ୍ସ କେତୋଟି ସୁଯୋଗ ହାତଛଡ଼ା କରିଥିଲା ଓ ଫଳରେ ମୂଲ୍ୟ ଦେଇଥିଲା।

### ୟମଲ ସର୍ବକନିଷ୍ଠ ଗୋଲ ସ୍କୋରର

୨୧ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିବା ଲାମାଇନ୍ ୟମଲ ୟୁରୋକପ୍ ଇତିହାସର ସର୍ବକନିଷ୍ଠ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। ୧୬ବର୍ଷ ୩୬୨ ଦିନ ବୟସରେ ସେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ ୨୦୦୪ ୟୁରୋକପ୍‌ରେ ସ୍ୱିଜରଲାଣ୍ଡର ଜୋହାନ ଭୋନଲାଥେନ୍ ୧୮ ବର୍ଷ ୧୪୧ ଦିନରେ ଫ୍ରାନ୍ସ ବିପକ୍ଷରେ ଗୋଲ ଦେଇ ସର୍ବକନିଷ୍ଠ ଗୋଲ ସ୍କୋରର ବିବେଚିତ ହୋଇଥିଲେ। ଜୁଲାଇ ୧୩ ଅର୍ଥାତ ଆଉ ମାତ୍ର ୩ ଦିନ ପରେ ୟମଲ ୧୭ ବର୍ଷରେ ପଦାର୍ପଣ କରିବେ। ୟମଲ ମଧ୍ୟ ସର୍ବକନିଷ୍ଠ ଖେଳାଳି ଭାବେ ୟୁରୋକପ୍ ଖେଳୁଛନ୍ତି। ଚଳିତ ୟୁରୋକପ୍‌ରେ ସେ ୩ଟି ଆସିଷ୍ଟ କରି ଯୁଗ୍ମ ଅଗ୍ରଣୀ ରହିଛନ୍ତି ଓ ସବୁଠାରୁ ଚର୍ଚ୍ଚିତ ଖେଳାଳି ବିବେଚିତ ହୋଇଛନ୍ତି।

### ଦୁଇଥର ଟାଇଟଲ ଜିତିଛି ଫ୍ରାନ୍ସ

୨୦୨୨ କତାର ଫିଫା ବିଶ୍ୱକପ୍ ଫାଇନାଲରେ ଆର୍ଜେଣ୍ଟିନାଠାରୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିବା ସ୍ପେନ୍ ୟୁରୋକପ୍ ଫାଇନାଲକୁ ଉଠିବାର ବିଫଳ ହୋଇଛି। ଫଳରେ ଫ୍ରାନ୍ସ ତାରକା ଫୁଟବଲ କିଲିଆନ ଏମ୍‌ବାପ୍ପେ ଓ ଦେଶର ଲକ୍ଷ ଲକ୍ଷ ପ୍ରଶଂସକ ନିରାଶ ହୋଇଛନ୍ତି। ଏଥର ୟୁରୋକପ୍‌ରେ ଫ୍ରାନ୍ସ ବିଫଳ ହୋଇଛି ବୋଲି ଏମ୍‌ବାପ୍ପେ ସ୍ୱୀକାର କରିଛନ୍ତି। ପୂର୍ବରୁ ଫ୍ରାନ୍ସ ୧୯୮୪ ଓ ୨୦୦୦ରେ ୟୁରୋକପ୍ ଚାମ୍ପିଅନ ହୋଇଥିବା ବେଳେ ୨୦୧୬ରେ ପର୍ତ୍ତୁଗାଲଠାରୁ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା।

## ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କଲେ ରାଷ୍ଟ୍ରପତି




**ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ପ୍ରତିଯୋଗିତା ଡୁରାଣ୍ଡ କପ୍‌ର ୧୩୩ତମ ସଂସ୍କରଣ ଚଳିତ ମାସ ୨୭ରୁ ଦେଶର ୪ଟି ଭେନ୍ୟୁରେ ଆରମ୍ଭ ହେବାକୁ ଯାଉଛି। ବୁଧବାର ରାଷ୍ଟ୍ରପତି ଭବନର କଲଚରାଲ ସେଣ୍ଟରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ସଂସ୍କରଣର ଡୁରାଣ୍ଡ କପ୍ ଟ୍ରଫି ସମେତ 'ଦି ପ୍ରେସିଡେଣ୍ଟ କପ୍' ଓ 'ସିମଲା ଟ୍ରଫି'କୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଫୁଟ୍‌ବଲକୁ ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ବୋଲି ଅଭିହିତ କରିବା ସହ ଡୁରାଣ୍ଡ କପ୍‌ରେ ଅଂଶଗ୍ରହଣ କରିବାକୁ ଥିବା ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆୟୋଜକ ଭାରତୀୟ ଆର୍ମିର ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

ଏହି ସମ୍ମାନଜନକ ପ୍ରତିଯୋଗିତା ଚଳିତ ବର୍ଷ ଦେଶର ୪ଟି ସହର କୋଲକାତା, କୋକ୍ରାଝର (ଆସାମ), ସିଲଂ (ମେଘାଳୟ) ଓ ଜାମସେଦପୁରରେ ଆୟୋଜିତ ହେବ। ଏଥିରେ ଇଣ୍ଡିଆନ ସୁପର୍ ଲିଗ୍‌ର ୧୩ ଦଳ ସମେତ ମୋଟ୍ ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ଏକମାତ୍ର ଦଳ ଭାବେ ଓଡ଼ିଶା ଏଫ୍‌ସି ଗ୍ରୁପ୍-ଇ'ରେ ସ୍ଥାନ ପାଇଛି। ଗତ ବର୍ଷ ଇଷ୍ଟ ବେଙ୍ଗଲକୁ ପରାସ୍ତ କରି ମୋହନବାଗାନ ଚାମ୍ପିଅନ ହୋଇଥିଲା। ପ୍ରକାଶଯୋଗ୍ୟ, ଭାରତର ସ୍ୱର୍ଗୀୟ ବୈଦେଶିକ ସଚିବ (୧୮୮୪ରୁ ୧୮୯୪) ସାର୍ ହେନରୀ ମୋର୍ଟିମର୍ ଡୁରାଣ୍ଡଙ୍କ ନାମ ଅନୁସାରେ ଡୁରାଣ୍ଡ କପ୍ ଆୟୋଜିତ ହେଇଆସୁଛି। ୧୮୮୮ରେ ସିମଲାରେ ଏହାର ପ୍ରଥମ ସଂସ୍କରଣ ଖେଳାଯାଇଥିଲା।

## ପାକ୍ କ୍ରିକେଟ ଚୟନକର୍ତ୍ତା
# ରିଆଜ୍ ଓ ରଜାକ୍ ବହିଷ୍କୃତ

**କରାଚି, ୧୦।୭(ଏଜେନ୍ସି):** ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନର ଖରାପ ପ୍ରଦର୍ଶନ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଜାତୀୟ ବରିଷ୍ଠ ଚୟନକର୍ତ୍ତା ୱାହାବ ରିଆଜ୍ ଓ ଅବଦୁଲ ରଜାକ୍‌ଙ୍କୁ ବହିଷ୍କୃତ କରିଛି। ଏହା ଫଳରେ ୭ଜଣିଆ ଚୟନ କମିଟି ଏବେ ୫କୁ ଖସିଆସିଛି। ଉଭୟ ଚୟନକର୍ତ୍ତା ଦୀର୍ଘଦିନ ଧରି ଦାୟିତ୍ୱରେ ରହିଥିଲେ। କିନ୍ତୁ ପାକିସ୍ତାନ ଟି-୨୦ ବିଶ୍ୱକପ୍‌ରେ ନିଜ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟରୁ ବିଦା ହେବା ଘଟଣାକୁ କ୍ରିକେଟ ବୋର୍ଡ ଓ ସମର୍ଥକ ଭଲ ଭାବେ ଗ୍ରହଣ କରିନାହାନ୍ତି। ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ପାକିସ୍ତାନ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ଆୟୋଜକ ଆମେରିକା ନିକଟରୁ ସୁପର ଓଭରରେ ପରାଜିତ ହୋଇଥିଲା। ଫଳରେ ଗ୍ରୁପ୍‌ରେ ତୃତୀୟ ସ୍ଥାନ ଅଧିକାର କରି ପାକିସ୍ତାନ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପାରି ନ ଥିଲା। ଏହି ପ୍ରଦର୍ଶନ ପରେ ପାକିସ୍ତାନ କ୍ରିକେଟରେ ଆହୁରି ଅନେକ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି। ଏହା ମଧ୍ୟରେ ପାକିସ୍ତାନ ଚୟନ କମିଟିରେ ଅନେକ ବିଶିଷ୍ଟ ଖେଳାଳି ଅଳ୍ପ ସମୟ ଲାଗି ଦାୟିତ୍ୱରେ ରହି ବିଦା ହୋଇଛନ୍ତି। ସେମାନଙ୍କ ମଧ୍ୟରେ ରିଆଜ ଓ ରଜାକଙ୍କ ବ୍ୟତୀତ ମହମ୍ମଦ୍ ୱାସିମ୍, ଶାହିଦ୍ ଆଫ୍ରିଦୀ, ଇଞ୍ଜାମାମ୍ ଉଲ୍ ହକ୍, ହାରୁନ ରଶିଦ୍ ଓ ମିସ୍‌ବା ଉଲ ହକ୍ ଅନ୍ୟତମ। ଏମାନେ କାର୍ଯ୍ୟକାଳ ଶେଷ କରିବା ପୂର୍ବରୁ ବିଦା ହୋଇଛନ୍ତି। ଏବେ ହେଡ କୋଚ୍ ଗ୍ୟାରୀ କିର୍ଷ୍ଟନ ଦିନିକିଆ ଓ ଟି-୨୦ ଦଳର, ଜେସନ ଗିଲେସ୍ପି ଟେଷ୍ଟ ଦଳର ମୁଖ୍ୟ ଚୟନକର୍ତ୍ତା ରହିଛନ୍ତି। ଅଧିନାୟକ ବାବର ଆଜମ, ମହମ୍ମଦ୍ ୟୁସୁଫ୍, ଅସାଦ ସଫିକ୍ ଓ ଡାଟା ଆନାଲିଷ୍ଟ ବିଲାଲ ଅଫଜଲ ସଦସ୍ୟ ରହିଛନ୍ତି।

## କଳିଙ୍ଗରେ ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଉଦ୍‌ଘାଟିତ




**ଭୁବନେଶ୍ୱର, ୧୦।୭ (ସମିସ):** କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଥିବା ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ବୁଧବାର ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଟୁର୍ଣ୍ଣାମେଣ୍ଟ (ଜୋନ-ଏ) ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଭାରୋତ୍ତୋଳନ ମହାସଂଘ, ରାଜ୍ୟ ସଂଘ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ରବିବାର ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୧ଟି ରାଜ୍ୟ ଓ ନ୍ୟାସନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ (ଏନ୍‌ସିଓଇ)ର ମୋଟ୍ ୧୫୦ଜଣ ଭାରୋତ୍ତୋଳିକା ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଘରୋଇ ଓଡ଼ିଶାରୁ ୨୨ ଜଣ ଭାରୋତ୍ତୋଳିକା ପଦକ ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଯୁବା, କନିଷ୍ଠ ଓ ବରିଷ୍ଠ ବିଭାଗର ବିଭିନ୍ନ ଓଜନବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର୍ ଭିନୀଲ କ୍ରିଷ୍ଣା, ଭାରତୀୟ ଭାରୋତ୍ତୋଳନ ମହାସଂଘର ସମ୍ପାଦକ ଆନନ୍ଦ ଗୌଡ଼ା, ରାଜ୍ୟ ସଂଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାର ବିଜେତା କେ. ରବିକୁମାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନଜନକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

## ୭୫ ବର୍ଷରେ ସୁନିଲ ଗାଭାସ୍କର



**ନୂଆଦିଲ୍ଲୀ,୧୦।୭ (ଏଜେନ୍ସି):** ବିଂଶ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ବିବେଚିତ ହେଉଥିବା ସୁନିଲ ଗାଭାସ୍କର ବୁଧବାର (ଜୁଲାଇ ୧୦) ୭୫ ବର୍ଷରେ ପଦାର୍ପଣ କରିଛନ୍ତି। 'ଲିଟିଲ ମାଷ୍ଟର' ଭାବେ ପରିଚିତ ଗାଭାସ୍କରଙ୍କୁ ଏହି ଅବସରରେ ସାରା ବିଶ୍ୱରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି କିମ୍ବଦନ୍ତୀ ଓପନିଂ ବ୍ୟାଟର୍ ୧୯୭୧ରୁ ୧୯୮୭ ପର୍ଯ୍ୟନ୍ତ ଭାରତ ପାଇଁ ୧୨୫ ଟେଷ୍ଟ ଓ ୧୦୮ ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୧୦୧୨୨ ଓ ୩୦୯୨ ରନ ସଂଗ୍ରହ କରିଥିଲେ। ଉଭୟ ଫର୍ମାଟ୍‌ରେ ୩୫ ଶତକ ଓ ୭୨ ଅର୍ଦ୍ଧଶତକ ତାଙ୍କ ନାମରେ ଲିପିବଦ୍ଧ ରହିଛି। ବିଶ୍ୱର ପ୍ରଥମ ଖେଳାଳି ଭାବେ ସେ ଟେଷ୍ଟ ଫର୍ମାଟ୍‌ରେ ୧୦ ହଜାର ରନ୍ ଓ ୩୦ ଶତକ ପୂରଣ କରିବାର କୀର୍ତ୍ତିମାନ ସ୍ଥାପନ କରିଥିଲେ। ଗାଭାସ୍କରଙ୍କ ବିଷୟରେ ଏକ କୌତୁହଳର କଥା ହେଉଛି ସେ ଅଫିସିଆଲ୍ ଭାବେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରି ନ ଥିଲେ। ୧୯୮୭ ନଭେମ୍ବର ୫ରେ ୱାଙ୍ଖେଡେ ଷ୍ଟାଡିୟମରେ ଇଂଲଣ୍ଡ ବିପକ୍ଷ ଏକଦିବସୀୟ ମ୍ୟାଚ୍ ଖେଳି ସାରିବା ପରେ ସେ ଚୟନକର୍ତ୍ତାଙ୍କୁ ଏହି ମୁକାବିଲା ପରେ ଆଉ ଉପଲବ୍ଧ ହେବେ ନାହିଁ ବୋଲି ଜଣାଇ ଦେଇଥିଲେ। ଏହା ହିଁ ତାଙ୍କର ଶେଷ ଅର୍ନ୍ତଜାତୀୟ ମ୍ୟାଚ୍ ଥିଲା। ସେବେଠାରୁ ଭାଷ୍ୟକାର ଭାବେ ସେ କ୍ରିକେଟ୍‌ରେ ଦ୍ୱିତୀୟ ପାଳି ଆରମ୍ଭ କରିଥିଲେ। ବର୍ତ୍ତମାନ ମଧ୍ୟ ସେ ଭାଷ୍ୟକାର ଭାବେ କ୍ରୀଡ଼ା ଚ୍ୟାନେଲ ସହ ଜଡ଼ିତ ରହିଛନ୍ତି।

## ୩ଟି ଦେଶରେ ଭାରତୀୟ ଦୌଡ଼କୁଦ ଦଳର ପ୍ରଶିକ୍ଷଣ

**ପ୍ୟାରିସ ଅଲିମ୍ପିକ୍ସ ଆଉ ୧୪ ଦିନ**


ନୀରଜ ଚୋପ୍ରା

**ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ୨ ସପ୍ତାହରୁ କମ୍ ସମୟ ରହିଛି। ବିଶ୍ୱ କ୍ରୀଡ଼ାର ଏହି ମହାକୁମ୍ଭରେ ଅଂଶଗ୍ରହଣ କରିବା ଲାଗି ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଭାରତର ୩୦ ଜଣ ଆଥ୍‌ଲେଟ ଯୋଗ୍ୟତା ଅର୍ଜନ କରିଛନ୍ତି। ଯୋଗ୍ୟତା ଅର୍ଜନ କରିଥିବା ଏହି ୩୦ ଜଣିଆ ଆଥ୍‌ଲେଟିକ୍ସ ଦଳ ଏବେ ଭିନ୍ନ ଭିନ୍ନ ଭାଗରେ ବିଭକ୍ତ ହୋଇ ୩ଟି ଦେଶରେ ଅଭ୍ୟାସ ଚଳାଇଛନ୍ତି। ପୋଲାଣ୍ଡର ଅଲିମ୍ପିକ ସ୍ପୋର୍ଟ୍ସ ସେଣ୍ଟର, ତୁର୍କୀ ଏବଂ ସୁଇଜରଲାଣ୍ଡରେ ଭାରତୀୟ ଆଥ୍‌ଲେଟ୍‌ମାନେ ଅଭ୍ୟାସ ଜାରି ରଖିଛନ୍ତି। ଜୁଲାଇ ୨୮ରେ ସମସ୍ତ ଆଥ୍‌ଲେଟ୍ ପ୍ୟାରିସରେ ଏକାଠି ହେବେ ବୋଲି ଭାରତୀୟ ଆଥ୍‌ଲେଟିକ୍ସ ଦଳର ମୁଖ୍ୟ ପ୍ରଶିକ୍ଷକ ରାଧାକ୍ରିଷ୍ଣନ ନାୟର ସୂଚନା ଦେଇଛନ୍ତି। ଅଗଷ୍ଟ ୧ ତାରିଖରୁ ପ୍ୟାରିସ ଅଲିମ୍ପିକ୍ସର ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଆରମ୍ଭ ହେବ।

ଭାରତୀୟ ଦଳର ତାରକା ଆଥ୍‌ଲେଟ ତଥା ଅଲିମ୍ପିକ ଓ ବିଶ୍ୱଚାମ୍ପିଅନ ନୀରଜ ଚୋପ୍ରା ତୁର୍କୀର ଅଣ୍ଟାଲ୍ୟାରେ ପ୍ରଶିକ୍ଷଣ ନେଉଛନ୍ତି। ସେହିଭଳି ଓଡ଼ିଆ ଜାଭେଲିନ୍ ଫିଙ୍ଗାଳି କିଶୋର କୁମାର ଜେନା, ଜ୍ୟୋତି ୟାରାଜୀ (୧୦୦ମି. ହର୍ଡଲ୍ସ), ଜେସ୍ୱିନ ଆଲଡ୍ରିନ (ଲଙ୍ଗ ଜମ୍ପ) ଓ ପ୍ରବୀଣ ଚିତ୍ରଭେଲ (ଟ୍ରିପଲଜମ୍ପ) ଚଳିତ ସପ୍ତାହ ପ୍ରାରମ୍ଭରେ ପୋଲାଣ୍ଡରେ ପହଞ୍ଚି ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଗୁରୁବାର ଅନୁ ରାଣୀ (ଜାଭେଲିନ), ତାଜିନ୍ଦର ପାଲ୍ ତୁର୍ ଓ ଆଭା ଖଟୁଆ (ଉଭୟ ଶଟ୍ ପୁଟ୍) ପୋଲାଣ୍ଡ ଅଭିମୁଖେ ଗସ୍ତ କରିବେ ବୋଲି ମୁଖ୍ୟ ପ୍ରଶିକ୍ଷକ ରାଧାକ୍ରିଷ୍ଣନ କହିଛନ୍ତି।

## ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍
# ଦ୍ୱିତୀୟରେ ସୂର୍ଯ୍ୟ

**ଦୁବାଇ, ୧୦।୭(ଏଜେନ୍ସି):** ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତର ସୂର୍ଯ୍ୟକୁମାର ଯାଦବ ପୂର୍ବପରି ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ ୮୪୪ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲାବେଳେ ସୂର୍ଯ୍ୟଙ୍କ ପଏଣ୍ଟ ସଂଖ୍ୟା ୮୨୧ ରହିଛି। ଏମାନଙ୍କ ପଛକୁ ଇଂଲଣ୍ଡର ଫିଲିପ୍ ସଲ୍ଟ (୭୯୭), ପାକିସ୍ତାନର ବାବର ଆଜମ (୭୫୫), ମହମ୍ମଦ୍ ରିଜୱାନ (୭୪୬) ଓ ଇଂଲଣ୍ଡ ଅଧିନାୟକ ଜୋଶ ବଟ୍ଲର (୭୧୬) ଯଥାକ୍ରମେ ତୃତୀୟରୁ ଷଷ୍ଠ ସ୍ଥାନ ଅଧିକାର କରିଛି। ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟି-୨୦ରେ ୪୭ ବଲ୍‌ରୁ ଅପରାଜିତ ୭୭ ରନ୍ କରିଥିବା ଋତୁରାଜ ଗାଏକୱାଡଙ୍କର ୧୩ଟି ସ୍ଥାନରେ ଉନ୍ନତି ଘଟିଛି। ଭାରତର ରିଙ୍କୁ ସିଂ ୩୯ତମ ଓ ଅଭିଷେକ ଶର୍ମା ୭୫ତମ ସ୍ଥାନକୁ ଉନ୍ନିତ ହୋଇଛନ୍ତି। ବୋଲିଂର ଶୀର୍ଷ ମାନ୍ୟତା ଅପରିବର୍ତ୍ତିତ ରହିଥିଲାବେଳେ ଟପ୍ ୧୦ରେ କୌଣସି ଭାରତୀୟ ଖେଳାଳି ସ୍ଥାନ ପାଇ ନାହାନ୍ତି।

## କୋପା ଆମେରିକା ଫୁଟବଲ
# ମେସିଙ୍କ ଗୋଲ୍; ଫାଇନାଲରେ ଆର୍ଜେଣ୍ଟିନା

**ନ୍ୟୁଜର୍ସି,୧୦।୭(ଏଜେନ୍ସି)**




ଡିଫେଣ୍ଡିଂ ଚାମ୍ପିଅନ ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ଚଳିତ କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ଆର୍ଜେଣ୍ଟିନା ୨-୦ ଗୋଲରେ ପଦାର୍ପଣ କରିଥିବା କାନାଡାକୁ ପରାସ୍ତ କରି କ୍ରମାଗତ ତୃତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗ୍ରୁପ୍ ଏ'ର ପ୍ରଥମ ମ୍ୟାଚ୍‌ରେ ମଧ୍ୟ ଆର୍ଜେଣ୍ଟିନା ୨-୦ ଗୋଲରେ କାନାଡାକୁ ହରାଇଥିଲା। ଆର୍ଜେଣ୍ଟିନା ସାରା ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଆର୍ଜେଣ୍ଟିନା ପ୍ରଥମେ କାନାଡାକୁ, ଦ୍ୱିତୀୟ ମ୍ୟାଚ୍‌ରେ ଚିଲିକୁ ୧-୦ ଗୋଲରେ, ତୃତୀୟ ମ୍ୟାଚ୍‌ରେ ୨-୦ ଗୋଲରେ ପେରୁ ହରାଇବା ପରେ କ୍ୱାର୍ଟରଫାଇନାଲରେ ଇକ୍ୱେଡରକୁ ପେନାଲ୍ଟି ସୁଟ୍ ଆଉଟ୍‌ରେ ୪-୨ ଗୋଲରେ ପରାସ୍ତ କରିଥିଲା। ଆର୍ଜେଣ୍ଟିନା ଏବେ ଟାଇଟଲ ପାଇଁ ଫାଇନାଲ ମ୍ୟାଚ୍‌ରେ ଗୁରୁବାର ସକାଳେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ବିଜେତା ଉରୁଗ୍ୱେ କିମ୍ବା କଲମ୍ବିଆକୁ ଭେଟିବ। ଫାଇନାଲ ମ୍ୟାଚ୍ ସୋମବାର ଫ୍ଲୋରିଡାସ୍ଥିତ ମିଆମି ଗାର୍ଡେନ୍ସର ହାର୍ଡରକ ଷ୍ଟାଡିୟମରେ ଖେଳାଯିବ। ବୁଧବାର ସକାଳେ ସ୍ଥାନୀୟ ମେଟ୍‌ଲାଇଫ୍ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କାନାଡା ବିପକ୍ଷରେ ଆର୍ଜେଣ୍ଟିନା ପ୍ରଭାବବିସ୍ତାର କରି ଖେଳିଥିଲା। ଅବଶ୍ୟ ଆର୍ଜେଣ୍ଟିନା ଫେବରାଇଟ୍ ବିବେଚିତ ହେଉଥିଲା। ଦଳ ତରଫରୁ ୨୨ତମ ମିନିଟ୍‌ରେ ୨୪ ବର୍ଷୀୟ ଫରୱାର୍ଡ ଜୁଲିଆନ୍ ଆଲଭାରେଜ୍ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ଏହାପରେ ସୁପରଷ୍ଟାର ଲିଓନେଲ ମେସି ୫୧ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ୨-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଆର୍ଜେଣ୍ଟିନା ରକ୍ଷଣଭାଗକୁ କାନାଡା ଖେଳାଳି ଭେଦ କରିପାରି ନଥିଲେ। ଫଳରେ କାନାଡା ଗୋଲ ଦେବାରେ ସଫଳ ହୋଇ ନଥିଲା। କିନ୍ତୁ କାନାଡାର ଡିଫେନ୍ସ ଭଲ ପ୍ରଦର୍ଶନ କରିଥିଲା। ନହେଲେ ଆର୍ଜେଣ୍ଟିନା ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥାନ୍ତା। ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେଇଥିଲା କାନାଡା। ପାସ୍ ଆକ୍ୟୁରେସିରେ କାନାଡା ସମାନ୍ୟ ଆଗରେ ରହିଥିଲା। କିନ୍ତୁ ଆର୍ଜେଣ୍ଟିନା ସଟ୍, ସଟ୍ ଅନ୍ ଟାର୍ଗେଟ, ବଲ୍ ପେଜସନ ଓ ପାସ୍‌ରେ ପାଦେ ଆଗରେ ରହିଥିଲା।

### ମେସି ବିଶ୍ୱର ଦ୍ୱିତୀୟ ସର୍ବାଧିକ ଗୋଲ୍ ସ୍କୋରର୍

ସେମିଫାଇନାଲରେ ଦ୍ୱିତୀୟ ଗୋଲ ଦେବା ସହ ୩୭ ବର୍ଷୀୟ ଲିଓନେଲ ମେସି ବିଶ୍ୱର ଦ୍ୱିତୀୟ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। ଏଥିସହ ସେ କୋପା ଆମେରିକାର ୧୪ତମ ଗୋଲ ସ୍କୋର କରିଛନ୍ତି। ଆର୍ଜେଣ୍ଟିନା ପାଇଁ ୧୮୬ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସେ ୧୦୯ଟି ଗୋଲ ସ୍କୋର କରି ଏହି ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଏହି କ୍ରମରେ ସେ ଇରାନର ଅଲି ଦାଏଇ (୧୦୮ ଗୋଲ)ଙ୍କୁ ପଛରେ ପକାଇଛନ୍ତି। ୩୯ ବର୍ଷୀୟ ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ୨୧୨ଟି ମ୍ୟାଚ୍ ଖେଳି ୧୩୦ଟି ଗୋଲ ସ୍କୋର କରି ତାଲିକାରେ ମେସିଙ୍କ ଉପରେ ଶୀର୍ଷ ସ୍ଥାନରେ ରହିଛନ୍ତି। ନିକଟରେ ଅବସର ଗ୍ରହଣ କରିଥିବା କିମ୍ବଦନ୍ତୀ ଭାରତୀୟ ଫୁଟବଲର ୩୯ ବର୍ଷୀୟ ସୁନୀଲ ଛେତ୍ରୀ ୧୫୧ ମ୍ୟାଚ ଖେଳି ୯୪ ଗୋଲ ସ୍କୋର କରି ଏହି ତାଲିକାର ଚତୁର୍ଥ ସ୍ଥାନରେ ରହିଛନ୍ତି। ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୨୦୨୧ କୋପା ଆମେରିକା, ୨୦୨୨ ଫିଫା ବିଶ୍ୱକପ୍ ଟାଇଟଲ ହାସଲ କରିଛି। ଏଥର ଫାଇନାଲରେ ବିଜୟୀ ହେଲେ ମେସି ତୃତୀୟ ମେଜର ଟାଇଟଲ ଜିତିବେ ଓ ଏହା ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧୀ ସାବ୍ୟସ୍ତ ହେବ।



### ସୁନ୍ଦରଙ୍କ ସୁନ୍ଦର ବୋଲିଂ; ଶୁବମାନଙ୍କ ଅର୍ଦ୍ଧଶତକ

# ତୃତୀୟ ଟି-୨୦କୁ ୨୩ ରନ୍‌ରେ ଜିତିଲା ଭାରତ

**ହରାରେ, ୧୦।୭ (ଏଜେନ୍ସି)**

ଅଫ୍ ସ୍ପିନର ୱାଶିଂଟନ ସୁନ୍ଦର (୪-୦-୧୫-୩)ଙ୍କ ସୁନ୍ଦର ବୋଲିଂ ଓ ଅଧିନାୟକ ଶୁବମାନ ଗିଲ୍ (୪୯ ବଲ୍‌ରେ ୬୬ରନ୍)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଭାରତ ୨୩ ରନ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ରହିଛି। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଜିମ୍ବାୱେ ୧୩ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୧୦୦ ରନ୍‌ରେ ବିଜୟୀ ହୋଇଥିଲା। ସିରିଜ୍‌ର ଶେଷ ଦୁଇଟି ମ୍ୟାଚ୍ ଆସନ୍ତା ଶନିବାର ଓ ରବିବାର ବା ଜୁଲାଇ ୧୩ ଓ ୧୪ରେ ଖେଳାଯିବ। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ୧୫ ରନ୍ ଦେଇ ୩ଟି ୱିକେଟ ନେଇଥିବା ସୁନ୍ଦରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଟସ୍ ଜିତି ଭାରତର ପ୍ରଥମେ ବ୍ୟାଟିଂ

ଏଠାରେ ବୁଧବାର ଭାରତୀୟ ଅଧିନାୟକ ଶୁବମାନ ଗିଲ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆରମ୍ଭ କରିବା ପରେ ଦୁଇ ଓପନର ଗିଲ ଓ ଯଶସ୍ୱୀ ଜୟସ୍ୱାଲ ଭାରତ ପାଇଁ ୪.୧ ଓଭରରେ ୫୦ ରନ୍ ଉଠାଇ ବଡ଼ ସ୍କୋର କରିବ ବୋଲି ରାସ୍ତା ପରିଷ୍କାର କରିଦେଇଥିଲେ। ଏହି ସମୟରେ ଯୁବ ବୋଲର ବ୍ଲେସିଂ ମୁଜରବାନୀ ଓ ବରିଷ୍ଠ ସ୍ପିନର ତଥା ଅଧିନାୟକ ସିକନ୍ଦର ରାଜା ବୋଲିଂ କରିବାକୁ ଆସି ବ୍ରେକ୍ ଥ୍ରୁ ଦେବା ସହ ଭାରତର ରନ୍ ସଂଗ୍ରହରେ ବ୍ରେକ୍ ଲଗାଇଥିଲେ। ଯାହା ଫଳରେ ଦୁଇ ବିସ୍ଫୋରକ ବ୍ୟାଟର ତଥା ଆଇପିଏଲ୍ ପରେ ପ୍ରଥମ ମ୍ୟାଚ୍ ଖେଳୁଥିବା ଜୟସ୍ୱାଲ ୩୬ ଓ ଦ୍ୱିତୀୟ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଅଭିଷେକ ଶର୍ମା ୧୦ ରନ୍‌ରେ ଆଉଟ ହୋଇଯାଇଥିଲେ। ଅଧିନାୟକ ଗିଲଙ୍କ ସହ ଋତୁରାଜ ଗାଏକୱାଡ ଯୋଗଦେବା ପରେ ରନ୍ ସଂଗ୍ରହ ବୃଦ୍ଧି ପାଇବା ସାଙ୍ଗକୁ ଏକ ବଡ଼ ପାର୍ଟନରସିପ୍ ମଧ୍ୟ ମିଳିଥିଲା। ଏମାନେ ତୃତୀୟ ୱିକେଟରେ ୪୪ ବଲ୍‌ରୁ ୭୨ ରନ୍ ଉଠାଇ ଭାରତକୁ ଏକ ବଡ଼ ସ୍କୋର ଦେବାରେ ସମର୍ଥ ହୋଇଥିଲେ। ୧୮ ତମ ଓଭରରେ ଦଳୀୟ ସ୍କୋର ୧୫୩ ଥିବାବେଳେ ଗିଲ୍ ମୁଜରବାନିଙ୍କ ପ୍ରଥମ ଶିକାର ବନିଥିଲେ। ସେ ଆଉଟ ହେଲା ବେଳକୁ ୪୯ ବଲ୍ ଖେଳି ୭ ଚୌକା ଓ ୩ ଛକା ସହ ୬୬ ରନ୍ କରିଥିଲେ। ସେହିପରି ତାଙ୍କ ଯୋଡ଼ିଦାର ଗାଏକ୍‌ୱାଡ ପାଳିରେ ଶେଷ ଓଭରରେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ଆଉଟ ହୋଇଥିଲେ। ସେ ୨୮ ବଲ୍ ଖେଳି ୪ ଚୌକା ଓ ୩ ଛକା ସହ ୪୯ ରନ୍ କରି ଆଉଟ ହୋଇଥିଲେ। ସେ ମାତ୍ର ଗୋଟିଏ ରନ୍ ଲାଗି ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ସଞ୍ଜୁ ସାମସନ ୭ ବଲ୍‌ରେ ୧୨ ଓ ରିଙ୍କୁ ସିଂ ୧ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ।




## ଲଢ଼ିଲେ ଜିମ୍ବାୱେର ଯୁବ ଖେଳାଳି

୧୮୩ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରିବା ଜିମ୍ବାୱେ ପକ୍ଷେ କଷ୍ଟକର ଥିଲା। ଦଳ ବ୍ୟାଟିଂ ଆରମ୍ଭ କରି ୧୯ ରନ୍‌ରେ ୩ଟି ଓ ୭ମ ଓଭର ଶେଷ ସୁଦ୍ଧା ୩୯ ରନ୍‌ରେ ୫ଜଣ ବା ଅଧା ଖେଳାଳିଙ୍କୁ ହରାଇଥିଲା। ଏହି ସମୟରେ ଦଳ ୧୦୦ ରନ୍ ପୂରଣ କରିବ ବୋଲି ଆଶା କରାଯାଉ ନ ଥିଲା। ପ୍ରଥମଥର ଦଳରେ ସ୍ଥାନ ପାଇଥିବା ଯୁବ ଖେଳାଳି ୨୨ ବର୍ଷୀୟ ଡିଓନ ମାୟର୍ସ ଓ ୨୪ ବର୍ଷୀୟ ୱିକେଟରକ୍ଷକ କ୍ଲାଇଭ୍ ମାଦାଣ୍ଡେ ଲଢ଼ୁଆ ବ୍ୟାଟିଂ କରି ଜିମ୍ବାୱେ ଶିବିରରେ କିଛି ସମୟ ଲାଗି ଆଶା ସଞ୍ଚାର କରିଥିଲେ। ଏମାନେ ୬ଷ୍ଠ ୱିକେଟ ଯୋଡ଼ିରୁ ୫୭ ବଲରୁ ୭୭ ରନ୍ ଉଠାଇବା ପରେ ମାଦାଣ୍ଡେଙ୍କୁ ରିଙ୍କୁ ସିଂଙ୍କ ହାତରେ କ୍ୟାଚ୍ ଆଉଟ କରାଇ ସୁନ୍ଦର ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ସେ ଆଉଟ ହେବା ପୂର୍ବରୁ ୨୬ ବଲ୍‌ର ସମ୍ମୁଖୀନ ହୋଇ ୨ଟି ଲେଖାଏଁ ଚୌକା ଓ ଛକା ସହ ୩୭ ରନ୍ କରିଥିଲେ। ତାଙ୍କ ଆଉଟ ପରେ ମାୟର୍ସଙ୍କୁ ଆଉ ଜଣେ ଯୁବ ପାର୍ଟନର ମିଳିଯାଇଥିଲା। ସେ ଓ ୱେଲିଂଟନ ମାସକାଡଜା ଅସମାପ୍ତ ୭ମ ୱିକେଟରୁ ମାତ୍ର ୨୧ ବଲ୍ ଖେଳି ୪୩ ରନ୍ ଉଠାଇଥିଲେ ମଧ୍ୟ ଦଳକୁ ମ୍ୟାଚ୍ ଜିତାଇବାରେ ସମର୍ଥ ହୋଇ ପାରି ନ ଥିଲେ। ଏହି ଯୁବ ଖେଳାଳିଙ୍କ ସାହସିକ ବ୍ୟାଟିଂ ଯୋଗୁଁ ଜିମ୍ବାୱେ ମ୍ୟାଚ୍ ଜିତି ପାରି ନ ଥିଲା ସତ, କିନ୍ତୁ ୬ ୱିକେଟରେ ୧୫୯ ରନ୍ କରି ପରାଜୟ ବ୍ୟବଧାନ କମାଇବାରେ ସମର୍ଥ ହୋଇଥିଲା। ଡିଓନ ମାୟର୍ସ ଶେଷ ପର୍ଯ୍ୟନ୍ତ ଆଉଟ ନ ହୋଇ ୪୯ ବଲ୍‌ରୁ ୭ ଚୌକା ଓ ୧ଛକା ସହ ସର୍ବାଧିକ ୬୫ ରନ୍ କରିଥିଲେ। ମାସକାଡଜା ୧୦ ବଲ୍‌ରୁ ଗୋଟିଏ ଲେଖାଏଁ ଚୌକା ଓ ଛକା ସହ ୧୮ ରନ୍‌ରେ ଅପରାଜିତ ରହିଥିଲେ।

ଭାରତ ପକ୍ଷରୁ ପେସ୍ ବୋଲର ଖଲୀଲ ଅହମ୍ମଦ୍ ଓ ୱାଶିଂଟନ ସୁନ୍ଦର ୪ ଓଭର ଲେଖାଏଁ ବୋଲିଂ କରି ୧୫ ରନ୍ ଲେଖାଏଁ ବ୍ୟୟ କରିଥିଲେ। ଖଲୀଲଙ୍କୁ ଗୋଟିଏ ଓ ସୁନ୍ଦରଙ୍କୁ ୩ଟି ୱିକେଟ ମିଳିଥିଲା। ଆଭେଷ ଖାନ୍ ୩୯ ରନ୍ ଦେଇ ୨ଟି ୱିକେଟ ପାଇଥିଲେ। ବ୍ରିଆନ ବେନେଟଙ୍କୁ ଆଉଟ କରିବା ଲାଗି ରବି ବିଷ୍ଣୋଇ ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ଦ୍ୱିତୀୟ ମ୍ୟାଚ୍ ଖେଳିଥିବା ଭାରତୀୟ ଦଳରେ ୪ ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଥିଲା। ଏହି ଦଳରେ ଜୟସ୍ୱାଲ, ସାମସନ, ଦୁବେ ଓ ଖଲୀଲଙ୍କୁ ସାମିଲ କରାଯାଇଥିଲା। ଏମାନଙ୍କ ସ୍ଥାନରେ ରିଆନ ପରାଗ, ଧ୍ରୁବ ଜୁରେଲ, ମୁକେଶ କୁମାର ଓ ୧୫ ଜଣିଆ ଦଳରୁ ବାଦ୍ ପଡ଼ିଥିବା ସାଇ ସୁଦର୍ଶନଙ୍କୁ ସାମିଲ କରାଯାଇ ନ ଥିଲା।

# ବୋଲିଂ ପ୍ରଶିକ୍ଷକ ଦୌଡ଼ରେ ଜାହିର, ବାଲାଜୀ





**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):** ଭାରତ କ୍ରିକେଟ ଦଳର ବୋଲିଂ ପ୍ରଶିକ୍ଷକ ଦୌଡ଼ରେ ପୂର୍ବତନ ଦ୍ରୁତ ବୋଲର ଜାହିର ଖାନ୍ ଓ ଲକ୍ଷ୍ମୀପତି ବାଲାଜୀ ସାମିଲ ହୋଇଛନ୍ତି। ନବନିଯୁକ୍ତ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ କୋଚିଂ ଷ୍ଟାଫ୍‌ର ଅଂଶ ବିଶେଷ ହେବାକୁ ଏହି ଦୁଇ ବୋଲର ମଧ୍ୟରୁ ଜଣକୁ ଚୟନ କରାଯିବ। ପୂର୍ବରୁ ପାରସ ମାହାମ୍ବ୍ରେ ବୋଲିଂ କୋଚ୍ ଭାବେ ସେତେବେଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ଙ୍କୁ ସହୟତା ପ୍ରଦାନ କରୁଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଜାହିର ଓ ବାଲାଜୀଙ୍କ ନାମକୁ ନେଇ ବିଚାରବିମର୍ଶ କରୁଛି। ପୂର୍ବରୁ ବୋଲିଂ କୋଚ୍ ପଦରେ ପୂର୍ବତନ ଦ୍ରୁତ ବୋଲର ବିନୟ କୁମାରଙ୍କୁ ନିଯୁକ୍ତି ଦେବାକୁ ଗମ୍ଭୀର ଅନୁରୋଧ କରିଥିଲେ। ତେବେ ବିସିସିଆଇ ତାଙ୍କର ଏହି ଅନୁରୋଧକୁ ସ୍ୱୀକାର କରିନାହିଁ। ଭାରତର ଅନ୍ୟତମ ଶ୍ରେଷ୍ଠ ଦ୍ରୁତ ବୋଲର ବିବେଚିତ ହେଉଥିବା ଜାହିର ୯୨ଟି ଟେଷ୍ଟ ଖେଳି ୩୧୧ ୱିକେଟ, ୨୦୦ଟି ଦିନିକିଆ ଖେଳି ୨୮୨ ୱିକେଟ ହାସଲ କରିଛନ୍ତି। ମୋଟ ଉପରେ ସେ ୩୦୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୬୧୦ଟି ୱିକେଟ ହାସଲ କରିଛନ୍ତି। ଅନ୍ୟପଟେ ବାଲାଜୀ ଭାରତ ପାଇଁ ୮ଟି ଟେଷ୍ଟ ଖେଳି ୨୭ ୱିକେଟ ଓ ୩୦ଟି ଦିନିକିଆ ଖେଳି ୩୪ଟି ୱିକେଟ ହାସଲ କରିଛନ୍ତି।

## ଅଭିଷେକ ସହାୟକ ପ୍ରଶିକ୍ଷକ ହେବା ସମ୍ଭାବନା



ପୂର୍ବତନ ଅଲରାଉଣ୍ଡର ଅଭିଷେକ ନାୟାର ସହାୟକ ପ୍ରଶିକ୍ଷକ ପଦରେ ନିଯୁକ୍ତି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଭାରତ ପାଇଁ ୩ଟି ଦିନିକିଆ ମ୍ୟାଚ୍ ଖେଳିଥିବା ୪୦ ବର୍ଷୀୟ ଅଭିଷେକ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଦଳ କୋଲକାତା ନାଇଟ ରାଇଡର୍ସ (କେକେଆର) କୋଚିଂ ଷ୍ଟାଫ୍‌ରେ ରହି ଗମ୍ଭୀରଙ୍କୁ ସହାୟତା ପ୍ରଦାନ କରୁଥିଲେ। ଗମ୍ଭୀର ମଧ୍ୟ ନାୟାରଙ୍କ ନାମକୁ ସୁପାରିଶ କରିଛନ୍ତି। ସେ ୧୦୩ଟି ପ୍ରଥମଶ୍ରେଣୀ ଓ ୯୯ଟି ଲିଷ୍ଟ ଏ ମ୍ୟାଚ୍ ଖେଳିଛନ୍ତି।

# ପାଣ୍ଡ୍ୟା ଟି-୨୦ରେ, ରାହୁଲ ଦିନିକିଆରେ ନେତୃତ୍ୱ ନେଇପାରନ୍ତି

### ଭାରତର ଶ୍ରୀଲଙ୍କା ଗସ୍ତ ୨୭ରୁ

**ନୂଆଦିଲ୍ଲୀ, ୧୦।୭(ଏଜେନ୍ସି):** ଭାରତୀୟ କ୍ରିକେଟ ଦଳ ଏକ ୬ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍ ଖେଳିବାକୁ ଶ୍ରୀଲଙ୍କା ଗସ୍ତରେ ଯିବ। ଏହି ଗସ୍ତରେ ୩ଟି ଲେଖାଏଁ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳାଯିବ। ଭାରତୀୟ କ୍ରିକେଟ ଦଳର ନିୟମିତ ଅଧିନାୟକ ରୋହିତ ଶର୍ମା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ଓ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍‌ରେ ବିଶ୍ରାମ ନେବେ। ଫଳରେ ଏହି ସିରିଜ୍ ଲାଗି ନୂଆ ଅଧିନାୟକ ମନୋନୀତ କରାଯିବାର ଆବଶ୍ୟକତା ରହିଛି। ଆସନ୍ତା ସପ୍ତାହରେ ଏହି ଗସ୍ତ ଲାଗି ଭାରତୀୟ ଦଳ ଚୟନ କରାଯିବ। ଏହା ପୂର୍ବରୁ ମିଳିଥିବା ସୂଚନା ଅନୁଯାୟୀ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ରେ ଓ ଲୋକେଶ ରାହୁଲ ଦଳର ନେତୃତ୍ୱ ନେବେ ବୋଲି ସମ୍ଭାବନା ରହିଛି। ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇଥିଲା। ଏଥିରେ ପାଣ୍ଡ୍ୟା ୧୪୪ ରନ୍ କରିବା ସହ ୧୧ଟି ୱିକେଟ ନେଇ ନିଜର ଅଲରାଉଣ୍ଡ ପ୍ରଦର୍ଶନ କରିଥିଲେ। ଯାହା ଫଳରେ ତାଙ୍କୁ ଟି-୨୦ ଦଳର ନିୟମିତ ନେତୃତ୍ୱ ଦିଆଯିବ ବୋଲି କଳ୍ପନା ଜଳ୍ପନା ଚାଲିଛି। ପାଣ୍ଡ୍ୟାଙ୍କ ନେତୃତ୍ୱରେ କିଛି ଯୁବ ଖେଳାଳି ଦଳରେ ସାମିଲ ହେବାର ସମ୍ଭାବନା ରହିଛି। ବିଶେଷ କରି ଜିମ୍ବାୱେ ବିପକ୍ଷରେ ଖେଳୁଥିବା ଭାରତୀୟ ଦଳର ଅଧିକାଂଶ ଖେଳାଳି ଶ୍ରୀଲଙ୍କା ଗସ୍ତରେ ସାମିଲ ହୋଇ ପାରନ୍ତି।





ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ଟି-୨୦ ବିଶ୍ୱକପ୍ ଲାଗି ଲୋକେଶ ରାହୁଲଙ୍କୁ ଦଳରେ ସ୍ଥାନ ମିଳି ନ ଥିଲା। ଦିନିକିଆ ବିଶ୍ୱକପ୍‌ରେ ସେ ୭୭.୨୦ ହାରରେ ୩୮୬ ରନ୍ କରିଥିଲେ। ତାଙ୍କ ୯୭ ରନ୍‌ର ପାଳି ବଳରେ ଭାରତ ଅଷ୍ଟ୍ରେଲିଆକୁ ହରାଇଥିଲା। ଏହା ପରେ ମଧ୍ୟ ତାଙ୍କୁ ଟି-୨୦ ବିଶ୍ୱକପ୍ ଦଳରେ ସାମିଲ କରାଯାଇ ନ ଥିଲା। ଏବେ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ରାହୁଲଙ୍କୁ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳର ଅଧିନାୟକ ମନୋନୀତ ହୋଇପାରନ୍ତି। ଏବେ ମଧ୍ୟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଗୌତମ ଗମ୍ଭୀର ନିଯୁକ୍ତ ହୋଇସାରିଛନ୍ତି। ନିକଟରେ ଭାରତ ଦ୍ୱିତୀୟଥର ଲାଗି ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା।

# ଦ୍ରାବିଡଙ୍କ ମହାନତା

### ବୋନସ ଅର୍ଥ ନେବାକୁ ମନାକଲେ

**ନୂଆଦିଲ୍ଲୀ, ୧୦।୭(ଏଜେନ୍ସି):** ଭାରତୀୟ କ୍ରିକେଟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ରାହୁଲ ଦ୍ରାବିଡଙ୍କ ମହାନତା ଏବେ ଚର୍ଚ୍ଚାରେ। ଦ୍ରାବିଡ୍‌ଙ୍କ ଏହି ବଦାନ୍ୟତାକୁ ସମଗ୍ର ଭାରତ ବର୍ଷର କ୍ରୀଡ଼ାପ୍ରେମୀ ପ୍ରଶଂସାରେ ଶତମୁଖ। ଘଟଣା ଏହିଭଳି। ନିକଟରେ ଭାରତୀୟ କ୍ରିକେଟ ଦଳ ଦ୍ୱିତୀୟଥର ଲାଗି ଟି-୨୦ ବିଶ୍ୱକପ୍ ଜିତିବା ପରେ ପୁରସ୍କାର ସ୍ୱରୂପ ବିସିସିଆଇ ୧୨୫ କୋଟି ଟଙ୍କା ପ୍ରଦାନ କରିଥିଲା। ଏଥିରେ ଖେଳାଳିମାନଙ୍କୁ ୫ କୋଟି, ମୁଖ୍ୟ ପ୍ରଶିକ୍ଷକଙ୍କୁ ବୋନସ ସହ ୫ କୋଟି, ଅନ୍ୟ ପ୍ରଶିକ୍ଷକଙ୍କୁ ୨.୫ କୋଟି ଲେଖାଏଁ, ରିଜର୍ଭ ଖେଳାଳି ଓ ଚୟନକର୍ତ୍ତାଙ୍କୁ ୧ କୋଟି ଲେଖାଏଁ ପୁରସ୍କାର ଦେବାକୁ ନିଷ୍ପତ୍ତି ହୋଇଥିଲା। ଦଳର ମୁଖ୍ୟ ପ୍ରଶିକ୍ଷକ ହୋଇଥିବାରୁ ଦ୍ରାବିଡଙ୍କୁ ଅନ୍ୟ ପ୍ରଶିକ୍ଷକଙ୍କ ଭଳି ୨.୫ କୋଟି ଟଙ୍କା ପୁରସ୍କାର ସହ ବୋନସ ବାବଦକୁ ଆଉ ୨.୫ କୋଟି ଟଙ୍କା ଦେବାକୁ ବିସିସିଆଇ ନିଷ୍ପତ୍ତି ନେଇଥିଲା। ବିସିସିଆଇର ଏହି ନିଷ୍ପତ୍ତିକୁ ନମ୍ରତାର ସହ ଗ୍ରହଣ କରି ନାହାନ୍ତି ମୁଖ୍ୟ ପ୍ରଶିକ୍ଷକ ଦ୍ରାବିଡ। ଅନ୍ୟ ପ୍ରଶିକ୍ଷକ ଯଥା ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂରେ କାମକରୁଥିବା ବ୍ୟକ୍ତିବିଶେଷଙ୍କ ସହ ସେ ମଧ୍ୟ ୨.୫ କୋଟି ଟଙ୍କା ନେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟ ପ୍ରଶିକ୍ଷକ ଭାବେ ସେ ଯେଉଁ ଅଧିକ ୨.୫ କୋଟି ଟଙ୍କା ନେଇଥାନ୍ତେ ତାହାକୁ ସେ ନେବେ ନାହିଁ ବୋଲି ବିସିସିଆଇକୁ ଜଣାଇଦେଇଛନ୍ତି। ଦଳରେ ସମସ୍ତଙ୍କ କାମ ସମାନ ଓ ପ୍ରୋତ୍ସାହନ ରାଶି ମଧ୍ୟ ସମାନ ହେବା ନିହାତି ଜରୁରୀ ବୋଲି ସେ କହିଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତିକୁ ଭୂୟସୀ ପ୍ରଶଂସା କରାଯାଉଛି।

# ରିବାକିନା-କ୍ରେଜିକୋଭା ସେମିଫାଇନାଲ

**ୱିମ୍ବଲଡନ ଟେନିସ୍**

**ଲଣ୍ଡନ,୧୦।୭(ଏଜେନ୍ସି):** ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟ ବୁଧବାର ୧୦ମ ଦିବସରେ ପହଞ୍ଚିଛି। ମହିଳା ଏକକ ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ପ୍ରଥମ ସେମିରେ ଚତୁର୍ଥ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ଓ ୩୧ତମ ସିଡ୍ ଚେକ ଗଣରାଜ୍ୟର ବାର୍ବୋରା କ୍ରେଜିକୋଭା ଏବଂ ଦ୍ୱିତୀୟ ସେମିରେ ୭ମ ସିଡ୍ ଇଟାଲୀର ଯସ୍ମିନ ପାଓଲିନି ଓ କ୍ରୋଏସିଆର ଡୋନା ଭେକିଚ୍ ପରସ୍ପରକୁ ଭେଟିବେ। ଦୁଇଟି ଯାକ ସେମିଫାଇନାଲ ଗୁରୁବାର ଖେଳାଯିବ।

ବୁଧବାର ଖେଳାଯାଇଥିବା ମହିଳା ଏକକ କ୍ୱାର୍ଟର ଫାଇନାଲ ମୁକାବିଲାରେ ରିବାକିନା ୬-୩, ୬-୨ ସିଧାସଳଖ ସେଟ୍‌ରେ ୨୧ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ୨୫ ବର୍ଷୀୟା ରିବାକିନା ୨୦୨୨ରେ ୱିମ୍ବଲଡନ ଟାଇଟଲ ହାସଲ କରିଥିଲେ। କ୍ୟାରିୟରରେ ୮ଟି ଟାଇଟଲ ଜିତିଥିବା ରିବାକିନା ଅତି ସହଜରେ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇଥିଲେ। ଏହାପୂର୍ବରୁ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ସେ ୧୭ତମ ସିଡ୍ ରୁଷିଆର ଆନ୍ନା କାଲିନସ୍କାୟଙ୍କ ବିପକ୍ଷରେ ୱାକ୍‌ଓଭର ପାଇଁ କ୍ୱାର୍ଟରକୁ ଉଠିଥିଲେ। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମୁକାବିଲାରେ ୨୮ ବର୍ଷୀୟା କ୍ରେଜିକୋଭା ୬-୪, ୭-୬ ସିଧାସଳଖ ସେଟ୍‌ରେ ୧୩ତମ ସିଡ୍ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋଙ୍କୁ ପରାସ୍ତ କରି ସେମି ଟିକଟ୍ ହାସଲ କରିଛନ୍ତି। ୨୦୨୧ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରିଥିବା କ୍ରେଜିକୋଭା କ୍ୟାରିୟରରେ ଏପର୍ଯ୍ୟନ୍ତ ୭ଟି ଟାଇଟଲ ହାସଲ କରିଛନ୍ତି।


ଏଲିନା ରିବାକିନା

## ସେମିରେ ଜୋକୋଭିଚ୍

ୱିମ୍ବଲଡନ ପୁରୁଷ ଏକକ ପ୍ରତିଯୋଗିତାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଅଭିଜ୍ଞ ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଖେଳାଯିବାକୁ ଥିବା କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ସେ ୱାକ୍‌ଓଭର ପାଇ ଅଗ୍ରଗତି କରିଛନ୍ତି। ହିପ୍ ଇଞ୍ଜୁରି କାରଣରୁ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ଓହରିଯିବା ଫଳରେ ସେ ୱାକ୍‌ଓଭର ପାଇଥିଲେ। ୭ଥର ଚାମ୍ପିଅନ ୩୭ ବର୍ଷୀୟ ଜୋକୋଭିଚ୍ ସେମିଫାଇନାଲରେ ଇଟାଲୀର ଲୋରେଞ୍ଜୋ ମୁସେଟି କିମ୍ବା ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ଭେଟିବେ। ସେହିପରି ଅନ୍ୟଏକ ସେମିରେ ଡିଫେଣ୍ଡିଂ ଚାମ୍ପିଅନ ତଥା ତୃତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ୫ମ ସିଡ୍ ରୁଷିଆର ଖେଳାଳି ଡାନିଲ ମେଦଭେଦେଭ ପରସ୍ପରକୁ ଭେଟିବେ। ଏଥର ସଫଳ ହେଲେ ଜୋକୋଭିଚ୍ ୮ମ ଥର ପାଇଁ ୱିମ୍ବଲଡନ ଟାଇଟଲ ଜିତିବେ ଓ ୨୫ଟି ଗ୍ରାଣ୍ଡସ୍ଲାମ ଜିତି ବିଶ୍ୱ ରେକର୍ଡ ସ୍ଥାପନ କରିବେ। ଜୋକୋଭିଚ୍ ଏଥିସହ ୧୩ତମ ୱିମ୍ବଲଡନ ସେମିଫାଇନାଲ ଖେଳିବେ ଓ ରୋଜର ଫେଡରରଙ୍କ ସମକକ୍ଷ ହେବେ। ଜୋକୋଭିଚ୍ ଏଥର ସଫଳ ହେଲେ ଅଷ୍ଟ୍ରେଲିଆର କିମ୍ବଦନ୍ତି ମହିଳା ଖେଳାଳି ମାର୍ଗାରେଟ୍ କୋର୍ଟଙ୍କୁ ସର୍ବାଧିକ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ହାସଲରେ ପଛରେ ପକାଇବେ।

# ପଦାର୍ପଣ ଟେଷ୍ଟରେ ଆଟକିନସନ୍‌ଙ୍କୁ ୭ ୱିକେଟ୍




**ଲଣ୍ଡନ, ୧୦।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ବୁଧବାରଠାରୁ ସ୍ଥାନୀୟ ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହୋଇଛି। ଏହି ପ୍ରଥମ ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ପାଳିରେ ମାତ୍ର ୧୨୧ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ୱେଷ୍ଟଇଣ୍ଡିଜ ପାଇଁ ମାଇକଲେ ଲୁଇସ (୨୭ ରନ), କାଭିମ ହୋଗଡେ (୨୪), ଆଲିକ ଅଥାନାଜେ (୨୩ ରନ), ଆଲଜାରୀ ଜୋଶେଫ୍ (୧୭) ଓ ଗୁଦାକେଶ ମୋତି (୧୪* ରନ) ଦୁଇଅଙ୍କ ବିଶିଷ୍ଟ ସ୍କୋର କରିଥିଲେ। ଅଧିନାୟକ କ୍ରେଗ୍ ବାର୍ଥୱେଟ୍ ୬, କିର୍କ ମ୍ୟାକେଞ୍ଜି ୧ ରନ କରିଥିବାବେଳେ ଜୋଶୁଆ ଡି ସିଲଭା ଓ ଜାସନ ହୋଲ୍ଡର ଖାତା ଖୋଲିବାରେ ବିଫଳ ହୋଇଥିଲେ। ଘରୋଇ ଇଂଲଣ୍ଡ ପକ୍ଷରୁ ଏଠାରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ଡାହାଣହାତୀ ଦ୍ରୁତ ବୋଲର ଗସ୍ ଆଟକିନସନ ୧୨ ଓଭରରେ ୪୫ ରନ ବ୍ୟୟରେ ୭ ୱିକେଟ୍ ନେଇ ଇଣ୍ଡିଜ ବ୍ୟାଟିଂରେ ବିପର୍ଯ୍ୟୟ ଘଟାଇଥିଲେ। କ୍ୟାରିୟରର ବିଦାୟୀ ଟେଷ୍ଟ ଖେଳୁଥିବା ଇଂଲଣ୍ଡର ୪୧ ବର୍ଷୀୟ ଭେଟେରାନ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କୁ ଗୋଟିଏ ୱିକେଟ୍ ମିଳିଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଇଂଲଣ୍ଡ ଶେଷ ଖବର ସୁଦ୍ଧା ୨୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୯୨ ରନ ସଂଗ୍ରହ କରିଛି। ଜ୍ୟାକ୍ କ୍ରାଲୀ ୩୯ ଓ ଓଲି ପୋପ୍ ୪୫ ରନରେ ବ୍ୟାଟିଂ କରୁଛନ୍ତି।

# ତାପସଙ୍କ ପ୍ରଭାବୀ ବୋଲିଂରେ ଜିତିଲା ଚିତାସ୍

**କଟକ,୧୦।୭(ସମିସ):** ବାରବାଟୀ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ)ର ଚଳିତ ସଂସ୍କରଣ ଜାରି ରହିଛି। ବୁଧବାର ଆୟୋଜିତ ଏକ ମ୍ୟାଚ୍‌ରେ ଓଡ଼ିଶା ଚିତାସ୍ ୧୪ ରନରେ ଓଡ଼ିଶା ପାନ୍ଥର୍ସଙ୍କୁ ପରାସ୍ତ କରିଛି। ପାନ୍ଥର୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ୩୫ରନ, ଓମ ଟି ମୁଣ୍ଡେଙ୍କ ୨୮ରନ ଏବଂ ସାଇ ଶୁଭମଙ୍କ ୨୬ରନ ବଳରେ ଚିତାସ୍ ୫ ୱିକେଟ ବିନିମୟରେ ୧୩୮ରନ ସଂଗ୍ରହ କରିଥିଲା। ପାନ୍ଥର୍ସ ପକ୍ଷରୁ ଦେବବ୍ରତ ପ୍ରଧାନ ଦୁଇଟି ୱିକେଟ ଅକ୍ତିଆର କରିଥିବା ବେଳେ ବିମଳ କୁମାର, ମୁସ୍ତାକ ବେଗ ଏବଂ ସତ୍ୟକାମ ଭରଦ୍ୱାଜ ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ। ସନ୍ଦୀପ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ପାନ୍ଥର୍ସ ଦଳ ସହଜରେ ବିଜୟ ଲକ୍ଷ୍ୟ ହାସଲ କରିବ ବୋଲି ଅନୁମାନ କରାଯାଉଥିଲା। ଓପନର ସମ୍ବିତ କୁମାର ସାହୁ ସତର୍କତାର ସହ ବ୍ୟାଟିଂ ଜାରି ରଖି ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତେବେ ମଧ୍ୟକ୍ରମ ବ୍ୟାଟରଙ୍କ ବିଫଳତା ଯୋଗୁଁ ଦଳ ୭ ୱିକେଟ ହରାଇ ୧୨୪ରନ କରିଥିଲା। ସମ୍ବିତ ଦଳ ପକ୍ଷରୁ ସର୍ବାଧିକ ୬୩ରନ କରିଥିଲେ। ଚିତାସ୍ ଦଳର ଡାହାଣହାତୀ ମିଡିୟମ ପେସର ତାପସ କୁମାର ଦାସ ୧୯ରନ ବିନିମୟରେ ୩ଟି ୱିକେଟ ଅକ୍ତିଆର କରିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସୁଶୀଲ ବାରିକ, ଶାଶ୍ୱତ ମହାନ୍ତି ଏବଂ ସର୍ବେଶ୍ୱର ମହାନ୍ତିଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଓସିଏ ସଦସ୍ୟ ଜ୍ଞାନଚାନ୍ଦ ଦାସ ଅତିଥି ଭାବେ ଯୋଗ ଦେଇଥିଲେ।







**ଓଡ଼ିଶା କ୍ରିକେଟ ଲିଗ୍-୨୦୨୪**

ଅନ୍ୟ ଏକ ମ୍ୟାଚ୍‌ରେ ଓଡ଼ିଶା ଲାୟନ୍ସ ୪ ୱିକେଟରେ ଓଡ଼ିଶା ପୁମାସ୍‌କୁ ପରାସ୍ତ କରିଛି। ପୁମାସ୍ ଅଧିନାୟକ କାର୍ତ୍ତିକ ବିଶ୍ୱାଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ। ଦଳ ୭ ୱିକେଟ ବିନିମୟରେ ୧୨୦ରନ କରିଥିଲା। ଅଧିନାୟକ କାର୍ତ୍ତିକ ସର୍ବାଧିକ ୩୨ରନ କରିଥିଲେ। ମରୋଜୁ ପ୍ରଶାନ୍ତ ୨୩ରନ, ଅଭିଷେକ ଯାଦବ ୧୬ରନ କରିଥିବା ବେଳେ ମିଡିୟମ ପେସ ବୋଲର ରାଜେଶ ମହାନ୍ତି ଦ୍ରୁତ ୧୩ରନ କରିଥିଲେ। ଲାୟନ୍ସ ପକ୍ଷରୁ ରାମଚନ୍ଦ୍ର ବେହେରାଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା। ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରଶାନ୍ତ ରଣା ଏବଂ ପପୁ ରାୟ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସତ୍ତ୍ୱେ ୧୬.୫ ଓଭରରେ ୬ ୱିକେଟ ହରାଇ ଲାୟନ୍ସ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ୨୮ରନରେ ଦଳ ପ୍ରଥମ ୩ ୱିକେଟ ହରାଇଥିଲା। ମଧ୍ୟକ୍ରମ ବ୍ୟାଟର ସୁଜଳ କୁମାର ସିଂହ ୪୭ରନର ଅପରାଜିତ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ବୋଲିଂରେ ଦଳ ନିମନ୍ତେ ସଫଳତା ଆଣିଥିବା ରାମଚନ୍ଦ୍ର ୨୭ରନର ଉପଯୋଗୀ ରନ ସଂଗ୍ରହ କରି ଦଳ ବିଜୟରେ ଅଗ୍ରଣୀ ଭୂମିକା ତୁଲାଇଥିଲେ। ଓସିଏ ସଦସ୍ୟ ଅଜୟ କୁମାର ସାମଲ ଅତିଥି ଭାବେ ଯୋଗ ଦେଇ ରାମଚନ୍ଦ୍ରଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS